ଧରିତ୍ରୀ 52 Years
ପୃଷ୍ଠା–୮+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୧/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 21/2026 Page 16 ₹ 7.00 | BERHAMPUR
୫୨ଶ ଭାଗ ୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 89 ମୂଲ୍ୟ₹୭/-




ଭାରତ–ଆମେରିକା ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ନୂଆଦିଲ୍ଲୀ ଭାରତ ମଣ୍ଡପମ୍‌ଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ସ୍ଥଳରେ ଶୁକ୍ରବାର କଂଗ୍ରେସ ଯୁବ କର୍ମୀଙ୍କ ଶାର୍ଟ ଖୋଲି ବିକ୍ଷୋଭ।

## ନ୍ୟାୟିକ ଅଧିକାରୀ ନିଯୁକ୍ତ କର: ସୁପ୍ରିମକୋର୍ଟ

**ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ଗତ କିଛି ମାସ ଧରି ବିଭିନ୍ନ ରାଜ୍ୟରେ ବିବାଦୀୟ ସ୍ଥିତି ଉପୁଜିଛି। ନିର୍ବାଚନ କମିଶନ (ଇସି)ଙ୍କ ସହ ପଶ୍ଚିମବଙ୍ଗ ସରକାର ଏହି ପ୍ରସଙ୍ଗରେ ବାରମ୍ବାର ମୁହାଁମୁହିଁ ହେଉଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଶୁକ୍ରବାର ପ୍ରଧାନ ବିଚାରପତି(ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ସମାଧାନର ବାଟ ଦେଖାଇଛନ୍ତି। ପଶ୍ଚିମବଙ୍ଗରେ ଇସି ଓ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଏସ୍‌ଆଇଆର୍ କାର୍ଯ୍ୟରେ ସହଯୋଗ କରିବା ଲାଗି କାର୍ଯ୍ୟରତ କିମ୍ବା ପୂର୍ବତନ ଜଜ୍‌ମାନଙ୍କୁ ନିୟୋଜିତ କରିବାକୁ ସର୍ବୋଚ୍ଚ ଅଦାଲତ କଲିକତା ହାଇକୋର୍ଟଙ୍କୁ ପରାମର୍ଶ ଦେଇଛନ୍ତି।**

### ପଶ୍ଚିମବଙ୍ଗ ଏସ୍‌ଆଇଆର୍ ବିବାଦ

ନୂଆଦିଲ୍ଲୀ,୨୦ା୨(ପି.ଟି.)

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ଦେଖାଦେଇଥିବାବେଳେ ନିର୍ବାଚନ କମିଶନ (ଇସି)ଙ୍କୁ ସହାୟତା କରିବା ଲାଗି କାର୍ଯ୍ୟରତ ଏବଂ ପୂର୍ବତନ ଜିଲା ଜଜ୍‌ମାନଙ୍କୁ ନିୟୋଜିତ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର କଲିକତା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇସି ଏବଂ ତୃଣମୂଳ କଂଗ୍ରେସ ନେତୃତ୍ୱାଧୀନ ସରକାରଙ୍କ ମଧ୍ୟରେ ଚାଲିଥିବା ଦୁର୍ଭାଗ୍ୟଜନକ ଦୋଷାରୋପକୁ ନେଇ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ଲାଗି ଖଣ୍ଡପୀଠ କେତେଗୁଡ଼ିଏ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଏସ୍‌ଆଇଆର୍ ପ୍ରକ୍ରିୟା ବେଳେ ତାର୍କିକ ଅସାମଞ୍ଜସ୍ୟ ତାଲିକାରେ ଥିବା ଲୋକମାନଙ୍କ ଅଭିଯୋଗର ସମାଧାନ କରିବାରେ ନ୍ୟାୟିକ ଅଧିକାରୀମାନେ ନିୟୋଜିତ ହେବେ। ସେମାନଙ୍କୁ ଏହି କାର୍ଯ୍ୟରେ ମାଇକ୍ରୋ–ଅବଜରଭର ଏବଂ ରାଜ୍ୟ ସରକାରଙ୍କ ଅଧିକାରୀମାନେ ସହାୟତା କରିବେ। ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଯଥେଷ୍ଟ ସଂଖ୍ୟାରେ ଗ୍ରେଡ୍ ଏ ଅଫିସରଙ୍କୁ ନିୟୋଜିତ କରୁ ନ ଥିବାରୁ ଖଣ୍ଡପୀଠ ଏହାକୁ ଗମ୍ଭୀରତାର ସହ ନେଇ କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରୀ ୨୮ ସୁଦ୍ଧା ଚିଠା ଭୋଟର ତାଲିକା ପ୍ରକାଶ କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ଅନୁମତି ଦେଇଥିବାବେଳେ ପରବର୍ତ୍ତୀ ସମୟରେ ଅତିରିକ୍ତ ତାଲିକା ପ୍ରକାଶ କରିବାକୁ କହିଛନ୍ତି। ସେହିପରି ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ନ୍ୟାୟିକ ଅଧିକାରୀମାନଙ୍କୁ ପରିବହନ ସହାୟତା ଏବଂ ସୁରକ୍ଷା ଯୋଗାଇଦେବାକୁ ଖଣ୍ଡପୀଠ ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସୁଦ୍ଧା ମୁଖ୍ୟ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ନିର୍ବାଚନ କମିଶନଙ୍କ ଅଧିକାରୀମାନଙ୍କ ବୈଠକ ଡାକିବାକୁ ସର୍ବୋଚ୍ଚ ଅଦାଲତ କଲିକତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ଦିନରୁ ଶାସକ ତୃଣମୂଳ କଂଗ୍ରେସ ଏହାକୁ ବିରୋଧ କରିବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

## ଟ୍ରମ୍ପଙ୍କୁ ଧକ୍କା, ଟାରିଫ୍ ରଦ୍ଦ

ୱାଶିଂଟନ୍,୨୦ା୨

ଟାରିଫ୍ ନୀତିକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଶକ୍ତ ଧକ୍କା ଲାଗିଛି। ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପ୍‌ଙ୍କ ଟାରିଫ୍ ଲାଗୁ ଅଧିକାରକୁ ରଦ୍ଦ କରିଦେଇଛନ୍ତି। ଆମେରିକାର ଜାତୀୟ ଜରୁରିକାଳୀନ ନୀତି, ୧୯୭୭କୁ ଆଧାର କରି ରିପବ୍ଲିକାନ୍ ପାର୍ଟି ଯେଉଁ ଟାରିଫ୍ ନୀତି ଲାଗୁ କରିଛି , ତାହାକୁ ତଳ କୋର୍ଟ ଖାରଜ କରିଦେଇଥିଲେ। ତଳ କୋର୍ଟଙ୍କ ରାୟକୁ ସର୍ବୋଚ୍ଚ ଅଦାଲତ କାଏମ ରଖିବା ସହିତ ଟାରିଫ୍ ଲାଗୁ କରିବାକୁ ଟ୍ରମ୍ପ୍‌ଙ୍କ ଅଧିକାର ନାହିଁ ବୋଲି ପ୍ରଧାନ ବିଚାରପତି ଜନ୍ ରବର୍ଟସ୍ କହିଛନ୍ତି।

## ଓଡ଼ିଆ ବଦଳରେ ହିନ୍ଦୀ ଥିବାରୁ ଯୁକ୍ତ ୨ ପରୀକ୍ଷାରୁ ବଞ୍ଚିତ ୨ ପରୀକ୍ଷାର୍ଥୀ

ନନ୍ଦପୁର,୨୦ା୨(ତୁଷାରକାନ୍ତ ମହାନ୍ତି)

ଯୁକ୍ତ୨ ପରୀକ୍ଷା ପାଇଁ ଫର୍ମଫିଲପ ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ ପାଡୁଆ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ପରୀକ୍ଷାର୍ଥୀ ସୁଭଦ୍ରା କିର୍ସାନୀ ଓ ସାମୁଏଲ ପାଙ୍ଗୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ନନ୍ଦପୁର ବ୍ଲକ୍ ସିନ୍ଧେଦେବୀ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଆଡ୍‌ମିଟ୍ କାର୍ଡରେ ବିଷୟ ଓଡ଼ିଆ ବଦଳରେ ହିନ୍ଦୀ ଉଲ୍ଲେଖ ଥିବାରୁ ଛାତ୍ରୀ ସୁଭଦ୍ରା ଓ ଛାତ୍ର ସାମୁଏଲଙ୍କୁ ପରୀକ୍ଷା ଦେବାକୁ ବାରଣ କରାଯାଇଛି। ସେମାନଙ୍କ ୨ ବର୍ଷର ପାଠ ପଢ଼ା ନଷ୍ଟ ହୋଇଥିବା ୨ ପରୀକ୍ଷାର୍ଥୀ କହିଛନ୍ତି। ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅର୍ଜୁନ ଚିଞ୍ଚୁହାଙ୍କୁ ପଚାରିବାରୁ ୨ ଛାତ୍ରୀଛାତ୍ର ଆଡ୍‌ମିଶନ ବେଳେ ଭୁଲ୍‌ରେ ମାତୃଭାଷା ଓଡ଼ିଆ ବଦଳରେ ହିନ୍ଦୀ କରି ବିଦ୍ୟାଳୟରେ ନାମ ଲେଖାଇଥିଲେ। ଏହା ଫର୍ମଫିଲପ ଯାଏ ଅପରିବର୍ତ୍ତିତ ରହିଥିବାରୁ ଏଭଳି ତ୍ରୁଟି ହୋଇଥିବା କହିଛନ୍ତି। ବିଦ୍ୟାଳୟରେ ହୋଇଥିବା ପ୍ରଥମବର୍ଷ ପରୀକ୍ଷା ଆମେ ଓଡ଼ିଆ ଭାଷା ପାଇଁ ଦେଇଥିବା ଓ ସେତେବେଳେ କୌଣସି ଅସୁବିଧା ହୋଇ ନ ଥିବା ସୁଭଦ୍ରା ଓ ସାମୁଏଲ କହିଛନ୍ତି। କର୍ତ୍ତୃପକ୍ଷ ଆମକୁ ତ୍ରୁଟି ସଂଶୋଧନ ବା ବିଷୟ ପରିବର୍ତ୍ତନ ନେଇ କ'ଣ କରାଯିବ ସେ ସମ୍ପର୍କରେ କୌଣସି ସୂଚନା ଦେଇ ନ ଥିଲେ ବୋଲି କହି ବର୍ତ୍ତମାନ ଆମେ କ'ଣ କରିବୁ ବୋଲି ପ୍ରଶ୍ନ କରିଛନ୍ତି। ୨ ପରୀକ୍ଷାର୍ଥୀ ଶୁକ୍ରବାର ହୋଇଥିବା ପରୀକ୍ଷା ବ୍ୟତୀତ ଅନ୍ୟ ସମସ୍ତ ପରୀକ୍ଷା ଦେଇପାରିବେ ବୋଲି ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ବୈଜୟନ୍ତୀ ସାମଲ ସୂଚନା ଦେଇଛନ୍ତି। ବଳକା ପରୀକ୍ଷାରେ ସଫଳ ହେଲେ ସେମାନେ ପରବର୍ତ୍ତୀ ଇନ୍‌ଷ୍ଟାଣ୍ଟ ପରୀକ୍ଷାରେ କଣ୍ଟ୍ରୋଲର ଓ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ। ଅନୁମତି ମିଳିଲେ ମାତୃଭାଷା ହିନ୍ଦୀକୁ ଓଡ଼ିଆରେ ପରିବର୍ତ୍ତନ କରି ପରୀକ୍ଷା ଦେଇପାରିବେ ବୋଲି ସେ କହିଛନ୍ତି।

Liberating Lives
sbilife.co.in

25 YEARS Protecting Lives, Securing Future
SBI Life
ନିଜ ପାଇଁ। ନିଜ ଲୋକଙ୍କ ପାଇଁ।




ଜୀବନ ଯାତ୍ରାରେ...
"ପୂରା କର ନିଜ ସ୍ୱପ୍ନ,
ପ୍ରିୟଜନଙ୍କୁ ଦେଇଥିବା ସବୁ ବଚନ"

ଜୀବନର ଯାତ୍ରା ରୂପ ନେଇଥାଏ
ଆମର **ଆକାଂକ୍ଷା** ଓ ଆମ ପ୍ରିୟଜନଙ୍କୁ **ଦେଇଥିବା ବଚନ** ଦ୍ୱାରା

ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି,
**ଏସ୍‌ବିଆଇ ଲାଇଫ୍** ଆପଣଙ୍କ ସାଥୀ ହୋଇ ଠିଆ ହୋଇଛି,
ପ୍ରତି ପର୍ଯ୍ୟାୟରେ **ସୁରକ୍ଷାର ପ୍ରତିଶ୍ରୁତି** ସହିତ।

ଏହି ପ୍ରତିଶ୍ରୁତି ଏବେ ଜୀବନ୍ତ ହୋଇଛି **ଜଲି ଏବଂ ପଲି** ମାଧ୍ୟମରେ।

ସେମାନେ ଆପଣଙ୍କ ସାଥିରେ ଚାଲିଥାନ୍ତି, ଆପଣଙ୍କ ଜୀବନ ଯାତ୍ରାର **ପ୍ରତିଟି ପର୍ଯ୍ୟାୟକୁ ସଶକ୍ତ କରିଥାନ୍ତି ଏବଂ ଆଶ୍ୱାସନା ଦେଇଥାନ୍ତି** ଯେ ଆପଣଙ୍କ ପ୍ରିୟ ପରିଜନମାନେ ନିଶ୍ଚିନ୍ତରେ **ସେମାନଙ୍କ ସ୍ୱପ୍ନ ରୂପାୟିତ କରିପାରିବେ!**

**ଏସ୍‌ବିଆଇ ଲାଇଫ୍**
**ନିଜ ପାଇଁ। ନିଜ ଲୋକଙ୍କ ପାଇଁ।**

ଏସ୍‌ବିଆଇ ଲାଇଫ୍ - ସ୍ମାର୍ଟ ପ୍ଲାଟିନା ଆଡଭାଣ୍ଟେଜ୍ ବିଷୟରେ ପଚାରନ୍ତୁ
(UIN: 111N175V01)
ଏକ ଲାଇଫ୍ ଇନସ୍ୟୁରାନ୍ସ ଗ୍ୟାରେଣ୍ଟେଡ୍ ସେଭିଂସ୍ ପ୍ଲାନ
ଦୀର୍ଘକାଳୀନ ଆର୍ଥିକ ସୁନିଶ୍ଚିତତା ପାଇଁ

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ

ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଏବଂ ଏସ୍‌ବିଆଇ ଆଇନତଃ ପୃଥକ ଅନୁଷ୍ଠାନ।

**ଅଜ୍ଞାତ ଲୋକମାନଙ୍କ ନକଲି ଫୋନ୍ କଲ୍ ଏବଂ ମିଥ୍ୟା/ଅସତ୍ ଅଫରଗୁଡ଼ିକ ପ୍ରତି ସାବଧାନ**
IRDAI କିମ୍ବା ଏହାର ଅଧିକାରୀମାନେ ବୀମା ପଲିସି ବିକିବା, ବୋନସ୍ ଘୋଷଣା କରିବା କିମ୍ବା ପ୍ରିମିୟମ୍ ନିବେଶ କରିବା ଭଳି କାର୍ଯ୍ୟ କରନ୍ତି ନାହିଁ। ଏଭଳି ଫୋନ୍ କଲ୍ ପାଇବା ବ୍ୟକ୍ତି ପୋଲିସ୍‌ରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ।

ଏସ୍‌ବିଆଇ ଲାଇଫ୍ - ସ୍ମାର୍ଟ ପ୍ଲାଟିନା ଆଡଭାଣ୍ଟେଜ୍, ଏକ ବ୍ୟକ୍ତିଗତ, ନନ୍-ଲିଙ୍କ୍‌ଡ, ନନ୍-ପାର୍ଟିସିପେଟିଙ୍ଗ୍, ଲାଇଫ୍ ଇନସ୍ୟୁରାନ୍ସ ସେଭିଂସ୍ ଉତ୍ପାଦ।
ବିପଦ ଆଶଙ୍କା କାରକ, ନିୟମ ଏବଂ ସର୍ତ୍ତ ବିଷୟରେ ଅଧିକ ବିବରଣୀ ପାଇଁ ଦୟାକରି ବିକ୍ରି ସଂପୂର୍ଣ୍ଣ କରିବା ପୂର୍ବରୁ ସେଲ୍‌ସ ବ୍ରୋସରକୁ ଧ୍ୟାନ ଦେଇ ପଢ଼ନ୍ତୁ। ପ୍ରଦର୍ଶିତ ଟ୍ରେଡ୍ ଲୋଗୋ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସମ୍ପତ୍ତି ଅଟେ ତଥା ଲାଇସେନ୍ସ ଅନ୍ତର୍ଗତ ଏସ୍‌ବିଆଇ ଲାଇଫ୍ ଦ୍ୱାରା ଉପଯୋଗ କରାଯାଇଛି। ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ୍, ରେଜିଷ୍ଟର୍ଡ ଏବଂ କର୍ପୋରେଟ୍ କାର୍ଯ୍ୟାଳୟ: ନଟରାଜ, ଏମ୍. ଭି. ରୋଡ୍ ଏବଂ ୱେଷ୍ଟର୍ଣ୍ଣ ଏକ୍ସପ୍ରେସ୍ ହାଇୱେ ଜଙ୍କସନ୍, ଅନ୍ଧେରୀ (ପୂର୍ବ), ମୁମ୍ବାଇ - 400 069 • **IRDAI ପଞ୍ଜିକରଣ କ୍ରମାଙ୍କ 111** • ୱେବ୍‌ସାଇଟ୍: www.sbilife.co.in • ଇମେଲ୍: info@sbilife.co.in • ଟୋଲ୍ ଫ୍ରୀ: 1800 267 9090 (ଗ୍ରାହକ ସେବା ସମୟ: 24X7) • CIN: L99999MH2000PLC129113 JPJFM/Cr1/01/26/ADVT/ORI



ରମ୍‌ଜାନ୍ ମାସ ଅବସରରେ ଶୁକ୍ରବାର ଜମ୍ମୁ-କଶ୍ମୀରର ଶ୍ରୀନଗରସ୍ଥିତ ଏକ ମଦ୍ରାସାରେ ପିଲାମାନେ ପବିତ୍ର କୋରାନ ଆବୃତ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

# ଭାରତ-ଆମେରିକା 'ପାକ୍ସ ସିଲିକା' ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ,୨୦।୨

ଆମେରିକା ଓ ଭାରତ ମଧ୍ୟରେ ଗତ ମାସରେ ଅନ୍ତରୀଣ ବାଣିଜ୍ୟ ବୁଝାମଣା(ଟ୍ରେଡ୍ ଡିଲ୍) ପରେ ଶୁକ୍ରବାର 'ପାକ୍ସ ସିଲିକା' ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦିଲ୍ଲୀରେ ଚାଲିଥିବା ଭାରତ ଏଆଇ ଇମ୍ପାକ୍ଟ ସମିଟ୍ ଅବସରରେ ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋରଙ୍କ ଉପସ୍ଥିତିରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଆମେରିକାର ଅର୍ଥନୈତିକ ବ୍ୟାପାର ଉପ ସଚିବ ଜ୍ୟାକବ୍ ହାଲବର୍ଗ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ବୈଷୟିକ ସୁରକ୍ଷା,ଯୋଗାଣ ଶୃଙ୍ଖଳ, ପରବର୍ତ୍ତୀ ପିଢ଼ି ଶିଳ୍ପୋଦ୍ୟୋଗ ଏବଂ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ଉଲ୍ଲେଖଯୋଗ୍ୟ, ଆମେରିକା ନେତୃତ୍ୱରେ ଆରମ୍ଭ ହୋଇଥିବା 'ପାକ୍ସ ସିଲିକା' ବୁଝାମଣା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଏଆଇ ଓ ଅତ୍ୟାଧୁନିକ ବୈଷୟିକ ପ୍ରଯୁକ୍ତି କ୍ଷେତ୍ର ସହ ଜଡ଼ିତ ଯୋଗାଣ ଶୃଙ୍ଖଳକୁ ନିଶ୍ଚିତ କରାଯିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସହମତ ହୋଇଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରଖାଯାଇ କ୍ରିଟିକାଲ୍ ମିନେରାଲ୍,ସେମିକଣ୍ଡକ୍ଟର୍, ଊର୍ଜା, ଏଆଇ ଭିତ୍ତିଭୂମି, ମାନୁଫାକ୍‌ଚରିଂ ସିଷ୍ଟମ୍ ଏବଂ ଲଜିଷ୍ଟିକ୍ ନେଟ୍‌ୱର୍କକୁ ନିଶ୍ଚିତ କରାଯିବ।

# ଏପ୍ରିଲ ୧ରୁ ନଗଦବିହୀନ ହୋଇପାରେ ଏନ୍ଏଚ୍ ଟୋଲ୍ ପ୍ଲାଜା

ନୂଆଦିଲ୍ଲୀ,୨୦।୨(ପି.ଟି.)

ଆଗାମୀ ଏପ୍ରିଲ ୧ରୁ ରାଜପଥରେ ଥିବା ଟୋଲ୍ ପ୍ଲାଜାଗୁଡ଼ିକରେ ନଗଦ କାରବାର ବନ୍ଦ କରିବାକୁ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ବିଚାର କରୁଛନ୍ତି। ଟୋଲ୍ ପୈଠ ପାଇଁ ଗାଡ଼ିଚାଳକମାନେ ଫାଷ୍ଟାଗ୍ କିମ୍ବା ୟୁପିଆଇ ଭଳି ଡିଜିଟାଲ ମୋଡ୍ ବ୍ୟବହାର କରିବେ। ନିୟମ କାର୍ଯ୍ୟକାରୀ ହେବା ପରେ ଜାତୀୟ ରାଜପଥଗୁଡ଼ିକରେ ଥିବା ସମସ୍ତ ଟୋଲ୍ ପ୍ଲାଜା ନଗଦବିହୀନ ହେବ, ଅର୍ଥାତ୍ ଗାଡ଼ିଚାଳକମାନେ ନଗଦ ଅର୍ଥ ପୈଠ କରିବା ବଦଳରେ କେବଳ ଫାଷ୍ଟାଗ୍ ଏବଂ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ ଜରିଆରେ ଦେୟ ପୈଠ କରିବେ। ଟୋଲ୍ ସଂଗ୍ରହକୁ ସୁରକ୍ଷିତ କରିବା ସହ ଜାତୀୟ ରାଜପଥ ଟୋଲ୍ ପ୍ଲାଜାଗୁଡ଼ିକର ସାମର୍ଥ୍ୟ ଓ ବିଶ୍ୱସନୀୟତା ବଢ଼ାଇବା ଏହାର ଲକ୍ଷ୍ୟ। ଏହା ଜାତୀୟ ରାଜପଥରେ ଯାତାୟାତକୁ ସହଜ କରିବା ସହ ଟୋଲ୍ ପ୍ଲାଜାରେ ଗହଳି ହ୍ରାସ କରିବ ଏବଂ ସ୍ୱଚ୍ଛତା ବଢ଼ାଇବ ବୋଲି ଏନ୍ଏଚ୍ଏଆଇ ପକ୍ଷରୁ କୁହାଯାଇଛି।

# ଏଆଇ ସମିଟ୍ ଦିଲ୍ଲୀ ଘୋଷଣାନାମା: ସ୍ୱାକ୍ଷର କରିବେ ୭୫ ଦେଶ

ନୂଆଦିଲ୍ଲୀ,୨୦।୨

ଏଆଇ ଇମ୍ପାକ୍ଟ ସମିଟ୍ ଅବସରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବିକାଶ ଲକ୍ଷ୍ୟ ନେଇ ଅନ୍ୟୂନ ୭୫ଟି ଦେଶ 'ଦିଲ୍ଲୀ ଘୋଷଣାନାମା'ରେ ସ୍ୱାକ୍ଷର କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାର ଗୁରୁବାର ନୂଆଦିଲ୍ଲୀ ଫ୍ରଣ୍ଟିୟର ଏଆଇ କମିଟ୍‌ମେଣ୍ଟ ଘୋଷଣା କରିଥିଲେ। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ଏହା ଉଲ୍ଲେଖନୀୟ ଫଳାଫଳ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିବା ସହ ପ୍ରମୁଖ ଅନ୍ତର୍ଜାତୀୟ ଏବଂ ଭାରତୀୟ ଏଆଇ କମ୍ପାନୀଗୁଡ଼ିକ ଆପଣାଇଥିବା ସ୍ୱେଚ୍ଛାକୃତ ପ୍ରତିଶ୍ରୁତିବଦ୍ଧତାର ସୂଚନା ଦେଇଥିଲେ। ଏଆଇ ସମିଟ୍ ଅବସରରେ ଭାରତ ଶୁକ୍ରବାର ଆମେରିକାର ମହତ୍ତ୍ୱାକାଂକ୍ଷୀ ଏଆଇ ଉଦ୍ୟମ ପାକ୍ସ ସିଲିକାରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛି।

# ଖୋଲା ଦେହରେ ଯୁବ କଂଗ୍ରେସର ବିକ୍ଷୋଭ

**ଇଣ୍ଡିଆ ଏଆଇ ସମିଟ୍**

ନୂଆଦିଲ୍ଲୀ,୨୦।୨

ଦିଲ୍ଲୀ ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ଇଣ୍ଡିଆ ଏଆଇ ସମିଟ୍ ସ୍ଥଳରେ ଶୁକ୍ରବାର ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ଶନିବାର ଏହି ସମିଟ୍‌ର ଶେଷ ଦିବସ ରହିଥିଲା ବେଳେ ଏହାର ଦିନକ ପୂର୍ବରୁ ବହୁ ଯୁବ କଂଗ୍ରେସ କର୍ମୀ ହଲ୍ ନମ୍ବର ୫ରେ ପ୍ରବେଶକରି କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନାରାବାଜି କରିଛନ୍ତି। ଭାରତ ମଣ୍ଡପମ୍‌ରେ ଏଆଇ ସମିଟ୍‌କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଭାରତ ଏବଂ ଆମେରିକା ମଧ୍ୟରେ ପାକ୍ସ ସିଲିକା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ସମୟରେ ବିକ୍ଷୋଭକାରୀମାନେ ସଭାସ୍ଥଳରେ ପ୍ରବେଶକରି ସେମାନଙ୍କ ଶାର୍ଟ ଖୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ସ୍ଲୋଗାନ୍ ଦେଇଥିଲେ। ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ନେଇ ମୋଦି ଆମେରିକା ସହିତ ସାଲିସ୍ କରିଛନ୍ତି ବୋଲି ସେମାନେ ନାରାବାଜି କରିବା ସହିତ ଏପ୍‌ଷ୍ଟିନ୍ ଫାଇଲ୍ କଥା ମଧ୍ୟ ଉଠାଇଥିଲେ। ଏଆଇ ସମିଟ୍ ଭଳି ଏକ ଅନ୍ତର୍ଜାତୀୟ ମଞ୍ଚରେ ଦେଶ ବିଦେଶର ଅନେକ ଶହ ପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲା ବେଳେ ଏଠାରେ କଂଗ୍ରେସ କର୍ମୀଙ୍କ ଏତାଦୃଶ ଆଚରଣକୁ ଭାଜପା ଦୃଢ଼ ନିନ୍ଦା କରିଛି। କଂଗ୍ରେସର ଏଭଳି ବିକ୍ଷୋଭ ଦଳର ଚରିତ୍ର , ମୂର୍ଖତା ଏବଂ ଭାବହୀନତାର ପ୍ରମାଣ ଦେଇଛି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଅନେକ ଶହ ଭାଜପା କର୍ମୀ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଏହି ଘଟଣାରେ ଦିଲ୍ଲୀ ପୋଲିସ ୧୦ରୁ ଅଧିକ କଂଗ୍ରେସ ଯୁବକର୍ମୀଙ୍କୁ ଅଟକ ରଖି ପଚରାଉଚରା କରିଛି। ସେମାନେ ବୈଧ ପାସ୍ କିମ୍ବା କ୍ୟୁ-ଆର୍ କୋଡ୍ ଦ୍ୱାରା ସଭାସ୍ଥଳକୁ ପ୍ରବେଶ କରିଥିଲେ ନା ନାହିଁ ତାହା ପୋଲିସ ଯାଞ୍ଚ କରିଛି।




ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଭାରତ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଶୁକ୍ରବାର କଂଗ୍ରେସ ଯୁବକର୍ମୀଙ୍କ ନାରାବାଜି।

# ଏପ୍‌ଷ୍ଟିନ୍ ଫାଇଲ୍: ହରଦୀପ ପୁରୀଙ୍କ ଇସ୍ତଫା ଦାବିକଲା ସିପିଏମ୍

ନୂଆଦିଲ୍ଲୀ,୨୦।୨(ପି.ଟି.)

ଆମେରିକାର ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନ୍ ମାମଲା ସହ ସମ୍ପୃକ୍ତ ଥିବା କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀ ଇସ୍ତଫା ଦେବାକୁ ସିପିଆଇ(ଏମ୍) ଶୁକ୍ରବାର ଦାବି କରିଛି। ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ପୁରୀ ସମ୍ପୃକ୍ତ ଥିବାର ସ୍ପଷ୍ଟ ପ୍ରମାଣ ସତ୍ତ୍ୱେ କେନ୍ଦ୍ର ସରକାର ସେମାନଙ୍କଠାରୁ ସ୍ପଷ୍ଟୀକରଣ ଲୋଡୁନାହିଁ ବୋଲି ଦଳର ପଲିଟିବ୍ୟୁରୋ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ପାର୍ଲାମେଣ୍ଟରେ ଏପ୍‌ଷ୍ଟିନ୍ ଫାଇଲ ଉପରେ ଆଲୋଚନା ପାଇଁ କେନ୍ଦ୍ର ସରକାର ଅନୁମତି ଦେଲେନାହିଁ। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ତୁରନ୍ତ ପୁରୀଙ୍କୁ କେନ୍ଦ୍ରମନ୍ତ୍ରୀ ପଦରୁ ବହିଷ୍କାର କରିବା ପାଇଁ ପଲିଟିବ୍ୟୁରୋ ଦାବି କରିଛି।

# ଏସ୍ଆଇଆର୍: ଗୁଜରାଟ, ଲାକ୍ଷାଦ୍ୱୀପ, ପଣ୍ଡିଚେରୀରେ ଭୋଟର ସଂଖ୍ୟା ୬୯ ଲକ୍ଷ କମିଛି

ନୂଆଦିଲ୍ଲୀ,୨୦।୨(ପି.ଟି.)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପରେ ଗୁଜରାଟ, ଲାକ୍ଷାଦ୍ୱୀପ ଏବଂ ପଣ୍ଡିଚେରୀରେ ମତଦାତା ସଂଖ୍ୟା ହ୍ରାସ ପାଇଛି। ଉପରୋକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ ଶେଷ ହେବା ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିଲା। ଗତବର୍ଷ ଅକ୍ଟୋବରରେ ଏସ୍ଆଇଆର୍ ଘୋଷଣା ହେବା ପୂର୍ବରୁ ଗୁଜରାଟ, ଲାକ୍ଷାଦ୍ୱୀପ ଓ ପଣ୍ଡିଚେରୀରେ ମୋଟ ଭୋଟର ସଂଖ୍ୟା ୫.୧୯ କୋଟି ଥିଲା। ଚୂଡ଼ାନ୍ତ ତାଲିକାରେ ତାହା ୪.୫୦ କୋଟିକୁ ହ୍ରାସ ପାଇଛି ଅର୍ଥାତ୍ ୬୮.୯ ଲକ୍ଷ ଭୋଟରଙ୍କ ନାଁ କଟିଥିବା ଇସିଙ୍କ ତଥ୍ୟରୁ ଜଣାପଡ଼ିଛି।

# ଏପ୍ରିଲରୁ କାର୍ଯ୍ୟକାରୀ ହୋଇପାରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା

ନୂଆଦିଲ୍ଲୀ,୨୦।୨(ପି.ଟି.)

ଭାରତ ଏବଂ ଆମେରିକା ମଧ୍ୟରେ ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମା ମାର୍ଚ୍ଚରେ ସ୍ୱାକ୍ଷର ହେବାକୁ ଥିବାବେଳେ ଏପ୍ରିଲରୁ ଏହା କାର୍ଯ୍ୟକାରୀ ହୋଇପାରେ ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର କହିଛନ୍ତି। ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମା ନେଇ ଚଳିତ ମାସ ଆରମ୍ଭରେ ଉଭୟ ଦେଶ ମିଳିତ ବିବୃତି ଜରିଆରେ ରୂପରେଖ ଘୋଷଣା କରିଥିଲେ।

ଦ୍ୱିପାକ୍ଷିକ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଚୂଡ଼ାନ୍ତ କରିବା ପାଇଁ ଆସନ୍ତା ସପ୍ତାହରେ ଦୁଇ ଦେଶର ମୁଖ୍ୟ ବୁଝାମଣାକାରୀଙ୍କ ବୈଠକ ବସିବାକୁ ଯାଉଛି। ୨୩ ତାରିଖରୁ ଏହି ୩ ଦିନିଆ ବୈଠକ ବସିବ ବୋଲି ଗୋୟଲ ଖବରଦାତାମାନଙ୍କୁ କହିଛନ୍ତି। ଚୁକ୍ତିନାମା ସ୍ୱାକ୍ଷର ପାଇଁ ଆମେରିକା ବାଣିଜ୍ୟ ପ୍ରତିନିଧି ଜାମିଏଶନ୍ ଗ୍ରୀର୍ ମାର୍ଚ୍ଚରେ ଭାରତ ଗସ୍ତରେ ଆସିବେ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଖୁବ୍‌ଶୀଘ୍ର ସ୍ୱାକ୍ଷର ହେବାକୁ ଯାଉଥିବା ନୂଆଦିଲ୍ଲୀରେ ଏଆଇ ଇମ୍ପାକ୍ଟ ସମିଟ୍ ଅବସରରେ ଆମେରିକା ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ କହିଛନ୍ତି।

ଭାରତୀୟ ସାମଗ୍ରୀ ଉପରେ ଲାଗିଥିବା ଜବାବୀ ଶୁଳ୍କକୁ ଆମେରିକା ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ କମାଇବା ସହ ରୁଷିଆରୁ ତୈଳ କିଣା ପାଇଁ ଲଗାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କକୁ ସମ୍ପୂର୍ଣ୍ଣ ହଟାଇଦେବ ବୋଲି ଘୋଷଣା କରିଥିଲା। ଫଳରେ ୫୦ ପ୍ରତିଶତ ଆମେରିକା ଟାରିଫ୍‌ର ସମ୍ମୁଖୀନ ହୋଇଥିବା ଘରୋଇ ଶିଳ୍ପଗୁଡ଼ିକୁ ଆଶ୍ୱସ୍ତି ମିଳିଥିଲା।



ପୀୟୂଷ ଗୋୟଲ

# ମଧ୍ୟପ୍ରଦେଶ, ଆନ୍ଧ୍ର, କର୍ଣ୍ଣାଟକରେ ସାମ୍ପ୍ରଦାୟିକ ଉତ୍ତେଜନା

ନୂଆଦିଲ୍ଲୀ,୨୦।୨

**ଜବଲପୁରରେ ଦୁର୍ଗାମନ୍ଦିର କମ୍ପ୍ଲେକ୍ସ ଭଙ୍ଗାରୁଜା**

ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକରେ ଗୁରୁବାର ବିଭିନ୍ନ ଧର୍ମୀୟ ଉତ୍ସବ ବେଳେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହୋଇଛି। ମଧ୍ୟପ୍ରଦେଶର ଜବଲପୁରରେ ଏକ ଦୁର୍ଗାମନ୍ଦିର କମ୍ପ୍ଲେକ୍ସରେ ଗୁରୁବାର ରାତିରେ ଭଙ୍ଗାରୁଜା ହେବା ସହ ୨ ଗୋଷ୍ଠୀ ମଧ୍ୟରେ ଟେକାମାଡ଼ ଓ ସଂଘର୍ଷ ଘଟିଛି। ମନ୍ଦିରରେ ସନ୍ଧ୍ୟା ଆରତି ଏବଂ ମସ୍‌ଜିଦରେ ନମାଜପାଠ ଏକ ସମୟରେ ହେବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ହାଇଦ୍ରାବାଦ ଏବଂ କର୍ଣ୍ଣାଟକର ବାଗଲକୋଟରେ ଶିବାଜୀ ଜୟନ୍ତୀ ଶୋଭାଯାତ୍ରା ବେଳେ ଉତ୍ତେଜନା ଓ ଢେଲାମାଡ଼ ହୋଇଛି।

ବାଗଲପୁରରେ ଶିବାଜୀ ଜୟନ୍ତୀ ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାର ସହ ଆରମ୍ଭ ହୋଇଥିବାବେଳେ ଏକ ମସ୍‌ଜିଦ ସମ୍ମୁଖ ଦେଇ ଗଲାବେଳେ ଟେକାମାଡ଼ ହେବାରୁ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଥିଲା। ଫଳରେ ପୋଲିସ ପ୍ରଶାସନ ସେଠାରେ ୧୪୪ ଧାରା ଜାରି କରିଛି। ହାଇଦ୍ରାବାଦରେ ରମଜାନ ନମାଜପାଠ ବେଳେ ଉତ୍ତେଜନା ଓ ଅଶାନ୍ତ ସ୍ଥିତି ସୃଷ୍ଟି ହୋଇଛି। ତେବେ ୩ଟି ଘଟଣାରେ କେହି ମୃତାହତ ହୋଇ ନ ଥିବାବେଳେ ପୋଲିସର ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାରେ ସହାୟକ ହୋଇଥିଲା।

# ବିଏଲ୍ଏ କବଳରେ ପାକ୍ ସୈନ୍ୟ କାନ୍ଦୁଛନ୍ତି

କ୍ୱେଟା,୨୦।୨

ବଲୁଚ୍ ବିଦ୍ରୋହୀମାନେ ପାକିସ୍ତାନର ୨୦ରୁ ଅଧିକ ପାକିସ୍ତାନ ସୈନ୍ୟଙ୍କୁ ବନ୍ଧକ ରଖିଥିଲେ। ପରେ ୧୨ ଜଣଙ୍କୁ ମୁକ୍ତ କରିଥିଲେ ମଧ୍ୟ ବେଲୁଚିସ୍ତାନ ଲିବରେସନ ଆର୍ମି(ବିଏଲ୍ଏ) କବଳରେ ୯ ସୈନ୍ୟ ରହିଛନ୍ତି। ଏହି ସୈନ୍ୟଙ୍କୁ ମୁକ୍ତ କରିବା ଲାଗି ଧାର୍ଯ୍ୟ ସମୟ ଭିତରେ ପାକିସ୍ତାନ ବନ୍ଧକ ରଖିଥିବା ବଲୁଚ୍ ସଦସ୍ୟଙ୍କୁ ମୁକ୍ତ କରିବାକୁ ପଡ଼ିବ ବୋଲି ବିଏଲଏ ସର୍ତ୍ତ ରଖିଛି। ଗୋଟିଏ ପଟେ ପାକ୍ ସେନା ଏହି ସୈନ୍ୟମାନଙ୍କୁ ନିଜର ବୋଲି ଅସ୍ୱୀକାର କରୁଥିବାବେଳେ ଅନ୍ୟପଟେ ବିଏଲ୍ଏ ଦେଇଥିବା ସମୟ ଅବଧି ଶେଷ ହେବାକୁ ଯାଉଛି। ଏଭଳି ସ୍ଥିତିରେ ନିଜର ବିପଦାପନ୍ନ ଜୀବନକୁ ନେଇ ବନ୍ଧକ ଥିବା ସୈନ୍ୟମାନେ କାନ୍ଦିବା ସହିତ ସେମାନଙ୍କୁ ରକ୍ଷା କରିବାକୁ ଅନୁରୋଧ କରିଛନ୍ତି।

# କୁନୋ ଜାତୀୟ ଉଦ୍ୟାନରେ ଚିତା ସଂଖ୍ୟା ୩୮



**ପୁଣି ୩ ଶାବକଙ୍କୁ ଜନ୍ମଦେଲା ଗାମିନୀ**

ନୂଆଦିଲ୍ଲୀ,୨୦।୨

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଚିତାବାଘଙ୍କ ସଂଖ୍ୟା ୩୮କୁ ବୃଦ୍ଧି ପାଇବା ସହିତ ଭାରତରେ ମୋଟ ଚିତାଙ୍କ ସଂଖ୍ୟା ମଧ୍ୟ ବଢ଼ିଛି ବୋଲି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ କହିଛନ୍ତି। ପ୍ରାୟ ୩ ବର୍ଷ ତଳେ ଭାରତ ସରକାର ଆଫ୍ରିକୀୟ ଦେଶରୁ ଚିତାବାଘ ଆଣି କୁନୋ ଜାତୀୟ ଉଦ୍ୟାନରେ 'ଚିତା' ପ୍ରକଳ୍ପ ଆରମ୍ଭ କରିଥିଲେ। କିନ୍ତୁ ଆଫ୍ରିକା ମହାଦେଶରୁ ଅଣାଯାଇଥିବା ଚିତାଙ୍କ ମଧ୍ୟରୁ ବିଭିନ୍ନ କାରଣକୁ ନେଇ ଅନେକ ଚିତାଙ୍କ ମୃତ୍ୟୁ ହୋଇଥିଲା। ୨୦୨୬ ପ୍ରାରମ୍ଭ ସୁଦ୍ଧା ଶାବକ ସମେତ ୨୧ ଚିତାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଭାରତୀୟ ପରିବେଶରେ ଚିତାଙ୍କ ଅସ୍ତିତ୍ୱକୁ ନେଇ ପ୍ରଶ୍ନ ଉଠିଥିଲେ ହେଁ ଗାମିନୀ ନାମ୍ନୀ ଚିତା ଏବେ ୩ଟି ଶାବକ ପ୍ରସବ କରିଛି। ଏହାପୂର୍ବରୁ ମଧ୍ୟ ଗାମିନୀ ୩ଟି ଚିତା ପ୍ରସବ କରିଥିଲା ଏବଂ ସେମାନେ ସୁସ୍ଥ ଅଛନ୍ତି।

# ଝିଅର ଟିକ୍‌ଟକ୍ ନିଶା, ୫୧ ଲକ୍ଷର ବିଲ୍ ଗଣିଲେ ଦମ୍ପତି

ଲଣ୍ଡନ,୨୦।୨

ମୋବାଇଲ ଫୋନ୍‌ରେ ଟିକ୍‌ଟକ୍ ଦେଖିବାକୁ ୫୧ ଲକ୍ଷ ଟଙ୍କାର ବିଲ୍ ଭରିବା କଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ। ଏଭଳି କଥା ଆଶ୍ଚର୍ଯ୍ୟ ଲାଗୁ ଥିଲେ ମଧ୍ୟ ଏକ ବ୍ରିଟିଶ ଦମ୍ପତିଙ୍କ କ୍ଷେତ୍ରରେ ଏହା ଘଟିଛି। ଝିଅର ଟିକ୍‌ଟକ୍ ନିଶା ପାଇଁ ଏହି ଦମ୍ପତି ୪୨,୦୦୦ ପାଉଣ୍ଡ( ପ୍ରାୟ ୫୧ ଲକ୍ଷ ଟଙ୍କା) ମୋବାଇଲ ବିଲ୍ ଗଣିଛନ୍ତି। ବ୍ରିଟେନର ଆଣ୍ଡ୍ରୁ ଅଲ୍‌ଟି ନାମକ ଜଣେ ବ୍ୟକ୍ତି କପଡ଼ା ବ୍ୟବସାୟ କରନ୍ତି। ସେ ନିକଟରେ ନିଜ ପରିବାର ସହିତ ମରକ୍କୋ ବୁଲିବାକୁ ଯାଇଥିଲେ। ସେଠାରେ ସେ ପ୍ରାୟ ୮ ଦିନ ରହି ସ୍ୱଦେଶ ଫେରିବା ସମୟରେ ତାଙ୍କ ନିକଟକୁ ୪୨,୦୦୦ ପାଉଣ୍ଡର ମୋବାଇଲ ବିଲ୍ ଆସିଥିଲା। ଏହି ବିଲ୍ ଦେଖି ଆଣ୍ଡ୍ରୁ ଘାବରାଇ ଯାଇଥିଲେ ମଧ୍ୟ ଏହା ଭୁଲ୍‌ବଶତଃ ତାଙ୍କ ନିକଟକୁ ଆସିଛି ବୋଲି ଧରି ନେଇଥିଲେ। କିନ୍ତୁ ବିଲ୍ ଭରଣା କରିବାକୁ କମ୍ପାନୀ ନିକଟରୁ ବାରମ୍ବାର ଫୋନ୍ ଆସିବା ପରେ ସେ ଅସଲ କାରଣ ଜାଣିବାକୁ ପାଇଥିଲେ। ଭୁଲ୍ କିମ୍ବା ଅନ୍ୟ କାହାର ବିଲ୍ ନୁହେଁ, ବରଂ ନିଜ ଝିଅର ଟିକ୍‌ଟକ୍ ନିଶା ପାଇଁ ତାଙ୍କ ନିକଟକୁ ଏହି ପରିମାଣର ବିଲ୍ ଆସିଥିବା ଜାଣିବାକୁ ପାଇଥିଲେ। ଆଣ୍ଡ୍ରୁ ପରିବାର ସହିତ ବିଦେଶ ବୁଲିବାକୁ ଟ୍ରାଭେଲ୍ ଏଜେନ୍ସି ସହିତ ଯେଉଁ ଚୁକ୍ତି କରିଥିଲେ ସେଥିରେ ୟୁରୋପ ବାହାରେ ଡାଟା ରୋମିଂ ସାମିଲ ନଥିଲା। କିନ୍ତୁ ବିଦେଶ ଭ୍ରମଣର ଶେଷ ଦିନରେ ଆଣ୍ଡ୍ରୁଙ୍କ ଝିଅ ଦିନକୁ ୮ ଘଣ୍ଟା କେବଳ ଟିକ୍‌ଟକ୍ ଦେଖିଥିଲେ। ଏଥିପାଇଁ ଘଣ୍ଟା ବିଲ୍ ପରିମାଣ ଥିଲା ୫,୦୦୦ ପାଉଣ୍ଡରୁ ଅଧିକ। ସେହି ଅନୁସାରେ ଆଣ୍ଡ୍ରୁଙ୍କ ନିକଟକୁ ମୋଟ ୪୨,୦୦୦ ପାଉଣ୍ଡର ବିଲ୍ ଆସିଥିଲା।



ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୧/୨୦୨୬ | Bhubaneswar, Saturday, February 21/2026 | ପୃଷ୍ଠା-୧




**ରାଧା ଯାଦବଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**
ମହିଳା ରାଇଜିଂ ଷ୍ଟାର୍ସ ଟି୨୦ ଏସିଆ କପ୍‌ରେ ରାଧା ଯାଦବଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଶ୍ରୀଲଙ୍କା 'ଏ'କୁ ପରାସ୍ତ କରିଛି ଭାରତ 'ଏ'। ୦୬

୦୨ **ସ୍ୱାମୀ ହେବ ତ ଏମିତି**
ପ୍ରିୟଙ୍କା ଚୋପ୍ରାଙ୍କ ଆଗାମୀ ଫିଲ୍ମ 'ଦ ବ୍ଲଫ୍'ର ପ୍ରମୋଶନରେ ତାଙ୍କ ସ୍ୱାମୀ ନିକ୍ ଜୋନାସ୍ ବାହାରିଥିବାରୁ ଅନେକ ପ୍ରଶଂସକ ତାଙ୍କୁ ସମର୍ଥନ କରି ଏଭଳି କହୁଛନ୍ତି।



# ଗାଁ ବିକାଶ, ଶିକ୍ଷା, ମହିଳାଙ୍କୁ ପ୍ରାଧାନ୍ୟ

**ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ରାଜ୍ୟ ବଜେଟ ଉପସ୍ଥାପନ କରିଛନ୍ତି। ୨୦୨୫-୨୬ ବର୍ଷଠାରୁ ନୂଆ ବଜେଟରେ ୨୦,୦୦୦ କୋଟି ଟଙ୍କା ଅଧିକ ବ୍ୟୟବରାଦ କରାଯାଇଛି। ଏଥିରେ ଗ୍ରାମୀଣ ବିକାଶ, ଶିକ୍ଷା ଓ ମହିଳାଙ୍କୁ ଅଗ୍ରପ୍ରାଧାନ୍ୟ ଦିଆଯାଇଛି। ୪ଟି ନୂଆ ବିଶ୍ୱବିଦ୍ୟାଳୟ, ବିକଶିତ ଭାରତ-ଜି ରାମ ଜି, ସମୃଦ୍ଧ ଅଙ୍ଗନୱାଡି ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳଠାରୁ ଆରମ୍ଭ କରି ରେଆର ଆର୍ଥ କରିଡର, ପୁରୀରେ ଶ୍ରୀଜଗନ୍ନାଥ ବ୍ୟାଖ୍ୟା କେନ୍ଦ୍ର ଓ ଫିଟ୍ ଓଡ଼ିଶା ମିଶନ ଭଳି ନୂଆ ପଦକ୍ଷେପ ନିଆଯାଇ ରାଜ୍ୟକୁ ସଶକ୍ତ ଓ ସମୃଦ୍ଧ କରିବାର ଆଶା ସଞ୍ଚାର କରାଇଛନ୍ତି ମୁଖ୍ୟମନ୍ତ୍ରୀ।**







**ଭୁବନେଶ୍ୱର, ୨୦।୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଗୃହରେ ଆଗତ କରିଛନ୍ତି। ଚଳିତ ବଜେଟରେ ମୁଖ୍ୟତଃ ସରକାର ୬ଟି ଦିଗ ଉପରେ ବିଶେଷ ଗୁରୁତ୍ୱ ଦେଇଥିବା ବେଳେ ଗ୍ରାମୀଣ ସଶକ୍ତୀକରଣ ଉପରେ ବିଶେଷ ଫୋକସ୍ କରାଯାଇଛି। ବିକଶିତ ଭାରତ-ରୋଜଗାର ଏବଂ ଆଜୀବିକା ମିଶନ(ଗ୍ରାମୀଣ) ଭିବିଜି ରାମ ଜି ଯୋଜନାରେ ୫୫୭୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହିପରି ଗ୍ରାମୀଣ ବିକାଶକୁ ଗୁରୁତ୍ୱ ଦେଇ ମୋଟ୍ ୪୪,୩୦୯ କୋଟି ଟଙ୍କାର ବଜେଟ ଅଟକଳ କରାଯାଇଛି। ଏହାସହ ନାଗରିକଙ୍କୁ ପ୍ରାଥମିକତା, ସମସ୍ତଙ୍କ ସମୃଦ୍ଧି, ଆମ ପରମ୍ପରା ଆମ ସ୍ୱାଭିମାନ, ପଥ ପ୍ରଦର୍ଶନକାରୀ ପ୍ରଯୁକ୍ତି ଏବଂ ଲୋକ କୈନ୍ଦ୍ରିକ ଶାସନ ଉପରେ ଗୁରୁତ୍ୱ ଦିଆଯାଇଛି। ବଜେଟରେ ପ୍ରଶାସନିକ ଖର୍ଚ୍ଚ ପାଇଁ ୧,୧୪,୦୦୦ କୋଟି ଟଙ୍କା ରଖାଯାଇଛି। ସେହିପରି କାର୍ଯ୍ୟକ୍ରମ ଖର୍ଚ୍ଚ ବାବଦକୁ ୧,୮୦,୦୦୦ କୋଟି ଟଙ୍କା, ବିପର୍ଯ୍ୟୟ ବିପଦ ପରିଚାଳନା ପାଣ୍ଠିରେ ୫୩୭୫ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ୧୦,୬୨୫ କୋଟି ଟଙ୍କା ରଖାଯାଇଛି। କାର୍ଯ୍ୟକ୍ରମ ବାବଦ ବ୍ୟୟବରାଦ ବଜେଟ ଆକାରର ୫୮%ରୁ ଅଧିକ। ୨୦୨୬-୨୭ର ପୁଞ୍ଜି ବ୍ୟୟ ଅଟକଳ ୭୨,୧୦୦ କୋଟି ଟଙ୍କା ଅଟେ ଯାହା ଜିଏସ୍‌ଡିପିର ୬.୫% ଏବଂ ରାଜ୍ୟ ବଜେଟ୍ ଆକଳନର ୨୩.୩% ରହିଛି। ଓଡିଶାର ପୁଞ୍ଜି ବ୍ୟୟର ଅନୁପାତ ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ ବୋଲି ମୁଖ୍ୟମନ୍ତ୍ରୀ ବଜେଟ ଉପସ୍ଥାପନା ସମୟରେ କହିଛନ୍ତି।

ବିଧାନସଭାର ୪ର୍ଥ ଦିନ ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ବିରୋଧୀ ଦଳ ଏବଂ କଂଗ୍ରେସ ସଦସ୍ୟମାନେ ଗୃହରେ ଉପସ୍ଥିତ ନ ଥିଲେ। ବାଚସ୍ପତି ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ବିରୋଧୀଙ୍କୁ ଗୃହକୁ ଡାକି ଆଣିବା ଲାଗି କହିବା ସହ ୪ଟା ୨ରୁ ୪ଟା ୧୫ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏହାପରେ ସବୁ ଦଳର ସଦସ୍ୟ ଗୃହକୁ ଆସିବା ପରେ ବାଚସ୍ପତି ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ୬ଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସ ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଉପସ୍ଥାପିତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ଏହି ରିପୋର୍ଟ ଉପସ୍ଥାପନ କରିବା ପରେ ବାଚସ୍ପତି ତାଙ୍କୁ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଆଗତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏକ ପେଡ଼ି ଭିତରୁ ବଜେଟ ବାହାରକରି ଗୃହରେ ଏହା ଉପରେ ମତ ରଖି କହିଥିଲେ, ରାଜ୍ୟ ସରକାର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୪୨,୪୯୨ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୧୨.୩% ଅଧିକ । ରାଜସ୍ୱ ବଳକା ଜିଏସ୍‌ଡିପିର ୩% ହେବ ବୋଲି ଆକଳନ କରାଯାଇଛି ଯାହା ବିତ୍ତୀୟ ନିଅଣ୍ଟ ଜିଏସ୍‌ଡିପିର ୩.୨% ରହିବ ବୋଲି ଆକଳନ କରାଯାଇଛି। ବର୍ଷ ଶେଷ ଋଣ ଭାର ଜିଏସ୍‌ଡିପିର ୧୪.୧% ରହିବ।

୧ ହଜାର କୋଟି ଟଙ୍କା ବ୍ୟୟରେ ପୁରୀରେ ଶ୍ରୀଜଗନ୍ନାଥଙ୍କ ଇଣ୍ଟରପ୍ରିଟେଶନ ସେଣ୍ଟର ଏବଂ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା ହେବ। ଶ୍ରୀମନ୍ଦିର ପାଇଁ ଅନ୍‌ଲାଇନ ଦାନ ପ୍ଲାଟ୍‌ଫର୍ମ 'ଡିଜିଟାଲ ହୁଣ୍ଡି-ସମର୍ପଣ' ହେବ। ମଧୁବାବୁ ପେନ୍‌ସନ ଯୋଜନା ଅଧୀନରେ ୬ ଲକ୍ଷ ହିତାଧିକାରୀଙ୍କୁ ଅତିରିକ୍ତ ଭତ୍ତା ମିଳିବ। ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଅଧୀନରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ପରିବାରରେ ଜନ୍ମହୋଇଥିବା ଝିଅଙ୍କ ନାମରେ ୨୦ ହଜାର ଟଙ୍କାର ସଞ୍ଚୟ ଏବଂ ସ୍ନାତକ ସମାପ୍ତ ପରେ ସେମାନଙ୍କୁ ୧ ଲକ୍ଷ ୧ ଟଙ୍କା ମିଳିବ। କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ। ପାରାଦୀପ ଏବଂ ବଲାଙ୍ଗୀରରେ ଦୁଇଟି ନୂତନ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେବ। ମୟୂରଭଞ୍ଜ ଏବଂ ବଲାଙ୍ଗୀରରେ ନୂତନ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହେବ। ଚିପିଲିମାରେ ନୂତନ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ଏବଂ ସୋନପୁରରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ। ଗଜପତି, ମାଲକାନଗିରି ଏବଂ ରାୟଗଡ଼ାରେ ୩ଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ହେବ। ନୟାଗଡ଼ ଏବଂ ନୂଆପଡ଼ାରେ ୨ଟି ନୂତନ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଦକ୍ଷିଣ ଓଡ଼ିଶା ବିକାଶ ଯୋଜନା ଅଧୀନରେ ୩ ବର୍ଷରେ ୨୪୦ କୋଟି ଟଙ୍କା ଦିଆଯିବ। ରେଆର୍ ଆର୍ଥ କରିଡର ପାଇଁ ୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୨୩ କୋଟି ଟଙ୍କାର ବ୍ୟୟ ବରାଦ ସହ ଓଡ଼ିଶା ଏଆଇ ମିଶନ କରାଯିବ। ୧୦୦ କୋଟି ଟଙ୍କା ବ୍ୟବସ୍ଥା ସହ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ ହେବ। ସଂଯୋଗ ହୋଇ ନ ଥିବା ଜନବସତିକୁ ସଂଯୋଗ ସୁନିଶ୍ଚିତ କରାଯିବ। ଏଥିଲାଗି ୧୦୦୦ କୋଟି ଟଙ୍କା ଆବଣ୍ଟିତ ହୋଇଛି। ସବୁ ଅସମ୍ପୂର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ରକୁ ସମ୍ପୂର୍ଣ୍ଣ କରିବା ଲାଗି ୬୩୫ କୋଟି ଟଙ୍କା ଆବଣ୍ଟିତ ହୋଇଛି। ଔଦ୍ୟୋଗିକ ଭିତ୍ତିଭୂମି ରକ୍ଷଣାବେକ୍ଷଣ ପାଣ୍ଠି ପାଇଁ ୩୨୦ କୋଟି ରଖାଯାଇଛି। ପର୍ଯ୍ୟଟନ ଭିତ୍ତିଭୂମିରେ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି ଲାଗି ୧୫୦ କୋଟି ରଖାଯାଇଛି। ବାରିପଦାଠାରେ 'ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା ହେବ।

ରାଜ୍ୟରେ ୩ଟି ନୂତନ ଏକ୍ସପ୍ରେସ୍ ୱେ କରାଯିବ। କୋରାପୁଟ ଜିଲାର ଜୟପୁର ସହରକୁ ଉପକୂଳବର୍ତ୍ତୀ ସହର ବ୍ରହ୍ମପୁର ସହ ସଂଯୋଗ କରିବା ପାଇଁ ପ୍ରାୟ ୯ ହଜାର କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟରେ ୨୮୭ କି.ମି. ରାସ୍ତା ବିକଶିତ ହେବ। ନମୋ ଏକ୍ସପ୍ରେସ୍ ୱେ ପୂର୍ବ-ପଶ୍ଚିମ କରିଡର ଭାବେ ଗଜପତି ଜିଲାର ପାରଳାଖେମୁଣ୍ଡିକୁ ବରଗଡ଼ ଜିଲାର ଅମ୍ବାଭୋନା ସହ ସଂଯୋଗ କରିବ। ଅଟଳ ଏକ୍ସପ୍ରେସ୍ ୱେ ଜରିଆରେ ୯୬୯ କି.ମି. ବିଶିଷ୍ଟ ଉତ୍ତର-ଦକ୍ଷିଣ କରିଡର ଭାବେ ମାଲକାନଗିରି ଜିଲାର ମୋଟୁକୁ ମୟୂରଭଞ୍ଜ ଜିଲାର ତିରିଂ ସହ ସଂଯୋଗ କରିବ। ସେହିପରି ଭୁବନେଶ୍ୱର-କଟକ-ପାରାଦୀପ ଅର୍ଥନୈତିକ କ୍ଷେତ୍ରକୁ ମଡେଲ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯିବ। ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡ଼ାକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ପରିଗଣିତ କରାଯିବ। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫ ଶହ ବିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ରୂପାନ୍ତରିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭୁବନେଶ୍ୱରଠାରେ ଅତିଥି ଗୃହ ନିର୍ମାଣ ହେବ, ଯାହା ବିଭିନ୍ନ ଜିଲାରୁ ରାଜଧାନୀକୁ ଆସୁଥିବା ଲୋକଙ୍କ ଆବଶ୍ୟକତା ପୂରଣ କରିବ। ନୂତନ ରାଜ୍ୟ ବିଧାନସଭା ସୌଧ, ନୂତନ ସଚିବାଳୟ ଭବନ, ବିଶ୍ୱସ୍ତରୀୟ ଏକ ନୂତନ ସଂଗ୍ରହାଳୟ, ଓଡ଼ିଶା ମଣ୍ଡପ ସମ୍ମିଳନୀ କେନ୍ଦ୍ର ପ୍ରତିଷ୍ଠା ହେବ। ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦିଆଯାଉଛି। ☞ପୃଷ୍ଠା-୨

## ସଂକ୍ଷେପରେ ବଜେଟ ୨୦୨୬-୨୭

| | |
|---|---|
| ବଜେଟ ଆକାର: ୩.୧୦ ଲକ୍ଷ କୋଟି ଟଙ୍କା | ରାଜ୍ୟ ସକଳ ଘରୋଇ ଉତ୍ପାଦର ୨୮% |
| କାର୍ଯ୍ୟକ୍ରମ ବ୍ୟୟ: ୧.୮୦ ଲକ୍ଷ କୋଟି ଟଙ୍କା | ମୋଟ ବଜେଟ ଅଟକଳର ୫୮.୧% |
| ପୁଞ୍ଜି ବିନିଯୋଗ: ୭୨,୧୦୦ କୋଟି ଟଙ୍କା | ରାଜ୍ୟ ସକଳ ଘରୋଇ ଉତ୍ପାଦର ୬.୫% |
| ସାମାଜିକ କ୍ଷେତ୍ର: ୧,୨୫,୫୮୩ କୋଟି ଟଙ୍କା | ମୋଟ ବଜେଟ ଅଟକଳର ୪୦.୫% |
| ଆର୍ଥିକ କ୍ଷେତ୍ର: ୧,୦୨,୪୫୫ କୋଟି ଟଙ୍କା | ମୋଟ ବଜେଟ ଅଟକଳର ୩୩.୧% |
| ଉନ୍ନୟନମୂଳକ ବ୍ୟୟ: ୨,୨୮,୦୩୮ କୋଟି ଟଙ୍କା | ମୋଟ ବଜେଟ ଅଟକଳର ୭୩.୬% |
| ରାଜସ୍ୱ ବଳକା: ୩୩,୦୦୦ କୋଟି ଟଙ୍କା | ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୦% |
| ବିତ୍ତୀୟ ନିଅଣ୍ଟ: ୩୮,୮୦୦ କୋଟି ଟଙ୍କା (ଏସ୍‌ଏଏସ୍‌ସିଆଇ ଋଣ ସମେତ) | ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୫% |
| ବିତ୍ତୀୟ ନିଅଣ୍ଟ: ୨୯,୮୦୦ କୋଟି ଟଙ୍କା (ଏସ୍‌ଏଏସ୍‌ସିଆଇ ଋଣ ବ୍ୟତୀତ) | ରାଜ୍ୟ ସକଳ ଘରୋଇ ଉତ୍ପାଦର ୨.୭% |
| ଋଣ ଭାର: ୧,୫୫,୭୧୦ କୋଟି ଟଙ୍କା | ରାଜ୍ୟ ସକଳ ଘରୋଇ ଉତ୍ପାଦର ୧୪.୧% |

## ବଜେଟରେ ନୂତନ ପଦକ୍ଷେପ

୧ ବିକଶିତ ଭାରତ- ଜି ରାମ ଜି:୫୫୭୫ କୋଟି ଟଙ୍କା
୨ ସମୃଦ୍ଧ ଅଙ୍ଗନୱାଡି ଯୋଜନା: ୬୩୫ କୋଟି ଟଙ୍କା
୩ ୧୦୦ଟି ସ୍ମାର୍ଟ ଫାର୍ମ ବଜାର (ମଡେଲ ମଣ୍ଡି): ୧୦୦ କୋଟି ଟଙ୍କା
୪ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା
୫ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ : ୧୦୦ କୋଟି ଟଙ୍କା
୬ ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନା : ୨୪୦ କୋଟି ଟଙ୍କା
୭ ରେଆର ଆର୍ଥ କରିଡର : ୧୦ କୋଟି ଟଙ୍କା
୮ ରାଜ୍ୟ ରୂପାନ୍ତରମୂଳକ ପଦକ୍ଷେପ ପ୍ରତିଷ୍ଠାନ(ଏସ୍‌ଆଇଟିଆଇ-ଓଡ଼ିଶା)
୯ ସଂଯୋଗହୀନ ବାସସ୍ଥାନ ସହିତ ସଂଯୋଗୀକରଣ:୧୦୦୦ କୋଟି ଟଙ୍କା
୧୦ ପୁରୀରେ ଶ୍ରୀଜଗନ୍ନାଥଙ୍କ ୧୦ ବ୍ୟାଖ୍ୟା କେନ୍ଦ୍ର
୧୧ ପୁରୀରେ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର
୧୨ ରାଜ୍ୟ ଏଆଇ ମିଶନ: ୨୩ କୋଟି ଟଙ୍କା
୧୩ ପର୍ଯ୍ୟଟନ ଭୂମି ବ୍ୟାଙ୍କ ଯୋଜନା: ୧୫୦ କୋଟି ଟଙ୍କା
୧୪ ଡାଲଖାଇ ଯୋଜନା: ୨୨୦ କୋଟି ଟଙ୍କା
୧୫ ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ
୧୬ ଫିଟ୍ ଓଡ଼ିଶା ମିଶନ: ୧୦ କୋଟି ଟଙ୍କା

# ୩୧ ପଇସା ଖସିଲା ଟଙ୍କା



**ମୁମ୍ବାଇ,୨୦।୨(ପି.ଟି.)**

ଆମେରିକୀୟ ଡଲାର ତୁଳନାରେ ଟଙ୍କା ଶୁକ୍ରବାର ୩୧ ପଇସା ହ୍ରାସ ପାଇ ୯୦.୯୯ରେ ସ୍ଥିର ରହିଛି। ଅର୍ଥାତ୍ ୧ ଡଲାର ୯୦ ଟଙ୍କା ୯୯ ପଇସାରେ ପହଞ୍ଚିଛି। ଆମେରିକୀୟ ମୁଦ୍ରାର ଅଧିକ ଚାହିଦା ଏବଂ ଇରାନରେ ଉତ୍ତେଜନା ବୃଦ୍ଧିକୁ ନେଇ ଅଶୋଧିତ ତୈଳ ଦର ବୃଦ୍ଧି ପାଇଥିବାରୁ ଟଙ୍କା ମୂଲ୍ୟ ହ୍ରାସ ପାଇଛି। ଘରୋଇ ଶେୟାର ବଜାରରେ ସକାରାତ୍ମକ ଗତିଶୀଳତା ଭାରତୀୟଙ୍କୁ ସହାୟକ ହେବାରେ ବିଫଳ ହୋଇଥିବା ଫରେକ୍ସ ବିଶେଷଜ୍ଞମାନେ କହିଛନ୍ତି।

ତେହରାନ ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବାକୁ ନେଇ ଚାଲିଥିବା ଆଲୋଚନା ବିଫଳ ହେଲେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଲାଗିଯିବା ନେଇ ଉଭୟ ସଙ୍କେତ ଦେଇଥିବାରୁ ଅଶୋଧିତ ତୈଳ ମୂଲ୍ୟରେ ଅସ୍ଥିରତା ଦେଖାଦେଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ କାରବାର ଆରମ୍ଭରେ ୯୦.୯୪ ଥିବାବେଳେ ମଧ୍ୟବର୍ତ୍ତୀ ସମୟରେ ଏହା ୯୧.୦୪ରେ ପହଞ୍ଚି କାରବାର ଶେଷ ବେଳକୁ ୯୦.୯୯ରେ ସ୍ଥିର ରହିଛି। ଅର୍ଥାତ୍ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୩୧ ପଇସା ହ୍ରାସ ପାଇଛି। ବୁଧବାର ଟଙ୍କା ମୂଲ୍ୟ ୪ ପଇସା ବଢ଼ି ୯୦.୬୮ ଥିଲା। ଛତ୍ରପତି ଶିବାଜୀ ଜୟନ୍ତୀ ଅବସରରେ ଗୁରୁବାର ମୁଦ୍ରା ବିନିମୟ ବଜାର ବନ୍ଦ ରହିଥିଲା। ଭୂରାଜନୈତିକ ଉତ୍ତେଜନା ବଢ଼ିବା ସହ ଡଲାର ସୁଦୃଢ଼ ଥିବାରୁ ଟଙ୍କା ମୂଲ୍ୟ ଆହୁରି କମିପାରେ ବୋଲି ଆଶଙ୍କା କରାଯାଉଛି।

**ଆଜିର ସମ୍ପାଦକୀୟ**
ଡିଜିପି ନିଯୁକ୍ତିରେ ବିଳମ୍ବ

**ଆଜିର ମନ୍ତବ୍ୟ**

"ରୁଷିଆରୁ କୌଣସି ଦେଶ ତେଲ କିଣୁ ଏହା ଆମେରିକା ଚାହେଁ ନାହିଁ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହା ସ୍ପଷ୍ଟ କରିଦେଇଛନ୍ତି। ଭେନେଜୁଏଲାରୁ ଅଶୋଧିତ ତୈଳ ଆମଦାନୀ ନେଇ ଆମେରିକା ଓ ଭାରତ ମଧ୍ୟରେ ଆଲୋଚନା ଜାରି ରହିଛି।


-ସେର୍ଗିଓ ଗୋର୍, ଭାରତରେ ଆମେରିକା ରାଷ୍ଟ୍ରଦୂତ

# କୁକୁରକୁ ବାଡ଼େଇବାରୁ ବାହାଘର ଭାଙ୍ଗିଗଲା

**ଲକ୍ଷ୍ନୌ,୨୦।୨**

କନ୍ୟା ଓ ବରପକ୍ଷ ମଧ୍ୟରେ ବିଭିନ୍ନ କାରଣକୁ ନେଇ ବିବାଦ ହେବା ପରେ ବାହାଘର ଭାଙ୍ଗିଯିବାର ନଜିର ରହିଛି। କିନ୍ତୁ ଉତ୍ତରପ୍ରଦେଶରେ ଏକ ସଦ୍ୟତମ ଘଟଣାରେ ଯେଉଁ କାରଣକୁ ନେଇ ବାହାଘର ଭାଙ୍ଗିଯାଇଛି, ତାହା ଜାଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ। ବରପକ୍ଷର ଜଣେ କେହି ବ୍ୟକ୍ତି କନ୍ୟାଙ୍କ ପାଳିତ କୁକୁରକୁ ବାଡ଼େଇବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଭୀଷଣ ଗଣ୍ଡଗୋଳ ହେବା ସହିତ ଶେଷରେ ବାହାଘର ଭାଙ୍ଗିଯାଇଥିବା ଜଣାପଡ଼ିଛି। ଏଭଳି ଘଟଣା ଉତ୍ତରପ୍ରଦେଶର ଫତେପୁର ଜିଲାରେ ଘଟିଛି। ବର ଓ କନ୍ୟାଙ୍କ ମଧ୍ୟରେ ପୂର୍ବରୁ ସମ୍ପର୍କ ରହିଥିଲାବେଳେ ସେମାନେ ଆର୍ଯ୍ୟସମାଜ ରୀତିନୀତି ଅନୁସାରେ ବିବାହ କରିସାରିଥିଲେ। କିନ୍ତୁ ସାମାଜିକ ସ୍ୱୀକୃତି ପାଇଁ ଉଭୟ ପାରମ୍ପରିକ ରୀତିରେ ବିବାହ ପାଇଁ ନିଷ୍ପତ୍ତି ନେବା ପରେ ଗତ ବୁଧବାର ରାତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରପକ୍ଷ ରୋଷଣୀ କରି ବିବାହ ମଣ୍ଡପରେ ପହଞ୍ଚିବାପରେ ମାଳା ପିନ୍ଧା କାର୍ଯ୍ୟ ଶେଷ ହୋଇଥିଲା। ବିଳମ୍ବିତ ରାତିରେ ସ୍ଥାନୀୟ ପରମ୍ପରା ଅନୁଯାୟୀ ଉଭୟଙ୍କୁ ଗହଣା ବିନ୍ଧାଯାଇ ବେଦୀରେ କର୍ମ ହେବାକୁ ଯାଉଥିଲା ବେଳେ କନ୍ୟାଙ୍କ କୁକୁର ଜୋର୍‌ରେ ଭୋକିବାକୁ ଲାଗିଥିଲା। ଏହାକୁ ଦେଖି ବରପକ୍ଷର କେତେକ ଲୋକ କୁକୁରଟିକୁ ବାଡ଼େଇଥିଲେ। ଏହି ଘଟଣାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଯିବା ସହିତ ମାରପିଟ୍ ମଧ୍ୟ ହୋଇଥିଲା। କନ୍ୟାପକ୍ଷ ମାଡ଼ରେ ବରପକ୍ଷର ୩ ଜଣ ଲହୁଲୁହାଣ ହେବା ପରେ ବିବାହ ଭାଙ୍ଗିଯାଇଥିଲା ଏବଂ ବର ବେଦୀରୁ ଉଠି ପଳାଇଥିଲେ।





# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏକକ କଳା ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଲୋହିଆ ଏକାଡେମୀ ପକ୍ଷରୁ 'ଓଡ଼ିଶାରେ ମାତୃଭାଷାରେ ଶିକ୍ଷାଦାନରେ ସଙ୍କଟ' ଶୀର୍ଷକ ଆଲୋଚନା ସଭା, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ବୁଲେଟିନ ଚାରିଟେବଲ ଟ୍ରଷ୍ଟ ଏବଂ ମାସିକ ଖବରକାଗଜ 'ମୁଗୁପୁର ସମାଚାର' ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ଗୋଦାବରିଶ ସାହିତ୍ୟ ସଂସଦ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ମାତୃଭାଷା ଦିବସ, ସ୍ଥାନ: ଉତ୍କଳ ସଂସ୍କୃତି ବଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଡଷ୍ଟ୍ରି କନ୍‌କ୍ଲେଭ୍, ସ୍ଥାନ: ଆର୍‌ସିଏମ୍ କଲେଜ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସଂଭାବନା ପକ୍ଷରୁ 'ଆମ ମାତୃଭାଷା ଓ ଆମ ଭାଗବତ' ଶୀର୍ଷକ ଆଲୋଚନା ଏବଂ ଭାଗବତ ପାଠ ପ୍ରତିଯୋଗିତା, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଝୁମୁକା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ 'ମାତୃଭାଷାରେ ବିଜ୍ଞାନ ଶିକ୍ଷା: ସମସ୍ୟା ଓ ସମ୍ଭାବନା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ:ରେଡକ୍ରସ ଭବନ, ସମୟ: ଅପରାହ୍ନ ୫ଟା।
- ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ଜାତୀୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା 'ୟୁଗ୍ମା', ସ୍ଥାନ: ଅଷ୍ଟା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କଟକ

- ପଥ ପ୍ରାନ୍ତର ପଥିକଟିଏ ମୁଁ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ, ସ୍ଥାନ: ବଡ଼ତୋଟା ବେଲପଡ଼ା ସରକାରୀ ବିଦ୍ୟାଳୟ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଜିଲା ଆଇନସେବା ପ୍ରାଧିକରଣ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଏଫ୍‌ଏମ୍‌ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୮ଟା।
- ସ୍ୱାସ୍ଥ୍ୟ ସଚେତନତା ଶିବିର, ସ୍ଥାନ: ଅଦାଲତ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତୀୟ ମାତୃଭାଷା ଦିବସ 'ଉତ୍କଳ ସମ୍ମିଳନୀ', ସ୍ଥାନ: ଭଞ୍ଜଭବନ, ନୂଆବଜାର, ଜଳେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଅଟଳ ବିହାରୀ ବାଜପେୟୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ,ସ୍ଥାନ:ବୋଡ଼କ ଖେଳ ପଡ଼ିଆ, ଆରଡ଼ି,ସମୟ:ପୂର୍ବାହ୍ନ ୧୧ଟା୩୦।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ବଡ଼ଓସ୍ତିଆ, ଚାନ୍ଦବାଲି, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଶ୍ରୀମଦ୍ଭାଗବତ କଥା ଜ୍ଞାନ ଯଜ୍ଞ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ : ଅପରାହ୍ନ ୩ ଟା

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ସିଦ୍ଧି ବିନାୟକ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ରୁଦ୍ରାଭିଷେକ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା, ବାରିପଦା,ସମୟ: ଅପରାହ୍ନ ୨ଟା।ନ୍
- ରାସେଶ୍ୱରୀ ଦେବୀ ଜୀଙ୍କ ପ୍ରବଚନ,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ଆମେ ପଢିବା ଆମ ଭାଷାରେ, ସ୍ଥାନ: ଫୁଲବାଣୀ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ୧୦ ଟା ୩୦।

## ଢେଙ୍କାନାଳ

- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ହଲ, ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଅନୁଗୋଳ

- ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ, ସ୍ଥାନ : ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚତୁର୍ଥ କ୍ୱାର୍ଟର ଫାଇନାଲ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ଅନୁଗୋଳ ପିଟିସି ପଡ଼ିଆ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ରାଜସ୍ୱ ମାମଲା ସମ୍ପର୍କୀୟ ଜନଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଡିଏମ୍‌ଏଫ୍ ଯୋଜନାରେ ଡାକ୍ତର ନିଯୁକ୍ତି ପାଇଁ ୱାକ-ଇନ-ଇଣ୍ଟରଭ୍ୟୁ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ବିଭିନ୍ନ ପ୍ରକଳ୍ପର ଜମି ଅଧିଗ୍ରହଣ ସଂକ୍ରାନ୍ତରେ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ମାଇ ହୋମ ଇଣ୍ଡଷ୍ଟ୍ରି ଏବଂ ଡାଲମିଆ ସିମେଣ୍ଟ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ଜାମାଲାଗି ବେଶର ୩୦ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ୨ୟ ଦିବସରେ ସୂର୍ଯ୍ୟପୂଜା ଓ ପ୍ରବଚନ, ସ୍ଥାନ: ନୟାଗଡ଼ ବ୍ଲକର ବେଗୁନିଆପାଟଣା ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ରୁ ରାତ୍ର ୧୦ଟା।
- ବ୍ଲକସ୍ତରୀୟ ପ୍ରବୋଧନ ଶିକ୍ଷକ ତାଲିମ ଶିବିରର ଉଦ୍ଘାଟନ, ସ୍ଥାନ: ନୟାଗଡ଼ ବ୍ଲକ ମାଛିପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ଆଇନଗତ ବ୍ୟବସ୍ଥା ଉପରେ କର୍ମଶାଳା, ସ୍ଥାନ: ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଅଂଶୁଘାତ ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ମହାଶିବରାତ୍ରୀ ଅବସରରେ ଜାଗରଯାତ୍ରାର ସପ୍ତମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଶ୍ରୀ ମା ଙ୍କ ଜନ୍ମ ଦିବସ ପାଳନ, ସ୍ଥାନ: ଅରୋଶ୍ରୀ ବିହାର, ଏସ୍‌ପିଗୁଡା,ଗୁଣପୁର, ସମୟ: ସକାଳ ୯ଟା ୩୦।

## ନବରଙ୍ଗପୁର

- ଜିଲାପରିଷଦ ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପଦଯାତ୍ରା, ସ୍ଥାନ: ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ସର୍ବଭାରତୀୟ ଦୀନବନ୍ଧୁ ଗୋସ୍ୱାମୀ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ହାୱା ମଇଦାନ, ସମୟ : ସକାଳ ୮ ଟା।
- ଏବିଭିପିର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ବନାଗ୍ନି ନିୟନ୍ତ୍ରଣ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ଉପଖଣ୍ଡ ବନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଉଦେଁ ପକ୍ଷରୁ ସମ୍ବଲପୁରୀ ଯୁବ କଳାକାର ସମାବେଶ, ସ୍ଥାନ: ପବ୍ଲିକ ଲାଇବ୍ରେରୀ ଭବନ, ସମୟ : ଅପରାହ୍ନ ୫ଟା।
- ନିଃଶୁଳ୍କ ସମ୍ବଲପୁରୀ ନୃତ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରା, ସମୟ: ଅପରାହ୍ନ ୫ଟା
- ସେଲିବ୍ରେଟି କପ୍ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା-୭ଟା।

## ରାଉରକେଲା

- ବିଶ୍ୱ ମାତୃଭାଷା ଦିବସ ପାଳନ, ସ୍ଥାନ: ସେକ୍ଟର-୧୯ ଆମ୍ବାଗାନ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମ୍ୟୁନିସିପାଲ ମହାବିଦ୍ୟାଳୟରେ କର୍ମଶାଳା, ସ୍ଥାନ: ଉଦିତ ନଗର, ସମୟ: ଅପରାହ୍ନ ୩ଟା।

## ବରଗଡ଼

- ସୁଭଦ୍ରା ଶକ୍ତି ମେଳା, ସ୍ଥାନ:ଆର୍‌ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ମଧୁମେହ ସଚେତନତା ପାଇଁ ଗଣଦୌଡ଼, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୭ଟା।
- ଭିଜିଲାନ୍ସ ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଭିଜିଲାନ୍ସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ବିଜ୍ଞାନରେ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ୫ମ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନଖଣ୍ଡହତା,ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୧ ଟା।
- କେନ୍ଦୁପତ୍ର ସାମୟିକ କର୍ମଚାରୀଙ୍କ ବିକ୍ଷୋଭ,ସ୍ଥାନ: ଅମରପାଲିସ୍ଥିତ କେନ୍ଦୁପତ୍ର ରେଞ୍ଜି କାର୍ଯ୍ୟାଳୟ, ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୧ ଟା।
- ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ମ୍ୟାଚ୍, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟର ସପ୍ତମ ସନ୍ଧ୍ୟା, ସ୍ଥାନ:ସୁବର୍ଣ୍ଣପୁର ସହର ସ୍ଥିତ ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

# ପଣ୍ଡିତ ଧର୍ମ ଅଧିକାରୀଙ୍କ ପରଲୋକ

**ଟେନ୍‌ସା,୨୦।୨(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା ଟେନ୍‌ସା ଧରିତ୍ରୀ ପ୍ରତିନିଧି ସମୀରକୁମାର ପାଢ଼ୀଙ୍କ ପିତା ଜଗବନ୍ଧୁ ପାଢ଼ୀଙ୍କ ଗତ ଗୁରୁବାର ରାତି ୧୨ଟା ୧୫ରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ଯାଜପୁର ଜିଲା ସାହାସପୁର ଗ୍ରାମରେ ଥିବା ଈଶାନେଶ୍ୱର ମନ୍ଦିର ନିକଟ ଶ୍ମଶାନଘାଟରେ ସ୍ୱର୍ଗତ ପଣ୍ଡିତ ଧର୍ମ ଅଧିକାରୀ ଜଗବନ୍ଧୁଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ବଡ଼ ପୁଅ ସମୀର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜଗବନ୍ଧୁ କର୍ମକାଣ୍ଡରେ ପାରଦର୍ଶିତା ଲାଭ କରିଥିଲେ। ପଣ୍ଡିତ ଭାବେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ ଏବଂ ଧର୍ମ ଅଧିକାରୀ ଉପାଧିପ୍ରାପ୍ତ ହୋଇ ଧର୍ମମାର୍ଗରେ ସମସ୍ତେ ପରିଚାଳିତ ହେବା ପାଇଁ ଉପଦେଶ ଦେଉଥିଲେ। ଜଗବନ୍ଧୁଙ୍କ ମୃତ୍ୟୁରେ ସମଗ୍ର ଜିଲାରେ ଶୋକର ଛାୟା ଖେଳିଯାଇଛି। ଶେଷଦର୍ଶନ ନିମନ୍ତେ ସ୍ୱର୍ଗତ ପାଢ଼ୀଙ୍କ ବାସଭବନରେ ଅନେକ ଲୋକଙ୍କ ଭିଡ଼ ଜମିଥିଲା। ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଗ୍ରାମ ଗ୍ରାମ ବୁଲାଇବା ପରେ ଈଶାନେଶ୍ୱର ଶ୍ମଶାନଘାଟରେ ଦାହ କରାଯାଇଥିଲା।


ଜଗବନ୍ଧୁ ପାଢ଼ୀ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କଣା କହେ ଦୋହରାରେ**
**ଦେଖ ଖଳିଆ ଚାଲିକି,**
**ତୁ ମୁଁ ଦିହେଁ ସାଙ୍ଗ ହେଲେ**
**ଗୋସେଇଁ ଖାଇବା କାଲିକି ।**

ସାଧାରଣତଃ କଣା ବଳଦ ଓ ଖଳିଆ ବଳଦ କୌଣସି କାମରେ ଲାଗନ୍ତି ନାହିଁ। ଏଭଳି ବଳଦ ନିଜ ମାଲିକଙ୍କ ଉପରେ ବୋଝ ହୋଇଥିବା ଜଣାଯାଇଥାଏ। ତେଣୁ ଏଭଳି ବଳଦ ପାଇଁ ମାଲିକ ବିଚରା ହନ୍ତସନ୍ତ ହେବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**କହି ଜାଣିଲେ**
**ବାର ହାତ କାକୁଡ଼ିର ତେର ହାତ ମଞ୍ଜି ।**

ଜଣେ ଯଦି ଭଲ କଥା କହିପାରେ, ତା'ହେଲେ ସେ ଖରାପ ଜିନିଷକୁ ମଧ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରିଦେଇପାରେ। ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବୋହୂ, ନାତୁଣୀ ମୃତ୍ୟୁ ପରେ ଶାଶୁ ମୃତ

**ମଙ୍ଗୁଳି-ଜଗତପୁର,୨୦।୨ (ମାନସ ସାମଲ)**

**ଜଗତପୁର ମହାଜନପୁରରେ ବାଣ ବିସ୍ଫୋରଣ ଘଟଣା**

**ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି**

କଟକ ଜିଲା ଜଗତପୁର ଥାନା ଅଧୀନ ମହାଜନପୁର ପଞ୍ଚାୟତ ନାୟକସାହିରେ ଗୁରୁବାର ରାତିରେ ବାଣ ବିସ୍ଫୋରଣରେ ଗୋବିନ୍ଦ ନାୟକଙ୍କ ବୋହୂ ଓ ୩ବର୍ଷର ନାତୁଣୀଙ୍କ ଜୀବନ ଯାଇଥିଲା। ଶୁକ୍ରବାର ସକାଳେ ଗୋବିନ୍ଦଙ୍କ ସ୍ତ୍ରୀ ପ୍ରଭାତୀ ନାୟକ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ପରେ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଘଟଣାକୁ ୨୪ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ଘଟଣାସ୍ଥଳରେ ଗୁରୁବାର ରାତିରୁ କେବଳ ୨ କନ୍‌ଷ୍ଟେବଲ ମୁତୟନ କରାଯାଇଛି। ପୋଲିସ ଗଣମାଧ୍ୟମ ସାମ୍ନାକୁ ନ ଆସିବା ପାଇଁ ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ସୂଚନା ମୁତାବକ, ଗୁରୁବାର ରାତି ପ୍ରାୟ ୭ଟାରେ ନାୟକସାହିରେ ହଠାତ୍ ଏକ ପ୍ରଚଣ୍ଡ ଶବ୍ଦ ହେବା ସହ କିଛି ସମୟ ସମ୍ପୃକ୍ତ ଅଞ୍ଚଳ ଧୂଆଁମୟ ହୋଇପଡ଼ିଥିଲା। କେତେଜଣଙ୍କ ଚିତ୍କାର ଶୁଭିଥିଲା। ସ୍ଥାନୀୟ ଲୋକେ ଦୌଡ଼ିଯାଇ ଦେଖିଥିଲେ ଯେ, ଜଣେ ଶିଶୁ ସମେତ ୩ଜଣ ଅର୍ଦ୍ଧଦଗ୍ଧ ଅବସ୍ଥାରେ ତଳେ ପଡ଼ିଛନ୍ତି। ଲୋକେ ସେମାନଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ପରେ ଲୋକେ ଗୁରୁତରମାନଙ୍କୁ ପିସିଆର୍ ଯୋଗେ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ସେଠାରେ ରାତି ପ୍ରାୟ ୧୧ଟାରେ ବୋହୂ ଲୁଲି ଓ ତାଙ୍କ କୁନିଝିଅଙ୍କ ଜୀବନ ଚାଲିଯାଇଥିଲା। ଏ ନେଇ ଜଗତପୁର ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ଫୋନ ଉଠାଇ ନ ଥିଲେ।

# ସ୍ୱାମୀ ହେବ ତ ଏମିତି

**ମୁମ୍ବାଇ:** ବଲିଉଡ୍‌ରୁ ହଲିଉଡ୍ ଯାଏ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ତାଙ୍କ ସ୍ୱାମୀ ନିକ୍ ଜୋନାସ୍‌ଙ୍କ ଯୋଡ଼ିକୁ ପ୍ରଶଂସକମାନେ ଖୁବ୍ ପସନ୍ଦ କରନ୍ତି। କାରଣ ଉଭୟ ପରସ୍ପରକୁ ସର୍ବଦା ସମର୍ଥନ କରୁଥିବା ଦେଖାଯାଏ। ବର୍ତ୍ତମାନ ପ୍ରିୟଙ୍କାଙ୍କ ଆଗାମୀ ଫିଲ୍ମ 'ଦ ବ୍ଲଫ୍'କୁ ନେଇ ଚର୍ଚ୍ଚା ହେଉଥିବା ବେଳେ ନିକ୍ ମଧ ଏହାର ପ୍ରମୋଶନରେ ବାହାରିଛନ୍ତି। ଯାହାକୁ ଦେଖି ଅନେକେ 'ସ୍ୱାମୀ ହେବ ତ ଏମିତି' ବୋଲି କହୁଥିବା ନଜର ଆସୁଛି।

ସମ୍ପୂର୍ଣ୍ଣ କଥାଟି ଏମିତି। ନିକଟରେ ନିକ୍ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ପ୍ରିୟଙ୍କାଙ୍କ ଫିଲ୍ମର ଚରିତ୍ରରୁ ଅନୁପ୍ରାଣିତ ହୋଇ ଏକ କକ୍‌ଟେଲ୍ ପ୍ରସ୍ତୁତ କରୁଛନ୍ତି। ଫିଲ୍ମରେ ପ୍ରିୟଙ୍କାଙ୍କ ଚରିତ୍ରର ନାମ 'ବ୍ଲଡି ମେରୀ' ହୋଇଥିବାରୁ, ନିକ୍ ଏହି ନାମରେ ଏକ ଡ୍ରିଙ୍କ ପ୍ରସ୍ତୁତ କରିଛନ୍ତି। ଏହି ସମୟରେ ସେ କହୁଛନ୍ତି, ଆମାଜନ ପ୍ରାଇମ୍‌ରେ ପ୍ରିୟଙ୍କାଙ୍କ ଫିଲ୍ମର ପ୍ରିମିୟର ହେବାକୁ ଯାଉଛି। ମୁଁ ଏହାକୁ ଦୁଇଥର ଦେଖିସାରିଛି ଏବଂ ଏହା ଚମତ୍କାର ହୋଇଛି।"

ତେବେ ଏହି ଭିଡିଓରେ ନିକ୍‌ଙ୍କ ପ୍ରମୋଶନଠାରୁ ଅଧିକ ଦୃଷ୍ଟି ଆକର୍ଷଣ କରିଛି ତାଙ୍କ ହାତରେ ଥିବା 'ମଙ୍ଗଳସୂତ୍ର ବ୍ରେସଲେଟ୍'। ଭାରତୀୟ ସଂସ୍କୃତି ପ୍ରତି ତାଙ୍କର ଏହି ଭଲପାଇବା ଦେଖି ପ୍ରଶଂସକମାନେ ତାଙ୍କୁ 'ଶ୍ରେଷ୍ଠ ଭିଣୋଇ' ଏବଂ ଉତ୍ତମ ଜୀବନସାଥୀ ବୋଲି କହୁଛନ୍ତି। ନିକ୍ ପ୍ରଥମେ ନିଜେ ସେହି ଡ୍ରିଙ୍କକୁ ଚାଖିବା ପରେ ପ୍ରିୟଙ୍କାଙ୍କୁ ଚଖାଇଥିଲେ, ଯାହା ଅଭିନେତ୍ରୀଙ୍କୁ ଖୁବ୍ ପସନ୍ଦ ଆସିଥିଲା।

ନିକ୍ ଏବଂ ପ୍ରିୟଙ୍କାଙ୍କ ବୈବାହିକ ଜୀବନ ଦେଖିଲେ ସେ ୨୦୧୮ ଡିସେମ୍ବରରେ ଯୋଧପୁରରେ ବିବାହ କରିଥିଲେ। ସରୋଗେସୀ ମାଧ୍ୟମରେ ତାଙ୍କର ଏକ କନ୍ୟା ସନ୍ତାନ ଅଛି, ତାଙ୍କ ନାମ ଦୁହେଁ ମାଲତି ମେରୀ ଚୋପ୍ରା ଜୋନାସ ରଖିଛନ୍ତି।


ନିକ୍ ଜୋନାସ୍

## ପ୍ରଥମ ପୃଷ୍ଠାରୁ...

### ଗାଁ ବିକାଶ, ଶିକ୍ଷା, ...

ଚାଷୀଙ୍କୁ ସମୟୋଚିତ ପୈଠ ଏବଂ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ୫ ହଜାର କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠି ଗଠନ ହେବ। ଆସନ୍ତା ୩ ବର୍ଷରେ ୧୧ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ କରିବାର ପ୍ରସ୍ତାବ ରହିଛି। ଚାଷୀ, ଜମି ମାଲିକ, ଭୂମିହୀନ ଏବଂ ସମ୍ବେଦନଶୀଳ ଜନଜାତି ପାଖରେ ଅତିରିକ୍ତ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀ କିଷାନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ୨୦୩୦ କୋଟି ଟଙ୍କା ରଖାଯାଇଛି। ଶ୍ରୀଅନ୍ନ ଅଭିଯାନ ପାଇଁ ୪ଶହ କୋଟି ଟଙ୍କା ରଖାଯାଇଛି। ଚିଙ୍ଗୁଡ଼ି ରପ୍ତାନିକୁ ବାର୍ଷିକ ୨ ଲକ୍ଷ ଟନ୍ ବୃଦ୍ଧିକରି ୧୨ ହଜାର କୋଟି ଟଙ୍କାର ଆୟ ଏବଂ ୨ ଲକ୍ଷରୁ ଅଧିକ ଚାଷୀଙ୍କ ନିଯୁକ୍ତି, ତାଲିମ ଓ ଉଚ୍ଚ ଆୟ ଲାଗି ଓଡ଼ିଶା ଚିଙ୍ଗୁଡ଼ି ମିଶନର ଶୁଭାରମ୍ଭ କରାଯାଇଛି। ସରକାର ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ମଧ ବିଶେଷ ଗୁରୁତ୍ୱ ଦେଇ ଚଳିତ ବଜେଟରେ ୨୩,୧୮୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନରେ ୫୦୦୮ କୋଟି, ନିର୍ମଳ ଯୋଜନାରେ ୯୮୬ କୋଟି, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୬୩୦୯ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ୧୯୫୮ କୋଟି, ନିରାମୟ ଯୋଜନାରେ ୭୮୬ କୋଟି, ନିଦାନ ପାଇଁ ୩୭୧ କୋଟି ଟଙ୍କା ରଖାଯାଇଛି। ଗୃହ ବିଭାଗ ଲାଗି ୧୧,୦୨୮ କୋଟି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଲାଗି ୩୪,୧୬୬ କୋଟି, ଜଳ ସମ୍ପଦ ବିଭାଗ ଲାଗି ୧୬,୪୮୮ କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଲାଗି ୩୧,୯୯୭ କୋଟି, ମହିଳା ଓ ଶିଶୁ ବିକାଶ ବିଭାଗ ଲାଗି ମୋଟ୍ ୧୬୧୫୨ କୋଟି ଟଙ୍କା ରଖାଯାଇଛି। ନଗର ଉନ୍ନୟନ ବିଭାଗ ଲାଗି ୧୦,୭୩୮ କୋଟି ଟଙ୍କା ରହିଛି। ଏହାସହ ଚିଲିକାର ପୁନରୁଦ୍ଧାର ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରାଶ୍ୟାଧିପତି ଦଶମ ସ୍ଥାନରେ ଆପଣଙ୍କୁ କର୍ମୋନ୍ନତି ଓ ବକେୟା ଅର୍ଥ, ସାମାଜିକ ସମ୍ମାନ ପ୍ରଦାନ କରିବେ। ଚତୁର୍ଥାଧିପତି ଶନିଙ୍କ ସହ ଦୁଃସ୍ଥାନରେ ଥିବାରୁ ପରିବାରରେ ମତାନ୍ତର ସୃଷ୍ଟି ହେବ। ଯାତ୍ରାକାଳୀନ ଅଜଣା ଲୋକଟିକୁ ସାହାଯ୍ୟ କରିବାକୁ ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବୃଷ**
ରାଶ୍ୟାଧିପତିଙ୍କ ଏକାଧିକ ଗ୍ରହ ସମ୍ପର୍କଜନିତ ଟେନ୍‌ସନ ବୃଦ୍ଧି କରିବ। କାମ ଚାପରେ ସାମାନ୍ୟ ବିଶ୍ରାମ କରିବାର ସୁଯୋଗ ପାଇବା କଷ୍ଟକର ହୋଇପାରେ। ଛୋଟ କଥାକୁ ବଡ଼ ଆକାରରେ ଚିନ୍ତାକରି ପରିବାରରେ କଳହ ଲାଗିପାରେ । ଚେଷ୍ଟା କରୁଥିବା ବ୍ୟକ୍ତିଗତ କାମରେ ସଫଳତା ପାଇବା ସହ ବୈଷୟିକ ଅଭିବୃଦ୍ଧି ଘଟିବ।

**ମିଥୁନ**
ପାପଗ୍ରହ କବଳରେ କବଳିତ ରାଶ୍ୟାଧିପ ବିଭିନ୍ନ ସମସ୍ୟା ଜାଲରେ ଛନ୍ଦି ହୋଇପାରନ୍ତି। ସମ୍ପର୍କୀୟଙ୍କ ଦ୍ୱାରା ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଜନକଲ୍ୟାଣ କାମ କରି ଆଦୃତ ହେବେ। ନିର୍ମାଣାଧୀନ କାମ, ଯାନ୍ତ୍ରିକ ଜିନିଷର ମରାମତି ଏବଂ ବୈବାହିକ ସମ୍ବନ୍ଧରେ ଫଳପ୍ରଦ ଆଲୋଚନା କରିପାରନ୍ତି।

**କର୍କଟ**
କେନ୍ଦ୍ରକୋଣାଧିପଙ୍କ ଦୃଷ୍ଟିଜନିତ କର୍ମକ୍ଷେତ୍ରରେ ବହୁତ ଦିନର ଆଶା ଓ ଅଭିଳାଷ ପୂରଣ ହେବ। ବ୍ୟକ୍ତିଗତ କାର୍ଯ୍ୟରେ ଅନିମନ୍ତ୍ରିତ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାତ୍ରାକାଳରେ ଯାନବାହନ ଚାଳନାରେ ସତର୍କ ରୁହନ୍ତୁ। ପାରିବାରିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେପରି କିଛି ହେବନି।

**ସିଂହ**
ସ୍ୱରାଶିସ୍ଥ ଚନ୍ଦ୍ର ଆପଣଙ୍କୁ ଖର୍ଚ୍ଚାନ୍ତ କରାଇ ଅସ୍ଥିରତା ମଧ୍ୟରେ ସମୟ କଟାଇବେ। ବିଶେଷ ଭ୍ରମଣ ହେତୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ବିବାଦୀୟ ଘଟଣାରେ ଆତ୍ମୀୟମାନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଇଚ୍ଛା ନ ଥାଇ ମଧ ଘର ଅପେକ୍ଷା ବାହାରେ ବେଶି ସମୟ କଟାଇବାକୁ ପଡ଼ିବ।

**କନ୍ୟା**
କର୍ମାଧିପତି ଶନି ଗୃହରେ ଅବସ୍ଥାନ କରିଥିବାରୁ ସାମାନ୍ୟ ବିଳମ୍ବରେ କାମ ହାସଲ କରିବେ। ସାମାଜିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ସ୍ୱାର୍ଥହାନିର ଆଳ ଦେଖାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା**
ମଙ୍ଗଳ ଓ ରାହୁଙ୍କ ସ୍ଥାନ ପ୍ରଭାବରେ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ । ବନ୍ଧୁଙ୍କ ନିକଟରୁ ଦ୍ରବ୍ୟଲାଭରୁ ଖୁସି ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ସୁପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ଆତ୍ମତୃପ୍ତି ଲଭିବେ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା**
କର୍ମସ୍ଥାନସ୍ଥ ଭାଗ୍ୟାଧିପତି ହେତୁ ମନ ଚାହିଁଲା ଭଳି କାମ କରିବା ସହ ଆଶା ପୂରଣ ହେବ। ଆଜି ଯାହା କରନ୍ତୁନା କାହିଁକି, ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ଏକଥା ସତ୍ୟ ଯେ, ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ସବୁ ଭଲ ହେଲେ ମଧ ଘରୋଇ କଳହକୁ ନେଇ ଅଶାନ୍ତି ଦେଖାଦେଇପାରେ।

**ଧନୁ**
ଆଜିର ଗ୍ରହସ୍ଥିତି ଅନୁସାରେ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ନିଜ ନିଜର ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଦାଉ ସାଧିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ମକର**
ଗ୍ରହସ୍ଥିତିର ଅନୁକୂଳତା ପ୍ରତ୍ୟେକ କାମ ସକାଶେ ସୁଫଳଦାୟୀ ରହିବ। ଯାହା ଚାହୁଁଛନ୍ତି ବନ୍ଧୁଙ୍କୁ ନିଃସଙ୍କୋଚରେ ନ କହିଲେ ସୁଯୋଗକୁ ଭବିଷ୍ୟତରେ ପାଇବେ ନାହିଁ। ସ୍ଥଗିତ କାମକୁ ପୂରା ଦମରେ କରିବାର ନିଷ୍ପତ୍ତି ନେଇ କୃତକାର୍ଯ୍ୟ ହେବେ। ମାନସିକ ଅସ୍ଥିରତା ମଧ୍ୟରେ ଭୋଗବିଳାସ, ବନ୍ଧୁଦର୍ଶନ, ଦ୍ରବ୍ୟଲାଭରୁ ଖୁସି ହୋଇପାରନ୍ତି।

**କୁମ୍ଭ**
ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇ ଖୁସି ହେବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବାରୁ ମନ ଭଲ ରହିବ । ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଇଚ୍ଛା ନ ଥିଲେ ମଧ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମୀନ**
ପରିବାର ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। କେତେକ ଘଟଣାରେ ପିଲାଙ୍କ କାର୍ଯ୍ୟକଳାପ ପସନ୍ଦଯୋଗ୍ୟ ହୋଇ ନ ପାରେ। ବନ୍ଧୁଗହଣରେ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ରାଜନୀତି, କଳା, ସାହିତ୍ୟ, ସଭାସମିତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ।

ଆଜି ଫେବୃଆରୀ ୨୧ ତାରିଖ, ବିଶ୍ୱ ମାତୃଭାଷା ଦିବସ, ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ, ଶନିବାର, ରାଶିନକ୍ଷତ୍ର-ରେବତୀ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଏବଂ ୫ମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୩୪ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୮ ଗତେ ଘ.୧୦।୩୪ ମଧ୍ୟେ ରାହୁ କାଳ।

# ୫୪ ନମ୍ବର ପ୍ରକୋଷ୍ଠରେ ରାଜ୍ୟ ସଭା ନିର୍ବାଚନ

## ନିଯୁକ୍ତ ହେଲେ ରିଟର୍ନିଂ ଅଫିସର

ଭୁବନେଶ୍ୱର,୨୦।୨ (ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନ ଲାଗି ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଫେବୃଆରୀ ୧୮ରେ ଇସିଆଇଙ୍କ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ମାର୍ଚ୍ଚ ୧୬ରେ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସମେତ ୧୦ ରାଜ୍ୟ ପାଇଁ ରିଟର୍ନିଂ ଅଫିସର(ଆର୍‌ଓ) ଏବଂ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର(ଏଆର୍‌ଓ) ନିଯୁକ୍ତ କରାଯାଇଛି। ଇସିଆଇଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପୀନାଥ କୁଅଁର ଓଡ଼ିଶା ବିଧାନସଭା ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। କୁଅଁର ଦେଇଥିବା ପତ୍ର ଅନୁଯାୟୀ, ରାଜ୍ୟ ସଭା ନିର୍ବାଚନ ଲାଗି ରିଟର୍ନିଂ ଅଫିସର ଭାବେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଏବଂ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର ଭାବେ ଯୁଗ୍ମ ସଚିବ ବିଦ୍ୟାଧର ମାଝୀଙ୍କୁ ନିଯୁକ୍ତ କରାଯାଇଛି। ବିଧାନସଭାର ପ୍ରଥମ ମହଲା ତଥା ୫୪ ନମ୍ବର ପ୍ରକୋଷ୍ଠରେ ରାଜ୍ୟ ସଭା ନିର୍ବାଚନ ଅନୁଷ୍ଠିତ ହେବ।

ତଥ୍ୟ ଅନୁଯାୟୀ, ଦେଶର ୧୦ଟି ରାଜ୍ୟରେ ୩୭ ଜଣ ଏମ୍‌ପିଙ୍କ ଅବଧି ଏପ୍ରିଲରେ ଶେଷ ହେଉଛି। ଏହି ପଦ ପୂରଣ ପାଇଁ ଫେବୃଆରୀ ୨୬ରେ ବିଜ୍ଞପ୍ତି ଜାରି ହେବ। ମାର୍ଚ୍ଚ ୫ରେ ରାଜ୍ୟ ସଭା ସଦସ୍ୟ ଲାଗି ନାମାଙ୍କନପତ୍ର ଦାଖଲ କରିବାକୁ ରହିଥିବାବେଳେ ୬ରେ ଯାଞ୍ଚ ଏବଂ ୯ ତାରିଖ ପ୍ରତ୍ୟାହାରର ଶେଷଦିନ ରହିଛି। ମାର୍ଚ୍ଚ ୧୬ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ମଧ୍ୟରେ ଭୋଟ ହେବ। ୫ଟା ପର୍ଯ୍ୟନ୍ତ ଗଣନା କରାଯିବ। ୨୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷହେବ ବୋଲି ଜଣାଯାଇଛି। ତେବେ ଏହି ନିର୍ବାଚନ ମଇଦାନରେ ଦେଶର ୧୦ଟି ରାଜ୍ୟରୁ ୩୭ ଜଣ ରହିଥିବାବେଳେ ଓଡ଼ିଶାର ୪ ଜଣ ରହିଛନ୍ତି। ସୂଚନା ଯୋଗ୍ୟ, ଏପ୍ରିଲ ୨ରେ ଓଡ଼ିଶାର ଏମ୍‌ପି ମମତା ମହନ୍ତ, ମୁଜିବୁଲ୍ଲା ଖାନ୍, ସୁଜିତ୍ କୁମାର ଏବଂ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଉକ୍ତ ପଦସବୁ ପୂରଣ ପାଇଁ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ନିର୍ବାଚନ ହେବ। ତେବେ ଏହାକୁ ନେଇ ଏବେ ଆର୍‌ଓଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

# ପରିତ୍ୟକ୍ତ ସ୍ଥାନରୁ ମିଳିଲା ନବଜାତ ଶିଶୁପୁତ୍ର ମୃତଦେହ

- ମୃତଦେହକୁ କେହି ଫୋପାଡ଼ି ଚାଲିଯାଇଥିବା ସନ୍ଦେହ
- ମାମଲା ରୁଜୁକରି ତଦନ୍ତକରୁଛି ଟାଉନ ଥାନା ପୋଲିସ

ରାୟଗଡ଼ା,୨୦।୨ (ଆଶିଷ ରଞ୍ଜନ ପଣ୍ଡା)

ନବଜାତକଙ୍କ ମୃତ୍ୟୁ ହେବାପରେ ମୃତଦେହ ସତ୍କାର ବଦଳରେ ଏଣେତେଣେ ଫୋପାଡ଼ିବା ରାୟଗଡ଼ାରେ ଏବେ ସାଧାରଣ କଥା ପାଲଟିଗଲାଣି। ଶୁକ୍ରବାର ସକାଳୁ ପୁଣି ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ରାୟଗଡ଼ା ସହରର ଗୋଦାବରୀଶ ନଗର ତଥା ରାୟଗଡ଼ା କଲେଜ ପଛ ପାର୍ଶ୍ୱରେ ରାସ୍ତାକଡ଼ରେ ଜଣେ ନବଜାତ ଶିଶୁପୁତ୍ରଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। କେହି ମୃତ ଶିଶୁକୁ ସେଠାରେ ଛାଡ଼ିଯାଇଥିବା ଅଭିଯୋଗ ହୋଇଛି। ସକାଳୁ ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ରାୟଗଡ଼ା ଟାଉନ ଥାନା ପୋଲିସ ପହଞ୍ଚି ମୃତ ଶିଶୁ ପୁତ୍ରକୁ ଉଦ୍ଧାରକରିବା ସହ ଘଟଣାର ତଦନ୍ତ କରୁଛି। ମୃତ ସନ୍ତାନ ଜନ୍ମ ହୋଇଥିଲା ନା କେହି ଫୋପାଡ଼ିବା ପରେ ନବଜାତ ଶିଶୁର ମୃତ୍ୟୁ ହୋଇଛି ତାହାର ତଦନ୍ତ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ପ୍ରଶାସନ ଏହି ସମସ୍ୟା ସମାଧାନ ପାଇଁ ସଚେତନ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ଛୁଆକୁ କେନାଲରୁ କାଢ଼ିଲା ମା' ହାତୀ

କେନ୍ଦୁଝର,୨୦।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ରେଞ୍ଜ ବରଦାପାଳ ଗ୍ରାମରେ କ୍ଷୁଦ୍ର ଜଳସେଚନ ବିଭାଗ କେନାଲ ରାସ୍ତାରେ ଗୁରୁବାର ରାତିରେ ରୋମାଞ୍ଚକର ଦୃଶ୍ୟ ଦେଖିବାକୁ ମିଳିଥିଲା। ଅଞ୍ଚଳରେ ହାତୀପଲ ବୁଲୁଥିବା ବେଳେ ପଲରୁ ଏକ ଛୁଆହାତୀ କେନାଲକୁ ଖସିପଡ଼ିଥିଲା। ସେ ସମୟରେ ମା'ହାତୀ ଶୁଣ୍ଢ ବଢ଼ାଇ ଛୁଆକୁ ଉଦ୍ଧାର କରିଥିଲା। ହାତୀପଲ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଏ ସମସ୍ତ ଦୃଶ୍ୟକୁ ଦୂରରୁ ଲୋକେ ଭିଡିଓ କରିଥିଲେ। ତାହା ଭାଇରାଲ ହେବା ପରେ ଲୋକଲୋଚନକୁ ଆସିଛି।

ପ୍ରକାଶ ଯେ, ହାତୀପଲ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ ଓ ସଦର ରେଞ୍ଜ ସୀମାରେ ରହୁଛନ୍ତି। ସନ୍ଧ୍ୟା ହେଲେ ଖାଦ୍ୟ ସନ୍ଧାନରେ ବାହାରି ବୁଲୁଛନ୍ତି। ଗୁରୁବାର ରାତିରେ ୧୭ ଟିକିଆ ହାତୀ ପଲକୁ ଲୋକମାନେ ରାତି ଅନିଦ୍ରା ହୋଇ ଘଉଡ଼ାଇବା ଯୋଗୁ ସେମାନେ ବରଦାପାଳ ଗ୍ରାମରୁ କ୍ଷୁଦ୍ର ଜଳସେଚନ ବିଭାଗ କେନାଲ ରାସ୍ତାରେ କେନ୍ଦୁପଶି ଗ୍ରାମକୁ ଯାଇଥିଲେ। ଉକ୍ତ ଦଳରେ ୨ଟି ଛୁଆ ହାତୀ ଥିବା ବେଳେ କେନାଲରେ ଯାଉଥିବା ସମୟରେ ଏକ ହାତୀଛୁଆ ପାଣିରେ ପଡ଼ିଯାଇଥିଲା। ଏହି ସମୟରେ ମାଆ ହାତୀ ଓ ହାତୀପଲ ଛୁଆକୁ ଶୁଣ୍ଢରେ ଉଦ୍ଧାର କରିଥିଲେ। ରାତିରେ ଏହି ଦୃଶ୍ୟ ଦୂରରୁ ଲୋକମାନେ ଦେଖି ଭିଡିଓ କରିଥିବା ବେଳେ ତାହା ଏବେ ଭାଇରାଲ ହେଉଛି। ହାତୀପଲ ସେଠାରୁ କେନ୍ଦୁପଶି ଗ୍ରାମ ଦେଇ ନୂଆଗାଁ, ବିସ୍ତାପାଳ ଗ୍ରାମ ଦେଇ ମଙ୍ଗଳାପଶି ଗ୍ରାମ ନିକଟ ଜଙ୍ଗଲରେ ରହିଛନ୍ତି। ଏ ନେଇ ରେଞ୍ଜ ଅଧିକାରୀ ଅଜିତ ଦାସ କହିଛନ୍ତି, ଛୁଆହାତୀର ସେଭଳି କିଛି ହୋଇନାହିଁ। ଉକ୍ତ ଦଳରେ ୨ ଛୁଆ ହାତୀ ବ୍ୟତୀତ ୧୧ ମାଈ ଓ ୪ ଦନ୍ତାହାତୀ ଅଛନ୍ତି। ସେମାନଙ୍କ ଗତିବିଧି ଉପରେ ବନ ବିଭାଗ କର୍ମଚାରୀ ନଜର ରଖିଛନ୍ତି। ତାଙ୍କ ପାଖକୁ ନ ଯିବାକୁ ଓ ନ ଘଉଡ଼ାଇବାକୁ ଲୋକଙ୍କୁ ସଚେତନ କରାଯାଉଛି।

# ଇଣ୍ଟିଗ୍ରେଟେଡ୍ ବି.ଏଡ୍ ନାମଲେଖା ପାଇଁ ନ୍ୟାଶନାଲ କମନ ଏଣ୍ଟ୍ରାନ୍ସ ଟେଷ୍ଟ

## ମାର୍ଚ୍ଚ ୧୦ ଯାଏ ଆବେଦନ

ଭୁବନେଶ୍ୱର,୨୦।୨ (ସୁଚିସ୍ମିତା ସାହୁ)

୨୦୨୬-୨୭ ଶିକ୍ଷା ବର୍ଷରେ ୪ ବର୍ଷିଆ ବି.ଏଡ୍ (ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେଶନ ପ୍ରୋଗ୍ରାମ)ରେ ନାମଲେଖା ପାଇଁ ନ୍ୟାଶନାଲ କମନ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ସିଇଟି) କରାଯିବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଜାରିନୋଟିସ ଅନୁସାରେ, ଏନ୍‌ସିଇଟି-୨୦୨୬ ପ୍ରବେଶିକା ପରୀକ୍ଷା ପାଇଁ ଅନ୍‌ଲାଇନ ଆବେଦନ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରବେଶିକା ପରୀକ୍ଷା ୧୭ ଏପ୍ରିଲରେ ଅନୁଷ୍ଠିତ ହେବ। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୫ଟି ବିଶ୍ୱବିଦ୍ୟାଳୟ ଏବଂ ୮ଟି ସରକାରୀ ମହାବିଦ୍ୟାଳୟରେ ୪ ବର୍ଷିଆ ବି.ଏଡ୍. ପାଇଁ ସମୁଦାୟ ୧୩୦୦ଟି ସିଟ୍ ରହିଛି। ଏହି ସମସ୍ତ ସିଟ୍‌ରେ ଆଡ୍‌ମିଶନ ଏନ୍‌ସିଇଟି ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ କରାଯିବ। ଏନ୍‌ସିଇଟି ପର୍ସେଣ୍ଟାଇଲ ଆଧାରରେ ତାଲିକା ପ୍ରକାଶ ପାଇବ ଓ ଯୋଗ୍ୟ ପ୍ରାର୍ଥୀମାନେ ସାମ୍ସ ପୋର୍ଟାଲ ମାଧ୍ୟମରେ ଆବେଦନ କରି ନିଜ ପସନ୍ଦର ଅନୁଷ୍ଠାନ ବାଛିପାରିବେ।

ପ୍ରକାଶଯୋଗ୍ୟ ଯେ, ଯୁକ୍ତ ୨ ପରେ ଛାତ୍ରୀଛାତ୍ରମାନେ ସିଧାସଳଖ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେଶନ ପ୍ରୋଗାମ ପାଠ୍ୟକ୍ରମ (ବି.ଏଡ୍)ରେ ନାମଲେଖାଇ ୪ ବର୍ଷରେ ସ୍ନାତକ ସହ ବି.ଏଡ୍ କୋର୍ସ ଶେଷ କରିପାରିବେ। ତେବେ ୨୦୨୬-୨୭ ଶିକ୍ଷା ବର୍ଷରେ ଦୁଇ ବର୍ଷିଆ ବି.ଏଡ୍. ଏମ.ଏଡ୍ ଓ ବିଏଡ୍‌ଏଡ୍ କୋର୍ସ ପାଇଁ ପ୍ରବେଶିକା ପରୀକ୍ଷା ପୂର୍ବପରି ଷ୍ଟେଟ ସିଲେକ୍ସନ ବୋର୍ଡ଼ ଦ୍ୱାରା କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ




ମାତୃଭାଷା, ଯାହାକୁ ଶିଖି ମଣିଷ ବଡ଼ ହୋଇଥାଏ। ଆଉ ଏହାକୁ ମଣିଷର ଆଦ୍ୟ ପରିଚୟ କୁହାଯାଏ। ପ୍ରକୃତପକ୍ଷେ ନିଜ ମାତୃଭାଷା ପାଇଁ ବ୍ୟକ୍ତିଟିଏ ସମାଜରେ ସ୍ୱତନ୍ତ୍ର ପରିଚୟ ପାଇଥାଏ। ୨୦୦୦ ମସିହାରୁ ପାଳିତ ହୋଇଆସୁଥିବା ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା...

ରିପୋର୍ଟ: ସୌମ୍ୟରଞ୍ଜନ ରାଉତ

### ମାତୃଭାଷା ବିନା ନିଜକୁ ବିଶ୍ଳେଷଣକରିବା ଅସମ୍ଭବ



ମା' ପରି ମାତୃଭାଷା ଆମର ପ୍ରଥମ ପରିଚୟ। ମାତୃଭାଷା ଜନ୍ମରୁ ଆମ ଆତ୍ମା ସହ ଜଡ଼ିତ। ପୃଥିବୀରେ ଅନେକ ଭାଷା ରହିଛି। ଅଧିକାଂଶ ଭାଷା ସହ ଆମର ପରିଚୟ ହେଉ ମାତ୍ର ସେ ସମସ୍ତ ଭାଷାକୁ ବୁଝିବାକୁ ହେଲେ ପ୍ରଥମେ ନିଜ ମାତୃଭାଷା ମନରେ ଆସିଥାଏ। ସେଥିପାଇଁ ମାତୃଭାଷା ବିନା ନିଜକୁ ବିଶ୍ଳେଷଣକରିବା ଅସମ୍ଭବ। ବିଶ୍ୱ ମାତୃଭାଷା ଦିବସଟି ଆମକୁ ଏତିକି ସ୍ମରଣ କରାଏ ଯେ ନିଜ ଭାଷାକୁ ସମ୍ମାନଦେବା।

- ଡ. ହିମାଦ୍ରି ତନୟା ମିଶ୍ର, ସହଯୋଗୀ ଗବେଷିକା, ଭାରତୀୟ ଭାଷା ସଂସ୍ଥାନ, ଭୁବନେଶ୍ୱର

### ମାତୃଭାଷା ବିନା ପରିଚୟ କାହିଁ



ମାତୃଭୂମି ନ ଥିଲେ ବଞ୍ଚିବାର ରାହା କାହିଁ? ମାତୃଭାଷା ବିନା ପରିଚୟ କାହିଁ? ମାଆ ନ ଥିଲେ ଜୀବନ କାହିଁ? ମାତୃଭୂମି, ମାତୃଭାଷା ଆଉ ଜନ୍ମଦାତ୍ରୀ ମାଆ ଆମ ପାଇଁ ମାଟି, ପାଣି, ଆଉ ପବନ ସଦୃଶ। ମାଆକୁ ମାଆ ବୋଲି ଡାକିବା ପାଇଁ ମାତୃଭାଷାଟିଏ ଲୋଡ଼ା। ଏଣୁ ଆମ ମାତୃଭାଷା ଆମ ରାଜ୍ୟର ଆତ୍ମା ସଦୃଶ। ଏହାକୁ ହୃଦୟରୁ ଭଲପାଇବା ଓ ବଞ୍ଚେଇ ରଖିବା ଆମର ମୂଳଲକ୍ଷ୍ୟ ହେବା ଆବଶ୍ୟକ।

- ବୀରେନ୍ଦ୍ର ନାୟକ, ଗବେଷକ ଇଂଲିଶ ଭାଷା ଓ ସାହିତ୍ୟ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

### ନିଜ ଭାଷାରେ ଉନ୍ନତି ଲାଗି ପ୍ରୟାସ ଜରୁରୀ



ମା' ପେଟରେ ଶିଶୁଟିଏ ବଢ଼ିବା ବେଳେ ଯେଉଁ ଭାଷା ସହ ଯୋଡ଼ିହୋଇଥାଏ, ତାହା ହିଁ ମାତୃଭାଷା। ମା' ଗର୍ଭରୁ ଭୂମିର ସ୍ପର୍ଶ ନେବା ପରେ ପରିବାରର ସମସ୍ତ ସଦସ୍ୟଙ୍କ ସହ ତା'ର ବାଲ୍ୟଜୀବନ କଟିବା ସମୟରେ ମାତୃଭାଷା ସହ ଜଡ଼ିତ ହୋଇଯାଇଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ଭାଷାର ଉନ୍ନତି ଲାଗି ପ୍ରୟାସ କରିବା ଜରୁରୀ।

- ବିମଳା ସିଂ, ସାହିତ୍ୟିକା, ଭୁବନେଶ୍ୱର

### ଦେଶ ବିଦେଶରେ ମା' ଓଡ଼ିଆ ଭାଷାରେ ଟେକ ରଖିଛି



ଆଜିର ଦିବସ ଆମକୁ ମାତୃଭାଷାର ମହକ, ମିଠାପଣକୁ ମନେପକାଇଦିଏ। ଆଉ କହେ ଯେ, ମାତୃଭାଷାକୁ ଅଣଦେଖା କି ଅବହେଳା କରନାହିଁ। ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ଜଣେ ବହୁଭାଷୀ ଓ ଭାଷାବିତ୍ ଭାବରେ ଏବେ ହିଁ ୧୦/୧୨ଟି ଭାଷାକୁ ନେଇ ଲେଖେ, ବ୍ୟାକରଣ ଅନୁଶୀଳନ କରେ। କିନ୍ତୁ ଦେଶ ବିଦେଶରେ ସବୁଠି ମୋ ଓଡ଼ିଆ ଭାଷାରେ ଟେକ ରଖିଛି ଆସିଛି। ଏଥିସହ ତାହାର ବିଜୟ ବୈଜୟନ୍ତୀ ଉଡ଼ାଇଆସିଛି।

- ଡ. ଦେବାଶିଷ ମହାପାତ୍ର, ଭାଷା ବିଜ୍ଞାନୀ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର

# କମ୍ପାନୀ ମେସ୍‌ରେ ଛୁରି ଭୁସି ଶ୍ରମିକଙ୍କୁ ହତ୍ୟା

## ଛୁରି ଜବତ, ଅଭିଯୁକ୍ତ ଅଟକ

ବାଘମାରୀ,୨୦।୨ (ମିହିର ରଞ୍ଜନ ମହାପାତ୍ର)



ଅଟକ ଶ୍ରମିକ ସୁନୀଲ ମିଶ୍ରା।

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଧୀନ ସାରୁଅ ଶିଳ୍ପାଞ୍ଚଳରେ ଥିବା ନ୍ୟୁ ଲକ୍ଷ୍ମୀ ଷ୍ଟିଲ୍ କମ୍ପାନୀ ମେସ୍‌ରେ ଶୁକ୍ରବାର ଜଣେ ଶ୍ରମିକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତକ ହେଲେ ଭଦ୍ରକ ଅଞ୍ଚଳର ମନୋଜ ତରାଇ(୪୨)। ବିହାରୀ ଶ୍ରମିକ ସୁନୀଲ ମିଶ୍ରା ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୫୨/୨୬) ରୁଜୁ କରିବା ସହ ଅଭିଯୁକ୍ତ ସୁନୀଲଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଛି। ତେବେ ଛୁରାମାଡ଼ର କାରଣ ଅସ୍ପଷ୍ଟ ରହିଛି। ତଦନ୍ତ ପରେ କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି।

ସୂଚନା ମୁତାବକ, ଏହି କମ୍ପାନୀ ପରିସରରେ ଥିବା ଏକ ମେସ୍‌ରେ ମନୋଜ, ସୁନୀଲଙ୍କ ସହ ଅନ୍ୟମାନେ ରୁହନ୍ତି। ଶୁକ୍ରବାର ମଧ୍ୟାହ୍ନ ୧୨ଟା ୩୦ରେ କୌଣସି କାରଣକୁ ନେଇ ମନୋଜ ଏବଂ ସୁନୀଲଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁନୀଲ ଏକ ଛୁରିରେ ମନୋଜଙ୍କ ପେଟକୁ ଭୁସି ଦେଇଥିଲେ। ମନୋଜଙ୍କ ଚିତ୍କାର ଶୁଣି ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ରକ୍ତ ଜୁବୁଜୁବୁ ଅବସ୍ଥାରେ ମନୋଜଙ୍କୁ କମ୍ପାନୀ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଘମାରୀ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ସମେତ ଆଡିସିନାଲ ଏସ୍‌ପି ଶ୍ରୀନିବାସ ମହାନ୍ତି, ଡିଏସ୍‌ପି ଅନିଲ କୁମାର ମହାନ୍ତି ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ।

# ମାଟି ଅତଡ଼ା ଖସି ଶ୍ରମିକଙ୍କ ମୃତ୍ୟୁ

## ଜଳ ସିଞ୍ଚନ ପ୍ରକଳ୍ପ କାର୍ଯ୍ୟରେ ଅଘଟଣ

ଆନନ୍ଦପୁର,୨୦।୨ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବୁଢ଼ୀକୁଦ ଗାଁ ନିକଟରେ ଚାଲିଥିବା ଜମିକୁ ଜଳ ସିଞ୍ଚନ ପ୍ରକଳ୍ପ କାର୍ଯ୍ୟରେ ଶୁକ୍ରବାର ଅଘଟଣ ଘଟିଛି। ୧୫ ଫୁଟ୍ ଗାତରେ ପାଇପ୍ ଖଞ୍ଜା କାମ ସମୟରେ ମାଟି ଅତଡ଼ା ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ସନ୍ତୋଷପୁର ଗାଁର ସୁଦର୍ଶନ ନାଏକ। ଗୁରୁତର ଶ୍ରମିକ ହେଲେ କୁନା ନାଏକ। ମୃତକଙ୍କ ବାପା ସୁଶାନ୍ତ ନାଏକ ଠିକାସଂସ୍ଥାକୁ ଦାୟୀକରି ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ବୁଢ଼ୀକୁଦ ଗାଁ ନିକଟରେ ଠିକାସଂସ୍ଥା ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ୧୫ଫୁଟ୍ ଗଭୀର ଗାତରେ ପାଇପ୍‌ଲାଇନ ଖଞ୍ଜା କାମ ଚାଲିଥିଲା। ଏହି ସମୟରେ ମାଟି ଅତଡ଼ା ଖସି ସୁଦର୍ଶନ ଓ କୁନାଙ୍କ ଉପରେ ପଡ଼ିଥିଲା। ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ପରିବାର ଲୋକେ ଠିକାସଂସ୍ଥାକୁ ଦାୟୀ କରିଛନ୍ତି। ବିନା ସୁରକ୍ଷାରେ ଶ୍ରମିକମାନେ ଗର୍ତ୍ତରେ ପଶି ନିଜ ଜୀବନକୁ ବିପଦରେ ପକାଇ ପାଇପ୍‌ଲାଇନ ଖଞ୍ଜୁଥିଲେ। କମ୍ପାନୀର ଏଭଳି ଖାମଖିଆଲି ମନୋଭାବ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଆନନ୍ଦପୁର ଥାନା ଏଏସ୍‌ଆଇ ନାରାୟଣ ପ୍ରସାଦ ମହାପାତ୍ର କହିଛନ୍ତି, ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି।

10001/74/2526
NACO OSACS
ନିୟମର ଉଲ୍ଲଂଘନ :
ଏଚ୍‌ଆଇଭି ସଂକ୍ରମିତଙ୍କ ବିରୋଧରେ ଭେଦଭାବ, ଘୃଣା କିମ୍ବା ହିଂସା
ଲୋକପାଳଙ୍କ ଆଦେଶ ଅନୁସରଣ ନ କରିବା
ଆଇନଗତ ପ୍ରକ୍ରିୟାରେ ଗୋପନୀୟତାର ଉଲ୍ଲଂଘନ
ଡାକ୍ତରଖାନା, କାର୍ଯ୍ୟାଳୟ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ପରି ସର୍ବସାଧାରଣ ସ୍ଥାନରେ ଭେଦଭାବ କରିପାରିବେ ନାହିଁ।
ଦଣ୍ଡ :
ତିନି ମାସରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ କିମ୍ବା ସର୍ବାଧିକ ଟ. 1 ଲକ୍ଷର ଜରିମାନା କିମ୍ବା ଉଭୟ। ସର୍ବାଧିକ ଟ.10,000 ଜରିମାନା ଏବଂ ଏହା ପରେ ଉଲ୍ଲଂଘନ କଲେ ଦୈନିକ ଟ. 5,000 ଜରିମାନା ହୋଇପାରେ।
ଏଚଆଇଭି / ଏଡ୍‌ସ ଆଇନ 2017 ରେ ଆପଣଙ୍କ ଅଧିକାର ଜାଣନ୍ତୁ
AIDS Helpline 1097
जानें समझें, जुग-जुग जीयें! ଜାଣନ୍ତୁ, ବୁଝନ୍ତୁ, ସୁସ୍ଥ ରୁହନ୍ତୁ।
OIPR-10001/10060/2/25-26/0005
ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ। Follow us on: BREAKFREE https://breakfreeindia.org

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
3 Year Experience
B.TECH IN ELECTRICAL
Job at Bhubaneswar
9938060592
9938237545, 8658646126

ଡ୍ରାଇଭର/ଷ୍ଟାଫ୍ ଆବଶ୍ୟକ
ଭୁବନେଶ୍ୱରରେ କନ୍‌ଷ୍ଟ୍ରକ୍ସନ ଅଫିସ୍‌ରେ କାର୍ଯ୍ୟ ପାଇଁ Experience Manager, Accountant, Data Entry Operator, Driver, Cooker ଓ ଅନ୍ୟାନ୍ୟ ଷ୍ଟାଫ୍ ଆବଶ୍ୟକ। ରହିବା, ଖାଇବା ପାଇଁ ସୁବିଧା ଅଛି।
ଯୋଗାଯୋଗ: 9937499625

Admissions Open Nursery to Class VIII
TEACHERS REQUIRED
Walk-in with resume on 27th and 28th February 2026, 10 AM-2 PM at Deb International School, Dehurda, Bhograi, Balasore
Contact: 9938522033, 9938558877

JOB VACANCY
MARKETING EXECUTIVE in Bhubaneswar (10 Nos.) required for Free Online Seller Registration Camp. Interested candidates may send their resume to:
BHABANI.BEHERA@MYYAHOO.COM

ଆବଶ୍ୟକ
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

REQUIRED
Required MARKETING STAFF for Housing, Lap, Vehicle, Cash Credit, GST Loan from Nationalized Bank on Commission basis.
Send resume at :
rajugandhi009@gmail.com

Your classified advertisement published in Dharitri will be listed free in Dharitri online edition :
www.dharitri.com

See Career Appointment on every Wednesday & Saturday

ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ପାଟନା
Indian Institute of Technology Patna
ନିଯୁକ୍ତି ବିଜ୍ଞପ୍ତି
ଆଇଆଇଟି ପାଟନା ଭାରତୀୟ ନାଗରିକଙ୍କଠାରୁ ନିର୍ଦ୍ଧାରିତ ଫର୍ମାଟରେ ଆଇଆଇଟି ପାଟନାର ସ୍ପୋର୍ଟସ୍ ୟୁନିଟ୍‌ରେ ଅସ୍ଥାୟୀ ଚୁକ୍ତିଭିତ୍ତିକ/ଆଂଶିକ-ସମୟ କ୍ରୀଡ଼ା ପ୍ରଶିକ୍ଷକ (କୋଚ୍) ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛି । ସମସ୍ତ ପ୍ରମାଣପତ୍ର/ମାନପତ୍ର ଆଦିର ନକଲ ସହ ଦରଖାସ୍ତ "କ୍ରୀଡ଼ା ଅଧିକାରୀ, ଜିମ୍‌ଖାନା ବିଲଡିଂ, ଆଇଆଇଟି ପାଟନା, ବିହଟା, ପାଟନା-୮୦୧୧୦୬"ଙ୍କ ନିକଟରେ ୫ ମାର୍ଚ୍ଚ, ୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ ।
ଆବେଦନ ଫର୍ମ ଓ ସବିଶେଷ ବିଜ୍ଞାପନ ପାଇଁ ଦୟାକରି ନୋଟିସ୍ ବୋର୍ଡ ସେକ୍ସନ୍ ଅଧୀନରେ ୱେବ୍‌ସାଇଟ୍ www.iitp.ac.in ପରିଦର୍ଶନ କରନ୍ତୁ।
ଏଡିଭି:- ଆଇଆଇଟିପି/ସ୍ପୋର୍ଟସ୍/୨୦୨୫-୨୬/୩୧ ନିବନ୍ଧକ
cbc 21366/12/0002/2526

पूर्वोत्तर आयुर्वेद एवं होम्योपैथी संस्थान
NORTH EASTERN INSTITUTE OF AYURVEDA & HOMOEOPATHY
(An Autonomous institute under the Ministry of Ayush, Govt. of India)
Mawdiangdiang, Shillong, Meghalaya – 793018
Advt. No. EST.13/2/2025-Administration Division/H-3106
शिलांग स्थित एनईआईएएच में निदेशक पद के लिए विज्ञापन।
Advertisement for the post of Director, NEIAH, Shillong –reg.
Ref. No. L.12019/6/2025-AS (Ministry of Ayush) dated 02, February, 2026
भारत सरकार के आयुष मंत्रालय के अधीन एक स्वायत्त निकाय, पूर्वोत्तर आयुर्वेद एवं होम्योपैथी संस्थान (NEIAH), शिलांग में निदेशक के पद को भरने के लिए पात्र उम्मीदवारों से दो प्रतियों में आवेदन आमंत्रित किए जाते हैं। यह पद प्रतिनियुक्ति (अनुबंध सहित) आधार पर 5 वर्ष की अवधि के लिए या सेवानिवृत्ति की तिथि तक या सरकार द्वारा निर्धारित तिथि तक, जो भी पहले हो, भरा जाएगा। पद के लिए पात्रता शर्तें और निर्धारित आवेदन प्रारूप से संबंधित विवरण मंत्रालय की वेबसाइट www.ayush.gov.in और पूर्वोत्तर आयुर्वेद एवं होम्योपैथी संस्थान की वेबसाइट www.neiah.nic.in पर उपलब्ध हैं।
Applications are invited, in duplicate, from eligible candidates for filling up the post of Director, North Eastern Institute of Ayurveda and Homoeopathy (NEIAH), Shillong, an autonomous body under the Ministry of Ayush, Government of India to be filled-up on deputation including contract basis for a tenure of 5 years or till the date of retirement or as decided by the Government, whichever is the earliest. The details regarding eligibility conditions for the post and prescribed application format, are available in the website of Ministry www.ayush.gov.in and North Eastern Institute of Ayurveda and Homoeopathy www.neiah.nic.in .
निर्धारित प्रारूप में भरा हुआ और सभी प्रकार से पूर्ण आवेदन पत्र उचित माध्यम से श्री अब्दुल सादिक खान, अवर सचिव (आयुर्वेद), आयुष मंत्रालय, भारत सरकार, आयुष भवन, बी-ब्लॉक, जीपीओ कॉम्प्लेक्स, आईएनए, नई दिल्ली-110023 को रोजगार समाचार में इस पद के विज्ञापन के प्रकाशन की तिथि से 45 दिनों के भीतर पहुंच जाना चाहिए।
The application in the prescribed proforma complete in all respect should reach through proper channel to Shri Abdul Sadiq Khan, Under Secretary (Ayurveda), Ministry of Ayush, Govt. of India, Ayush Bhawan, B-Block, GPO complex, INA, New Delhi-110023 within 45 days from the date of publication of the Advertisement for this post in Employment News/Rozgar Samachar.
Sd/-
उप-निदेशक (प्रशा.) / Deputy Director(Admn)
पू.आ.हो.सं. शिलांग / NEIAH, Shillong
cbc 17217/12/0006/2526

SAI TRILOCHAN ACADEMIC RESEARCH H.S.S.
(A unit of Vision India Foundation)
JAMADARPALI, SAMBALPUR-768200, ODISHA
RECRUITMENT OF FACULTY
Applications are invited for faculty positions for our residential women's +2 Science college in the subjects **Mathematics, Physics, Chemistry, English, Odia, Information Technology, Botany.**
Interested candidates having M.Sc./M.A. in concerned subject with B.Ed from a recognized University may apply to **mail.visionindia@gmail.com** by attaching their Bio Data along with scanned copies of relevant documents in support of academic qualification & relevant teaching experience (desirable) on or before **28th, February, 2026**. Candidates shortlisted on the basis of academic qualification and relevant experience will be invited to attend a interview followed by demo class at Sai Trilochan Academy, Jamadarpali, Sambalpur the date of which will be intimated telephonically or through whatsapp/mail. We offer best salary (negotiable) with yearly increment on completion of an academic calendar subject to satisfactory performance. Boarding & lodging free accommodation can be provided for deserving female faculty members in campus.
Management reserves the right to postpone or cancel the selection process without intimating any reason thereof.
Sd/- CHAIRMAN
SAI TRILOCHAN ACADEMY

STEWART SCHOOL BHUBANESWAR
UNIT-8, CRP SQUARE, BHUBANESWAR-751012
APPOINTMENT
Applications are invited from candidates with requisite qualification and training to fill up the following post of Assistant Teachers and Spoken English Facilitators in Stewart School Bhubaneswar.

| Sl. | Subject | |
|---|---|---|
| 1 | MATHEMATICS | ICSE/CBSE background candidate having qualification of M.A./M.Sc./ B.A./B.Sc. with B.Ed./ D.El.Ed. and must have cleared CTET. |
| 2 | SOCIAL STUDIES | ICSE/CBSE background candidate having qualification of M.A./B.A. with B.Ed./ D.El. Ed. and must have cleared CTET. |
| 3 | SPOKEN ENGLISH FACILITATOR | Candidate from Anglo-Indian community or ICSE/CBSE background having M.A./ B.A. qualification will be preferred. |

Interested candidates may send their applications with complete Bio-data and Photocopy of Certificates/ Testimonials to the undersigned within seven days from the publication of this advertisement.
Fluency in spoken English and experienced candidates will be preferred.
SECRETARY
Stewart School Bhubaneswar

ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି- ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି- ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !!-ଶ୍ରୀଅରବିନ୍ଦ



# ଡିଜିପି ନିଯୁକ୍ତିରେ ବିଳମ୍ବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସୁପ୍ରିମକୋର୍ଟ 'କାର୍ଯ୍ୟକାରୀ ଡିଜିପି' ସଂସ୍କୃତିକୁ ଏକ ଗୁରୁତର ସାଙ୍ଗଠନିକ ତ୍ରୁଟି ଭାବରେ ସୂଚିତ କରିବା ପରେ ବି ପଞ୍ଜାବ ଏବେ ନିୟମିତ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତ କରିବାରେ ବିଳମ୍ବ କରୁଛି। ୩ ବର୍ଷରୁ ଅଧିକ ସମୟ ଧରି ଗୌରବ ଯାଦବ ଜଣେ କାର୍ଯ୍ୟକାରୀ ଡିଜିପି ଭାବେ ପଞ୍ଜାବ ପୋଲିସକୁ ନିୟନ୍ତ୍ରଣ କରୁଛନ୍ତି। ସେହି ବ୍ୟବସ୍ଥାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ, କାରଣ ଏହା ପ୍ରକାଶ ସିଂହ ରାୟର ମୂଳତତ୍ତ୍ୱ ବିରୋଧରେ ଯାଏ, ଯାହା ପୋଲିସ ନେତୃତ୍ୱକୁ ରାଜନୈତିକ ସୁବିଧାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥିଲା। ରାଜ୍ୟ ସରକାରଙ୍କ ସରକାରୀ ନୀତି ବା ଦୃଷ୍ଟିକୋଣରୁ ମନେହେଉଛି ଯେ ସେମାନେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ୟୁପିଏସ୍‌ସିକୁ ଅପେକ୍ଷା କରିଛନ୍ତି। ଏହା ରଣନୀତି ବ୍ୟତୀତ ଅଧିକ ସମୟ ନେବାର କୌଶଳ ଭଳି ମନେହେଉଛି। ତେବେ କୋର୍ଟଙ୍କ ନିର୍ଦ୍ଦେଶ ସ୍ପଷ୍ଟ ଭାବରେ ୟୁପିଏସ୍‌ସିକୁ ମଧ୍ୟସ୍ଥ ଭାବରେ କାର୍ଯ୍ୟ ନ କରି ଅନୁପାଳନ ପାଇଁ ଚାପ ପକାଇବାକୁ କ୍ଷମତା ଦିଏ। ଆଶ୍ଚର୍ଯ୍ୟଜନକ କଥା ନିଯୁକ୍ତିରେ ବିଳମ୍ବ ଏକ ଗମ୍ଭୀର ସମସ୍ୟା ସୃଷ୍ଟିକରୁଛି। 'କାର୍ଯ୍ୟକାରୀ' ବ୍ୟବସ୍ଥା ଉପରେ ଗୋଟିଏ ରାଜ୍ୟ ଯେତେ ଅଧିକ ବିଳମ୍ବ କରିବ ତାହା ସେହି ବ୍ୟବସ୍ଥାର ମୂଳଦୁଆକୁ ସେତେ ଦୁର୍ବଳ କରିଦେବ। ଯୁକ୍ତି କରାଯାଇପାରେ ଯେ, କେବଳ ପଞ୍ଜାବ ନୁହେଁ, ଅନେକ ରାଜ୍ୟ ନିୟମିତ ନିଯୁକ୍ତି ବଦଳରେ କାର୍ଯ୍ୟକାରୀ ମୁଖ୍ୟଙ୍କୁ ନେଇ ଚଞ୍ଚଳତା କରିଛନ୍ତି। କିନ୍ତୁ ଯେତେବେଳେ ସୁପ୍ରିମକୋର୍ଟ ସଙ୍କେତ ଦେଇଛନ୍ତି ଯେ ଏହା ସାଧାରଣ ପ୍ରଶାସନିକ ଧାରା ବା ପ୍ରକ୍ରିୟା ହେବା ଉଚିତ ନୁହେଁ ସେତେବେଳେ ବୁଝିବାକୁ ହେବ ଯେ, ଏହା ସମସ୍ତଙ୍କ ପାଇଁ କୁହାଯାଇଛି। ଯଦି ପଞ୍ଜାବ ସରକାର ବିଶ୍ୱସନୀୟ ଭାବରେ ଦାବି କରିବାକୁ ଚାହୁଁଛନ୍ତି ଯେ ଏହା ନିୟମଭିତ୍ତିକ ଶାସନକୁ ଗମ୍ଭୀରତାର ସହ ନେଉଛନ୍ତି, ତେବେ କେବଳ କହିବା ବ୍ୟତୀତ କାମରେ ଦେଖାଇବା ଦରକାର। ପ୍ରାର୍ଥୀମାନଙ୍କ ଏକ ଉପଯୁକ୍ତ ପ୍ୟାନେଲ ପଠାଇବା ଆବଶ୍ୟକ। ୟୁପିଏସ୍‌ସିକୁ ତା'ର କାମ କରିବାକୁ ଦେଇ ଜଣେ ପୂର୍ଣ୍ଣକାଳୀନ ଡିଜିପି ନିଯୁକ୍ତ କରନ୍ତୁ।

### ୩୦୦୦ ପଦବୀ ଖାଲି

ଅନେକ ବର୍ଷ ଧରି ଆମକୁ କୁହାଯାଇଛି ଯେ ଭାରତର ଅମଲାତନ୍ତ୍ରକୁ ପୁନର୍ଗଠନ କରାଯାଉଛି, ଯାହା ଏକବିଂଶ ଶତାବ୍ଦୀ ପାଇଁ ଅଧିକ କର୍ମଚଞ୍ଚଳ, ଅଧିକ ସ୍ୱତନ୍ତ୍ର ଏବଂ ଏକ ଜଟିଳ ସ୍ଥିତି ପାଇଁ ଅଧିକ ଉପଯୁକ୍ତ ହେବା ଦରକାର। କିନ୍ତୁ ରାଜ୍ୟ ସଭାରେ କୁହାଯାଇଛି, ସବୁ ସ୍ତରରେ ମୋଟ ୩୦୦୦ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍ଏସ୍ ପଦବୀ ଖାଲି ପଡ଼ିଛି। କେବଳ ୧୩୦୦ରୁ ଅଧିକ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଛି। ଆଇଏଫ୍ଏସ୍ ଅଧିକାରୀଙ୍କ ପଦବୀ ମଧ୍ୟ ଖାଲି ରହିଛି। ଏହା କର୍ମଚାରୀଙ୍କ ସହ ଜଡ଼ିତ ଏକ ତ୍ରୁଟି ନୁହେଁ, ବରଂ ଏହା ସମ୍ପୂର୍ଣ୍ଣ ବ୍ୟବସ୍ଥାଗତ ତ୍ରୁଟି। ଏବେ ଲାଟେରାଲ ଏଣ୍ଟ୍ରି ବିଷୟକୁ ଆସିବା। ଏହା ଅମଲାତନ୍ତ୍ରରେ ବାଧା ଉପୁଜାଇବ ବୋଲି ମନେକରାଯାଉଥିଲା। ହେଲେ ୨୦୧୮ରେ ଏହା ଆରମ୍ଭ ହେବା ପରଠାରୁ ମନ୍ତ୍ରଣାଳୟଗୁଡ଼ିକରେ ୭ବର୍ଷରେ ମାତ୍ର ୬୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏଣୁ ଏହା ବାଧା ନୁହେଁ; ବରଂ ଏହା ଏକ ବଡ଼ ତ୍ରୁଟି। ତେବେ ପ୍ରଶ୍ନ ଉଠୁଛି, ଲାଟେରାଲ ଏଣ୍ଟ୍ରି ପ୍ରତିଭା ଅଭାବକୁ ଦୂରକରିବା ପାଇଁ ଥିଲା ନା କେବଳ ସଂସ୍କାରକୁ ସୂଚିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା ? ନୀତି ନିର୍ଦ୍ଧାରଣରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞତାକୁ ପ୍ରବେଶ କରାଇବା ଲକ୍ଷ୍ୟ ଥିଲେ ମଧ୍ୟ ଏହା ବିଫଳ ହୋଇଛି, ଯାହା ନିଯୁକ୍ତି ସଂଖ୍ୟା ଦର୍ଶାଉଛି। ଯଦି ୟୁପିଏସ୍‌ସି ପ୍ରକ୍ରିୟା ମାଧ୍ୟମରେ ହ୍ରାସ ପାଉଥିବା ନିଯୁକ୍ତିକୁ ସୁଧାରିବା ଲକ୍ଷ୍ୟ ଥିଲା, ତେବେ ତାହା ହୋଇ ନ ଥିବା ସ୍ପଷ୍ଟ ହୋଇଛି। ଏହି ସମୟରେ, ନିଯୁକ୍ତିରେ ବାଧା ପାଇଁ ଶାସନ ବ୍ୟବସ୍ଥା ଅଟକିନାହିଁ। କର୍ମଚାରୀ ଅଭାବ ଥିବା ଏକ ଅମଲାତନ୍ତ୍ର ଅଧିକାରୀଙ୍କୁ ଦୁର୍ବଳ କରେ । ପଦବୀ ଖାଲି ପଡ଼ିବା ବଡ଼ ସମସ୍ୟା ନୁହେଁ। ସରକାର କ୍ୟାଡର ଶକ୍ତିକୁ ପୁନର୍ଗଠନ କରିବା ଦରକାର ଏବଂ କରିପାରିବେ ମଧ୍ୟ। ତେବେ ସମସ୍ୟା ହେଉଛି ଏହା କରିବାରେ ବିଳମ୍ବ ଏବଂ ମହତ୍ତ୍ୱାକାଂକ୍ଷା ଏବଂ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ବ୍ୟବଧାନ।

### ବଡ଼ ସଙ୍କେତ

ବରିଷ୍ଠ ଅଧିକାରୀମାନଙ୍କୁ ସାଂସଦଙ୍କ ପତ୍ରଗୁଡ଼ିକର ଶୀଘ୍ର ଉତ୍ତର ଦେବାକୁ କେନ୍ଦ୍ର ସ୍ପଷ୍ଟ ଭାବରେ କହିଛି। ଏବକାର ଏକ ନୂଆ ଚିଠି ଅଧିକାରୀମାନଙ୍କୁ ଗମ୍ଭୀରତାର ସହ ମନେପକାଇ ଦେଇଛି ଯେ ନିର୍ବାଚିତ ପ୍ରତିନିଧିମାନେ ଆମର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରନ୍ତି। କେହି ଭାବିପାରିବେ ଯେ ଏହି ଧାଡ଼ିଟି ସିଧାସଳଖ ଏକ ଗମ୍ଭୀର ବାର୍ତ୍ତା ଦେଇଛି। ତେବେ ସାଂସଦମାନେ କେବଳ ଚିଠି ଲେଖି ତାହାର ସ୍ୱୀକୃତିକୁ ଅପେକ୍ଷା କରିବାକୁ ନାହାନ୍ତି, ବରଂ ଲକ୍ଷ ଲକ୍ଷ ନାଗରିକଙ୍କ ପ୍ରତିନିଧିତ୍ୱକରି ସେମାନଙ୍କ କଥା ବୁଝିବାକୁ ଅଛନ୍ତି। ସେମାନଙ୍କ ଚିଠି ଅବାଞ୍ଛିତ ବାର୍ତ୍ତା ନୁହେଁ। ଏହି ଅମଲାତନ୍ତ୍ର ଜାଗରଣ କ'ଣ ପାଇଁ ଆରମ୍ଭ ହେଲା ? କେହି କହୁନାହାନ୍ତି। ସତ କହିବାକୁ ଗଲେ, ଏହି ଜାଗରଣ ଫାଇଲଗୁଡ଼ିକୁ ଗତିଶୀଳ ରଖେ ଏବଂ ଭାଷାକୁ ସମାନ ରଖେ। କିନ୍ତୁ ଯେତେବେଳେ ପ୍ରତ୍ୟେକ ପ୍ରତିକ୍ରିୟା ସାମଗ୍ରିକ ଭାବେ କିଛି ବିରକ୍ତି ଭାବେ ପ୍ରକାଶ କରେ, ସେତେବେଳେ ଏହା ବିଚ୍ଛିନ୍ନତା ତଥା ପ୍ରଭେଦତାର ଏକ ଗଭୀର ସଙ୍କେତ ଦିଏ। ଚିଠିଗୁଡ଼ିକ ଅଦୃଶ୍ୟ ହୋଇଯାଏ କି ନାହିଁ ତାହା ପ୍ରକୃତରେ ଅନୁଧ୍ୟାନର ବିଷୟ ନୁହେଁ, ବରଂ ଉତ୍ତରଗୁଡ଼ିକ ଚିନ୍ତାଧାରା, ନିର୍ଦ୍ଦିଷ୍ଟତା, ଦାୟିତ୍ୱ କିମ୍ବା ଏକ ସମୟସୀମାକୁ ଦର୍ଶାଉଛି କି ନାହିଁ ତାହା ଦେଖିବା କଥା।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 6 | | 4 | | | | | 9 |
| 7 | | | 5 | 9 | | | | |
| 2 | | 5 | 1 | 3 | | 4 | | 6 |
| 6 | 8 | 4 | 3 | | | 7 | | |
| | 1 | | | 5 | | 6 | | |
| | 3 | 7 | | | 9 | | 2 | 1 |
| 4 | | | | | | | | |
| 8 | 5 | 9 | | | 4 | | 6 | 7 |
| | | 6 | 9 | 8 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 7 | 2 | 4 | 3 | 5 | 9 | 8 |
| 9 | 3 | 2 | 5 | 8 | 6 | 7 | 4 | 1 |
| 4 | 8 | 5 | 9 | 1 | 7 | 6 | 3 | 2 |
| 7 | 4 | 9 | 3 | 2 | 1 | 8 | 6 | 5 |
| 8 | 5 | 1 | 4 | 6 | 9 | 3 | 2 | 7 |
| 3 | 2 | 6 | 8 | 7 | 5 | 4 | 1 | 9 |
| 2 | 7 | 8 | 1 | 3 | 4 | 9 | 5 | 6 |
| 1 | 9 | 3 | 6 | 5 | 8 | 2 | 7 | 4 |
| 5 | 6 | 4 | 7 | 9 | 2 | 1 | 8 | 3 |

ଗତକାଲିର ଉତ୍ତର

# ମାତୃଭାଷା ଓ ସାମଗ୍ରିକ ପ୍ରଗତି



ଦେବେନ୍ଦ୍ର ନାଥ ରାଉତ

ଜଗତୀକରଣ, ପ୍ରଯୁକ୍ତି ବିପ୍ଳବ ଓ ଆର୍ଥିକ ପ୍ରତିଦ୍ୱନ୍ଦ୍ୱିତାର ଏହି ଯୁଗରେ ଭାଷା ପ୍ରଶ୍ନ ପୁଣିଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଉଠିଛି। ସରକାରଙ୍କ ଶିକ୍ଷାନୀତି, ଶିକ୍ଷିତ ଅଭିଭାବକଙ୍କ ଏଥିପ୍ରତି ଅନାଶକ୍ତି, ବିଶେଷଜ୍ଞଙ୍କ ଦମ୍ଭୋକ୍ତି ତଥା ଭୋଟ ରାଜନୀତିରେ ଭାଷା ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ବିଗତ କେତେ ଦଶନ୍ଧି ଧରି ଅନେକଙ୍କ ମନରେ ଏକ ଭ୍ରମ ଧାରଣା ଗଢ଼ିଉଠିଛି ଯେ ଉନ୍ନତି ପାଇଁ ମାତୃଭାଷାକୁ ପଛକୁ ରଖି ଅନ୍ତର୍ଜାତୀୟ ଭାଷାକୁ ଅଙ୍ଗୀକାର କରିବା ଦରକାର। ଅଭିଭାବକମାନେ ଶିଶୁମାନଙ୍କୁ ବିଦେଶୀ ଭାଷା ମାଧ୍ୟମରେ ପଢ଼ାଇବାକୁ ଭବିଷ୍ୟତ ସଫଳତାର ଏକମାତ୍ର ଉପାୟ ବୋଲି ଭାବୁଛନ୍ତି। କିନ୍ତୁ ଶିକ୍ଷା ମନୋବିଜ୍ଞାନ ଓ ବିଶ୍ୱ ଅନୁଭବ କହୁଛି, ଏହି ଧାରଣା ଏକ ଅର୍ଦ୍ଧସତ୍ୟ। ଉନ୍ନତିର ମୂଳ ଅନୁକରଣରେ ନୁହେଁ; ଏହା ଗଭୀର ବୁଝାମଣାରେ ନିହିତ ରହିଥାଏ। ଏବଂ ସେହି ବୁଝାମଣାର ଆରମ୍ଭ ହୁଏ ମାତୃଭାଷାରୁ।

ଶିଶୁ ଯେଉଁ ଭାଷାରେ ପ୍ରଥମେ ଜଗତକୁ ଚିହ୍ନିଥାଏ, ମା'ର ସ୍ନେହକୁ ଅନୁଭବ କରିଥାଏ, ଗପ ଶୁଣେ ଓ ଚାରିପାଖର ଜୀବନକୁ ବୁଝେ ; ସେହି ଭାଷା ତା'ର ଚିନ୍ତନର ଭିତ୍ତି। ଯଦି ପ୍ରାଥମିକ ଶିକ୍ଷା ଏହି ଭାଷାରେ ଦିଆଯାଏ, ତେବେ ଧାରଣାଗତ ସ୍ପଷ୍ଟତା ବଢ଼େ, ସମାଲୋଚନାତ୍ମକ ଚିନ୍ତନ ଶକ୍ତି ବିକଶିତ ହୁଏ ଓ ଆତ୍ମବିଶ୍ୱାସ ଦୃଢ଼ ହୁଏ। ଯଦି ଶିଶୁମାନଙ୍କୁ ଅଜଣା ଭାଷାରେ ଗଣିତ କିମ୍ବା ବିଜ୍ଞାନ ପଢ଼ାଯାଏ, ସେମାନେ ପ୍ରଥମେ ଭାଷାକୁ ବୁଝିବାରେ ଶକ୍ତି ବ୍ୟୟ କରନ୍ତି, ପରେ ବିଷୟକୁ ବୁଝିବାରେ ସାମର୍ଥ୍ୟ ବିନିଯୋଗ କରିଥାନ୍ତି। ଏହାଦ୍ୱାରା ଶିକ୍ଷାର ଗଭୀରତା ବୃଦ୍ଧି ପାଏ ନାହିଁ, ବରଂ କେବଳ ପାଠ୍ୟାନୁସ୍ମୃତି ହୋଇରହିଯାଏ। କିନ୍ତୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରାଗଲେ ଶିଶୁ ସିଧାସଳଖ ବିଷୟକୁ ବୁଝେ ; ପ୍ରଶ୍ନ କରିବାରେ ସଙ୍କୋଚ କରେନାହିଁ; ନିଜର ଚିନ୍ତାକୁ ପ୍ରକାଶ କରିବାରେ ଭୟଭୀତ ହୁଏନାହିଁ। ଏହା ତାଙ୍କର ବୁଦ୍ଧିମତ୍ତାର ଦୃଢ଼ ଆଧାର ସୃଷ୍ଟି କରେ।

ମାତୃଭାଷା କେବଳ ଶିକ୍ଷାର ମାଧ୍ୟମ ନୁହେଁ, ଏହା ଭାବନାର ଭିତ୍ତି। ଶିଶୁ ଯେଉଁ ଭାଷାରେ ଘରେ ଆଲୋଚନା କରେ, ଗୀତ ଶୁଣେ, ଲୋକକଥା ଶୁଣେ, ସେହି ଭାଷା ତାଙ୍କର ମନୋବଳକୁ ସୁଦୃଢ଼ କରେ। ଯଦି ବିଦ୍ୟାଳୟରେ ସେହି ଭାଷାକୁ ସ୍ଥାନ ମିଳେନାହିଁ, ଶିଶୁ ଘର ଓ ପାଠଶାଳା ମଧ୍ୟରେ ଏକ ଦୂରତ୍ୱ ଅନୁଭବ କରେ। ଏହି ଦୂରତ୍ୱ ଆତ୍ମବିଶ୍ୱାସକୁ କ୍ଷୀଣ କରେ। ତେଣୁ ମାତୃଭାଷା ଆଧାରିତ ଶିକ୍ଷା ଭାବନାତ୍ମକ ସ୍ଥିରତା ଓ ସାମାଜିକ ସମାନତାକୁ ମଜଭୁତ କରେ। ଏହା ଶିଶୁଙ୍କୁ ନେତୃତ୍ୱ ଓ ସାମାଜିକ ଦାୟିତ୍ୱର ପଥରେ ଆଗକୁ ବଢ଼ାଏ।





ବିଶ୍ୱର ଉନ୍ନତ ଦେଶଗୁଡ଼ିକ ଅନୁଭବ ଏହାକୁ ସ୍ପଷ୍ଟ କରେ। ଫିନ୍‌ଲାଣ୍ଡ ତାହାର ମାତୃଭାଷାକୁ ଆଧାର କରି ଶିକ୍ଷା ପ୍ରଣାଳୀକୁ ଶକ୍ତିଶାଳୀ କରିଛି ଏବଂ ଶିକ୍ଷାରେ ବିଶ୍ୱରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଜାପାନ ଜାପାନୀ ଭାଷାରେ ବିଜ୍ଞାନ ଓ ପ୍ରଯୁକ୍ତିକୁ ଉନ୍ନତ କରି ଶିଳ୍ପୀକରଣରେ ଅଗ୍ରଗାମୀ ହୋଇଛି। ଚାଇନା ମାନ୍ଦାରିନ ଭାଷାକୁ ଆଧାର କରି ଅର୍ଥନୈତିକ ଶକ୍ତିରେ ପରିଣତ ହୋଇଛି। ଦକ୍ଷିଣ କୋରିଆ ଓ ଇସ୍ରାଏଲ ମଧ୍ୟ ନିଜ ଭାଷାରେ ଶିକ୍ଷା ଓ ଗବେଷଣାକୁ ଅଗ୍ରସର କରି ବିଶ୍ୱସ୍ତରରେ ପ୍ରଗତି କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛନ୍ତି। ରୁଷିଆ ନିଜ ମାତୃଭାଷାକୁ ସମସ୍ତ ଶିକ୍ଷାର ମାଧ୍ୟମ କରି ବିଶ୍ୱରେ ଉନ୍ନତିର ଶିଖରରେ ପହଞ୍ଚିଛି। ଯୁକ୍ତରାଷ୍ଟ୍ର ଆମେରିକା ଓ ଇଂଲଣ୍ଡ ନିଜ ମାତୃଭାଷା ଇଂଲିଶକୁ ଆଧାର କରି ସମସ୍ତ କାର୍ଯ୍ୟ ପରିଚାଳନା କରି ବିଶ୍ୱର ଉନ୍ନତ ରାଷ୍ଟ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ସେମାନେ ଉନ୍ନତି ପାଇଁ ନିଜ ଭାଷାକୁ ଛାଡ଼ିନାହାନ୍ତି ; ବରଂ ନିଜ ଭାଷାରେ ଆତ୍ମବିଶ୍ୱାସ ବୃଦ୍ଧି କରିଛନ୍ତି।

ମାତୃଭାଷାର ବ୍ୟବହାର ଓ ସାମଗ୍ରିକ ପ୍ରଗତି କ୍ଷେତ୍ରରେ ଭାରତର ଅଭିଜ୍ଞତା ମଧ୍ୟ ଏହି ତଥ୍ୟକୁ ସମର୍ଥନ କରେ। କେରଳ ମାଲୟାଲମ ଭାଷାକୁ ଶିକ୍ଷାର ଆଧାର କରି ଉଚ୍ଚ ସାକ୍ଷରତା ଓ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ପ୍ରଭୂତ ଉନ୍ନତି ହାସଲ କରିଛି। କର୍ନାଟକ କନ୍ନଡ ଭାଷାକୁ ପ୍ରାଧାନ୍ୟ ଦେଇ ବିଶ୍ୱ ଆଇଟି ମାନଚିତ୍ରରେ ଶକ୍ତିଶାଳୀ ସ୍ଥାନ ନେଇଛି। ପଶ୍ଚିମବଙ୍ଗ ବଙ୍ଗଳା ଭାଷାକୁ ଆଧାର କରି ସାହିତ୍ୟ ଓ ବୁଦ୍ଧିଜୀବୀ ପରମ୍ପରାକୁ ଜୀବନ୍ତ ରଖିଛି। ଏହି ଉଦାହରଣଗୁଡ଼ିକ ପ୍ରମାଣ କରେ ଯେ ଆଞ୍ଚଳିକ ଭାଷା ଓ ଆର୍ଥିକ ଅଗ୍ରଗତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।

ଆର୍ଥିକ ଉନ୍ନତିର ଏକମାତ୍ର ମାଧ୍ୟମ ଭାବେ ଇଂଲିଶକୁ ଦେଖିବା ଏକ ମାନସିକ ଭ୍ରାନ୍ତି। ଆର୍ଥିକ ସଫଳତାର ମୂଳ ହେଉଛି ସୃଜନଶୀଳତା, ନୂତନ ଚିନ୍ତନ ଓ ଗଭୀର ବୁଝାମଣା। ଏହି ଗୁଣଗୁଡ଼ିକ ମାତୃଭାଷାର ବ୍ୟବହାର ଦ୍ୱାରା ଦୃଢ଼ ଭାବରେ ଉନ୍ନତି କରେ। ମାତୃଭାଷା ଆଧାରିତ ଶିକ୍ଷା ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତି ହାର କମାଏ, ସମାବେଶୀ ଶିକ୍ଷାକୁ ପ୍ରୋତ୍ସାହନ ଦିଏ ଓ ଦକ୍ଷ ମାନବ ସମ୍ବଳ ବିକାଶରେ ସହାୟକ ହୁଏ। ଏହା ଦେଶର ଆର୍ଥିକ ଭିତ୍ତିକୁ ମଜଭୁତ କରେ। ଏଥିସହିତ ଭାଷା ସାଂସ୍କୃତିକ ଓ ନୈତିକ ମୂଲ୍ୟର ଭଣ୍ଡାର। ଲୋକକଥା, ପ୍ରବଚନ, ଐତିହ୍ୟ, ଧାର୍ମିକ ଓ ସାମାଜିକ ଆଦର୍ଶ, ସବୁ ମାତୃଭାଷାରେ ସଞ୍ଚରିତ ହୋଇଥାଏ। ଯଦି ଏହି ମାତୃଭାଷାକୁ ଶିକ୍ଷାରୁ ବାଦ ଦିଆଯାଏ, ସମାଜର ସାଂସ୍କୃତିକ ସତ୍ତା ଦୁର୍ବଳ ହୋଇଯାଏ। ତେଣୁ ମାତୃଭାଷା ରକ୍ଷା କରିବା ଅର୍ଥ ସଂସ୍କୃତି ଓ ନୈତିକ ଭିତ୍ତିକୁ ରକ୍ଷା କରିବା ବୁଝାଯାଏ ।

ଏହା ମନେ ରଖିବା ଆବଶ୍ୟକ ଯେ ମାତୃଭାଷାକୁ ସୁଦୃଢ଼ କରିବାର ଅର୍ଥ ଅନ୍ତର୍ଜାତୀୟ ଭାଷାକୁ ବାଦ ଦେବା ନୁହେଁ। ପ୍ରଥମେ ମାତୃଭାଷାରେ ଦୃଢ଼ ଭିତ୍ତିଭୂମି ଗଢ଼ି, ପରେ ଅନ୍ୟ ଭାଷାକୁ ଶିଖିବା ହେଉଛି ଠିକ ପଥ। ଏହା ଶିଶୁଙ୍କୁ ଦୁଇଟି ଲାଭ ଦିଏ; ନିଜର ମୌଳିକ ବିଶ୍ୱାସ ସହିତ ନିବିଡ଼ତା ଓ ବିଶ୍ୱ ସହିତ ଉତ୍ତମ ସଂଯୋଗ।

ବିଶ୍ୱ ଓ ଭାରତୀୟ ଅନୁଭବର ତୁଳନାତ୍ମକ ବିଶ୍ଳେଷଣରୁ ଏହା ସ୍ପଷ୍ଟ ଯେ ; ମାତୃଭାଷା ହେଉଛି ସମଗ୍ର ଉନ୍ନତିର ମୂଳ ଆଧାର। ମାତୃଭାଷା ବ୍ୟକ୍ତିର ବୁଦ୍ଧିମତ୍ତାକୁ ସ୍ୱାଧୀନ ଓ ସୃଜନଶୀଳ କରେ ; ଏହା ଚିନ୍ତନ ଶକ୍ତିରେ ଆତ୍ମନିର୍ଭରତା ପ୍ରଦାନ କରେ । ଏହା ଭାବନାତ୍ମକ ସହନଶୀଳତା ବଢ଼ାଇ ସମାଜରେ ଏକତା ଓ ସାମ୍ବିଧାନିକ ସମ୍ମାନବୋଧକୁ ସୁଦୃଢ଼ କରେ। ମାତୃଭାଷା ସାଂସ୍କୃତିକ ଅଖଣ୍ଡତାକୁ ସୁଦୃଢ଼ କରି ମୂଳ ସହିତ ସଂଯୋଗକୁ ଜୀବନ୍ତ ରଖେ ଏବଂ ନୈତିକ ପରିପକ୍ୱତାକୁ ପୋଷଣ ପ୍ରଦାନ କରେ। ଏହା କେବେ ମଧ୍ୟ ଆର୍ଥିକ ଆଧୁନିକୀକରଣରେ ବାଧା ସୃଷ୍ଟି କରେନାହିଁ; ବରଂ ଦୃଢ଼ ମୌଳିକଭିତ୍ତି ଉପରେ ଦଣ୍ଡାୟମାନ ଥିବା ବ୍ୟକ୍ତିକୁ ବିଶ୍ୱମାନବ ଭାବେ ଗଢ଼ିତୋଳେ। ମାତୃଭାଷା ଆଧାରିତ ଶିକ୍ଷା ଆତ୍ମବିଶ୍ୱାସୀ ତଥା ବହୁଭାଷୀତ୍ୱକୁ ସମ୍ଭବ କରେ, ଯେଉଁଠାରେ ଜଣେ ନିଜ ମୂଳକୁ ଅକ୍ଷୁର୍ଣ୍ଣ ରଖି ଅନ୍ୟ ଭାଷାରେ ନିଜର ଆଧିପତ୍ୟ ବିସ୍ତାର କରିପାରେ। ଯେଉଁ ପ୍ରଗତି ପଥ ମାତୃଭାଷାକୁ ଅବହେଳା କରେ, ତାହା ମନୋବୈଜ୍ଞାନିକ ସୁରକ୍ଷା ଓ ସାଂସ୍କୃତିକ ଅବିଚ୍ଛିନ୍ନତାକୁ ଦୁର୍ବଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

ଭାଷା କେବଳ ଶବ୍ଦର ମାଧ୍ୟମ ନୁହେଁ; ଏହା ଗଭୀର ଚିନ୍ତନର ଦ୍ୱାର, ସଂସ୍କୃତିର ଭିତ୍ତି ଓ ବ୍ୟକ୍ତିତ୍ୱର ଆଧାର। ଯଦି ଆମେ ଦେଶକୁ ସର୍ବକାଳୀନ ଭାବେ ଶକ୍ତିଶାଳୀ କରିବାକୁ ଚାହୁଁ, ତେବେ ମାତୃଭାଷାକୁ ଶିକ୍ଷା ଓ ନୀତିର କେନ୍ଦ୍ର ସ୍ଥାନରେ ରଖିବା ଦରକାର। ମୂଳ ସୁଦୃଢ଼ ହେଲେ ବୃକ୍ଷ ଆକାଶକୁ ସ୍ପର୍ଶ କରିବାର ସମ୍ଭାବନା ସୃଷ୍ଟି କରିଥାଏ। ତେଣୁ ଉନ୍ନତିର ପଥ ମାତୃଭାଷାରୁ ଆରମ୍ଭ ହୋଇ, ସ୍ଥାନୀୟ ଭିତ୍ତିରେ ଦୃଢ଼, ବିଶ୍ୱ ସହିତ ସଂଯୁକ୍ତ ହେଉ।

ନୂଆଦିଲ୍ଲୀ, ମୋ: ୯୩୫୦୧୨୭୩୭୦

# ବୈଜ୍ଞାନିକ ଦୃଷ୍ଟିକୋଣ



ଡ. କମଳାକାନ୍ତ ଜେନା

ବିଜ୍ଞାନ ଯୁଗର ବୈଜ୍ଞାନିକମାନଙ୍କୁ ଦେଖିଲେ ଆମେ ବିଜ୍ଞାନଠାରୁ ଅନେକ ଦୂରରେ ରହିଲା ପରି ମନେହୁଏ। ଆମେ ଭାବୁ, ବିଜ୍ଞାନ କେବଳ ବୈଜ୍ଞାନିକର ସମ୍ପତ୍ତି। କାହିଁକି ନା ବିଜ୍ଞାନ ତା' ଜୀବନ। ଘଟଣା ପଛରେ ଲୁଚିଥିବା ରହସ୍ୟର ସେ ଅନୁସନ୍ଧାନ କରେ। ତା' ଭିତରେ ନୂତନ ସୃଷ୍ଟି କରିବାର ପ୍ରୟାସ ଭରି ରହିଥାଏ। ତା' ମନ ଭିତରେ ଅନ୍ଧବିଶ୍ୱାସରୁ ନିଷ୍କୃତିପ୍ରାପ୍ତିର ଆଭାସ ମିଳେ। ପାର୍ଥିବ ଦୁନିଆର ତେଲଲୁଣଠାରୁ ଉର୍ଦ୍ଧ୍ୱରେ ରହିଥିବା ଜିଜ୍ଞାସୁ ସିଏ। ଆଜନ୍ମ ଜ୍ଞାନର ପିପାସୁ ସିଏ। କିନ୍ତୁ ବୈଜ୍ଞାନିକମାନେ ମାଆ ପେଟରୁ ବୈଜ୍ଞାନିକ ହୋଇ ଆସନ୍ତି ନାହିଁ। ବରଂ ସେମାନଙ୍କର ବୈଜ୍ଞାନିକ ଦୃଷ୍ଟିକୋଣ ଓ କଠିନ ପରିଶ୍ରମ ସେମାନଙ୍କୁ ବିଶ୍ୱବିଖ୍ୟାତ ବୈଜ୍ଞାନିକର ଆସନ ଦିଏ। ଆମେ ଗଛରେ ପାଣି ଦେଉ। ପାଣି ଗଛକୁ ଖାଦ୍ୟ ଯୋଗାଇ ଦିଏ ବୋଲି ଆମେ ଜାଣୁ। କିନ୍ତୁ ପାଣି କିପରି ଗଛକୁ ଖାଦ୍ୟ ଯୋଗାଇବାରେ ସାହାଯ୍ୟ କରେ, ସେକଥା ଆମକୁ ଅଜଣା। ଏହା ଉପରେ ଗବେଷଣା କରୁଥିବା ବୈଜ୍ଞାନିକ ଏହାର ଭିତିରି କଥା ବୁଝିପାରେ। ପାଣି ପାଇପର ମୁଣ୍ଡକୁ ଚିପି ଧରିଲେ ପାଣିର ଧାର ବେଶି ଦୂରକୁ ଯାଇପାରେ ଓ ଛାଡିଦେଲେ ପାଖରେ ପଡେ। ପାଇପ୍ ମୁଣ୍ଡକୁ କେତେ ଚିପିଲେ ପାଣି କେତେବାଟ ଯିବ, ସେକଥା ଆମକୁ ଜଣା। କିନ୍ତୁ ଏକଥା ପଛରେ ଲୁଚି ରହିଥିବା କାରଣ ଆମକୁ ଜଣାନାହିଁ। ତେଣୁ ଆମେ ସମସ୍ତେ ବିଜ୍ଞାନ ସହିତ ଜଡିତ। ତେବେ ବୈଜ୍ଞାନିକ ହେବାର ସାମର୍ଥ୍ୟ ଆମ ପାଖରେ ଥିଲେ ବି ଗବେଷଣା କରିନାହୁଁ ବୋଲି ଆମକୁ ବୈଜ୍ଞାନିକର ଆଖ୍ୟା ମିଳେନାହିଁ।

ଚକ ବୁଲିଲେ ସାଇକେଲ ଆଗରେ ଲାଗିଥିବା ଡାଇନାମୋ ଦ୍ୱାରା ଆଲୁଅ ଜଳେ। ଡାଇନାମୋ ଉଦ୍ଭାବନ କରିଥିଲେ ମାଇକେଲ ଫାରାଡେ, ଯିଏକି ପିଲାଦିନେ ଭଲରେ ଓଳିଏ ଖାଇବାକୁ ପାଉ ନ ଥିଲେ। ବଞ୍ଚିବା ପାଇଁ ସେ ଖବରକାଗଜ ବିକିଛନ୍ତି ଓ ବହି ବନ୍ଧେଇ କରିଛନ୍ତି। କିନ୍ତୁ ବିଜ୍ଞାନ ପ୍ରତି ତାଙ୍କର ପ୍ରଗାଢ଼ ଅନୁରକ୍ତି ତାଙ୍କୁ ପ୍ରସିଦ୍ଧି ଆଣିଦେଇଛି। ଘଟଣାର ଗଭୀର ଅନୁଶୀଳନ କରି ତାକୁ ଏକ ସାଧାରଣ ସିଦ୍ଧାନ୍ତ ରୂପରେ ପରିବେଷଣ କରିବା ବୈଜ୍ଞାନିକର ମୌଳିକ ଲକ୍ଷଣ। ସଫଳ ବୈଜ୍ଞାନିକ ହେବା ପାଇଁ ଡାକ୍ତର ବା ଇଞ୍ଜିନିୟର ହେବା ଜରୁରୀ ନୁହେଁ, ବରଂ ଆଗ୍ରହ ଦରକାର ଓ ବୈଜ୍ଞାନିକ ଦୃଷ୍ଟିକୋଣ ଆବଶ୍ୟକ। ପଥର ଫିଙ୍ଗି ଆମ୍ବ ତୋଳିବା ସମୟରେ, ବଂଶୀ ବାଦନ ବେଳେ ଓ ଗିଟାର ବାଦନ ସମୟରେ ଆମେ ବୈଜ୍ଞାନିକ ପରି ବ୍ୟବହାର କରୁ। କିନ୍ତୁ ଆଗ୍ରହ ନ ଥିବାରୁ ଏସବୁ ପଛରେ ରହିଥିବା ବୈଜ୍ଞାନିକ କାରଣଠାରୁ ଦୂରରେ ରହୁ। ବିଜ୍ଞାନ ଅଲୌକିକ ପ୍ରତିଭାର ପରିଚୟ ଖୋଜେନାହିଁ।



ଖୋଜେ ବ୍ୟକ୍ତିର ଦୃଷ୍ଟିକୋଣରେ ସ୍ୱାତନ୍ତ୍ର୍ୟ।

ପ୍ରକୃତି ବିଜ୍ଞାନକୁ ଜନ୍ମ ଦେଇଛି। ପ୍ରକୃତିକୁ ବୁଝିବା ହିଁ ବିଜ୍ଞାନର ଉଦ୍ଦେଶ୍ୟ। ପ୍ରକୃତି ସହିତ ଅଭିନ୍ନ ମିତ୍ରତା ଆମର ଦୃଷ୍ଟିକୋଣକୁ ବିଜ୍ଞାନ ସମ୍ମତ କରେ। ଚନ୍ଦ୍ରଶେଖର ଭେଙ୍କଟ ରାମନ୍ ଥିଲେ ପ୍ରକୃତିପ୍ରେମୀ। ଆକାଶ ଓ ସମୁଦ୍ରର ସୁନ୍ଦର ନୀଳରଙ୍ଗ ତାଙ୍କୁ ବିଶେଷ ଆକର୍ଷିତ କରିଥିଲା। ସେହି ବିଷୟରେ ଅଧିକ ଜାଣିବା ପାଇଁ ସେ ଇଚ୍ଛା କଲେ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ରଙ୍ଗର ସୃଷ୍ଟି ବିଷୟରେ ସେ ବିଚାର କଲେ। ପ୍ରକୃତିର ସେହି ନୀଳ ରଙ୍ଗ ଉପରେ ଗବେଷଣା କରି ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। କାରଣ ଆଲୋକର ଅଦ୍ଭୁତ ବ୍ୟବହାର ସମ୍ପର୍କିତ ଏକ ସତ୍ୟକୁ ସେ ଆବିଷ୍କାର କଲେ, ଯାହାର ନାମ 'ରାମନ୍ ପ୍ରଭାବ'। ସେହି ସତ୍ୟ ହେଉଛି – ରଙ୍ଗିନ ଆଲୋକ ରଶ୍ମିଟିଏ ତରଳ ପଦାର୍ଥ ଦେଇ ଗତି କଲେ, ତାହାର ସାମାନ୍ୟ କିଛି ଅଂଶ ତରଳର ଅଣୁ ଦ୍ୱାରା ନୂତନ ଏକ ରଙ୍ଗରେ ବିଚ୍ଛୁରିତ ହୁଏ। ଏହା ଥିଲା ଏକ ମହାର୍ଘ୍ୟ ସତ୍ୟ। ଅଦ୍ୟାବଧି ଆମ ଭାରତ ପାଇଁ ଭେଙ୍କଟ ରାମନ୍‌ଙ୍କର ପୁରସ୍କାର ହେଉଛି ପଦାର୍ଥ ବିଜ୍ଞାନରେ ଏକମାତ୍ର ନୋବେଲ ପୁରସ୍କାର। ଭେଙ୍କଟ ରାମନ୍ ଯେଉଁ ଉପକରଣ ସହାୟତାରେ ଗବେଷଣା କରୁଥିଲେ, ତାହାର ମୂଲ୍ୟ ଥିଲା ମାତ୍ର ୨୦୦ ଟଙ୍କା। ସେ ପ୍ରମାଣ କରିଦେଲେ ଯେ, ବୈଜ୍ଞାନିକ ହେବା ପାଇଁ ବଡ ବଡ ଯନ୍ତ୍ରପାତି ଜରୁରୀ ନୁହେଁ। ବିଦେଶ ଯିବା ନିହାତି ଜରୁରୀ ନୁହେଁ। ବୈଜ୍ଞାନିକ ଦୃଷ୍ଟିକୋଣସମ୍ପନ୍ନ ଦୃଢ଼ ମନୋବଳ ସାଙ୍ଗକୁ ଏକାଗ୍ରତା ହିଁ ବିଜ୍ଞାନ କ୍ଷେତ୍ରରେ ସିଦ୍ଧି ଆଣିଦିଏ।

ସମସ୍ତେ ସବୁ ଘଟଣା ଓ ପରିଘଟଣା ଦେଖନ୍ତି। କିନ୍ତୁ ସମସ୍ତେ ବୈଜ୍ଞାନିକର ଭାବ ନେଇ ସେସବୁ ଉପରେ ଚିନ୍ତା କରନ୍ତି ନାହିଁ। ଯେ କୌଣସି ପରିଘଟଣା ଉପରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଚିନ୍ତା କଲେ କିଛି ନା କିଛି ନୂଆ କଥା ଜାଣିହେବ। କିଛି କିଛି ନୂଆ କଥା ମିଶି ଦିନେ ତାହା ଏକ ସମ୍ପୂର୍ଣ୍ଣ ଆବିଷ୍କାରର ରୂପ ନେବ ଓ ଆମକୁ ବୈଜ୍ଞାନିକର ମାନ୍ୟତା ଦେଇପାରିବ। ଆମ ଦେଶର ଜୈବବିବିଧତା ସାରା ପୃଥିବୀରେ ଅନନ୍ୟ। ଭାରତ ଭଳି ଏକ ବିସ୍ତୃତ ପ୍ରାକୃତିକ ଗବେଷଣାଗାରରେ ଗବେଷଣା କରିବାର ଯଥେଷ୍ଟ ପାଥେୟ ରହିଛି। ଆମ ଭୂଖଣ୍ଡରେ ଘଟୁଥିବା ପ୍ରତ୍ୟେକ ପରିଘଟଣାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ଅମାପ ନୂତନ ସତ୍ୟର ସନ୍ଧାନ ମିଳିପାରିବ। ଆମର ଯୁକ୍ତିଯୁକ୍ତ ବିଚାର ତତ୍ ସମ୍ପର୍କିତ ବିଦ୍ୟମାନ ବିଜ୍ଞାନକୁ ଆହୁରି ବଳିଷ୍ଠ କରିବ। କେବଳ ସେତିକି ନୁହେଁ, ଭାରତୀୟ ମସ୍ତିଷ୍କ ଭିତରେ ଲୁଚି ରହିଥିବା ବୈଜ୍ଞାନିକ ନିଶ୍ଚୟ ସମାଜର ସ୍ୱୀକୃତି ଲାଭ କରିପାରିବ।

ଓମ୍‌ଇଏସ୍. (ପଦାର୍ଥ ବିଜ୍ଞାନ),
ପରୀକ୍ଷା ନିୟନ୍ତ୍ରକ,
ଫକୀର ମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର, ମୋ:୯୪୩୯୫୦୧୬୫୧

## ଏଇ ଭାରତରେ

ଦିଲ୍ଲୀର ବିହାନ୍ ଓ ନାଭ୍ ଅଗ୍ରୱାଲ ଦେଶର ୧୪ଟି ସହରରେ ୧ ମିଲିୟନ (୧୦ ଲକ୍ଷ) କେ.ଜି. ବର୍ଜ୍ୟ ରିସାଇକେଲିଂ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ଲୋକମାନେ ବର୍ଜ୍ୟ ପୋଡ଼ିଦେଉଥିବା ଲକ୍ଷ୍ୟକରି ତାହାକୁ ବନ୍ଦ କରିବା ସକାଶେ ଏହି ଦୁଇଭାଇ ବର୍ଜ୍ୟ ସଂଗ୍ରହ ଆରମ୍ଭ କରିଥିଲେ। ୨୦୧୭ରେ ସେମାନେ ପ୍ରଥମେ ତାଙ୍କ ଘରୁ ଓ ପରେ ୧୫ଟି ପରିବାରରୁ ବର୍ଜ୍ୟ ସଂଗ୍ରହକରି ରିସାଇକେଲିଂ ପାଇଁ ପଠାଇଥିଲେ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୨୦୧୮ରେ ସେମାନେ 'ୱାନ୍ ଷ୍ଟେପ୍ ଗ୍ରୀନର୍' ନାମକ ଏକ ଷ୍ଟାର୍ଟଅପ୍ ଗଠନ କରିଥିଲେ। ଏହି ଷ୍ଟାର୍ଟଅପ୍ ସହ ବହୁ ଯୁବ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ଏବେ ଏହା ମାଧ୍ୟମରେ ୧୪ଟି ସହରରୁ ବର୍ଜ୍ୟ ସଂଗ୍ରହ ଚାଲିଛି। ଏହାସହ ସ୍କୁଲ ଓ କାର୍ଯ୍ୟାଳୟଗୁଡ଼ିକରୁ ମଧ୍ୟ ବର୍ଜ୍ୟ ସଂଗ୍ରହ କରାଯାଉଛି। ବିଶେଷକରି ପ୍ଲାଷ୍ଟିକ୍, କାର୍ଡବୋର୍ଡ, ଧାତୁ, ଗ୍ଲାସ୍ ଏବଂ ଇ-ବର୍ଜ୍ୟ ସଂଗ୍ରହକରି ରିସାଇକେଲିଂ କେନ୍ଦ୍ରକୁ ପଠାଯାଉଛି। ଏହି ଷ୍ଟାର୍ଟଅପ୍ ମଧ୍ୟ ୭୩,୦୦୦ରୁ ଅଧିକ ଗଛ ଲଗାଇବାରେ ସହଯୋଗ କରିଛି। ସଂଗୃହୀତ ବର୍ଜ୍ୟକୁ ଅଲଗା କରିବା କାମରେ ଅନେକ ହଜାର ମହିଳାଙ୍କୁ ରୋଜଗାର ମିଳୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୧ ଫେବୃଆରୀ ୧୯୭୬

- ରେଲୱେ ମନ୍ତ୍ରଣାଳୟର ଉଦ୍ୟମ ଫଳରେ ଅଣଅନୁମୋଦିତ ରେଳ ଟିକେଟ ବିକ୍ରିକୁ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ରାଜସ୍ଥାନ ଓ ଦିଲ୍ଲୀ ସରକାର ଭାରତ ରକ୍ଷା ଓ ଭାରତର ଆଭ୍ୟନ୍ତରୀଣ ନିରାପତ୍ତା ଆଇନଭୁକ୍ତ ଏକ ଅପରାଧ ବୋଲି ଘୋଷଣା କରିଛନ୍ତି।
- କେନ୍ଦ୍ର ଘରୋଇ ମନ୍ତ୍ରଣାଳୟ ଅଧୀନରେ ଥିବା ହିନ୍ଦୀ ପରାମର୍ଶଦାତା କମିଟିକୁ ପୁନର୍ଗଠନ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଓଲା-ଉବର ଡ୍ରାଇଭର ଅତିରିକ୍ତ ଦେୟ ମାଗୁଛନ୍ତି

ମହାଶୟ,

ଟୁଇନ୍ ସିଟିରେ କ୍ୟାବ୍ ବୁକ୍ କରିବା ଚିନ୍ତାର କାରଣ ପାଲଟିଛି। ଯାତ୍ରା ୨୦ କି ୨ କି.ମି. ହେଉ। ଯାତ୍ରୀମାନେ ରିପୋର୍ଟ କରନ୍ତି ଯେ ଓଲା, ଉବର ରାପିଡୋ ଡ୍ରାଇଭରମାନେ 'ଅତିରିକ୍ତ ଟଙ୍କା'କୁ ଏକ ବେସରକାରୀ, ବାଧ୍ୟତାମୂଳକ ନିୟମ କରିଛନ୍ତି। ଡ୍ରାଇଭରମାନେ ପ୍ରାୟତଃ ଆପ୍ ଭଡ଼ା ଉପରେ ଅତିରିକ୍ତ ୫୦ରୁ ୧୦୦ ଟଙ୍କା ଦାବିକରି ଫୋନ୍ କରନ୍ତି, ଯାତ୍ରୀ ମନାକଲେ ବାତିଲ କରିବାକୁ ଧମକ ଦିଅନ୍ତି। କମ୍ ଦୂରତା ପାଇଁ ମଧ୍ୟ ଯେଉଁଠାରେ ଆପ୍ ଏକ ଉଚିତ ମୂଲ୍ୟ ଦେଖାଏ, ଡ୍ରାଇଭରମାନେ 'ଇନ୍ଧନ ରେଟ୍ ବୃଦ୍ଧି' କିମ୍ବା 'ଫେରସ୍ତ ଭଡ଼ା'ଫି ପାଇଁ ଜିଦ୍ ଧରି ରହନ୍ତି, ଯାହା ବିଲ୍‌ରେ ପ୍ରତିଫଳିତ ହୁଏ ନାହିଁ। ବୈଧ ରାଜ୍ୟ ଲାଇସେନ୍ସ ବିନା କାର୍ଯ୍ୟ କରିବା ପାଇଁ ଭୁବନେଶ୍ୱର ଆର୍‌ଟିଓ ଏଗ୍ରିଗେଟରଙ୍କ ବିରୋଧରେ ପୋଲିସ ଅଭିଯୋଗ ଦାଖଲ କରିବା ସତ୍ତ୍ୱେ ଅଧିକ ଚାର୍ଜିଂ ଜାରି ରହିଛି। ଓଡ଼ିଶା ଏଗ୍ରିଗେଟର ନୀତି ଭଡ଼ା ନିୟନ୍ତ୍ରଣ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ, ମୂଳରେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ। ବିରକ୍ତ ନାଗରିକଙ୍କୁ ଏବେ ରାଜ୍ୟ ପରିବହନ ପ୍ରାଧିକରଣଙ୍କ ନିକଟରେ ୧୮୦୦-୩୪୫-୧୦୭୩ ନମ୍ବରରେ ଆନୁଷ୍ଠାନିକ ଅଭିଯୋଗ ପଞ୍ଜୀକରଣ କରିବାକୁ ଶୂନ୍ୟ-କମିଶନ ମଡେଲରେ କାର୍ଯ୍ୟ କରୁଥିବା ଓଡ଼ିଶା ଯାତ୍ରୀ ଆପ୍ ବ୍ୟବହାର କରିବାକୁ ଅନୁରୋଧ କରାଯାଉଛି।

-ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ

## ଚିରନ୍ତନୀ

ମରମେ ମୋହର ଅମୃତ ଗଲା ବରଷି
ଶତ ଧାରେ
କିବା ଉତ୍ସବେ ଉଠିଲା ଏ ଦେହ ହରଷି
ବାରେ ବାରେ ।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାଣ୍ଟୁ ଆଣିଥିଲେ ବନ୍ଧୁକ, ଚଳାଇଲେ ଉତ୍କଳ କେଶରୀ

- ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ଖାଲି କ୍ୟାଟ୍ରିଜ୍, କାର, ସ୍କୁଟର, ମୋଟରସାଇକେଲ, ୪ ମୋବାଇଲ ଫୋନ୍ ଜବତ
- ନୂଆପଡ଼ା ଗୁଳିକାଣ୍ଡ ମାମଲା: ବନ୍ଧା ହେଲେ ୫ ଅଭିଯୁକ୍ତ

କଟକ,୨୦।୨(କାର୍ତ୍ତିକ ସାହୁ)



ଗିରଫ ୫ ଅଭିଯୁକ୍ତ ଏବଂ ଜବତ ବିଭିନ୍ନ ସାମଗ୍ରୀ।

କଟକ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ଗୁଳିକାଣ୍ଡ ମାମଲାରେ କମିଶନରେଟ ପୋଲିସ ୫ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ହୁକୁ ଓରଫ ଉତ୍କଳ କେଶରୀ ପଶାୟତ (୩୦), ନାଣ୍ଟୁ ଓରଫ ଅଭିଜିତ ମହାନ୍ତି (୨୫), ପୋଡ଼ା ଓରଫ ଗୁଡୁ ଓରଫ ପ୍ରିୟବ୍ରତ ତ୍ରିପାଠୀ (୨୫), ବାଉଁ ଓରଫ ହିମାଂଶୁ ଶେଖର ନାୟକ (୩୦) ଏବଂ ଓମ୍ ଓରଫ ରୁଦ୍ର ପ୍ରସାଦ ଚାନ୍ଦ(୨୨)। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ଖାଲି କ୍ୟାଟ୍ରିଜ୍, ଗୋଟିଏ କାର୍ (ନଂ. ଓଡି୦୫-ଏମ-୮୬୦୬), ଗୋଟିଏ ସ୍କୁଟର (ନଂ. ଓଡି୦୫-ଏମ-୬୭୫୪), ଗୋଟିଏ ମୋଟରସାଇକେଲ (ନଂ.ଓଡି୦୫-ଏସ୍-୮୬୮୨) ଏବଂ ୪ଟି ମୋବାଇଲ ଫୋନ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ନୂଆପଡ଼ା ଅଞ୍ଚଳର ବାସିନ୍ଦା। ତେବେ ନାଣ୍ଟୁ ହତ୍ୟାକାରୀ ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିବା କଥାକୁ ପୋଲିସ ତଦନ୍ତ ପରେ ସତ ବାହାରିଛି। ଅଭିଯୁକ୍ତ ନାଣ୍ଟୁ ଗୁଳି ଭର୍ତ୍ତି ବନ୍ଧୁକ ଆଣିଥିଲେ ଓ ମଦ ନିଶାରେ ବଚସାରୁ ହୁକୁ ଓରଫ ଉତ୍କଳ କେଶରୀ ଗୁଳି ଚଳାଇଛନ୍ତି ବୋଲି ପୋଲିସ ସ୍ପଷ୍ଟ କରିଛି।

ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ମଧୁପାଟଣା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦେଇଥିବା ସୂଚନା ଅନୁଯାୟୀ, ଗତ ବୁଧବାର ଅପରାହ୍ନରେ ମୃତକ ସୌମ୍ୟରଞ୍ଜନ ଜେନା ଓରଫ ରିଙ୍କୁ ଏବଂ ଗିରଫ ଅଭିଯୁକ୍ତମାନେ ମିଳିତ ଭାବେ ଭୋଜି କରିଥିଲେ। ତେବେ ମଦ ନିଶାରେ ପରସ୍ପର ମଧ୍ୟରେ ଯୁକ୍ତିତର୍କ ଲାଗି ଏଭଳି କାଣ୍ଡ ହୋଇଥିଲା। ଅଭିଯୁକ୍ତ ନାଣ୍ଟୁ ଭୁବନେଶ୍ୱରରେ ଏକ ମାମଲାରେ ୱାଣ୍ଟେଡ୍ ଥିଲେ। ସେଠାରୁ ସେ ଖସି ଆସି ନୂଆପଡ଼ା ଅଞ୍ଚଳରେ ଥିବା ନିଜ ଘରେ ଲୁଚି ରହୁଥିଲେ। କୌଣସି ମୋବାଇଲ ବ୍ୟବହାର କରୁ ନ ଥିଲେ। ଅନ୍ୟତମ ଅଭିଯୁକ୍ତମାନେ ନାଣ୍ଟୁଙ୍କ ସାଙ୍ଗ ଭାବେ ପରସ୍ପର ସହ ମିଳାମିଶା କରନ୍ତି। ଘଟଣା ଦିନ ସମସ୍ତେ ମଦ ପିଇବା ପାଇଁ ପ୍ରେସ୍ କଲୋନୀର ପରିତ୍ୟକ୍ତ କ୍ୱାର୍ଟର୍ସରେ ଏକାଠି ହୋଇଥିଲେ। ନାଣ୍ଟୁ ତାଙ୍କ ଘରୁ ବନ୍ଧୁକ ଆଣି ସେଠାରେ ପହଞ୍ଚି ଥିଲେ। ଅଭିଯୁକ୍ତ ହୁକୁ ବନ୍ଧୁକଟିକୁ ନାଣ୍ଟୁଠାରୁ ନେଇ ମୁଁ ଟିକେ ବାହାରୁ ବୁଲିଆସୁଛି ବୋଲି କହିଥିଲେ। ସେ ଏବଂ ବାଉଁ ସାଙ୍ଗ ହୋଇ ଲକ୍ଷେଶ୍ୱର ମନ୍ଦିର ଆଡୁ ବୁଲିଆସି ସେଠାରେ ପହଞ୍ଚିଥିଲେ। ଅପରାହ୍ନ ସମୟ ଥିଲା। ସେମାନେ ପହଞ୍ଚିଲା ପରେ ରିଙ୍କୁ ଏବଂ ଓମ୍ ତାଙ୍କୁ କହିଲେ, ବନ୍ଧୁକ ଖାଲି ଧରି ବୁଲୁଛୁ ନା ଚଳାଇବାର କିଛି ସାହସ ଅଛି। ଏହାକୁ ନେଇ ପରସ୍ପର ମଧ୍ୟରେ ଥଟ୍ଟାମଜା ହୋଇଥିଲା। ମୃତ ରିଙ୍କୁ ହସୁଥିବା ଦେଖି ହୁକୁ କହିଥିଲେ, ତୁ ତ ହସୁଛୁ। ଏତେ ବଡ଼ ହେଲୁଣି, ବାହାଘର ହେଉନାହିଁ ଆଦି ବିଭିନ୍ନ କଥା କହି କମେଣ୍ଟ ମାରିଥିଲେ। ରିଙ୍କୁ ପ୍ରତ୍ୟୁତ୍ତରରେ ତମେ ବାହା ହୋଇ ବାପାଙ୍କ ପଇସାରେ ଚଳୁଛ ବୋଲି ଆକ୍ଷେପ କରି କହିଥିଲେ। ଏଭଳି ବାର୍ତ୍ତାଳାପ ଧୀରେ ଧୀରେ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ପରସ୍ପର ମଧ୍ୟରେ ଥଟ୍ଟାମଜାରୁ ଏକ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥିଲା। ସମସ୍ତେ ମଦ ନିଶାରେ ଚୁର ଥିଲେ। ଏତିକି ବେଳେ ବାଉଁ ଆଉ ଓମ୍ କହିଲେ, ଦମ୍ ଅଛିତ ଗୁଳି ଚଳାଇକି ଦେଖା। ଏଭଳି କଥାରେ ପ୍ରଭାବିତ ହୋଇ ହୁକୁ ବନ୍ଧୁକର ଟ୍ରିଗର ଟିପି ଦେଇଥିଲେ। ସଙ୍ଗେ ସଙ୍ଗେ ରିଙ୍କୁଙ୍କ ଛାତିରେ ଗୁଳି ବାଜି ସେ ରକ୍ତ ଜୁଡୁବୁଡୁ ହୋଇଯାଇଥିଲେ। ସେମାନେ ସଙ୍ଗେସଙ୍ଗେ ତାଙ୍କୁ ମେଡିକାଲ ନ ନେଇ ଖସିବାକୁ ଯୋଜନା କରିଥିଲେ। ନାଣ୍ଟୁ ଗୁଳିକାଣ୍ଡର ଦୋଷ ନିଜ ଉପରକୁ ନେବାକୁ ସେମାନେ କହିଥିଲେ। ସେ ବେଲ୍‌ରେ ଆସିବା ପାଇଁ ଯାହା ପଇସା ଖର୍ଚ୍ଚ ହେବ ଅନ୍ୟମାନେ ଦେବେ ବୋଲି ପ୍ରସ୍ତାବ ଦେଇଥିଲେ। ସେମାନେ ଭାବିଥିଲେ ମେଡିକାଲ ନେଇଯିବା ପରେ ରିଙ୍କୁ ବଞ୍ଚିଯିବେ। ଏଭଳି ଯୋଜନା କରୁଥିବା ବେଳେ ବହୁତ ଡେରି ହୋଇଯାଇଥିଲା। ତେବେ ଅଭିଯୁକ୍ତ ଓମ୍ ଏବଂ ନାଣ୍ଟୁ ପ୍ରଥମେ ରିଙ୍କୁଙ୍କୁ ସ୍ଥାନୀୟ ଏକ ହସ୍ପିଟାଲକୁ ସ୍କୁଟରରେ ନେଇଥିଲେ। ସେଠାରେ ହୁକୁ ଓ ବାଉଁ ପହଞ୍ଚିଥିଲେ। ପରେ ରିଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏହାପରେ ନାଣ୍ଟୁ ଓ ପୋଡ଼ା ଘଟଣାସ୍ଥଳକୁ ଫେରିଆସିଥିଲେ। ସେଠାରେ ବନ୍ଧୁକରୁ ଜୀବନ୍ତ ଗୁଳି ବାହାର କରିଦେଇଥିଲେ। ଖାଲି କ୍ୟାଟ୍ରିଜ୍‌କୁ ସଂଗ୍ରହ କରିଥିଲେ। ସେଠାରୁ ସେ ନିଜ ଘର ୪୨ ମୌଜାକୁ ପଳାଇଥିଲେ। ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ସେ ସେଠାରେ ବନ୍ଧୁକ, ଗୁଳି, ଖାଲି କ୍ୟାଟ୍ରିଜ୍‌କୁ ଲୁଚାଇ ଦେଇଥିଲେ। ସମସ୍ତେ ଫେରାର ହୋଇଯାଇଥିଲେ। ପୋଲିସର ତଦନ୍ତକାରୀ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରି ଶୁକ୍ରବାର ଅପରାହ୍ନରେ ନିଜ କବ୍‌ଜାକୁ ନେଇଥିଲା ବୋଲି ସୂଚନା ଦିଆଯାଇଛି।

# ବନ୍ଦ ଘରୁ ମହିଳାଙ୍କ ଗଳିତ ମୃତଦେହ ଜବତ

ବ୍ରଜରାଜନଗର,୨୦।୨(ବିଜୟ ବରାଡ଼)

**ଚେତାଶୂନ୍ୟ ସ୍ୱାମୀଙ୍କ ଡାକ୍ତରଖାନାରେ ମୃତ୍ୟୁ**

ବ୍ରଜରାଜନଗର ଓରିଏଣ୍ଟ ଥାନା ଅନ୍ତର୍ଗତ ସନଯୋବ ହନୁମାନ ମନ୍ଦିର ପଡ଼ାରେ ଶୁକ୍ରବାର ଜଣେ ମହିଳାଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଗୋବିନ୍ଦ ଭୋଇ(୬୧)ଙ୍କ ସ୍ତ୍ରୀ ରୁକ୍ମିଣୀ ଭୋଇ(୫୫)। ରୁକ୍ମିଣୀଙ୍କୁ ହତ୍ୟା କରାଯାଇଥିବା ନେଇ ପୋଲିସ ସନ୍ଦେହ କରୁଥିବା ବେଳେ ସେହିଘରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର ହୋଇଥିବା ଗୋବିନ୍ଦଙ୍କର ମଧ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବ୍ରଜରାଜନଗର ଏସ୍‌ଡିପିଓ ଶିବାଶିଷପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ପ୍ରକାଶ ଯେ, ଗୋବିନ୍ଦ ଓ ସ୍ତ୍ରୀ ରୁକ୍ମିଣୀ ସେହି ଘରେ ରହୁଥିଲେ। ଚାରିଦିନ ହେଲା ଭିତରପଟୁ କବାଟ ବନ୍ଦ ଥିଲା। ନିକଟରେ ରହୁଥିବା ମୃତାଙ୍କ ସାନଭଉଣୀ ବାରମ୍ବାର ଫୋନ୍ କଲାପରେ ମଧ୍ୟ ରୁକ୍ମିଣୀ ଫୋନ୍ ରିସିଭ୍ କରି ନ ଥିଲେ। ପୂର୍ବାହ୍ନ ୧୧ଟାରେ ମୃତାଙ୍କ ଭଉଣୀ ତାଙ୍କ ଘର ପାଖକୁ ଆସି କବାଟ ବାଡ଼େଇଥିଲେ। ଗୋବିନ୍ଦ ଆସି କବାଟ ଖୋଲିଥିଲେ। ଘରେ ପଶି ମୃତଦେହ ଦେଖିଲା ପରେ ରୁକ୍ମିଣୀଙ୍କ ଭଉଣୀ ପୋଲିସକୁ ଜଣାଇଥିଲେ। ପୋଲିସ ଆସି ଘରେ ପଶିବା ଦେଖି ଗୋବିନ୍ଦ ଚେତାଶୂନ୍ୟ ହୋଇଯାଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ମହଲେମାପା ହସ୍ପିଟାଲକୁ ପଠାଇଥିଲା। ସେଠାରେ ଡାକ୍ତର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତେବେ ରୁକ୍ମିଣୀଙ୍କର ୩ ଦିନ ପୂର୍ବରୁ ମୃତ୍ୟୁ ଘଟିଥିବା ପୋଲିସ କହୁଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଦମ୍ପତିଙ୍କ ମୃତଦେହ ଜବତ କରିଛି। ସୂଚନାଯୋଗ୍ୟ, ଗୋବିନ୍ଦ ଜଣେ ଅବସରପ୍ରାପ୍ତ ଏମ୍‌ସିଏଲ କର୍ମଚାରୀ। ତାଙ୍କ ଘରକୁ ସର୍ବଦା ଅନେକ ଲୋକଙ୍କ ଯିବାଆସିବା ଥିଲା। ତେଣୁ ପୋଲିସ ଠିକ୍ ତଦନ୍ତ କଲେ ସତ୍ୟ ଉନ୍ମୋଚନ ହେବ ବୋଲି ପଡ଼ୋଶୀ ପ୍ରକାଶ କରିଛନ୍ତି।

# ଜମିବାଡ଼ି ବିବାଦରୁ ଭାଇଙ୍କ ଜୀବନ ନେଲେ ଭାଇ



ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

କେନ୍ଦ୍ରାପଡ଼ା,୨୦।୨(ଅଜିତ ଧଳ)

**କେନ୍ଦ୍ରାପଡ଼ା ଥାନା କୋଶଳା ବହିଆଲିସାହିରେ ହତ୍ୟାକାଣ୍ଡ**

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଭାଇଙ୍କ ଜୀବନ ନେଇଛନ୍ତି ଭାଇ। ଅନୁଗୋଳ ଜିଲା କେନ୍ଦ୍ରାପଡ଼ା ଥାନା କୋଶଳା ବହିଆଲିସାହିରେ ଶୁକ୍ରବାର ଘଟିଛି ଏହି ହତ୍ୟାକାଣ୍ଡ। ବହିଆଲିସାହିର ସୁଗ୍ରୀବ ପ୍ରଧାନଙ୍କୁ ତାଙ୍କ ଦାଦାପୁଅ ଭାଇ ସୁଶାନ୍ତ ପ୍ରଧାନ ପିଟି ପିଟି ହତ୍ୟା କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ସୁଗ୍ରୀବଙ୍କ ମାମୁ ପୁଅ ଭାଇଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୭୩/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁଶାନ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, କୋଶଳା ବହିଆଲିସାହିର ସୁଗ୍ରୀବ ଓ ଦାଦା ପୁଅ ସୁଶାନ୍ତଙ୍କ ମଧ୍ୟରେ ଗୁରୁବାର ରାତିରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ତୀବ୍ର ବଚସା ସହିତ ମାରପିଟ ହୋଇଥିଲା। ସକାଳେ ସୁଗ୍ରୀବଙ୍କ ମୃତଦେହ ଘର ବାରଣ୍ଡାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପରେ ସୁଗ୍ରୀବଙ୍କ ମାମୁ ପୁଅ ଭାଇ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ଘଟଣାର ତଦନ୍ତ ଚଳାଇଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ମାରପିଟ ହୋଇଥିବା ସ୍ଥାନର ସିସିଟିଭି ଫୁଟେଜ ପୋଲିସ ଯାଞ୍ଚ କରୁଛି। ଅଭିଯୁକ୍ତ ସୁଶାନ୍ତଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ ଟିମ୍‌ର ରିପୋର୍ଟ ଆସିବା ପରେ ଘଟଣା ଉପରୁ ପରଦା ହଟାଯିବ ବୋଲି ଥାନା ଅଧିକାରୀ ବିଭୂଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ଫରେଷ୍ଟର

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

ଭବାନୀପାଟଣା,୨୦।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ରେଞ୍ଜ ଅନ୍ତର୍ଗତ ଭଟାଙ୍ଗପଦର ଫରେଷ୍ଟର ଭାଗବତ ଭୂଷଣ ବେହେରା ଶୁକ୍ରବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭବାନୀପାଟଣା ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ସକାଳ ପ୍ରାୟ ୬ଟାରୁ ଭିଜିଲାନ୍ସର ୩ଟି ଟିମ୍ ଭବାନୀପାଟଣା ହିଲ ଟାଉନରେ ଥିବା ଫରେଷ୍ଟରଙ୍କ ତିନି ମହଲା ବାସଭବନ, ଜୁନାଗଡ଼ ଥାନା ଅନ୍ତର୍ଗତ ଦେଉଣ୍ଡି ଗାଁରେ ଥିବା ପୈତୃକ ବାସଭବନ ଓ ଭଟାଙ୍ଗପଦର ସେକ୍ସନର ଫରେଷ୍ଟରଙ୍କ ସରକାରୀ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ। ଏହି ସମୟରେ ଫରେଷ୍ଟର ବେହେରାଙ୍କ ସମସ୍ତ





ଫରେଷ୍ଟର ଭାଗବତ ଭୂଷଣ ବେହେରା। ହିଲ ଟାଉନରେ ଥିବା ତିନିମହଲା କୋଠା।

ବ୍ୟାଙ୍କ ଆକାଉଣ୍ଟ, ସୁନାଗହଣା ଓ ଜମିବାଡ଼ି ସମ୍ପର୍କିତ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ହିଲ ଟାଉନରେ ଥିବା ୫୩ ଶହ ସ୍କୋୟାରଫୁଟ୍‌ର ଏକ ମଲ୍ଟି ଷ୍ଟୋରେଡ୍ କୋଠା, ଭବାନୀପାଟଣା ସହର ମଧ୍ୟରେ ଥିବା ୯ଟି ପ୍ଲଟ, ୨୧୦ ଗ୍ରାମ ସୁନା, ୨ଟି ହାର୍‌ଭେଷ୍ଟର (ଧାନକଟା ମେଶିନ), ଗୋଟିଏ ଚାରିଚକିଆ ଗାଡି, ୪ଟି ବେନାମୀ ଟ୍ରାକ୍ଟର ଓ ବୋଲେରୋ ସମେତ ବ୍ୟାଙ୍କ, ପୋଷ୍ଟାଲ ଜମା, ଜୀବନ ବୀମା ପଲିସି ଆଦି ମିଳିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଭବାନୀପାଟଣା ସେଣ୍ଟ୍ରାଲ ବ୍ୟାଙ୍କରେ ତାଙ୍କ ନାମରେ ଏକ ଲକର ଖୋଲାଯାଇଥିବାବେଳେ ସେ ଏହାକୁ ପରିଚାଳନା କରୁଥିବା ଭିଜିଲାନ୍ସ ବିଭାଗ ଜାଣିପାରିଛି। ଖବର ଲେଖାହେବା ସୁଦ୍ଧା ଚଢ଼ାଉ ଜାରି ରହିଛି। ତେବେ ଜବତ ସମ୍ପତ୍ତି ପରିମାଣ ୩ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଚଢ଼ାଉ ଶେଷହେବା ପରେ ଏହାର ପରିମାଣ ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଭିଜିଲାନ୍ସ ବିଭାଗ ଫରେଷ୍ଟର ବେହେରାଙ୍କୁ ଗିରଫ କରି ଅଧିକ ଖୋଳତାଡ଼ କରୁଛି। ଏହି ଚଢ଼ାଉରେ କୋରାପୁଟ ଭିଜିଲାନ୍ସ ଡିଭିଜନ ଅଧୀନ କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, ନୂଆପଡ଼ା ଆଦି ଜିଲାର ୪ ଜଣ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ, ୨୦୦୦ ମସିହା ଅଗଷ୍ଟ ୨୦ରେ ଫରେଷ୍ଟର ବେହେରା କଳାହାଣ୍ଡି ଉତ୍ତର ବନଖଣ୍ଡରେ ଫରେଷ୍ଟ ଗାର୍ଡ ଭାବେ ନିଯୁକ୍ତି ପାଇଥିଲେ। ସେ ସମୟରେ ତାଙ୍କ ଦରମା ୩ ହଜାର ଟଙ୍କା ରହିଥିଲା। ତେବେ ଚାକିରିର ୨୫ ବର୍ଷ ପରେ ସେ ଏତେ ସମ୍ପତ୍ତି କେମିତି ଠୁଳ କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


**IDBI BANK**
CIN: L65190MH2004GOI148838

ଆଞ୍ଚଳିକ କାର୍ଯ୍ୟାଳୟ: ୧ମ ମହଲା, ଆଇଡିବିଆଇ ହାଉସ୍, ଜନପଥ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ନିଲାମ ବିକ୍ରୟ ନୋଟିସ୍** (ଆପେଣ୍ଡିକ୍ସ-୪-ଏ (ନିୟମ) ୮(୬) ଏବଂ ନିୟମ ୯(୧) ପ୍ରାବଧାନ ଦ୍ରଷ୍ଟବ୍ୟ)
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬) ଏବଂ ରୁଲ୍ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଏବଂ ବିଶେଷଭାବେ ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, ସୁରକ୍ଷିତ ରଣଦାତାଙ୍କ ନିକଟରେ ବନ୍ଧକଥିବା ନିମ୍ନ ଦର୍ଶିତ ସ୍ଥାବର ସମ୍ପତ୍ତି କୁ ଆଇଡିବିଆଇ ବ୍ୟାଙ୍କ ଲିଃର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଭୌତିକ ଦଖଲ ନିଆଯାଇଛି। ସୁରକ୍ଷିତ ରଣଦାତାଙ୍କ ଦ୍ୱାରା **ଏ ହମଦ ଫିସ୍, ସ୍ୱତ୍ତ୍ୱାଧିକାରୀ: ରୋଜିଦା ଖାତୁନ (ବନ୍ଧକଦାତା)**ଙ୍କ ଠାରୁ ବକେୟା ରଣ ଆଦାୟ କରିବା ନିମନ୍ତେ ବନ୍ଧକ ସମ୍ପତ୍ତିକୁ **ତା.୨୩.୦୩.୨୦୨୬ରିଖରେ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ ସେଠାରେ ଯାହା ଅଛି" ଏବଂ ବିନା ଆଇନଗତ ସହାୟତା"**, ଭିତ୍ତିରେ ବିକ୍ରି କରାଯିବ। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମାରାଶି ନିମ୍ନରେ ଦର୍ଶିତ।

| କ୍ର. ନଂ. | ରଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ / ଦଖଲ ପ୍ରକାର | ଭୌତିକ ଦଖଲ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍‌ବୃଦ୍ଧି ରାଶ | ରଣ ବକେୟା ପରିମାଣ |
|---|---|---|---|---|---|
| ୧. | **ରଣଗ୍ରହୀତା: ଏ ହମଦ ଫିସ୍, ସ୍ୱତ୍ତ୍ୱାଧିକାରୀ: ରୋଜିଦା ଖାତୁନ (ବନ୍ଧକଦାତା) / ଗ୍ୟାରେଣ୍ଟିଦାତା: ଜୁଲଫିକର ଅଲ୍ଲୀ ସାକିବ,** ଉଭୟଙ୍କ **ଠିକଣା-୧:** କାଜି ସାହି, ନଙ୍ଗା ମହଲ୍ଲା, ମସଜିଦ୍ ନିକଟ, ଭଦ୍ରକ ଟାଉନ୍, ଭଦ୍ରକ, ଓଡିଶା, ପିନ୍-୭୬୬୧୦୦, **ଠିକଣା-୨:** ଖାତା ନଂ.: ୩୨୪, ପ୍ଲଟ୍ ନଂ.: ୧୦୬୦, କାଜି ସାହି, ବାଲିଓରଡା, ପୁରୁଣାବଜାର, ନଙ୍ଗା ମହଲ୍ଲା, ଭଦ୍ରକ, ଓଡିଶା, ପିନ୍-୭୫୬୧୦୦ | ସମ୍ପତ୍ତିର ମାଲିକ ଏବଂ ବନ୍ଧକଦାତା: **ରୋଜିଦା ଖାତୁନ**ଙ୍କ ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୮୦ ଡିସିମିଲି, ପ୍ଲଟ୍ ନଂ.: ୧୦୬୨, ଖାତା ନଂ.: ୩୩୬/୩୬୭, ପ୍ଲଟ୍ ନଂ.: ୧୦୪୯, ୧୦୬୩, ଖାତା ନଂ.: ୫୩୭/୧୬୫, ମୌଜା: ବାଲିଓରଡା, ଥାନା: ଭଦ୍ରକ ପୁରୁଣା ବଜାର, ଭଦ୍ରକ-୭୫୬୦୦୧, ରାଜ୍ୟ: ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୦୬୧, ଉତ୍ତର: ପ୍ଲଟ୍ ନଂ.: ୧୦୪୯, ୧୦୬୨, ଦକ୍ଷିଣ: ୧୦୬୩, ୧୦୬୪ ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର / **ଭୌତିକ** | ୦୪.୦୪.୨୦୨୫ | ଟ.୨୧,୫୨,୦୦୦/- / ଟ.୨,୧୫,୨୦୦/- / ଟ.୧୦,୦୦୦/- | ୨୦.୦୨.୨୦୨୬ ସୁଦ୍ଧା ଟ.୧୧,୪୯,୩୦୬.୭୫ (ଖର୍ଚ୍ଚ ସହିତ) |

| | ଗୁରୁତ୍ୱ ପୂର୍ଣ୍ଣ ତାରିଖ | |
|---|---|---|
| ୨. | ତନଖି ତାରିଖ | ୧୯.୦୩.୨୦୨୬ (ପୂର୍ବାହ୍ନ ୧୧.୦୦ ରୁ ଅପରାହ୍ନ ୧.୦୦ ଘଟିକା) |
| ୩. | ବିଡ୍ ସହିତ ଅମାନତ ରାଶି ଦାଖଲ ଅନ୍ତିମ ତାରିଖ | ୨୦.୦୩.୨୦୨୬ (ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ) |
| ୪. | ଇ-ନିଲାମ ତାରିଖ ଏବଂ ସମୟ | ୨୩.୦୩.୨୦୨୬ (ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା ସହିତ ୫ମି. ବର୍ଦ୍ଧିତ ଅସିମୀତ ସମୟ) |

୫) ବିକ୍ରୟ ର ସବିଶେଷ ନିୟମ ଏବଂ ସର୍ତ୍ତାବଳୀର ସବିଶେଷବିବରଣୀ ପାଇଁ www.baanknet.com ଏବଂ ଆଇଡିବିଆଇ ବ୍ୟାଙ୍କର ୱେବସାଇଟ୍: website i.e. www.idbi.com/www.idbibank.com ଦେଖନ୍ତୁ। ଯେ କୌଣସି ସ୍ପଷ୍ଟିକରଣ ନିମନ୍ତେ ଯୋଗାଯୋଗ କରନ୍ତୁ: **ଶ୍ରୀ ଲଳିତ କୁମାର ପାତ୍ର, ଏଜିଏମ୍, ଶାଖା ମୁଖ୍ୟ (ମୋ) ୮୭୬୩୪୦୦୧୪୦, ଇ-ମେଲ: lalit.patra@idbi.co.in, ଶ୍ରୀ ଶୁକଦେବ ପାଲ, ଏଜିଏମ, ରିଟେଲ ରିକଭରୀ (ମୋ) ୯୦୭୩୩୦୩୧୦୧, ଇ-ମେଲ୍: shukdeb.pal@idbi.co.in** କିମ୍ବା **ଶ୍ରୀମତୀ ସୁଚିସ୍ମିତା ଦତ୍ତ, ମ୍ୟାନେଜର, ରିଟେଲ ରିକଭରୀ (ମୋ) ୯୮୩୦୫୦୮୯୬୧, ଇ-ମେଲ୍: suchismita.nandy@idbi.co.in.** ଇ-ନିଲାମ ସହାୟତା ପାଇଁ ଯୋଗାଯୋଗ କରନ୍ତୁ: **PSB Alliance Pvt Ltd., ମୋ ନଂ.: ୮୨୯୧୨୨୦୨୨୦/ ଇ-ମେଲ୍: support.baanknet@psballiance.com.** ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ରୁଲ ୮(୬) ଅନୁଯାୟୀ ଉପରୋକ୍ତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଏହା ଏକ **୩୦ ଦିନିଆ** ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ସୁରକ୍ଷିତ ରଣ ଦାତାଙ୍କ ୱେବସାଇଟ୍: **www.idbibank.in** ଦେଖନ୍ତୁ।

**ସ୍ଥାନ: ଭୁବନେଶ୍ୱର, ତାରିଖ : ୨୦.୦୨.୨୦୨୬**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼**



बैंक ऑफ़ बड़ौदा Bank of Baroda

**କ୍ଷେତ୍ରିୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସମ୍ବଲପୁର**
ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତନଗର ପୋଲିସ୍‌ଷ୍ଟେସନ୍ ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡିଶା, ଫୋନ୍ : ୦୬୭୧-୨୩୬୧୩୭୭, ମୋ : ୭୦୭୭୭୨୭୧୩୩, E-mail.: sarcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର ସମ୍ପତ୍ତି ଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ୍ "ପରିଶିଷ୍ଟ-୪-ଏ [ରୁଲ୍ ୬(୨) ଏବଂ ୮(୬)/୯(୧) ଅନୁଯାୟୀ ପ୍ରଦତ୍ତ]**
**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।**

ଏତଦ୍ଦ୍ୱାରା ସର୍ବସାଧାରଣ, ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ରଣଦାତା) ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲରେ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ''ଯେଉଁଠାରେ ଯେପରି ଅଛି'', ''ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ରଣଗ୍ରହୀତା /ବନ୍ଧକଦାତା / ଗ୍ୟାରେଣ୍ଟିଦାତା /ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ରଣଗ୍ରହୀତା/ ଜାମିନଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି)/ ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ) /ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| | **ରଣଗ୍ରହୀତାମାନେ : (୧) ମେସର୍ସ ସାଇ ଆଗ୍ରୋ ପ୍ରଡ଼କ୍ଟସ, ସ୍ୱତ୍ତ୍ୱାଧିକାରୀ : ଶ୍ରୀମତୀ ରେବତୀ ନାୟକ, (୨) ଶ୍ରୀମତୀ ରେବତୀ ନାୟକ,** ସ୍ୱା : ଶ୍ରୀ ଶତ୍ରୁଘ୍ନ ନାୟକ, ଉଭୟଙ୍କ ଠିକଣା ସା : ଦରଦା, ପୋ : ବୋରିକିନା, ଥାନା/ତହସିଲ : ବାଲିକୁଦା, ଜିଲ୍ଲା : ଜଗତସିଂହପୁର, ଓଡିଶା -୭୫୪୧୧୦ / **ଜାମିନଦାର : ଶ୍ରୀ ଶତ୍ରୁଘ୍ନ ନାୟକ,** ସା : ଦରଦା, ପୋ : ବୋରିକିନା, ଥାନା/ତହସିଲ : ବାଲିକୁଦା, ଜିଲ୍ଲା : ଜଗତସିଂହପୁର, ଓଡିଶା -୭୫୪୧୧୦ | **ଶ୍ରୀମତୀ ରେବତୀ ନାୟକଙ୍କ** ନାମରେ ଥିବା ଆଇନଗତ ବନ୍ଧକ ପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୭୭/୧, ୪୭୭/୧୬୧ ଏବଂ ୪୭୭/୧୬୨, ପ୍ଲଟ୍ ନଂ.: ୩୩୯, ୩୪୫, ୩୪୬, କ୍ଷେତ୍ର : ଏକର ୦.୨୬୦ ଡିସିମିଲି, ମୌଜା : ଦରଦା, ପୋ : ବୋରିକିନା, ଥାନା / ତହସିଲ : ବାଲିକୁଦା, ଜିଲ୍ଲା : ଜଗତସିଂହପୁର, ପିନ୍ : ୭୫୪୧୧୦ | ଦେୟ : ଡ଼ିମାଣ୍ଡ ନୋଟିସ୍ **ତା୧୦.୧୨.୨୦୧୫** ଅନୁଯାୟୀ **ଟ. ୧,୧୫,୯୦,୩୮୮/-** (ଲାଗୁହୋଇନଥିବା ସୁଧ ଏବଂ ପ୍ରଯୁଜ୍ୟ ଅନ୍ୟାନ୍ୟ ଦେୟ)ଏବଂ **ତା୧୨.୦୭.୨୦୨୫** ସୁଦ୍ଧା **ଟ. ୩,୪୧,୮୧,୮୭୮.୪୨+** ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | **୧୬.୦୩.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା** | ଟ.୩୬,୩୬,୦୦୦/- ଟ.୩,୬୩,୬୦୦/- ଟ.୧୫,୦୦୦/- | "ସାଙ୍କେତିକ" | **୧୨.୦୩.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ)** |
| ୨. | **ରଣଗ୍ରହୀତାମାନେ : (୧) ମେସର୍ସ ସ୍ୱାଇଁ ଆସୋସିଏଟ୍ସ, ସ୍ୱତ୍ତ୍ୱାଧିକାରୀ : ଗୋପାଳ କୃଷ୍ଣ ସ୍ୱାଇଁ,** ପ୍ଲଟ୍ ନଂ.: ୧୩୬୦, ମହତାବ ରୋଡ଼୍, ଡ଼. ବିମଳ ତ୍ରିପାଠୀ ଲେନ୍, ବାଦାମବାଡ଼ି, କଟକ, **(୨) ଶ୍ରୀ ଗୋପାଳ କୃଷ୍ଣ ସ୍ୱାଇଁ,** ପ୍ଲଟ୍ ନଂ.: ୧୩୬୦, ମହତାବ ରୋଡ଼୍, ଡ଼. ବିମଳ ତ୍ରିପାଠୀ ଲେନ୍, ବାଦାମବାଡ଼ି, କଟକ, (୩) ଶ୍ରୀ ଗିରିଶ୍ ଚନ୍ଦ୍ର ସ୍ୱାଇଁ, ପ୍ଲଟ୍ ନଂ.: ୧୩୬୦, ମହତାବ ରୋଡ଼୍, ଡ଼. ବିମଳ ତ୍ରିପାଠୀ ଲେନ୍, ବାଦାମବାଡ଼ି, କଟକ, | **(୧) ଗିରିଶ ଚନ୍ଦ୍ର ସ୍ୱାଇଁ ଏବଂ ଗୋପାଳ କୃଷ୍ଣ ସ୍ୱାଇଁଙ୍କ** ନାମରେ ଥିବା ଆଇନଗତ ବନ୍ଧକ ପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୮୨, ପ୍ଲଟ୍ ନଂ.: ୮୮୯, ମୌଜା : ଚମ୍ପେଶ୍ୱର, ନଂ.: ୨୪, ତହସିଲ : ନରସିଂହପୁର, କ୍ଷେତ୍ର : ଏକର ୦.୧୭୦ ଡିସିମିଲି, ଥାନା : କାନପୁର, ଜିଲ୍ଲା : କଟକ | ଦେୟ : ଡ଼ିମାଣ୍ଡ ନୋଟିସ୍ **ତା୧୯.୦୧.୨୦୧୬** ଅନୁଯାୟୀ **ଟ. ୧,୦୯,୧୦,୬୫୯.୯୫/-** (ଲାଗୁହୋଇନଥିବା ସୁଧ ଏବଂ ପ୍ରଯୁଜ୍ୟ ଅନ୍ୟାନ୍ୟ ଦେୟ)ଏବଂ **ତା୨୬.୦୫.୨୦୨୫** ସୁଦ୍ଧା **ଟ. ୨,୯୬,୭୪,୧୨୨,୧୭** + ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | **୧୬.୦୩.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା** | ଟ.୨୬,୫୦,୦୦୦/- ଟ.୨,୬୫,୦୦୦/- ଟ.୧୫,୦୦୦/- | "ସାଙ୍କେତିକ" | **୧୨.୦୩.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ)** |
| | | **(୨) ଗିରିଶ ଚନ୍ଦ୍ର ସ୍ୱାଇଁଙ୍କ** ନାମରେ ଥିବା ଆଇନଗତ ବନ୍ଧକ ପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୨୯/୬୦, ପ୍ଲଟ୍ ନଂ.: ୧୭୧୦/୧୯୬୫, ମୌଜା : ଚମ୍ପେଶ୍ୱର, ନଂ.: ୨୪, ତହସିଲ : ନରସିଂହପୁର, କ୍ଷେତ୍ର : ଏକର ୦.୦୮୦ ଡିସିମିଲି, ଥାନା : କାନପୁର, ଜିଲ୍ଲା : କଟକ | | **୧୬.୦୩.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା** | ଟ.୧୮,୩୧,୦୦୦/- ଟ.୧,୮୩,୧୦୦/- ଟ.୧୫,୦୦୦/- | "ସାଙ୍କେତିକ" | **୧୨.୦୩.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ)** |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ :
**https://www.bankofbaroda.bank.in/e-auction.htm** and **https://baanknet.in.** ଦେଖନ୍ତୁ।
ସମସ୍ତ ସମ୍ଭାବ୍ୟ ନିଲାମଧାରୀ ମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ **ଟେଲିଫୋନ୍ : ୦୬୭୧-୨୩୬୧୩୭୭, ମୋ : ୭୦୭୭୭୨୭୧୩୩** ରେ ଯୋଗାଯୋଗ କରିପାରିବେ।

**ଅନ୍‌ଲାଇନ୍ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରଖ: ତା.୧୬.୦୩.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା (କ୍ର. ନଂ. ୧ ଏବଂ ୨ଙ୍କ ପାଇଁ)**

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ**

**ସ୍ଥାନ: କଟକ**
**ତାରିଖ: ୨୦.୦୨.୨୦୨୬**
**କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା**



यूनियन बैंक ऑफ़ इंडिया Union Bank of India
भारत सरकार का उपक्रम — A Government of India Undertaking

**ଜଗତ୍‌ପୁର ଶାଖା,** ତଳ ମହଲା, ଜେବି ମାର୍କେଟ ବିଲ୍ଡିଂ, ଜଗତ୍‌ପୁର ସ୍କୋୟାର, କେନ୍ଦ୍ରାପଡା ରୋଡ, ଏସ୍‌ଏଚ୍-୯ଏ, କଟକ-୭୫୪୦୨୧, ମୋ.: ୮୮୬୦୭୦୦୨୩୦

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**
**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ରଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୭.୦୩.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ରଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ରଣଗ୍ରହୀତାମାନେ: ୧) ମେସର୍ସ ମହାବୀର ଏଜେନ୍ସିଜ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁବାଷ ଚନ୍ଦ୍ର ଲେଙ୍କା,** ସା: ଶଗଡିଆ ସାହି, ରାଣୀହାଟ, କଟକ, ଓଡ଼ିଶା, ପିନ୍ - ୭୫୩୦୦୧, **୨) ଶ୍ରୀ ସୁବାଷ ଚନ୍ଦ୍ର ଲେଙ୍କା,** ସା: ବେରୁଆଁ, ପୋ: ରାମଗଡ, ଥାନା: ଟାଙ୍ଗୀ, ଜିଲ୍ଲା: କଟକ-୭୫୪୦୨୨ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ ଘନଶ୍ୟାମ ଲେଙ୍କା,** ସା: ବେରୁଆଁ, ପୋ: ରାମଗଡ, ଥାନା: ଟାଙ୍ଗୀ, ଜିଲ୍ଲା: କଟକ-୭୫୪୦୨୨ / **ବକେୟା ରାଶି: ତା.୩୧.୦୧.୨୦୨୬ରିଖ ସୁଦ୍ଧା ଟ.୧୬,୩୦,୯୫୮.୨୬** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଘନଶ୍ୟାମ ଲେଙ୍କା ଏବଂ ଶ୍ରୀ ସୁବାଷ ଚନ୍ଦ୍ର ଲେଙ୍କାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର **ସମୁଦାୟ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୭୦ ଡିସିମିଲି,** ମୌଜା: ବେରୁଆଁ, ଥାନା: ଟାଙ୍ଗୀ, ତହସିଲ: ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୨୫୦/୫୬, ପ୍ଲଟ୍ ନଂ.: ୬୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀ ଅଶୋକ ସାହୁଙ୍କ ପ୍ଲଟ୍, ଦକ୍ଷିଣ: ନାଳ, ପୂର୍ବ: ପଦ୍ମାଳୟା ସ୍ୱାଇଁଙ୍କ ପ୍ଲଟ୍, ପଶ୍ଚିମ: ରାସ୍ତା | ଟ.୮,୧୮,୦୦୦/- / ଟ.୮୨,୦୦୦/- / ଟ.୧୦,୦୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା**

**ଇ-ନିଲାମ ତାରିଖ ଏବଂ ସମୟ : ତା.୨୭.୦୩.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com**

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍ / ମ୍ୟାପ୍‌ଡ୍ କରି ଦାଖଲ କରିବେ**

**ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ**

**ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.bank.in/auction-property/view-auction-property.aspx ଦେଖନ୍ତୁ।**

**ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ରଣ ଆକାଉଣ୍ଟକୁ ବିକ୍ରୟ କରାଯିବ।**

**ସ୍ଥାନ: କଟକ**
**ତାରିଖ: ୨୦.୦୨.୨୦୨୬**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଧରିତ୍ରୀ 52 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୧/୨୦୨୬ Bhubaneswar, Saturday, February 21/ 2026

# ୧୦ ଉଇକେଟରେ ଜିତିଲା ଭାରତ

**କଟକ,୨୦।୨(କୁମାରଶ୍ରୀ)**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏସିଆ କପ୍ ବଧିର କ୍ରିକେଟ ଟୁର୍ନାମେଣ୍ଟରେ ଘରୋଇ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଉଦ୍‌ଘାଟନୀ ମୁକାବିଲାରେ ଶ୍ରୀଲଙ୍କାକୁ ପରାସ୍ତ କରିବା ପରେ

**ଏସିଆ କପ୍ ବଧିର କ୍ରିକେଟ**

ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଲିଗ୍‌ରେ ଦଳ ୧୦ ଉଇକେଟରେ ନେପାଳକୁ ପରାସ୍ତ କରିଛି। ୧୩ ରନ୍ ବ୍ୟୟକରି ୫ ଉଇକେଟ ସଫଳତା ସହ ନେପାଳର ବ୍ୟାଟିଂ ଲାଇନ୍‌ଅପ୍‌କୁ ଭୁଶୁଡ଼ାଇ ଦେଇଥିବା ଭାରତର



ଜିଗର ଠାକ୍କରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଜିଗର ଠାକ୍କରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଶନିବାର ଏଠାରେ ଶ୍ରୀଲଙ୍କା ଏବଂ ନେପାଳ ମୁହାଁମୁହିଁ ହେବେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ପ୍ରାରମ୍ଭରୁ ଧିମା ଗତିରେ ରନ୍ ସଂଗ୍ରହ କରିଥିଲା। ପାୱାର ପ୍ଲେ ୬ ଓଭରରେ ଦଳ ୨ ଉଇକେଟ ହରାଇ ମାତ୍ର ୧୭ ରନ୍ କରିଥିଲା। ଡାହାଣହାତୀ ଅଫ୍‌ସ୍ପିନର ଜିଗର ନେପାଳର ମଧ୍ୟକ୍ରମ ବ୍ୟାଟରଙ୍କୁ ସହଜରେ ଆଉଟ କରିବା ଯୋଗୁ ନେପାଳର ଦଳୀୟ ସ୍କୋର ୫୭ ରନ୍‌ରେ ସୀମିତ ରହିଯାଇଥିଲା। ଦୁଇ ଓପ୍‌ନରଙ୍କ ସହଯୋଗରେ ଭାରତ ୫.୨ ଓଭରରେ ସହଜ ବିଜୟ ହାସଲ କରିଥିଲା। ସନିଥ ଶେଟ୍ଟି ୨୬ ଏବଂ ଉଇକେଟ୍‌କିପର ଦୀପକ ଲାମ୍ବା ୨୮ରନ୍‌ର ଅପରାଜିତ ରହିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏଶନ ସିଇଓ ସୁବ୍ରତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏସିଆନ୍ ବଧିର କ୍ରିକେଟ ସଂଘ(ଏଡିସିଏ) ସଭାପତି ସୁମିତ ଜୈନ, ଓଡ଼ିଶା ବଧିର କ୍ରିକେଟ ସଂଘ ସମ୍ପାଦକ ସାଗରକାନ୍ତ ସେନାପତି ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

## ଆର୍ଜେଣ୍ଟିନା ଫୁଟ୍‌ବଲ ସଭାପତିଙ୍କୁ ଦେଶ ଛାଡ଼ିବାକୁ ବାରଣ

**ବୁଏନ୍ସ ଏୟାର୍ସ, ୨୦।୨ (ଏପି):** ଆର୍ଜେଣ୍ଟିନାରେ ଜଣେ ବିଚାରପତି ଆର୍ଜେଣ୍ଟାଇନ୍ ଫୁଟ୍‌ବଲ ଆସୋସିଏଶନ(ଏଏଫ୍ଏ)ର ସଭାପତି ଏବଂ ଅନ୍ୟ ୪ ଅଫିସିଆଲଙ୍କ ପ୍ରତି କଟକଣା ଜାରି କରିଛନ୍ତି। ସେମାନେ ବର୍ତ୍ତମାନ ଦେଶ ବାହାରକୁ ଯାଇ ପାରିବେ ନାହିଁ। ସାମାଜିକ ସୁରକ୍ଷା ଅବଦାନର ଅପବ୍ୟବହାର ନେଇ ହୋଇଥିବା ଅଭିଯୋଗ ଉପରେ ସାକ୍ଷ୍ୟ ପ୍ରଦାନ ଲାଗି ସେମାନଙ୍କୁ କୋର୍ଟ ତରଫରୁ ସମନ କରାଯାଇଛି। ଆର୍ଜେଣ୍ଟିନା ଫୁଟ୍‌ବଲ ଆସୋସିଏଶନର ଜଣେ ଉଚ୍ଚ ପଦାଧିକାରୀ କ୍ଲାଉଡିଓ ଟାପିଆ କାର୍ଯ୍ୟାନୁଷ୍ଠାର ସମ୍ମୁଖୀନ ହୋଇଛନ୍ତି।

# ଭାରତୀୟ ଦଳରେ ପଦ୍ମିନୀ, ଆକାଶ

**ଭୁବନେଶ୍ୱର, ୨୦।୨(ତପନ ସ୍ୱାଇଁ)**

ଦିଲ୍ଲୀର ନିଜାମୁଦ୍ଦିନ୍‌ଠାରେ ମହିଳା ଦୃଷ୍ଟିବାଧିତ ଫୁଟ୍‌ବଲ ଦଳ ଏବଂ କେରଳର କୋଚିଠାରେ ପୁରୁଷ ଦୃଷ୍ଟିବାଧିତ ଫୁଟ୍‌ବଲ ଦଳର ଜାତୀୟ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ


**ଏସିଆ ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ**

ଓଡ଼ିଶାରୁ ପଦ୍ମିନୀ ଟୁଡୁ, ସୁମିତ୍ରା ସିଂ ଓ ଆକାଶ ପଡ଼ିଆମୀ ବୁଲ୍ସଆଇ ଅନୁଷ୍ଠାନ ପକ୍ଷରୁ ଭାଗ ନେଇଥିଲେ। ଏଥିରେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ପଦ୍ମିନୀ ଓ ଆକାଶ ଭାରତୀୟ ଦଳରେ ସ୍ଥାନ ପାଇବା ସହ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି ବୋଲି


ଆକାଶ ପଡ଼ିଆମୀ


ପଦ୍ମିନୀ ଟୁଡୁ

ବୁଲ୍ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ପ୍ରକାଶ କରିଛନ୍ତି। ଏପ୍ରିଲରେ ଜାପାନରେ ହେବାକୁଥିବା ଏସିଆ ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିୟନଶିପ୍ ପାଇଁ ଏହି ଚୟନ ଶିବିର ଆଇବିଏସ୍ଏ ତରଫରୁ ଆୟୋଜିତ ହୋଇଥିଲା। ଓଡ଼ିଶା ଦୃଷ୍ଟିବାଧିତ ଫୁଟ୍‌ବଲ ଦଳର ସମସ୍ତ କର୍ମକର୍ତ୍ତା ପଦ୍ମିନୀ ଓ ଆକାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।







# ଭାରତ'ଏ' ଫାଇନାଲରେ

**ବ୍ୟାଙ୍କକ୍, ୨୦।୨(ପି.ଟି.)**

ଅଧିନାୟିକା ରାଧା ଯାଦବଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ'ଏ' ୫ ଉଇକେଟରେ ଶ୍ରୀଲଙ୍କା'ଏ'କୁ ପରାସ୍ତକରି ଏଠାରେ ଚାଲିଥିବା ମହିଳା ରାଇଜିଂ ଷ୍ଟାର୍ସ ଟି୨୦ ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି

**ଓମେନ୍ସ ରାଇଜିଂ ଷ୍ଟାର୍ସ ଏସିଆ କପ୍**

**ରାଧା ଯାଦବଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

ନେଇଥିଲା। ଏହା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ରାଧାଙ୍କ ନେତୃତ୍ୱରେ ଭାରତୀୟ ବୋଲିଂ ବାହିନୀ ଶ୍ରୀଲଙ୍କାର ବ୍ୟାଟିଂ ଲାଇନ୍ ଅପ୍‌କୁ ଭୁଶୁଡ଼ାଇ ଦେଇଥିଲା। ଶ୍ରୀଲଙ୍କା ମାତ୍ର ୧୧୮ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବାମହାତୀ ସ୍ପିନର ରାଧା ମାତ୍ର ୧୯ ରନ୍ ବିନିମୟରେ ୪ ଉଇକେଟ ଅକ୍ତିଆର କରିନେଇଥିଲେ। ଅନ୍ୟ ବାମହାତୀ ସ୍ପିନର ତନୁଜା



ଉଇକେଟ ନେବାପରେ ରାଧା ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

କନ୍‌ୱାର(୨/୨୦) ଓ ଲେଗ୍‌ସ୍ପିନର ପ୍ରେମା ରାୱତ(୨/୯)ଙ୍କଠାରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳିଥିଲା। ଶ୍ରୀଲଙ୍କାର ଟପ୍ ସ୍କୋରର ସଞ୍ଜନା କାଭିନ୍ଦି ୩୫ ବଲ୍‌ରେ ୩୧ ରନ୍ କରିଥିଲେ। ମ୍ୟାଚ୍‌ରେ ଏକଦା ୧୦ ଓଭରରେ ୨ ଉଇକେଟ ହରାଇ ୭୧ ରନ୍ କରିଥିବା ଶ୍ରୀଲଙ୍କା ୪୭ ରନ୍‌ରେ ଏହାର ଅବଶିଷ୍ଟ ଉଇକେଟ ହରାଇ ବସିଥିଲା। ଭାରତ'ଏ' ପାଇଁ ଯଦିଓ ସହଜସାଧ୍ୟ ବିଜୟଲକ୍ଷ୍ୟ ଥିଲା ତଥାପି ଦଳ ଏକଦା ଟପ୍ ସ୍କୋରର ବ୍ରିନ୍ଦା ଦିନେଶ (୪୨ ରନ)ଙ୍କ ସମେତ ୩ଟି ଉଇକେଟ ୨୧ ରନ୍‌ରେ ହରାଇ ବସିଥିଲା। ମାତ୍ର ରାଧା ଯାଦବ ୭ ଚୌକା ସହ ୧୮ ବଲ୍‌ରେ ୩୧ ରନ୍ ସଂଗ୍ରହକରି ଭାରତକୁ ୧୩.୩ ଓଭରରେ ବିଜୟୀ କରାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା'ଏ' ମହିଳା ଦଳ: ୧୯.୪ ଓଭରରେ ୧୧୮/ଅଲ୍‌ଆଉଟ (ସଞ୍ଜନା କାଭିନ୍ଦି–୩୧ ; ରାଧା ଯାଦବ–୪/୧୯, ପ୍ରେମା ରାୱତ–୨/୯, ତନୁଜା କନ୍‌ୱାର(୨/୨୦)। ଭାରତ'ଏ' ମହିଳା ଦଳ: ୧୩.୩ ଓଭରରେ ୧୧୯/୫ (ବ୍ରିନ୍ଦା ଦିନେଶ–୪୨, ରାଧା ଯାଦବ–୩୧* ; ଶାସିନୀ ଜିମ୍ହାନି–୨/୩୩)।

## ଶେଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟୀ

**ପାଲିକେଲେ, ୨୦।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ଲିଗ୍ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଟୁର୍ନାମେଣ୍ଟର ନକ୍‌ଆଉଟରେ ପ୍ରବେଶରେ ବିଫଳ ହୋଇଥିବା ଅଷ୍ଟ୍ରେଲିଆ ବିଜୟ ସହ ଏହାର ଅଭିଯାନ ଶେଷ କରିଛି। କେବଳ ଔପଚାରିକା ଦୃଷ୍ଟିରୁ ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚରେ ଏହି ଦଳ ୯ ଉଇକେଟରେ ଓମାନକୁ ପରାସ୍ତ କରିଛି। ଓମାନ ୧୬.୨ ଓଭରରେ ୧୦୪ ରନରେ ଅଲ୍‌ଆଉଟ ହୋଇଥିଲା। ୱାସିମ ଅଲୀ ସର୍ବାଧିକ ୩୨ ରନ କରିଥିଲେ। ଅଷ୍ଟ୍ରେଲିଆର ଆଡାମ ଜାମ୍ପା ୪ଟି, ଗ୍ଲେନ ମ୍ୟାକ୍ସୱେଲ ଓ ଜାଭିଏର ବ୍ରେଟଲେଟ ୨ଟି ଲେଖାଏ ଏବଂ ମାର୍କୁସ ଷ୍ଟୋଇନିସ ଓ ନାଥାନ ଏଲିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧ ଉଇକେଟ ହରାଇ ବିଜୟ ଲକ୍ଷ ହାସଲ କରି ନେଇଥିଲା। ଟ୍ରାଭିସ ହେଡ୍ ୩୨ ରନକରି ଆଉଟ ହୋଇଥିବାବେଳେ ଅଧିନାୟକ ମିଚେଲ ମାର୍ଶ ୬୪ ଓ ଜୋଶ୍ ଇଙ୍ଗଲିଶ ୧୨ ରନରେ ଅପରାଜିତ ରହିଥିଲେ।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ**
ସ୍ଥାନ: କଲମ୍ବୋ
ସମୟ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ଆଜିଠୁ ସୁପର–୮

**କଲମ୍ବୋ, ୨୦।୨**

ଚଳିତ ଟି୨୦ କ୍ରିକେଟ୍ ବିଶ୍ୱକପ୍‌ର ସୁପର–୮ ପର୍ଯ୍ୟାୟ ଶନିବାର ଆରମ୍ଭ ହେବ। କଲମ୍ବୋର ପ୍ରେମଦାସା ଷ୍ଟାଡିୟମରେ ପରସ୍ପରର ସମ୍ମୁଖୀନ ହେବେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ। ନ୍ୟୁଜିଲାଣ୍ଡ ବ୍ୟାଟିଂ ୟୁନିଟ୍ ଏପର୍ଯ୍ୟନ୍ତ ସ୍ଥିର ପ୍ରଦର୍ଶନ କରିପାରିନାହିଁ। ଅନ୍ୟପକ୍ଷରେ ପାକିସ୍ତାନ ସ୍ପିନ୍ ୟୁନିଟ୍‌ରେ ବିବିଧତା ରହିଛି। ତେଣୁ ଆଗାମୀ ମ୍ୟାଚ୍ ବେଶ୍ ରୋଚକ ହେବା ଆଶା ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ୪ ମ୍ୟାଚ୍‌ରୁ ୩ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ପାଇ ଗ୍ରୁପ୍ 'ଡି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଆଫଗାନିସ୍ତାନ, ୟୁନାଇଟେଡ୍ ଆରବ ଏମିରେଟ୍ସ ଓ କାନାଡ଼ାକୁ ହରାଇଥିବାବେଳେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଥିଲା। ସେହିପରି ପାକିସ୍ତାନ ଗ୍ରୁପ୍'ଏ'ରେ ୪ ମ୍ୟାଚ୍‌ରୁ ୩ ବିଜୟ ଓ ୧ ପରାଜୟ ସହିତ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ନିକଟରୁ ପରାଜିତ ହୋଇଥିବାବେଳେ ନେଦରଲାଣ୍ଡ୍ସ, ଆମେରିକା ଓ ନାମ୍ବିଆକୁ ପରାସ୍ତ କରିଥିଲା। ସୁପର–୮ର ଗ୍ରୁପ୍–୨ରେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ବ୍ୟତୀତ ଇଂଲଣ୍ଡ ଓ ଶ୍ରୀଲଙ୍କା ରହିଛି।

# ୧୯ ଫୁଟ୍‌ବଲପ୍ରେମୀଙ୍କୁ ଜେଲଦଣ୍ଡ ଓ ଜରିମାନା

**ରାବାଟ(ମରକ୍କୋ), ୨୦।୨(ଏପି)**

ମରକ୍କୋ ଓ ସେନେଗାଲ ମଧ୍ୟରେ ଆଫ୍ରିକା କପ୍ ଅଫ୍ ନେଶନ୍ସ ଫାଇନାଲ ମ୍ୟାଚ୍ ବେଳେ ସମର୍ଥକମାନେ ପଡ଼ିଆ ଭିତରକୁ ପ୍ରବେଶ କରିବା ଲାଗି ଚେଷ୍ଟା କରିବା ଏବଂ ଗୁଣ୍ଡାଗିରି କରିବା ଅଭିଯୋଗରେ ମରକ୍କୋର ଏକ କୋର୍ଟ ୧୨ ଜଣ ଫୁଟ୍‌ବଲପ୍ରେମୀଙ୍କୁ ଜେଲଦଣ୍ଡ ସହ ଆର୍ଥିକ ଜରିମାନା ପ୍ରଦାନ କରିଛନ୍ତି। ବିଚାରପତି ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଶୁଣାଣି କରିବା ପରେ ରାୟ ଶୁଣାଇଥିଲେ। ଗଣ୍ଡଗୋଳକାରୀଙ୍କ ମଧ୍ୟରେ ୧୮ ଜଣ ସିଂହଳି ଏବଂ ଜଣେ ଫ୍ରେଞ୍ଚ ରହିଥିଲେ। ସେମାନଙ୍କ ମଧ୍ୟରୁ ୧୧ଜଣଙ୍କୁ ବର୍ଷେ ଲେଖାଏ ଜେଲଦଣ୍ଡ ବ୍ୟତୀତ ୫୫୦ ଡଲାର ଜରିମାନା କରାଯାଇଛି। ୪ ଜଣଙ୍କୁ ୬ ମାସ ଜେଲଦଣ୍ଡ ସହ ୨୧୮ ଡଲାର ଜରିମାନା ହୋଇଛି।

# ଭାରତ ଆଜି ସ୍ପେନ୍‌କୁ ଭେଟିବ

**ହୋବାର୍ଟ, ୨୦।୨(ପି.ଟି.)**

ଘରୋଇ ପରିବେଶରେ ରାଉରକେଲାରେ ସମ୍ପୂର୍ଣ୍ଣ ଆଉଟ୍‌ପ୍ଲେଡ୍ ହୋଇଥିବା ଭାରତୀୟ ପୁରୁଷ ହକି ଦଳ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ବାହାର ପରିବେଶରେ ଶନିବାରଠାରୁ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ହୋବାର୍ଟଠାରେ ଭାରତର

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେବ ସ୍ପେନ୍। ନୂଆ ଅଧିନାୟକ ହାର୍ଦ୍ଦିକ୍ ସିଂଙ୍କ ନେତୃତ୍ୱରେ ଦଳ ଏଠାରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ଆଶା ରଖିଛି। ପ୍ରୋ ଲିଗ୍‌ର ହୋବାର୍ଟ ଲେଗ୍(ଚରଣ) ତାସ୍‌ମାନିଆ ହକି ସେଣ୍ଟରରେ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତ ଓ ସ୍ପେନ୍ ବ୍ୟତୀତ ଏଥିରେ ତୃତୀୟ ପ୍ରତିଦ୍ୱନ୍ଦ୍ୱୀଭାବେ ଘରୋଇ ଅଷ୍ଟ୍ରେଲିଆ ଅଂଶଗ୍ରହଣ କରିବ। ଭାରତ–ଅଷ୍ଟ୍ରେଲିଆ ମୁକାବିଲା ରବିବାର ଅନୁଷ୍ଠିତ ହେବ। ଏହାପରେ ଭାରତ ୨୪ରେ ସ୍ପେନ୍ ଏବଂ ୨୫ରେ ଅଷ୍ଟ୍ରେଲିଆକୁ ଭେଟି ଅଭିଯାନ ଶେଷ କରିବ। ରାଉରକେଲାରେ ଭାରତୀୟ ଦଳ ଅତିନିମ୍ନମାନର ପ୍ରଦର୍ଶନ କରି ଆର୍ଜେଣ୍ଟିନା ଓ ବେଲଜିୟମଠାରୁ ଦୟନୀୟ ଭାବେ ହାରିଥିଲା। ଭାରତୀୟ ଦଳର ନିୟମିତ ଅଧିନାୟକ ହରମନପ୍ରୀତ ସିଂ ଦ୍ୱିତୀୟ ସନ୍ତାନର ଜନକ ହେବାକୁ ଯାଉଥିବାରୁ ବ୍ରେକ୍ ନେଇଛନ୍ତି। ଫଳରେ ହାର୍ଦ୍ଦିକ୍‌ଙ୍କ ଉପରେ ନେତୃତ୍ୱଭାର ପଡ଼ିଛି। ରେକର୍ଡ ଦେଖିବାକୁ ଗଲେ ଭାରତ ଓ ସ୍ପେନ୍ ମଧ୍ୟରେ ଗତ ୧୦ ମୁକାବିଲା ମଧ୍ୟରେ ଉଭୟ ଦଳ ୪ଟି ଲେଖାଏ ବିଜୟୀ ହୋଇଛନ୍ତି। ଅବଶିଷ୍ଟ ୨ଟି ମ୍ୟାଚ ଶୁଟ୍‌ଆଉଟରେ ମୀମାଂସା ହୋଇଥିବାବେଳେ ଏଥିରେ ଭାରତ ବାଜି ମାରିଛି। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ହାଇସ୍କୋରିଂ ବିଶିଷ୍ଟ ହୋଇପାରେ। ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ଶେଷ ୧୦ ମୁକାବିଲା ମଧ୍ୟରୁ ଅଷ୍ଟ୍ରେଲିଆ ୬ଟି ଜିତିଥିବାବେଳେ ଭାରତ ମାତ୍ର ୨ଟିରେ ବିଜୟ ହାସଲ କରିଛି। ଦୁଇଥର ଅଲିମ୍ପିକ୍ ବ୍ରୋଞ୍ଜ୍ ମେଡାଲିଷ୍ଟ ହାର୍ଦ୍ଦିକ୍‌ଙ୍କ ନେତୃତ୍ୱରେ ଏଥର ଖେଳିବାକୁ ଯାଉଥିବା ଭାରତୀୟ ଦଳରେ ଅମନଦୀପ ଲାକ୍ରା ଓ ମନମିତ ସିଂଙ୍କ ପରି ଯୁବ ଖେଳାଳି ରହିଛନ୍ତି।




| PARAMETER | VICTORIS S-CNG | COMPETITION MID SUV DIESEL | BENEFIT OF VICTORIS S-CNG OVER DIESEL CARS |
|---|---|---|---|
| Running Cost/km | ₹4 | ~ ₹6.1 | ✓ More savings per km |
| Lower Maintenance Cost | ✓ | ✗ | ✓ Easy on pocket |
| Reduced Emission | ✓ | ✗ | ✓ Good for environment |
| Recovery Period# | ~3.8 Yrs | ~11.1 Yrs | ✓ Faster recovery |

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୧/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 21/2026 | Page 16 | ₹ 7.00 | BERHAMPUR

୫୨ଶ ଭାଗ ୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 89 | ମୂଲ୍ୟ ₹୭/-





## ମୋହନାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ମୋହନା,(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ଥାନାରେ ନୂତନ ଥାନା ଅଧିକାରୀ ଭାବେ ଓମ ନାରାୟଣ ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ରହିଥିବା ଥାନା ଅଧିକାରୀ ବସନ୍ତ ସେଠୀଙ୍କୁ ଗୁରାଣ୍ଡି ଥାନାକୁ ବଦଳି ହୋଇଛି। ପାତ୍ର ଗଞ୍ଜାମ ଜିଲା ଖଲିକୋଟ, କୋଦଳା, ପୁରୁଷୋତ୍ତମପୁର, ଜଗନ୍ନାଥ ପ୍ରସାଦ, ବଡ଼ଗଡ଼ ଅଞ୍ଚଳରେ କାର୍ଯ୍ୟ କରଛନ୍ତି। ସେ ଗତ ଏକ ବର୍ଷ ତଳେ ଗଜପତି ଜିଲାର ଗୁରାଣ୍ଡି ଥାନାକୁ ବଦଳି ହୋଇ ଆସିଥିଲେ। ପାତ୍ର ଲୋକଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରିବେ ବୋଲି ଲୋକେ ଆଶା ରଖିଛନ୍ତି।



# ଛତ୍ରପୁର ପୌର ପାଳିକାରେ ମିଶ୍ରଣକୁ ୫ ପଞ୍ଚାୟତବାସୀଙ୍କ ବିରୋଧ

ଛତ୍ରପୁର,୨୦।୨(ଦିଲୀପ ସାମଲ)

ଛତ୍ରପୁର ପୌରପାଳିକା ଗଠନକୁ ନେଇ ଛକାପଞ୍ଝା ଲାଗିରହିଛି। ପୌରପାଳିକାରେ ଆର୍ଯ୍ୟପଲ୍ଲୀ, କଣମଣା, ପୋ ଅଗସ୍ତି ନୂଆଗାଁ ଓ ଚିକଲଖଣ୍ଡି ଆଦି ୫ଟି ପଞ୍ଚାୟତକୁ ମିଶ୍ରଣ ପାଇଁ ଜିଲା ପ୍ରଶାସନର ମନୋମୁଖୀ କାର୍ଯ୍ୟକୁ ପଞ୍ଚାୟତବାସୀ ବିରୋଧ କରି ଆସୁଛନ୍ତି। ତୃତୀୟ ଥର ପାଇଁ ସେମାନେ ବିରୋଧ କରି ଶୁକ୍ରବାର ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧଶେଇ ପଶୁଥିବା ବେଳେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଛି। ପରେ ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଆନ୍ଦୋଳନକାରୀ ଜିଲାପାଳଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବାକୁ ଜିଦ୍ ଧରିବାରୁ ଶେଷରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେମାନଙ୍କ ଦାବିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଆନ୍ଦୋଳନରୁ ଓହରି ଥିଲେ। ଅନ୍ୟପକ୍ଷରେ ଏହି ୫ ପଞ୍ଚାୟତର ଅନ୍ୟ କେତେକ ଜନସାଧାରଣ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ତେବେ ଏଦିଗରେ ଜିଲା ପ୍ରଶାସନ ତଥା ସରକାର ୭ ଦିନ ମଧ୍ୟରେ କୌଣସି ପଦକ୍ଷେପ ନ ନେଲେ ଗୋପାଳପୁର ପୋର୍ଟ, ଆଇଆରଇଏଲ କମ୍ପାନୀ ବନ୍ଦ କରାଯିବା ସହ ଡୁବୁଲି ଛକ ରାସ୍ତା ବନ୍ଦ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତଗୁଡ଼ିକରେ ବିନା ପଲ୍ଲିସଭା କିମ୍ବା ପୌରପାଳିକାରେ ଗ୍ରାମଗୁଡ଼ିକ ମିଶ୍ରଣ ନେଇ କୌଣସି ସୂଚନା ନ ଦେଇ ସିଧାସଳଖରେ ପୌରପାଳିକାରେ ଉପରୋକ୍ତ ୫ଟି ପଞ୍ଚାୟତକୁ ମିଶ୍ରଣ କରାଯାଇ ୱାର୍ଡ ଏବଂ ସଂରକ୍ଷଣ ତାଲିକା ପ୍ରକାଶ କରାଯାଇଛି। ଏହାକୁ ଲୋକେ ତୀବ୍ର ବିରୋଧ କରୁଛନ୍ତି। ଛତ୍ରପୁର ପୌରପାଳିକା ତାଲିକାରୁ ଏହି ପଞ୍ଚାୟତଗୁଡ଼ିକୁ ତୁରନ୍ତ ବାଦ ଦେବାକୁ ସେମାନେ ଦାବି କରିଛନ୍ତି। ଆନ୍ଦୋଳନରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରନ କୁମାରୀ ଦାସ, ଶ୍ରମିକ ନେତା ଏସ.ଚକ୍ରପାଣି ରେଡ୍ଡୀ, ଶଙ୍କର ପ୍ରସାଦ ଦାଶ, ଭାଗିରଥି ବେହେରା, ନୀଳକଣ୍ଠ ଦାଶ, ଡି.ଆଦି ନାରାୟଣ ରେଡ୍ଡୀ, ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ୍ଡୀ, ଜିଲା ପରିଷଦ ସଭ୍ୟ ମୁନା ଦାସ, ପୂର୍ବତନ ସରପଞ୍ଚ ଡି.ରାମସ୍ୱାମୀ ରେଡ୍ଡୀ ଓ ଟି.କ୍ରିଷ୍ଣା ରେଡ୍ଡୀ, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ଏନ.ଭାନୁମତୀ ରେଡ୍ଡୀ, ଓ ଅନ୍ୟମାନେ ସାମିଲ ହୋଇଥିଲେ।




ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଆନ୍ଦୋଳନକାରୀ।

## ବୃତ୍ତି ପରୀକ୍ଷାରେ ପାଟଖଣ୍ଡା ପବ୍ଲିକ ସ୍କୁଲର କୃତିତ୍ୱ

ବାଲିଗୁଡା,୨୦।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ଚଳିତ ବର୍ଷ ବୃତ୍ତି ପରୀକ୍ଷାରେ କନ୍ଧମାଳ ଜିଲା ବାଲିଗୁଡା ସ୍ଥିତ ପାଟଖଣ୍ଡା ପବ୍ଲିକ ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀ ସୁଲଗ୍ନା ପଣ୍ଡା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ତୃତୀୟ ଶ୍ରେଣୀର ଛାତ୍ର ଶ୍ରୀବର୍ଦ୍ଧନ ମଲ୍ଲିକ ଷଷ୍ଠ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରେରଣା ଓ ଅଭିଭାବକଙ୍କ ଆଶୀର୍ବାଦ ହିଁ ଶ୍ରେୟ ଅଟେ ଦୁହେଁ ନିଜ ମତ ପ୍ରକାଶ କରିଛନ୍ତି। ଏହି ଦୁହିଁଙ୍କର ଉଜ୍ଜଳ ଭବିଷ୍ୟତ କାମନା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ମହାପାତ୍ର ମା' ପାଟଖଣ୍ଡାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ସାଇବର ଠକେଇ, ପୋଲିସ ହାତରେ ଲାଗିଛି ୪୯ ଫେକ୍ ଆକାଉଣ୍ଟ

ପାରଳାଖେମୁଣ୍ଡି,୨୦।୨(ଗିରିଧାରୀ ପରିଚ୍ଛା)

ଚଳିତ ମାସ ୧୩ରୁ ୨୭ ପର୍ଯ୍ୟନ୍ତ ଗଜପତି ଜିଲାରେ ପାଳନ ହେଉଛି । ଜିଲାର ବିଭିନ୍ନ ବ୍ୟାଙ୍କଗୁଡ଼ିକରେ ସାଇବର ଠକମାନେ ଫେକ୍ ଆକାଉଣ୍ଟ ଖୋଲି ଅର୍ଥ ଠକେଇ କରି କରୁଥିବା କାରବାର ସମ୍ପର୍କିତ ତଥ୍ୟ ଗଜପତି ପୋଲିସ ହାତରେ ଲାଗିଛି । ପାରଳାଖେମୁଣ୍ଡି, ଗାରାବନ୍ଧ, କାଶୀନଗର ଓ ମୋହନା ଥାନା ଅଞ୍ଚଳର କେତେକ ଜାତୀୟ ବ୍ୟାଙ୍କରୁ ମୋଟ ଏପରି ୪୯ଟି ଫେକ୍ ଆକାଉଣ୍ଟକୁ ଫ୍ରିଜ୍ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଇତି ମଧ୍ୟରେ ୧୧ଟି ଆକାଉଣ୍ଟ ସହ ଜଡ଼ିତ ଥିବା ୧୧ ଜଣଙ୍କ ନାମରେ ମାମଲା ରୁଜୁ କରିଛି ପୋଲିସ । ଏହି ସବୁ ଆକାଉଣ୍ଟରୁ ପ୍ରାୟ ୪ ଲକ୍ଷ ୧୫ ହଜାର ଟଙ୍କା ଜବତ କରାଯାଇଛି । ଏଂ ଠକେଇରେ ଜଡିତ ଥିବା ୧୧ ଅଭିଯୁକ୍ତ ପାରଳାଖେମୁଣ୍ଡି ଅଞ୍ଚଳର ବୋଲି ଜଣାପଡିଛି। ଏମାନଙ୍କ ବିରୋଧରେ ତଦନ୍ତ ଚାଲିଛି, ଆଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏମାନେ ବିଭିନ୍ନ ନାମରେ ସନ୍ଦିଗ୍ଧ ଆକାଉଣ୍ଟ ଖୋଲି ସାଇବର ଠକେଇରେ ଠକୁଥିବା ଅର୍ଥର କାରବାର ଫେକ୍ ଆକାଉଣ୍ଟରେ ହୋଇଛି। ଏହାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ଆଗକୁ ଅଧିକ ତଥ୍ୟ ପୋଲିସ ଖୁଲାସା କରିବ ବୋଲି ଜିଲା ପୋଲିସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଏଥିସହ କୌଣସି ବ୍ୟକ୍ତି ଆକାଉଣ୍ଟ ଖୋଲିବା ପାଇଁ ପ୍ରବର୍ତ୍ତାଇଲେ ସେମାନଙ୍କ ପ୍ରରୋଚନାରେ ନ ପଡିବାକୁ ଏସ୍‌ପି ପଣ୍ଡା ଜନସାଧାରଣଙ୍କୁ କରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ସାଇବର ଠକମାନେ ଏଟିଏମ ଆଖପାଖରେ ଛପି ରହି ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ମହିଳା ଓ ଆଦିବାସୀଙ୍କୁ ସହାୟତା କରିବା ଆଳରେ ଟଙ୍କା ଲୁଟି ନେଉଛନ୍ତି।

### ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ମାମଲା
## ଫେରାର ଅଭିଯୁକ୍ତ ଗିରଫ

ଗୋପାଳପୁର,୨୦।୨(ନବୀନ ରାଜ ଆଚାରୀ)

ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର କରିବା ଘଟଣାରେ ଅଢ଼େଇ ବର୍ଷ ଧରି ଫେରାର ଥିବା ଅଭିଯୁକ୍ତଙ୍କୁ ଗୋଳନ୍ଥରା ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ବାଣପୁର ଥାନା ଅଧୀନ ବାଲିଡି ନାରାୟଣପୁର ଗ୍ରାମର ସଞ୍ଜୁ ଲେଙ୍କା ଓରଫ ସୁଶାନ୍ତ ନାୟକ। ଏହି ଥାନା ଅଞ୍ଚଳର ଯୁକ୍ତ ୨ର ନାବାଳିକା ଛାତ୍ରୀ ଗତ ୨୦୨୪ ଅଗଷ୍ଟ ୧୪ରେ କଲେଜ ଯାଇ ଘରକୁ ଫେରି ନ ଥିଲେ। ଏ ନେଇ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ନ ପାଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। କେସ୍ ନଂ. ୩୩୨/୨୪ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ଗତମାସ ୨୬ରେ ବାଣପୁର ଥାନା ବାଲିଡି ନାରାୟଣପୁର ଗ୍ରାମରେ ଅପହୃତା ନାବାଳିକା ସୁଶାନ୍ତଙ୍କ ଘରେ ଥିବା ସୂଚନା ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଉଦ୍ଧାର କରିଥିଲା ମାତ୍ର ସୁଶାନ୍ତ ଫେରାର ହୋଇଯାଇଥିଲେ। ତାଙ୍କୁ ଏବେ ପୋଲିସ ଗିରଫ କରିଥିବା ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ କହିଛନ୍ତି। ତଦନ୍ତକାରି ଅଧିକାରୀ ଗଗନ ବେହେରା ଥିଲେ।

## ୬୦ ତମ ଦୀକ୍ଷାନ୍ତ ପରେଡ, ସମାବର୍ତ୍ତନ ଉତ୍ସବ

ଜି.ଉଦୟଗିରି,୨୦।୨(ଚିନ୍ମୟ ସେଠୀ)

ଜି.ଉଦୟଗିରି ସ୍ଥିତ ବନପାଳ ତାଲିମ କେନ୍ଦ୍ର ପରିସରରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବ୍ରହ୍ମପୁର ମଣ୍ଡଳ ବିଶ୍ୱନାଥ ନୀଳମଣଙ୍କ ଅଧ୍ୟକ୍ଷତାରେ ୬୦ତମ ଦୀକ୍ଷାନ୍ତ ପରେଡ ଓ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ଡିଏଫଓ ପ୍ରତାପ କୋଟପାଲି ଏବଂ ବାଲିଗୁଡା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସାମାଶ୍ରୁ ଶେଖର ଯୋଗ ଦେଇଥିଲେ। ତାଲିମ କେନ୍ଦ୍ରରୁ ତାଲିମ ନେଇ ନିଜ କର୍ମ କ୍ଷେତ୍ରରେ ତାର ସୁବିନିଯୋଗ କଲେ ବିଭାଗର ଗୌରବ ବଢ଼ିବା ସହ ନିଜ ସମ୍ମାନ ଅକ୍ଷୁର୍ଣ୍ଣ ରହିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଉପ ବନସଂରକ୍ଷକ ଆଶିଷ ବେହେରା ସାଗତ ସୂଚନା ଦେଇଥିଲେ। ତାଲିମ ନେଇଥିବା ୪୮ ଜଣ ଅଧିକାରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଜି.ଉଦୟଗିରି ରେଞ୍ଜର ମଣିଶେଖର ପଟ୍ଟନାୟକ, ବନପାଳ ବାବୁଲ ପଣ୍ଡା, ସହକାରୀ ବନ ସଂରକ୍ଷକ କଳ୍ପନା ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଡାହାଣୀ ସନ୍ଦେହରେ ନିର୍ଯାତନା, ନିବାରଣ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

ଖଲ୍ଲିକୋଟ,୨୦।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ସମାଜ ମଙ୍ଗଳ ବିଭାଗ ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ନିବାରଣ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ସିଡିପିଓ ମଧୁମିତା ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। କର୍ମଶାଳାରେ ବିଡିଓ ଦେବାଶିଷ ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗାଁ ଗହଳିରେ ଭୁତ ଡାହାଣୀ ଲାଗିବା ଏକ ମିଥ୍ୟା ଗୁଜବ ଓ ଅନ୍ଧ ବିଶ୍ୱାସ। କୌଣସି ମହିଳାଙ୍କୁ ଯଦି ଡାହାଣୀ ସନ୍ଦେହରେ କେହି ନିର୍ଯାତନା ଦେବେ ତା'ହେଲେ ଆଇନ ଅନୁଯାୟୀ ସେମାନେ ଦଣ୍ଡିତ ହେବେ ବୋଲି କହିଥିଲେ। ଗଞ୍ଜାମ ଏସଡବ୍ଲ୍ୟୁଓ ପାର୍ବତୀ ସୋରେନ, ୟୁନିସେଫ ଜିଲା କୋର୍ଡ଼ିନେଟର ଦେବବନ୍ତ ମହନ୍ତ, ଡ଼ିଆଇଆରଟି ଏଚୟୁବି ଜିଲା କୋଡ଼ିନେଟର ଗିତାଞ୍ଜଳୀ ମହାରଣା, ବ୍ରହ୍ମପୁର ପିଓ ପ୍ରମୋଦା ଦାଶ, ଆଇନଜୀବୀ ଜର୍ମ ଅଲ୍ଲୀ ଖାଁନ ଓ ରତ୍ନେଶ୍ୱର ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗଛରୁ କଣ୍ଟା ବାହାର କାର୍ଯ୍ୟ ଆରମ୍ଭ

ଦାରିଙ୍ଗବାଡି,୨୦।୨(ଅରୁଣ ସାହୁ)

ଦାରିଙ୍ଗବାଡି ବନାଞ୍ଚଳ ଦେଇ ଯାଇଥିବା ଗୋପାଳପୁର-ରାଇପୁର ୫୯ ନଂ. ଜାତୀୟ ରାଜପଥ କଡ଼ ସମେତ ବିଭିନ୍ନ ଗାଁ ଛକ ଓ ରାସ୍ତା କଡ଼ରେ ରହିଥିବା ଗଛରେ ବ୍ୟାନର, ପୋଷ୍ଟରଗୁଡ଼ିକ କଣ୍ଟା ପିଟାଯାଇଥିବା ଘଟଣାକୁ ନେଇ ଧରିତ୍ରୀରେ ଶୁକ୍ରବାର ଖବର ପ୍ରକାଶିତ ହୋଇଥିଲା। ଏହାକୁ ନେଇ ଦାରିଙ୍ଗବାଡି ବନାଞ୍ଚଳ କର୍ମଚାରୀ ପକ୍ଷରୁ ତତ୍ପରତା ଦେଖାଯାଇଛି। ଅପରାହ୍ନରେ ଟୋଲ ଗେଟଠାରୁ ସିମନବାଡି ବଜାର ପର୍ଯ୍ୟନ୍ତ ରହିଥିବା ଗଛଗୁଡ଼ିକରୁ ବିଭିନ୍ନ ବ୍ୟାନର ପୋଷ୍ଟରକୁ ବାହାର କରିବା ସହ କଣ୍ଟାଗୁଡ଼ିକ ବାହାର କରାଯିବା କାର୍ଯ୍ୟ ହାତକୁ ନେଇଛି। ଏହି କାର୍ଯ୍ୟ ଅପରାହ୍ନରେ ଆରମ୍ଭ କରାଯାଇଥିବାରୁ ଆସନ୍ତା କାଲି ମଧ୍ୟ କଣ୍ଟା ବାହାର କରାଯିବ ବୋଲି କୁହାଯାଇଛି।

## ଜଳିଗଲା ୧୨ବସ୍ତାରୁ ଉର୍ଦ୍ଧ୍ୱ ଧାନ

ପାରଳାଖେମୁଣ୍ଡି,୨୦।୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଶାଣି ବ୍ଲକ ଅନ୍ତର୍ଗତ ସାରିଆପଲ୍ଲି ଗ୍ରାମରେ ଏକ ଧାନ ଖଳାରେ ନିଆଁ ଲାଗି ୧୨ବସ୍ତାରୁ ଉର୍ଦ୍ଧ୍ୱ ସମେତ ପାଳଗଦା ପୋଡି ପାଉଁଶ ହୋଇଯାଇଛି। ଶୁକ୍ରବାର ଅପରାହ୍ନ ସାଢେ ୨ଟାରେ ସାରିଆପଲ୍ଲି ଗ୍ରାମର ଏସ.ସଞ୍ଜୀବ ଓ ଦି.ବାବୁରାଓଙ୍କ ଧାନଖଳାରେ ନିଆଁ ଲାଗିଥିବା ଦେଖି ସଞ୍ଜୀବଙ୍କ ସ୍ତ୍ରୀ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ ହେଁ ସେତେବେଳକୁ ଏହା ଉଗ୍ରରୂପ ନେଇସାରିଥିଲା। ପାରଳାଖେମୁଣ୍ଡି ଅଗ୍ନିଶମବାହାନୀ କର୍ମଚାରୀ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦମକଳବାହିନୀ ପହଞ୍ଚିବା ସମୟ ମଧ୍ୟରେ ଗ୍ରାମବାସୀ ଓ ଚାଷୀ ମିଶି ଖଳାରେ ଥିବା ଅନ୍ୟ ଚାଷୀଙ୍କ ଧାନ ବସ୍ତାଗୁଡ଼ିକୁ ସୁରକ୍ଷିତ ଭାବେ ବାହାର କରି ଅନ୍ୟତ୍ର ନେଇଯାଇଥିଲେ। କ୍ଷତିଗ୍ରସ୍ତ ୨ ଚାଷୀ ସରକାରଙ୍କ ଧାନ କ୍ରୟ ନୀତି ଯୋଗୁ ଅବହେଳାର ଶିକାର ହୋଇ କ୍ଷତିଗ୍ରସ୍ତ ହୋଇଛୁ ବୋଲି ଅଭିଯୋଗ କରିଛନ୍ତି। ଜାନୁୟାରୀରୁ ଧାନକ୍ରୟ ପାଇଁ ଟୋକନ ପାଇ ସୁଦ୍ଧା ଏ ପର୍ଯ୍ୟନ୍ତ ମଣ୍ଡିକୁ ଧାନ ଯାଇନି। ମଣ୍ଡିକୁ ଧାନ ଯାଇଥିଲେ ଆମେ ଆଜି ଏପରି ପରିସ୍ଥିତିରେ ସମ୍ମୁଖୀନ ହୋଇ ନ ଥାନ୍ତୁ ବୋଲି ଉଭୟ ଚାଷୀ ପ୍ରକାଶ କରିଛନ୍ତି।

## ପାଚା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦାରିଙ୍ଗବାଡ଼ି,୨୦।୨(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡି ପଞ୍ଚାୟତ ପାଚା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୧ବର୍ଷ ପରେ ପ୍ରଥମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ମୁଖ୍ୟ ଅତିଥି, ଅନ୍ୟତମ ଅତିଥିଭାବେ ୩ ଏବିଇଓ ଗୋକୁଳାନନ୍ଦ ନାୟକ, ବନମାଳୀ ମାଝୀ ଏବଂ କୌଶିକ ନାୟକ,କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ପ୍ରଧାନ, ସରପଞ୍ଚ ପୁଷ୍ପିତା ପ୍ରଧାନ, ପୂର୍ବତନ ସରପଞ୍ଚ ସଞ୍ଜୟ ପ୍ରଧାନ, ସିଆରସିସି ଗପସ ନାୟକ, ଶ୍ରୀନିକେତ ସିଆରସିସି ଜୟଦେବ ସାହୁ, ପିଇଓ କେଶବ କହଁର, ନାଏବ ସରପଞ୍ଚ ବିଶ୍ୱବ ପ୍ରଧାନ ମଞ୍ଚାସୀନ ଥିଲେ। ସିର୍କାବର୍ଗ ସିଆରସିସି ମନୋଜ ବେହେରା ମଞ୍ଚ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଅଷ୍ଟମ ବାଟାଲିୟନ, ଟାଟା ଷ୍ଟିଲ୍ ଫାଉଣ୍ଡେଶନର ସଫେଇ ଅଭିଯାନ

ଗଞ୍ଜାମ,୨୦।୨(ଅନାଥ ତରାଇ)

ଗଞ୍ଜାମ ଜିଲା ରଷିକୁଲ୍ୟା ମୁହାଣ ନିକଟବର୍ତ୍ତୀ ରାମଗଡ଼ ପଞ୍ଚାୟତର ନୂଆପୋଡ଼ାମପେଟା ବେଳାଭୂମିରେ କଇଁଛଙ୍କ ଅଣ୍ଡାଦାନ ପାଇଁ ଏକ ସୁରକ୍ଷିତ ଓ ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ନୂଆଗାଁସ୍ଥିତ ଅଷ୍ଟମ ବାଟାଲିୟନ ଏବଂ ଟାଟା ଷ୍ଟିଲ ଫାଉଣ୍ଡେଶନର ମିଳିତ ସହଭାଗିତାରେ ସ୍ୱେଚ୍ଛାକୃତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଷ୍ଟମ ବାଟାଲିୟନର କମାଣ୍ଡାଣ୍ଟ ଶାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୨୦ ଜଣ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଏଥିରେ ଡେପୁଟି କମାଣ୍ଡାଣ୍ଟ ଯଶୋବନ୍ତ ସେଠୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପବିତ୍ର ମୋହନ ମୁଣ୍ଡା ଏବଂ ହାବିଲଦାର ସିପାହୀ ଶାଖା ସଂଘ ସଭାପତି ଯଶୋବନ୍ତ ସ୍ୱାଇଁ,ଟାଟା ଷ୍ଟିଲ ଫାଉଣ୍ଡେଶନର ଡେପୁଟି ମ୍ୟାନେଜର ରାଜଶ୍ରୀ ଗୌଡ଼, ରଷିକୂଲ୍ୟା ସାମୁଦ୍ରିକ କଇଁଛ ସୁରକ୍ଷା ସମିତି ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଏହି ଅଭିଯାନରେ ସାମିଲ ହୋଇଥିଲେ।

## ନଦୀରୁ ବୃଦ୍ଧାଙ୍କ ମୃତଦେହ ଜବତ

ଦିଗପହଣ୍ଡି,୨୦।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ଗ୍ରାମ ଦେଇ ପ୍ରବାହିତ ଘୋଡ଼ାହାଡ଼ ନଦୀ ଗଣ୍ଡରେ କଇଠଖଣ୍ଡି ଗ୍ରାମ ପନ୍ଦରାସାହିର ସ୍ୱର୍ଗତ ସାରଥୀ ଗୌଡ଼ଙ୍କ ସ୍ତ୍ରୀ ସୁବାସି (୭୩) ବୁଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଛି। ପ୍ରତିଦିନ ଭଳି ସେ ଶୁକ୍ରବାର ସକାଳେ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ଅପରାହ୍ନ ୩ଟାରେ ମୃତଦେହ ନଦୀ ଗଣ୍ଡରେ ଭାସୁଥିବା ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଏଏସ୍‌ଆଇ କହ୍ନେଇ ମିଁଢ଼ା ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
No.25001/198/2526
E-Mail : rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-EERKL-30 of 2025-26**
1. Name of the work : Building Work, 2. Total No. of work : 01 (One) No., 3. Estimated Cost : Rs.7.64 Lakhs, 4. Class of Contractor : "D" & "C" Class, 5. Period of Completion : 03 (Three) Calendar months, 6. Type of Tender : Single Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, Rural Works Division-II, Sundargarh | Online - EERKL-30 of 2025-26 | 24.02.2026 from 10.00 AM | 05.03.2026 upto 05.00 PM | 04.03.2026 upto 05.00 PM | 06.03.2026 at 11.00 AM |

Further details can be seen from the website : www.tendersorissa.gov.in.
Sd./- Executive Engineer
RW Division-II, Sundargarh
OIPR-25001/25193/1/25-26/0030



**ଟେଣ୍ଡର ଇସ୍ତାହାର**
**ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି**
(ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ),
ପ୍ରଥମ ମହଲା, ଏନ୍‌ଏସ୍‌ଆଇସି-ଏମ୍‌ଡିବିପି ବିଲ୍ଡିଂ, ଓଖ୍‌ଲା ଇଣ୍ଡଷ୍ଟ୍ରିଆଲ ଏରିଆ, ନୂଆଦିଲ୍ଲୀ ୧୧୦୦୨୦,
ଫୋନ୍: ୦୧୧ ୬୯୦୯୫୨୫୦, ୱେବ୍‌ସାଇଟ୍: www.nta.ac.in, ମେଲ୍: procurement@nta.ac.in
ଆଗାମୀ ଏନ୍‌ଇଇଟି (ୟୁଜି) ୨୦୨୬ ପରୀକ୍ଷା ସହ ସମ୍ବନ୍ଧିତ ନିମ୍ନଲିଖିତ ବିବିଧ ଗତିବିଧି ପାଇଁ ଯୋଗ୍ୟ ତଥା ଅଭିଜ୍ଞ ଏଜେନ୍ସି/ପିଏସ୍‌ୟୁ/ଫାର୍ମଗୁଡ଼ିକଠାରୁ ଏନ୍‌ଟିଏ ତରଫରୁ ଦୁଇ ବିଡ୍ ପ୍ରଣାଳୀ (ବୈଷୟିକ ଓ ଆର୍ଥିକ)ରେ ଟେଣ୍ଡର ଆହ୍ୱାନ କରାଯାଉଛି ।

| କ୍ର. ସଂ. | ଟେଣ୍ଡର ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ.) | ଅମାନତ ରାଶି (ଇଏମ୍‌ଡି) (ଟ.) | ଦାଖଲର ଶେଷ ତାରିଖ |
|---|---|---|---|---|---|
| ୧ | ଜିଇଏମ୍/୨୦୨୬/ ବି/୭୨୩୮୬୦୮ | ସିସିଟିଭି ସର୍ଭେଲାନ୍ସ | ଟ.୨୫.୦୦ କୋଟି | ଟ.୨୫ ଲକ୍ଷ | ୬ ମାର୍ଚ୍ଚ, ୨୦୨୬ |
| ୨ | ଜିଇଏମ୍/୨୦୨୬/ ବି/୭୨୪୦୮୮୧ | ଯାଞ୍ଚ ଓ ଭିଡ଼ ନିୟନ୍ତ୍ରଣ | ଟ.୭.୦୦ କୋଟି | ଟ.୭ ଲକ୍ଷ | ୭ ମାର୍ଚ୍ଚ ୨୦୨୬ |
| ୩ | ଜିଇଏମ୍/୨୦୨୬/ ବି/୭୨୩୮୬୮୩ | ବାୟୋମେଟ୍ରିକ୍ (ଆଧାର ଭିତ୍ତିକ) | ଟ.୧୫ କୋଟି | ଟ.୧୫ ଲକ୍ଷ | ୭ ମାର୍ଚ୍ଚ ୨୦୨୬ |

ଟେଣ୍ଡର ଫର୍ମ www.gem.gov.inରେ ଉପଲବ୍ଧ ଏବଂ ଲିଙ୍କ୍ ଏନ୍‌ଟିଏ ୱେବ୍‌ସାଇଟ୍ www.nta.ac.in ରେ ଉପଲବ୍ଧ । ଦାଖଲ କେବଳ ଜିଇଏମ୍ ପୋର୍ଟାଲରେ ଇ-ଟେଣ୍ଡରିଂ ଜରିଆରେ କରାଯିବ ।
cbc 21354/12/0009/2526 ସ୍ୱା./- ନିର୍ଦ୍ଦେଶକ (ପ୍ରୋକ୍ୟୋରମେଣ୍ଟ)



**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664
**NOTICE INVITING TENDER**
NIT No: OCPL/SER-226/2026 Date: 21/02/2026
Sealed bids in prescribed format are invited from Companies / firms / agencies for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Providing Pest Control Service at OCPL Corporate Office, Bhubaneswar, Manoharpur Mine Office (Samanwaya Bhawan) and Manoharpur Township Complex, Manoharpur, Sundargarh | Rs.1,180/- (Rupees One Thousand One Hundred and Eighty only) including GST. | 21/02/2026 | 07/03/2026 | 03:00 PM / 03:30 PM on 07/03/2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.
Sd./- Chief Operating Officer



**OFFICE OF THE MUNICIPAL COUNCIL, BHAWANIPATNA, DIST.-KALAHANDI, PIN-766001**
'e' Procurement NOTICE
Bid Identification No. BPM/07/2025-26
Bid Identification No. BPM /475/2025-26 Dt.18.02.2026
No.13001/332/2526 : The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in
1. Number of Civil works : 41 (Fourty One) numbers
2. Estimated Costs : 2.25 lakhs to 25.57 lakhs
3. Period of completion : As per NIT
4. Date and time of availability of the bid documents in the portal : From 02.00 P.M. of 19.02.2026 to 05.00 P.M. of 05.03.2026
5. Last Date/Time for receipt of bids in the portal : 05.00 P.M. of 05.03.2026
6. Bids will be opened on : 5.30 P.M. of Dt.05.03.2026
7. Name and address of the officer inviting bid : Executive Officer, Bhawanipatna Municipality.
Sd./- Executive Officer
Bhawanipatna Municipality
OIPR-13001/13100/1/25-26/0016



**OFFICE OF THE NOTIFIED AREA COUNCIL, ASKA (GANJAM)**
(Email : askanac@gmail.com, Ph No. : 06822-273068)
Letter No.-497 Date : 12.02.2026
**Quotation Call Notice (Short Form)**
No.13001/335/2526 : Sealed quotations are invited from the Registered Suppliers for supply of following sanitation materials to N.A.C., Aska. The rate of goods should be quotated with excluding all taxes.
Tender paper cost of Rs.7080/- (Rupees two thousand three hundread sixty only) and EMD of Rs.12,000/- (Twelve thousand only).
Sale of tender paper - 13.02.2026 to 21.02.2026.
Last date of submission of Tender Paper - 23.02.226 up to 12.00 Noon
Date of Opening of Tender Paper - 23.02.2026 at 5.00 P.M.

| Sl. No. | Description of items | Unit |
|---|---|---|
| 1 | BLEACHING POWDER | 1 PKt (25 Kg) |
| 2 | LIME POWDER | 1 PKt (25 Kg) |
| 3 | WHITE PHENYLE | 1 LTR |
| 4 | BLACK PHENYLE | 1 LTR |
| 5 | MOSQUITO OIL | 1 LTR |
| 6 | KING FOG | 1 LTR |

Sd./- Executive Officer
NAC, Aska
OIPR-13001/13181/1/25-26/0018



**Odisha Livelihoods Mission**
Department of Mission Shakti, Government of Odisha
SIRD & PR Campus, Unit-VIII, Bhubaneswar-751012, Odisha Tel: (0674) 2560166/2560126, E-mail: smmu.olm@gmail.com
EOI No : 240/26 Date : 19.02.2026
No.48001/1/2526 **Request for Expression of Interest**
1. The Odisha Livelihoods Mission under Department of Mission Shakti now invites eligible Consultant to indicate their interest in providing the service of **Financial Inclusion Consultant (State)**.
2. Interested Consultant should provide information demonstrating that they have the required qualifications and relevant experience to perform the Services in the prescribed format at Annexure-A (ToR)
3. Further information can be obtained at the address given below during office hours (10:00 to 17:30 hours). The detailed Terms of Reference (ToR) can be viewed and downloaded from the website https://missionshakti.odisha.gov.in with effect from **20.02.2026**.
4. In case of any Addendum/Clarification/Corrigendum/Extension regarding this EOI, the same will be published in the above websites only.
5. Expressions of interest in sealed envelope Superscribed as **"Expression of Interest for Financial Inclusion Consultant (State)** must be delivered in a written form to the State Mission Director, Odisha Livelihoods Mission, SIRD & PR Campus, Unit-VIII, Bhubaneswar, 751012, (post/courier) latest by **Dt 13.03.2026,5.30 pm**.
6. Authority reserves the right to accept or reject any application, and to cancel the procurement process and reject all application, at any time prior to the selection, without assigning any reason thereof.
**Contact Person** : Shri Rabi Prasad Mishra, Dy CEO (Admin & Procurement), OLM **Contact No** :9937462008
Sd./- State Mission Director -cum CEO
Odisha Livelihoods Mission
OIPR-48001/48002/1/25-26/0001



**Tender Notice**
**BAIF Institute for Sustainable Livelihoods and Development**
Invites sealed quotations from reputed vendors for installation of **"Solar Lift Irrigation Systems"** at Kuchinda and Bamra block, Sambalpur district, Odisha. Refer **www.baif.org.in** & **www.baifodisha.org** for details.
**Plot no.: 1565/2682, At Bhatra PO. Dhanupali, Sambalpur, Odisha**



**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।
ସଂ. MCS/Stores/E-Procure/Tender Notice/ Must Change Kit/72, ତା.17.02.2026
ଟେଣ୍ଡର ସଂ. 92265124
ବିବରଣୀ : (1) LHB EOG (ପାୱାର କାର) କୋଚ M36/SS-II ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମର ମଷ୍ଟ ଚେଞ୍ଜ (Must Change) କିଟ୍, (2) LHB EOG (ପାୱାର କାର) କୋଚ M72/SS-III ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (3) LHB EOG (ଏସି ଓ ନନ୍-ଏସି) କୋଚ M36/SS-II ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (4) M72 / SS-III ସିଡ୍ୟୁଲ ଇତ୍ୟାଦି ନିମନ୍ତେ, ପରିମାଣ : 104 CSET, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖ ପର ଠାରୁ 30 ମାସ, ଯାଞ୍ଚ ଏଜେନ୍ସି : TPI।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.03.2026ରିଖ, 1500 ଘଟିକାରେ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର
PR-1153/Q/25-26



**ସାର୍ବଜନିକ ସୂଚନା**
ଏତଦ୍‌ଦ୍ୱାରା ସମସ୍ତଙ୍କୁ ଅବଗତ କରାଯାଉଛି ଯେ, ଗ୍ରାମ: ଧୁତୁରା, ପୋଷ୍ଟ: ଅର୍ଡା, ତହସିଲ: କିରମିରା, ଜିଲ୍ଲା: ଝାରସୁଗୁଡା (ଓଡ଼ିଶା)ରେ ଅବସ୍ଥିତ ମେସର୍ସ ଅଲ୍ଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ (ୟୁନିଟ୍: ଝାରସୁଗୁଡା ସିମେଣ୍ଟ ୱାର୍କ୍ସ)ର ବର୍ତ୍ତମାନସ୍ଥ ଏକକୃତ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍‌ରେ ନୂଆଲାଇନ୍-II (୩.୦ ମିଲିଅନ ଟିପିଏ) ସ୍ଥାପନା ମାଧ୍ୟମରେ ୟୁନିଟ୍‌ର ୫.୧ ମିଲିଅନ ଟିପିଏରୁ ୮.୧ ମିଲିଅନ ଟିପିଏ ପର୍ଯ୍ୟନ୍ତ ସିମେଣ୍ଟ ଉତ୍ପାଦନ କ୍ଷମତା ବୃଦ୍ଧିକରଣ ପାଇଁ ପ୍ରକଳ୍ପ ପ୍ରସ୍ତାବିତ କରାଯାଇଥିଲା। ଏହି ପ୍ରକଳ୍ପକୁ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ, ଭାରତ ସରକାରଙ୍କ ଅଧିନରେ କାର୍ଯ୍ୟରତ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ଦ୍ୱାରା ପରିବେଶୀୟ ଅନୁମତି (Environmental Clearance) ମଞ୍ଜୁରି କରାଯାଇଛି। ଏହା ଇସି ଆଇଡେଣ୍ଟିଫିକେସନ୍ ନଂ.: EC25B1103OR5398372N ଅନୁସାରେ ତାରିଖ: ୧୬.୦୨.୨୦୨୬ ରେ ଜାରି କରାଯାଇଛି।
ଉପରୋକ୍ତ ପରିବେଶୀୟ ଅନୁମତି ପତ୍ରର ଏକ ନକଲ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (OSPCB), ଭୁବନେଶ୍ୱର କାର୍ଯ୍ୟାଳୟରେ ଉପଲବ୍ଧ ଅଛି ଏବଂ ଏହାକୁ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ, ଭାରତ ସରକାରଙ୍କ ୱେବ୍‌ସାଇଟ: https://parivesh.nic.in/ ରେ ମଧ୍ୟ ଦେଖାଯାଇପାରେ।
ମେସର୍ସ ଅଲ୍ଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍
(ୟୁନିଟ୍: ଝାରସୁଗୁଡା ସିମେଣ୍ଟ ୱାର୍କ୍ସ)



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
E-mail Id :- eerw_deogarh@yahoo.co.in
No.25001/202/2526 **E-Procurement Notice**
**BID IDENTIFICATION NO. SERWDGH-Online-18/2025-26**
1. **No. of Building work** : (08 Nos)
2. **Estimated Cost** : Approx Rs.25.21 Lakhs to 33.61 Lakhs.
3. **Mode of submission of Tender** : Tender shall be submitted online in www.tendersodisha.gov.in
4. **Availability of tender for online bidding : 23.02.2026, 10.00 A.M. to 05.03.2026 up to 5.00 P.M.**
5. **Date and time of opening of tender : 06.03.2026, 11.00 A.M.**
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.
Sd./- Superintending Engineer
R.W. Division, Deogarh
OIPR-25001/25087/1/25-26/0013



**ଦ.ପୂ. ରେଳପଥ – ଇ-ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୬/୦୬ ତାରିଖ: ୨୦।୦୨।୨୦୨୬
**"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ବନ୍ଦ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (ଟଙ୍କାରେ) |
|---|---|---|---|---|---|
| ୧. | ଏଚ୍‌ବି୨୫୬୮୯୯ | ୨୭।୦୩।୨୬ | ସେଣ୍ଟ୍ରାଲ ହସ୍ପିଟାଲ, ଗାର୍ଡେନ୍ ରିଚ୍‌ଠାରେ ଟର୍ନ କୀ ଭିତ୍ତି ଆଦି ସହିତ ସଦ୍ୟତମ ହୋଲ୍-ବଡି ଷ୍ଟେଟ୍ ଅଫ୍ ଦ ଆର୍ଟ ୩ଟି ଏମ୍‌ଆର୍‌ଆଇ ସିଷ୍ଟମ୍‌ର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ (ତା୨୫।୦୨।୨୦୨୬ରିଖ ୧୫.୦୦ ଘଟିକାରେ ପ୍ରି–ବିଡ୍ ବୈଠକ) | ୦୧ ସେଟ୍ | ୨୦,୦୦,୦୦୦/– |
| ୨. | ଆଇଇ୨୬୫୦୭୦ | ୧୮।୦୩।୨୬ | ୧୧ କେଭି ଇନ୍‌ଡୋର୍ ଏଚ୍‌ଟି ଭିସିବି ପ୍ୟାନେଲ୍ ଆଦିର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ । | ୦୨ ସେଟ୍ | ୧,୧୩,୧୦୦/– |
| ୩. | ୨୫୨୫୧୨୨୬ | ୦୧।୦୪।୨୬ | ଏନ୍–୩୨ର ପିଓଏଚ୍ ରକ୍ଷଣାବେକ୍ଷଣ ସିଡ୍ୟୁଲ୍ । | ୧୮ ସେଟ୍ | ୨,୦୯,୩୭୦/– |
| ୪. | ଆଇଏଫ୍୨୬୫୧୧୩ | ୧୧।୦୩।୨୬ | ଗୋଟିଏ ସେଟ୍ ସିଟି ୧୬ ସ୍ଲାଇସ୍ ସ୍କାନିଂ ସିଷ୍ଟମ୍ ଆଦିର ଯୋଗାଣ ଓ ସ୍ଥାପନା । | ୦୧ ସେଟ୍ | ୩,୯୦,୦୦୦/– |
| ୫. | ୪୭୨୫୫୦୦୫ବି | ୨୪।୦୩।୨୬ | ପାୱାର ଟ୍ରାନ୍ସଫର୍ମର ଆଦିର ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଓ କମିଶନିଂ । | ୦୨ ଗୋଟି | ୧,୩୮,୭୭୦/– |
| ୬. | ଜିଇଏମ୍/୨୦୨୬/ ବି/୭୨୪୮୩୩୨ | ୧୨।୦୩।୨୬ | ଅଲ୍ ଇନ୍ ୱାନ୍ ପିସି ଓ ଲାପ୍‌ଟପ୍ ସହିତ ପ୍ରିଣ୍ଟର ଏବଂ ୟୁପିଏସ୍ ଆଦି | ୨୦୫ ଗୋଟି | ୧,୮୯,୬୮୨/– |
| ୭. | ୩୩୨୬୩୫୩୪ | ୦୯।୦୪।୨୬ | ଏୟାର୍ ସ୍ପ୍ରିଙ୍ଗ୍ ଆସେମ୍ବ୍ଲି ଆଦି । | ୯୬ ଗୋଟି | ୩,୦୫,୮୬୦/– |
| ୮. | ୩୩୨୬୫୦୦୨ | ୦୬।୦୪।୨୬ | ଏସି କୋଚ୍‌ଗୁଡ଼ିକ ପାଇଁ ଏଲଏଚ୍‌ବି ଫିଆଟ୍ ବଗି ଫ୍ରେମ୍ ଆଦି । | ୮୦ ଗୋଟି | ୫,୧୯,୨୦୦/– |
| ୯. | ୩୧୨୬୧୪୩୫ | ୧୭।୦୩।୨୬ | ସେକେଣ୍ଡାରୀ ପାଇଁ ଭର୍ଟିକ୍ୟାଲ ଡାମ୍ପର୍ | ୧୦୮୧ ଗୋଟି | ୧,୧୪,୫୦୦/– |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1218)

# 'ସମୃଦ୍ଧ କୃଷକ' ପାଇଁ ୬,୦୮୮ କୋଟି



**ବଜେଟରେ କୃଷି ଓ କୃଷକଙ୍କୁ ସରକାରଙ୍କ ଗୁରୁତ୍ୱ**

- ୫ ହଜାର କୋଟିର ଆବର୍ତ୍ତନ ପାଣ୍ଠି
- ମୟୂରଭଞ୍ଜରେ ୨୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ କୃଷି କଲେଜ
- ଟିପିଲିମାଠାରେ ପ୍ରାଣୀ ବିଜ୍ଞାନ ମହାବିଦ୍ୟାଳୟ, ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଓ ସୋନପୁରରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ

**ଭୁବନେଶ୍ୱର,୨୦।୨(ରବିନାରାୟଣ ଜେନା)**

ଓଡ଼ିଶାରେ କୃଷି କେବଳ ଏକ ବୃତ୍ତି ନୁହେଁ, ଏହା ହେଉଛି ରାଜ୍ୟର ପରିଚୟ। ଚାଷ ଓଡ଼ିଶାର ପରମ୍ପରା ଓ ଅନେକ ଲକ୍ଷ କୃଷକ ପରିବାରର ଜୀବନରେଖା ହୋଇଥିବାରୁ ୨୦୨୬–୨୭ ଆର୍ଥିକ ବର୍ଷର ବଜେଟରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସରକାର ବିଶେଷକରି ଏହି କ୍ଷେତ୍ରରେ ଅନେକ ନୂଆ ପଦକ୍ଷେପ ନେବା ସହ କୃଷକଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ବିବିଧ ଯୋଜନା ଓ ପ୍ରକଳ୍ପ ସକାଶେ ଆବଣ୍ଟନ କରିଛନ୍ତି। ମୟୂରଭଞ୍ଜରେ ୨୦ କୋଟି ଟଙ୍କା ବ୍ୟୟରେ ଏକ ନୂତନ କୃଷି କଲେଜ ନିର୍ମାଣ କରାଯିବ। ସେହିପରି ସମ୍ବଲପୁର ଜିଲା ଟିପିଲିମାଠାରେ ପ୍ରାଣୀ ବିଜ୍ଞାନ ମହାବିଦ୍ୟାଳୟ, ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଓ ସୋନପୁରରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ପ୍ରସ୍ତାବ ରହିଛି। ଏହି କୃଷିଭିତ୍ତିକ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ନିର୍ମାଣ ପାଇଁ ମୋଟ ୩୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାରେ ବଜେଟ ଉପସ୍ଥାପନ ବେଳେ ଗୃହକୁ ଅବଗତ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ତୃତୀୟ ଥର ବଜେଟ ଉପସ୍ଥାପନ କରି ନିଜ ଅଭିଭାଷଣରେ ରାଜ୍ୟର କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ରାଜ୍ୟର କୃଷକମାନେ ଅନେକ ଆଶା ଆକାଂକ୍ଷା ନେଇ ଅଟଳତା ସହିତ କୃଷିକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥାନ୍ତି। ସେମାନେ



ପାରମ୍ପରିକ ଜ୍ଞାନକୌଶଳ ସହ ଜଳବାୟୁ ଅନୁକୂଳ ବିଜ୍ଞାନଭିତ୍ତିକ ଚାଷ ପଦ୍ଧତିକୁ ଆପଣାଇ ଦେଶର ଖାଦ୍ୟ ଭଣ୍ଡାରକୁ ପରିପୂର୍ଣ୍ଣ କରିବା ସହ ଗ୍ରାମୀଣ ସମାଜକୁ ସୁଦୃଢ଼ କରିପାରିଛନ୍ତି। ଆମ କୃଷକମାନେ 'ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ' ଭାବନାରେ ପରିଚାଳିତ ହୋଇ ୬୧ ଲକ୍ଷ ୮୦ ହଜାର ହେକ୍ଟର ଜମିରେ ଚାଷ କରି କଠିନ ପରିଶ୍ରମ ଓ ନିଷ୍ଠାର ସହ ଗ୍ରାମୀଣ ଅର୍ଥନୀତିକୁ ବଜାୟ ରଖିବାରେ ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

## ସମୃଦ୍ଧ କୃଷକ ଯୋଜନା

କୃଷକଙ୍କ ଆୟ ବୃଦ୍ଧିଘଟାଇ ସେମାନଙ୍କୁ ଅର୍ଥନୀତିର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ତାହା ହେଉଛି 'ସମୃଦ୍ଧ କୃଷକ' ଯୋଜନା। ଏହି ଯୋଜନା ଅଧୀନରେ ଧାନ କୁଇଣ୍ଟାଲ ପିଛା ୩,୧୦୦ ଟଙ୍କାରେ କିଣାଯାଉଛି। ଏହି ଆର୍ଥିକ ସଂସ୍କାରମୂଳକ ପଦକ୍ଷେପକୁ ଆହୁରି ମଜଭୁତ କରିବା ପାଇଁ ସରକାର ୨୦୨୬–୨୭ ଆର୍ଥିକବର୍ଷରେ ୬,୦୮୮ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଦେଇଛନ୍ତି। ଚାଷୀଙ୍କ ଧାନ କ୍ରୟ ପରେ ସେମାନଙ୍କୁ ଉଚିତ ଦେୟ ପଇଠ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନର ଏକ ଆବର୍ତ୍ତନ ପାଣ୍ଠି (Revolving Fund) ଗଠନ କରାଯିବା ନେଇ ପ୍ରସ୍ତାବ ରହିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।




କେନ୍ଦ୍ରର ପ୍ରଧାନମନ୍ତ୍ରୀ କିଷାନ ଯୋଜନାକୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କିଷାନ ଯୋଜନାରେ ପରିବର୍ତ୍ତିତ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳ, ସହରାଞ୍ଚଳର ଚାଷୀ, ଜମି ମାଲିକ, ଭୂମିହୀନ ପରିବାର ଓ ସମ୍ବେଦନଶୀଳ ଜନଜାତିଙ୍କୁ ଅତିରିକ୍ତ ସହାୟତା ପ୍ରଦାନ କରାଯାଇଥିବାବେଳେ ଏହାକୁ ଆହୁରି ପ୍ରଭାବଶାଳୀ କରିବା ଲାଗି ଆସନ୍ତା ଆର୍ଥିକବର୍ଷରେ ୨,୦୩୦ ଟଙ୍କାର ବ୍ୟୟବରାଦ କରାଯାଇଛି।

## ଶ୍ରୀ ଅନ୍ନ ଅଭିଯାନରେ ୪୦୦ କୋଟି

ମାଣ୍ଡିଆ ଭଳି ଜଳବାୟୁ ସହନଶୀଳ ତଥା ପୁଷ୍ଟିକର ଶସ୍ୟକୁ ସୁରକ୍ଷା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ 'ଶ୍ରୀ ଅନ୍ନ ଅଭିଯାନ'କୁ ୨୦୨୬-୨୭ ଆର୍ଥିକବର୍ଷରେ ୪୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେହିପରି ଧାନ ଉପରେ



ଅତ୍ୟଧିକ ନିର୍ଭରଶୀଳତା ହ୍ରାସ ଉଦ୍ଦେଶ୍ୟରେ ବିଭିନ୍ନ କିସମର ଡାଲି, ତୈଳବୀଜ ଓ ଦେଶୀ ଧାନକୁ ପ୍ରୋତ୍ସାହନ ଦିଆଯାଉଛି। ଏଥିପାଇଁ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧକରଣ ଓ ଅମଳ ପରବର୍ତ୍ତୀ ଧାନ ପଡ଼ିଆ ପରିଚାଳନା ଲାଗି ୪୬୯ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୬ ଜିଲାରେ କଫି ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ୧୫୦ କୋଟି ଟଙ୍କାର ପ୍ରସ୍ତାବ ରହିଥିବାବେଳେ ପ୍ରଯୁକ୍ତି ଜରିଆରେ ଉନ୍ନତ ଆଖୁ ଚାଷ ନିମନ୍ତେ ୨୭ କୋଟି ଏବଂ ବଳଭଦ୍ର ଜୈବିକ ଚାଷ ମିଶନକୁ ୨୮ କୋଟି ଟଙ୍କା ପ୍ରଦାନ ବ୍ୟବସ୍ଥା କରାଯାଇଥିବା ମୁଖ୍ୟମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଛନ୍ତି।



## ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ

ରାଜ୍ୟ ସରକାର ଚାଷଜମିକୁ ଆବଶ୍ୟକ ଜଳସେଚନ ବ୍ୟବସ୍ଥା ପାଇଁ ଉପସ୍ଥାପିତ ବଜେଟରେ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ପାଇଁ ୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ବନ୍ୟା ପରିଚାଳନା ପାଇଁ ୫୩୦ କୋଟିର ବ୍ୟବସ୍ଥା କରାଯାଇଛି। ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର ପ୍ରୋଗ୍ରାମ ଯୋଜନାରେ ୧,୦୦୦ କୋଟି, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାରେ ୧୮୦ କୋଟି, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ନିର୍ମାଣ ପାଇଁ ୨୮୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ସୂଚନା ଦେଇଛନ୍ତି। ୨୦୨୯ ସୁଦ୍ଧା ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ସେହିପରି ଆୟକଟର ସ୍ଥିରୀକରଣ ଓ ଉଦ୍ୟାନ କୃଷିକୁ ଜଳସେଚନ ପାଇଁ ଯଥାକ୍ରମେ ୮୦ କୋଟି ଏବଂ ୫୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଜଳସେଚନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଓ ଭିତ୍ତିଭୂମି ପୁନରୁଦ୍ଧାର ପାଇଁ ୨,୦୨୯ କୋଟି ଟଙ୍କାର ସମନ୍ୱିତ ବଜେଟ ବ୍ୟବସ୍ଥା ରହିଛି।

## ୧୧ ଲକ୍ଷ ମେଟ୍ରିକ୍ ଟନ୍ ବିଶିଷ୍ଟ ଗୋଦାମ

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ହେଉଥିବା କ୍ଷତିକୁ ହ୍ରାସ କରି ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବୈଜ୍ଞାନିକ ଉପାୟରେ ଭଣ୍ଡାରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆସନ୍ତା ୩ ବର୍ଷ ମଧ୍ୟରେ ୧୧ ଲକ୍ଷ ମେଟ୍ରିକ୍ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ କରିବେ।

## ଉଦ୍ୟାନ କୃଷିକୁ ପ୍ରୋତ୍ସାହନ



ଉଦ୍ୟାନ କୃଷିରେ ଫସଲ ନିର୍ଦ୍ଦିଷ୍ଟ କ୍ଲଷ୍ଟରଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ସ୍ୱତନ୍ତ୍ର ଉଦ୍ୟାନ କୃଷି ଫସଲ ନିର୍ଦ୍ଦିଷ୍ଟ ଯୋଜନା, ମସଲା ମିଶନ ସମେତ ଆଳୁ ଚାଷର ଉନ୍ନୟନ ଓ ଉଦ୍ୟାନ କୃଷି ମିଶନ ପ୍ଲସ୍ କ୍ଷେତ୍ରଫଳ ବିସ୍ତାର, ମୂଲ୍ୟ ଶୃଙ୍ଖଳର ସୁଦୃଢ଼ୀକରଣ, ଅମଳ ପରବର୍ତ୍ତୀ ପରିଚାଳନା ଓ ବଜାର ସଂଯୋଗକୁ ବୃଦ୍ଧି କରାଯାଉଛି। ଏଥିସକାଶେ ସରକାର ୫୪୪ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

### କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬–୨୭ ଆର୍ଥିକ ବର୍ଷ ପାଇଁ ଆଗତ କରିଥିବା ବଜେଟ୍‌ରେ ଶକ୍ତି କ୍ଷେତ୍ର ଲାଗି ୪୫୦୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହାଦ୍ୱାରା ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଶକ୍ତିଶାଳୀ ହେବା ସହିତ ବିଭିନ୍ନ ପ୍ରକଳ୍ପ ଜରିଆରେ ଲୋକେ ଉପକୃତ ହେବେ। ଜୟ ଜବାନ, ଜୟ କିଷାନ ଏବଂ ଜୟ ବିଜ୍ଞାନ ଭାବନାରେ ଓଡିଶାର କୃଷି ବଜେଟ୍ ଅଣାଯାଇଛି। ପୁଷ୍ଟିଶସ୍ୟର ଚାଷ ଓ ବ୍ୟବହାରକୁ ବୃଦ୍ଧି କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରି ଓଡ଼ିଶାର ପ୍ରତିଟି ପରିବାରକୁ ଏକ ସମୃଦ୍ଧ ଓ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦିଆଯାଇଛି।

**–କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ**

### ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ ପ୍ରତିଫଳିତ



ମୁଖ୍ୟମନ୍ତ୍ରୀ ସମସ୍ତ କ୍ଷେତ୍ର ଓ ସବୁ ବର୍ଗକୁ ଗୁରୁତ୍ୱ ଦେଇ ଐତିହାସିକ ବଜେଟ୍ ଉପସ୍ଥାପନ କରିଛନ୍ତି। ଏଥିରେ ସବ୍‌କା ସାଥ ସବ୍‌କା ବିକାଶ ଏବଂ ସବ୍‌କା ବିଶ୍ୱାସ ପ୍ରତିଫଳିତ ହୋଇଛି। ୧୦୦୦ କୋଟି ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ନିର୍ମାଣ ଆଧ୍ୟାତ୍ମିକ ଅଭିଳାଷ ପୂରଣ କରିବ। ମହିଳାମାନଙ୍କ ବିକାଶ ପାଇଁ ନୂଆ ଯୋଜନା ଅଣାଯାଇଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଭୂମି ଆବଶ୍ୟକତା ପୂରଣ ଲକ୍ଷ୍ୟ ନେଇ ପର୍ଯ୍ୟଟନ ଲ୍ୟାଣ୍ଡ ବ୍ୟାଙ୍କ ଏବଂ ଇକୋ ଟୁରିଜିମ୍‌କୁ ପ୍ରୋତ୍ସାହନ, ପର୍ଯ୍ୟଟନ କ୍ଷେତ୍ରର ସମୃଦ୍ଧି ଦିଗରେ ପ୍ରଶଂସନୀୟ ପଦକ୍ଷେପ ନିଶ୍ଚୟ। ନିରନ୍ତର ପ୍ରଗତି ପାଇଁ ମାର୍ଗଦର୍ଶିକା ସାଜିବାକୁ ଥିବା ଏଭଳି ଐତିହାସିକ ତଥା ଜନକଲ୍ୟାଣକାରୀ ବଜେଟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ।

**–ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ**

### ଖାଲି ରୋଷେଇ ଘରେ ଲମ୍ବା ଖାଦ୍ୟ ତାଲିକା



ରାଜ୍ୟ ସରକାର ୨୦୨୬–୨୭ ଆର୍ଥିକ ବର୍ଷ ପାଇଁ ଆଣିଥିବା ବଜେଟରେ କିଛି ନାହିଁ। ଗୋଟିଏ ଖାଲି ରୋଷେଇ ଘରେ ଖାଦ୍ୟର ଲମ୍ବା ତାଲିକା ରହିଲା ଭଳି ମନେହେଲା। ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ବିକାଶର ବିପରୀତ ଦିଗରେ ନେଉଛନ୍ତି। ଏବେ ରାଜ୍ୟର ନବଜନ୍ମିତଙ୍କ ମୁଣ୍ଡ ପିଛା ଋଣ ୩୦ ହଜାର ଟଙ୍କା ରହିଛି। ଆର୍ଥିକ ପରିଚାଳନାରେ ସବୁଠାରୁ ଭଲ ପ୍ରଦର୍ଶନ କରୁଥିବା ରାଜ୍ୟ ବିଜେଡି ଶାସନ ସମୟରେ ଥିଲା। କିନ୍ତୁ ଭାଜପା ସରକାର ଓଡ଼ିଶାକୁ ଖୁବଶୀଘ୍ର ଦେବାଳିଆ ରାଜ୍ୟରେ ପରିଣତ କରିଦେବେ।

**–ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା**

### ସରକାରଙ୍କ ପ୍ରତିବଦ୍ଧତା ପ୍ରତିଫଳିତ



ସମୁଦାୟ ବଜେଟ୍‌ରେ ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି। ବଜେଟରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭାଜପା ସରକାରଙ୍କ ପ୍ରତିବଦ୍ଧତା ସ୍ପଷ୍ଟ ପ୍ରତିଫଳିତ ହେଉଛି। ଚଳିତ ବଜେଟରେ ୧୬ଟି ନୂତନ ଜନକଲ୍ୟାଣକାରୀ ଯୋଜନା ରଖାଯାଇଛି। ରାଜ୍ୟର ସାମଗ୍ରିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ବଜେଟ ସବୁ ବର୍ଗଙ୍କୁ ଚଳିତ ସନ୍ତୋଷ କରିଛି। ଡବଲ ଇଞ୍ଜିନ ସରକାରରେ ରାଜ୍ୟର ସାମଗ୍ରିକ ବିକାଶକୁ ପ୍ରାଥମିକତା ଦିଆଯାଇଛି।

**–ମନମୋହନ ସାମଲ, ଭାଜପା ରାଜ୍ୟ ସଭାପତି**

### ହାତୀ ଭଳି ବଜେଟ, ପିମ୍ପୁଡି ପରାଏ ଖର୍ଚ୍ଚ



ଖାଲି ବଜେଟର କଳେବର ବୃଦ୍ଧି କଲେ ଚଳିବନାହିଁ। ଯେଉଁ ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ୧୦ ମାସରେ ମୋଟ ବ୍ୟୟବରାଦର ମାତ୍ର ୫୮ ପ୍ରତିଶତ ଖର୍ଚ୍ଚ କରିପାରି ନାହାନ୍ତି, ସେ ସରକାର ଏ ଥର ଆସନ୍ତା ଆର୍ଥିକ ବର୍ଷ ପାଇଁ ୨୦ ହଜାର କୋଟିର ଅଧିକ ବ୍ୟୟବରାଦ କଲେ ରାଜ୍ୟର କିଛି ବିକାଶ ହେବନାହିଁ। ହାତୀ ଭଳି ବଜେଟ, ପିମ୍ପୁଡି ଭଳି ଖର୍ଚ୍ଚ କରିବାର ଅର୍ଥ କିଛି ନାହିଁ । ମାତ୍ର ୨ଟି ବଜେଟରେ ଯେଉଁ ସରକାର ରାଜ୍ୟର ଋଣଭାରକୁ ୯୧ ହଜାର କୋଟି ଟଙ୍କାରେ ପହଞ୍ଚାଇଲେଣି ସେହି ସରକାରଙ୍କ ହାତରେ ରାଜ୍ୟବାସୀ କେତେ ସୁରକ୍ଷିତ ତାହା ସମସ୍ତଙ୍କୁ ଜଣା। ସେ କହିଛନ୍ତି, ୨୦୨୬–୨୦୨୭ ବର୍ଷର ବଜେଟ୍ ଏକ ନୈରାଶଜନକ ବଜେଟ୍ । ବେକାରୀ ସମସ୍ୟାର ସମାଧାନ ପାଇଁ କୌଣସି ସଙ୍କେତ ନାହିଁ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଶରେ ସବୁଠାରୁ ଖରାପ ଥିବାବେଳେ ଏଥର ବଜେଟରେ ଗୁରୁତ୍ୱ ଦିଆଯାଇନାହିଁ।

**–ଭକ୍ତ ଚରଣ ଦାସ, ପିସିସି ସଭାପତି**

### କୃଷକଙ୍କୁ ଲଲିପପ୍ ଦେଖାଇ ଠକି ଦେଇଛନ୍ତି



ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। ରାଜ୍ୟ ଅର୍ଥନୀତିର ସିଂହଭାଗ କୃଷି ଉପରେ ନିର୍ଭର କରେ। ତେଣୁ କୃଷି କ୍ଷେତ୍ରର ଉନ୍ନତି ପାଇଁ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେବା ଦରକାର। ମାତ୍ର ପ୍ରତି ଥର ପରି ଏଥର ମଧ୍ୟ ସରକାର ବଜେଟରେ କୃଷକଙ୍କୁ ଲଲିପପ୍ ଦେଖାଇ ଠକିଦେଇଛନ୍ତି। ପଶ୍ଚିମ ଓଡ଼ିଶାରେ ପ୍ରଚୁର କପା ଚାଷ ହେଉଥିଲେ ହେଁ କଟନ୍ ଇଣ୍ଡଷ୍ଟ୍ରି କରିବା ପାଇଁ ସେପରି କିଛି ବ୍ୟବସ୍ଥା ନାହିଁ। ସେହିପରି ବନ୍ଦ ପଡିଥିବା ୮ଟି ଚିନିକଳକୁ ଖୋଲିବା ପାଇଁ ମଧ୍ୟ କିଛି ଘୋଷଣା ନାହିଁ। ବଜେଟରେ ନୂତନ କୃଷକ ସୃଷ୍ଟି ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେଣୁ ଯୁବପିଢ଼ି ଚାଷଠାରୁ ମୁହଁ ଫେରାଉଛନ୍ତି।

**–ସଚିନ୍ ମହାପାତ୍ର, ରାଜ୍ୟ ସଭାପତି, କିଷାନ୍ ମଜଦୁର ମହାସଂଘ**

### ଭଲ ବଜେଟ, ସ୍ୱାସ୍ଥ୍ୟ କ୍ଷେତ୍ରକୁ ପ୍ରାଧାନ୍ୟ ସ୍ୱାଗତଯୋଗ୍ୟ



ଚଳିତ ରାଜ୍ୟ ବଜେଟ ମୋଟାମୋଟି ଭାବେ ଖୁବ୍ ଭଲ ବଜେଟ। ଏଥିରେ ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟକ୍ଷେତ୍ରକୁ ସରକାର ପ୍ରାଧାନ୍ୟ ଦେଇଥିବାରୁ ସବୁ ବର୍ଗର ଲୋକେ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ। ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ନିରାମୟ ଯୋଜନା, ନିଦାନ, ଜରୁରିକାଳୀନ ଚିକିତ୍ସା ଆମ୍ବୁଲାନ୍ସ ସେବା, ସ୍ୱାସ୍ଥ୍ୟ ସହାୟ ସହିତ ଏସ୍‌ସିବି ମେଡିକାଲ କଲେଜ, ଏମ୍‌କେସିଜି ଏବଂ ଭିମ୍‌ସାର୍‌ର ପୁନର୍ବିକାଶ, ନୂତନ ଆୟୁର୍ବେଦିକ ଓ ହୋମିଓପାଥି ମେଡିକାଲ କଲେଜ ପାଇଁ ମଧ୍ୟ ବଜେଟରେ ବ୍ୟୟବରାଦ କରାଯାଇଛି, ଯାହାକି ସ୍ୱାଗତଯୋଗ୍ୟ ପଦକ୍ଷେପ।

**–ଅମରେଶ ସେଠୀ, କର୍ମଜୀବି**

### ବଜେଟ ଠିକ୍ ଭାବେ କାର୍ଯ୍ୟକାରୀ ହେବା ଦରକାର



ବଜେଟରେ ସମସ୍ତ ଦିଗକୁ ଦୃଷ୍ଟି ଦିଆଯାଇଛି। ତେବେ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ଦରକାର। ବଜେଟରେ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ ପ୍ରତିଷ୍ଠା ଓ ବିଶ୍ୱର ସର୍ବବୃହତ୍ ଶସ୍ୟ ଗଚ୍ଛିତ କେନ୍ଦ୍ର ନିର୍ମାଣ ପାଇଁ ବ୍ୟବସ୍ଥା ଅଛି। ମାତ୍ର ଠିକ୍ ସମୟରେ ଶୀତଳଭଣ୍ଡାର ନିର୍ମାଣ ହୋଇ ଆଳୁ, ମାଛ ଓ ବିଲାତିବାଇଗଣକୁ ଗଚ୍ଛିତ କରିପାରିଲେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବ ନାହିଁ। ଖାଉଟି କମ୍ ଦାମରେ ଏସବୁ ପାଇ ପାରିବ। ସେହିଭଳି ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ଭଳି ସହରାଞ୍ଚଳ ଡ୍ରେନ ସଂଯୋଗୀକରଣ ଯୋଜନା ହେବା ଦରକାର। ସ୍ୱେଚ୍ଛାକୃତ ରକ୍ତଦାନ ଉପରେ ବଜେଟରେ ବ୍ୟବସ୍ଥା ରହିବା ଭଲ ପଦକ୍ଷେପ।

**–ଦିଲୀପ ଦାଶଶର୍ମା, ଆଇନଜୀବୀ**

### ନୈରାଶ୍ୟଜନକ ବଜେଟ



ବଜେଟରେ ରାଜ୍ୟର ଅଣସଂଗଠିତ ଶ୍ରମିକ, ଯୁବକ ଏବଂ କୃଷକଙ୍କ ମୌଳିକ ସମସ୍ୟାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଲକ୍ଷ ଲକ୍ଷ ଅଣସଂଗଠିତ ଶ୍ରମିକଙ୍କ ପାଇଁ ବଜେଟରେ କୌଣସି ଆଖିଦୃଶିଆ ବ୍ୟବସ୍ଥା ବା ପାଣ୍ଠି ପ୍ରଦାନ କରାଯାଇ ନାହିଁ। ସେମାନଙ୍କ ସାମାଜିକ ନିରାପତ୍ତା ପୁଣି ଅନିଶ୍ଚିତତା ଭିତରେ ରହିଯିବ। ରାଜ୍ୟର ଶିକ୍ଷିତ ଯୁବପିଢ଼ିଙ୍କ ପାଇଁ ନୂତନ ସରକାରୀ ନିଯୁକ୍ତି ସମ୍ବନ୍ଧରେ ବଜେଟରେ କୌଣସି ଘୋଷଣା କରାଯାଇ ନାହିଁ। ଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ମଣ୍ଡି ବ୍ୟବସ୍ଥାର ସଂସ୍କାର ଏବଂ ଭିବି ଜି ରାମଜୀ ଯୋଜନା ପାଇଁ ବଜେଟରେ ଖୁବ୍ କମ୍ ବ୍ୟୟବରାଦ କରାଯାଇଛି, ଯାହା ଶ୍ରମିକ ଓ କୃଷକଙ୍କ ପାଇଁ ବଡ଼ ଧକ୍କା।

**–ରାଧାକାନ୍ତ ସେଠୀ, ରାଜ୍ୟ ସଭାପତି, ଏଆଇସିସିଟିୟୁ**

### ଛାତ୍ରୀଛାତ୍ର, ରୋଗୀଙ୍କୁ ନିରାଶ କରିଛି



ରାଜ୍ୟ ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ ଓଡିଶାବାସୀଙ୍କୁ ନିହାତି ଭାବେ ଉତ୍ସାହିତ କରିଛି। କିନ୍ତୁ ଛାତ୍ରୀଛାତ୍ର ଓ ରୋଗୀଙ୍କୁ ନିରାଶ କରିଛି। ରାଜ୍ୟରେ ଛାତ୍ରୀଛାତ୍ର ଏବଂ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ବିଦ୍ୟାଳୟ ଓ ଡାକ୍ତରଖାନାର କଳେବର ବୃଦ୍ଧି ତଥା ଉନ୍ନତି ନିମନ୍ତେ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆଯାଇନାହିଁ। ରାଜ୍ୟ ବାହାରେ ଓଡ଼ିଶା ଭବନ ନିର୍ମାଣ ପାଇଁ ୬୫ କୋଟି ବ୍ୟୟ ଯୋଜନାର ସୁଫଳ କିଏ ପାଇବ? ସାଧାରଣ ଲୋକଙ୍କ ପଇସା ଏହି ସରକାର ମାଟିରେ ପକାଉଛନ୍ତି। ସେହି ଟଙ୍କା ଡାକ୍ତରଖାନା ପାଇଁ ଖର୍ଚ୍ଚ କରିଥିଲେ ସାଧାରଣ ରୋଗୀ ଲାଭବାନ୍ ହୋଇଥାନ୍ତା। ବଜେଟରେ ସ୍ୱପ୍ନ ଅଧିକ। ପ୍ରକୃତ କାର୍ଯ୍ୟକାରିତା ପରେ ହିଁ ଏହା ସଫଳ ହୋଇପାରିବ।

**–ନଳିନୀ ପାତ୍ର, ଶିକ୍ଷାବିତ୍**

### ବଜେଟ ଲାଭ ସିଧାସଳଖ ମଧ୍ୟମ ଓ ଗରିବ ଶ୍ରେଣୀଙ୍କ ପାଖରେ ପହଞ୍ଚୁ



ଚଳିତ ବଜେଟରେ ସରକାର କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗ୍ରାମ ଉନ୍ନତିକୁ ଗୁରୁତ୍ୱ ଦେଇଛନ୍ତି। ରାସ୍ତା, ପାନୀୟ ଜଳ ଯୋଗାଣ, କୃଷକଙ୍କୁ ସହାୟତା, ଯୁବକଙ୍କ ପାଇଁ ରୋଜଗାର ସୃଷ୍ଟି ଓ ମହିଳା କଲ୍ୟାଣ ଯୋଜନା ଉପରେ ଆବଣ୍ଟନ ବଢ଼ାଇବା ସକାରାତ୍ମକ ପଦକ୍ଷେପ। ବଜେଟର ଲାଭ ସିଧାସଳଖ ଭାବେ ଗ୍ରାମ ଓ ସହରର ମଧ୍ୟମ ଓ ଗରିବ ଶ୍ରେଣୀଙ୍କ ପାଖରେ ପହଞ୍ଚୁ। କୃଷକଙ୍କୁ ଠିକ୍ ସମୟରେ ସହାୟତା ମିଳିବା ସହିତ ଯୁବକମାନେ ଠିକ ସମୟରେ ଚାକିରି ପାଇବା ଦରକାର।

**–ସୁରଜ କୁମାର ବେହେରା, କର୍ମଜୀବୀ**

### ଝିଅଙ୍କ ପାଇଁ ବିଭିନ୍ନ ଯୋଜନା ସ୍ୱାଗତଯୋଗ୍ୟ



ରାଜ୍ୟ ସରକାର ମହିଳାଙ୍କ ପାଇଁ ବଜେଟରେ ବିଭିନ୍ନ ପ୍ରକାରର ଯୋଜନା ରଖିଛନ୍ତି। ବିଶେଷକରି ଗରିବ ଝିଅଙ୍କ ପାଇଁ ପାଠପଢ଼ାଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ଯୋଜନା କରାଯାଇଛି। ଝିଅମାନେ ଯେପରି ଉଚ୍ଚ ଶିକ୍ଷାରୁ ବଞ୍ଚିତ ନ ହେବେ, ସେଥିପାଇଁ ସ୍ନାତକ ପଢ଼ିସାରିବା ପରେ ତାଙ୍କୁ ରାଜ୍ୟ ସରକାର ଲକ୍ଷେ ଟଙ୍କା ପ୍ରଦାନ କରିବେ, ଯାହା ତାଙ୍କୁ ଉଚ୍ଚଶିକ୍ଷା ଲାଭ କରିବାରେ ସହଯୋଗ କରିବ। ସେହିପରି ଗରିବ ଝିଅଙ୍କ ନାଁରେ ୨୦ ହଜାର ଟଙ୍କା ସଞ୍ଚୟ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି।

**–ଲକ୍ଷ୍ମୀପ୍ରିୟା ସାହୁ, ଗୃହିଣୀ**

### ନାରୀ ଶିକ୍ଷାକୁ ସରକାରଙ୍କ ଗୁରୁତ୍ୱ



ରାଜ୍ୟ ବଜେଟରେ ନାରୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥିବାରୁ ଖୁସି ଲାଗୁଛି। ଗରିବ ଶ୍ରେଣୀର ନବଜନ୍ମିତ କନ୍ୟା ସନ୍ତାନଙ୍କ ପାଇଁ ସରକାର ୨୦ହଜାର ଟଙ୍କା ଦେବେ ଓ ସ୍ନାତକ ପାଠପଢ଼ା ଶେଷ ହେବା ପରେ ୧ଲକ୍ଷ ଟଙ୍କା ପ୍ରଦାନ କରିବେ। ସେହିପରି ଉଚ୍ଚଶିକ୍ଷା ଅଧ୍ୟୟନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୪ଟି ନୂଆ ବିଦ୍ୟାଳୟ ପାଇଁ ବଜେଟରେ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ପିଲାମାନେ ଦୂରଦୂରାନ୍ତକୁ ଆଉ ଯିବାକୁ ପଡ଼ିବ ନାହିଁ।

**–ସ୍ମୃତିରେଖା ବେହେରା, ଛାତ୍ରୀ**

### ବିକାଶମୁଖୀ, ଆର୍ଥିକ ଶୃଙ୍ଖଳାପୂର୍ଣ୍ଣ ବଜେଟ



ଓଡ଼ିଶା ବଜେଟ ୨୦୨୬–୨୭ ଏକ ସମତୁଲ, ବିକାଶମୁଖୀ ଏବଂ ଆର୍ଥିକ ଶୃଙ୍ଖଳାପୂର୍ଣ୍ଣ ବଜେଟ। ସରକାର ରେଭେନ୍ୟୁ ସର୍‌ପ୍ଲସ୍‌କୁ ଅବିକଳ ରଖିବା ସହିତ ମୂଳ ପୁଞ୍ଜି ନିବେଶକୁ ଦ୍ରୁତ ଭାବେ ବୃଦ୍ଧି କରିଛନ୍ତି, ଯାହା ଦୀର୍ଘକାଳୀନ ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମି ଉନ୍ନତି ଏବଂ ରୋଜଗାର ସୃଷ୍ଟି ପାଇଁ ସକାରାତ୍ମକ ସଙ୍କେତ ସୃଷ୍ଟି କରିଛି। ଆର୍ଥିକ ଏବଂ ବିନିଯୋଗ ଦୃଷ୍ଟିକୋଣରୁ ଦେଖିଲେ, ଓଡ଼ିଶା ଦୃଢ଼ ଆର୍ଥିକ ଭିତ୍ତିଭୂମି ସହିତ ମୂଳଧନ ନିବେଶ ଚାଳିତ ରାଜ୍ୟ ଅର୍ଥନୀତି ଭାବେ ନିଜକୁ ପରିଚିତ କରାଇବାକୁ ବଜେଟରେ ଉଦ୍ୟମ ହୋଇଛି।

**–ତ୍ରିନାଥ ଲେଙ୍କା, ଅର୍ଥନୈତିକ ବିଶେଷଜ୍ଞ**

### ଶିକ୍ଷା, ସ୍ୱାସ୍ଥ୍ୟ, କୃଷିକୁ ପ୍ରାଥମିକତା



ସମୃଦ୍ଧ ଓ ବିକଶିତ ଓଡ଼ିଶା–୨୦୩୬କୁ ଦୃଷ୍ଟିରେ ରଖି ସବୁବର୍ଗର ଜନସାଧାରଣଙ୍କ ବିକାଶ ନିମନ୍ତେ ତଥା ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ଏହି ବଜେଟ୍ ମାଧ୍ୟମରେ ଯଥାସାଧ୍ୟ ପ୍ରୟାସ କରିଛନ୍ତି। କୃଷି, ଜଳସେଚନ, ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯାଇଥିବା ବେଳେ ନୂତନ ବିଶ୍ୱବିଦ୍ୟାଳୟ, ଭେଷଜ ମହାବିଦ୍ୟାଳୟ, ବୈଷୟିକ ମହାବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଅମହିଳା ସଶକ୍ତୀକରଣ ଓ ଶିଶୁ ବିକାଶ, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିଭୂମି, ପୁଞ୍ଜିନିବେଶ ଭଳି କ୍ଷେତ୍ର ଉପରେ ଅଗ୍ରାଧିକାର ଦିଆଯାଇଛି।

**–ଶୁଭେନ୍ଦୁ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ(ଛାତ୍ର ବ୍ୟାପାର), କିସ୍ ବିଶ୍ୱବିଦ୍ୟାଳୟ**

## ହୀରାକୁଦର ସମନ୍ୱିତ ପର୍ଯ୍ୟଟନ ବିକାଶ

'ହୀରାକୁଦର ସମନ୍ୱିତ ପର୍ଯ୍ୟଟନ ବିକାଶ'ର ଲକ୍ଷ୍ୟ ହେଉଛି ଡ୍ୟାମ ଅଞ୍ଚଳ, ଦେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ, ଦ୍ୱୀପ ସମୂହ ଏବଂ ଆଖପାଖ ଜିଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଏକ ବ୍ୟାପକ ମାଷ୍ଟର ପ୍ଲାନ ମାଧ୍ୟମରେ ଏହି ଅଞ୍ଚଳକୁ ଏକ ସୁଦୃଢ଼, ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀରେ ରୂପାନ୍ତରିତ କରିବା। ଏଥିସହ ଜଳଭଣ୍ଡାର ଅଞ୍ଚଳର ବିକାଶ ପାଇଁ ପୂର୍ବରୁ ୯୯ କୋଟି ଟଙ୍କା ଅନୁମୋଦିତ ହୋଇସାରିଛି।

## ଚିଲିକା ପୁନରୁଦ୍ଧାର

ଚିଲିକା ହେଉଛି ଏସିଆର ସର୍ବବୃହତ୍ କ୍ଷାରୀୟ ଜଳ ହ୍ରଦ ଏବଂ ଭାରତର ପ୍ରଥମ 'ରାମସାର ସାଇଟ୍', ଯାହାର ଏକ ଅନନ୍ୟ ସାମୁଦ୍ରିକ-କ୍ଷାରୀୟ-ମଧୁର ଜଳ ପରିସଂସ୍ଥା ରହିଛି। ବର୍ତ୍ତମାନ ଚିଲିକା ଗମ୍ଭୀର ପାରିବେଶିକ ଏବଂ ଭୂ-ଆକୃତିଗତ ଅସ୍ଥିରତାର ସମ୍ମୁଖୀନ ହେଉଛି। ଏହି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ବଜେଟରେ 'ଚିଲିକା ପୁନରୁଦ୍ଧାର' ନାମରେ ଏକ ନୂତନ ଯୋଜନା ଘୋଷଣା କରିଛନ୍ତି।

## ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ସଂଗ୍ରହାଳୟ

**ବାରିପଦାରେ ଛଉ ଏକାଡେମୀ**

ସମୃଦ୍ଧ ଐତିହ୍ୟ, ଭାଷା ଏବଂ ସାଂସ୍କୃତିକ ସମ୍ପଦ ହେଉଛି ଓଡ଼ିଶାର ପରିଚୟ ଏବଂ ବିଶ୍ୱସ୍ତରୀୟ ଆକର୍ଷଣର ଶକ୍ତିଶାଳୀ ଉତ୍ସ। ମୁଖମନ୍ତ୍ରୀ ବଜେଟରେ ଭୁବନେଶ୍ୱରଠାରେ ଏକ ବିଶ୍ୱସ୍ତରୀୟ ସଂଗ୍ରହାଳୟ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହା ଓଡ଼ିଶାର ଗୌରବମୟ ଅତୀତକୁ ପ୍ରଦର୍ଶିତ କରିବ। ସାମରିକ କଳା କୌଶଳ 'ଛଉ' ହେଉଛି ଓଡ଼ିଶାର ଗର୍ବ। ରାଜ୍ୟ ସରକାର ବାରିପଦାଠାରେ 'ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା କରିବେ, ଯେଉଁଥିପାଇଁ ବଜେଟରେ ୧୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

## ପ୍ରମୁଖ ଘୋଷଣା, ଯୋଜନା

**ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ**
ପୁରୀରେ ପ୍ରାୟ ୧ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଏବଂ ଲାଇବ୍ରେରି କେନ୍ଦ୍ର ପ୍ରତିଷ୍ଠା କରାଯିବ।

**ଡିଜିଟାଲ ହୁଣ୍ଡି**
ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ସମର୍ପଣ' ନାମରେ ଏକ ସୁରକ୍ଷିତ ଅନ୍‌ଲାଇନ ଦାନ ପ୍ଲାଟଫର୍ମ ପ୍ରଚଳନ କରାଯାଇଛି।

**ରତ୍ନଭଣ୍ଡାର ତାଲିକା**
ରତ୍ନଭଣ୍ଡାର ଅଳଙ୍କାର ତାଲିକା ପ୍ରସ୍ତୁତ ପାଇଁ ୫ କୋଟି ଟଙ୍କା ଆବଣ୍ଟନର ପ୍ରସ୍ତାବ ରହିଛି।

**ଆର୍ଥିକ ଅଭିବୃଦ୍ଧି**
୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ୭.୯% ହାରରେ ବୃଦ୍ଧି ପାଇବାର ଆକଳନ କରାଯାଇଛି।

**ସମୃଦ୍ଧ କୃଷକ ଯୋଜନା**
ଧାନ କ୍ରୟ ପାଇଁ କୁଇଣ୍ଟାଲ ପିଛା ୩,୧୦୦ ଟଙ୍କା ମୂଲ୍ୟ ପ୍ରଦାନ କରାଯାଉଛି, ଯେଉଁଥିପାଇଁ ୬ ହଜାର ୮୮ କୋଟି ଟଙ୍କାର ବଜେଟ ପ୍ରସ୍ତାବ ରହିଛି।

**ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା**
ଏହି ଯୋଜନା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୨ ହଜାର ୩୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି।

**ଅଟଳ ଏକ୍ସପ୍ରେସ୍ ୱେ**
୯୬୯ କିଲୋମିଟର ବିଶିଷ୍ଟ ଏହି ରାସ୍ତା ମାଲକାନଗିରିର ମୋଟୁକୁ ମୟୂରଭଞ୍ଜର ତିରିଂ ସହିତ ସଂଯୋଗ କରିବ।





ବଜେଟ ଉପସ୍ଥାପନ ପୂର୍ବରୁ ଲୋକ ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଦହି ଖୁଆଇ ଶୁଭେଚ୍ଛା ଜଣାଇଛନ୍ତି।


ବାଚସ୍ପତି ସୁରମା ପାଢ଼ୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ବିଭାଗୱାରି ବଣ୍ଟନ

| ବିଭାଗ | କୋଟି ଟଙ୍କା ହିସାବରେ |
|---|---|
| ଗୃହ | ୧୧,୦୨୮.୫୬ |
| ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୮୦୫.୧୧ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୨,୭୬୧.୬୪ |
| ଆଇନ | ୧,୦୯୪.୪୧ |
| ଅର୍ଥ | ୬୫,୨୯୨.୨୭ |
| ବାଣିଜ୍ୟ | ୩୧୭ |
| ନିର୍ମାଣ | ୧୩,୪୫୧ |
| ଓଡ଼ିଶା ବିଧାନସଭା | ୧୬୭.୪୦ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୭,୫୩୮.୨୮ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୩୧,୯୯୭.୫୩ |
| ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ | ୭,୬୪୯.୩୩ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୨୩,୧୮୨.୧୪ |
| ଗୃହ ନିର୍ମାଣ ଓ ପୌର ଉନ୍ନୟନ | ୧୦,୬୬୭.୭୮ |
| ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ୩୮୫.୦୩ |
| କ୍ରୀଡ଼ା ଓ ଯୁବସେବା | ୧,୩୫୯.୨୯ |
| ଯୋଜନା ଓ ସମନ୍ୱୟ | ୩୧,୬୪୭.୫୭ |
| ପଞ୍ଚାୟତିରାଜ ଓ ପାନୀୟ ଜଳ | ୩୪,୧୬୬.୧୪ |
| ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ | ୩୧.୧୧ |
| ଶିଳ୍ପ | ୨,୨୦୭.୫୦ |
| ଜଳସମ୍ପଦ | ୧୭,୪୮୮.୯୨ |
| ପରିବହନ | ୪,୦୭୯.୮୧ |
| ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ | ୨,୯୦୬.୦୫ |
| କୃଷି ଓ କୃଷକ ସଶକ୍ତୀକରଣ | ୧୪,୭୦୧.୩୯ |
| ଇସ୍ପାତ ଓ ଖଣି | ୩୦୫୫.୧୧ |
| ତଥ୍ୟ ଓ ଲୋକସମ୍ପର୍କ | ୧୬୬.୫୪ |
| ଅବକାରୀ | ୨୮୨.୧୬ |
| ବିଜ୍ଞାନ ଓ ବୈଷୟିକ | ୩୫୩.୪୫ |
| ଗ୍ରାମ୍ୟ ଉନ୍ନୟନ | ୧୦,୨୦୪.୬୧ |
| ସଂସଦୀୟ ବ୍ୟାପାର | ୬୪.୯୨ |
| ଶକ୍ତି | ୪,୫୯୬.୭୦ |
| ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ୩୮୨.୩୫ |
| ପର୍ଯ୍ୟଟନ | ୧,୦୨୨.୭୫ |
| ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ | ୨,୦୧୯.୩୫ |
| ସମବାୟ | ୨,୩୩୪.୪୬ |
| ସାଧାରଣ ଉଦ୍ୟୋଗ | ୧୧ |
| ମହିଳା ଓ ଶିଶୁ କଲ୍ୟାଣ | ୧୬,୧୫୨.୯୩ |
| ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା | ୨,୧୦୮.୦୨ |
| ଉଚ୍ଚଶିକ୍ଷା | ୩,୬୬୪.୪୦ |
| ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | ୧,୮୨୩.୧୧ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୨୬୨.୭୮ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ | ୯,୬୧୦.୮୫ |
| ବିପର୍ଯ୍ୟୟ ପରିଚାଳନା | ୫,୫୫୮.୦୭ |
| ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି | ୬୧୪.୯୭ |
| ମିଶନ ଶକ୍ତି | ୨,୮୦୪.୨୩ |
| **ସର୍ବମୋଟ** | **୩,୧୦,୦୦୦** |




# ବନ୍ୟା ପରିଚାଳନା ଯୋଜନା ପାଇଁ ୫୩୦ କୋଟି

ଆର୍ଥିକ ବର୍ଷ ୨୦୨୬-୨୭ ମଧ୍ୟରେ ରାଜ୍ୟର ଜଳ ଭିତ୍ତିଭୂମି ଏବଂ ଜଳସେଚନକୁ ସୁଦୃଢ଼ କରିବା ପାଇଁ ଅନେକ ପ୍ରମୁଖ ସଂସ୍କାର ଏବଂ ପଦକ୍ଷେପ ଗ୍ରହଣ କରାଯିବ। ଜଳସେଚନ, ବନ୍ୟା ନିୟନ୍ତ୍ରଣ ଏବଂ ଜଳର ଉପଲବ୍ଧତା ବୃଦ୍ଧି କରିବା ପାଇଁ ୧୦ କୋଟି ଟଙ୍କାର ବ୍ୟବସ୍ଥା ସହିତ 'ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ' ଯୋଜନା କାର୍ଯ୍ୟକାରୀ କରାଯିବ। ମହାନଦୀ ତଟବର୍ତ୍ତୀ ସୁରକ୍ଷା, ସହରାଞ୍ଚଳ ସହନଶୀଳତା ଏବଂ ପର୍ଯ୍ୟଟନର ପ୍ରୋତ୍ସାହନ ପାଇଁ ୮୦ କୋଟି ଟଙ୍କାର ଆବଣ୍ଟନ ସହିତ ମହାନଦୀ କୂଳରେ 'ମହାନଦୀ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ' ଯୋଜନା ଜାରି ରହିବ। ଜଳସେଚନର ନିର୍ଭରଯୋଗ୍ୟତା ବୃଦ୍ଧି ଏବଂ ପୁରାତନ ତଥା କ୍ଷତିଗ୍ରସ୍ତ ଜଳସେଚନ ସଂରଚନାର ପୁନରୁଦ୍ଧାର ପାଇଁ ୧୦୦ କୋଟି ଟଙ୍କା ବ୍ୟୟରେ 'ଡାଇଭର୍ସନ ୱେୟାର୍ସର ଉନ୍ନତିକରଣ' ଯୋଜନା ହାତକୁ ନିଆଯିବ। ସେହିଭଳି ୫୩୦ କୋଟି ଟଙ୍କାର ଆବଣ୍ଟନ ସହିତ 'ବ୍ୟାପକ ବନ୍ୟା ପରିଚାଳନା ଯୋଜନା' ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ନଦୀର ଜଳଧାରଣ କ୍ଷମତାକୁ ସୁଦୃଢ଼ କରିବ। ଜଳ ସଂରକ୍ଷଣ ପଦକ୍ଷେପଗୁଡ଼ିକର ସମ୍ପ୍ରସାରଣ ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି। ତଦନୁଯାୟୀ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର୍ କାର୍ଯ୍ୟକ୍ରମ ପାଇଁ ୧୦୦୦ କୋଟି ଟଙ୍କା, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାର ସମ୍ପ୍ରସାରଣ ପାଇଁ ୧୮୦ କୋଟି ଟଙ୍କା, ଚେକ୍ ଡ୍ୟାମ୍ ଏବଂ ଜଳସେଚନ କ୍ଷମତା ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାର ତୃତୀୟ ପର୍ଯ୍ୟାୟ ପାଇଁ ୨୮୦ କୋଟି ଟଙ୍କା ଏବଂ ପରିବେଶ ସ୍ୱାସ୍ଥ୍ୟକୁ ପୁନଃସ୍ଥାପିତ କରି ସ୍ଥାୟୀ ଜଳ ଉପଲବ୍ଧତା ନିଶ୍ଚିତ କରିବା ଏବଂ ଆମର ପ୍ରାଚୀନ ନଦୀକେନ୍ଦ୍ରିକ ଐତିହ୍ୟର ପୁନରୁଦ୍ଧାର ପାଇଁ ୧୦୦ କୋଟି ଟଙ୍କା ବ୍ୟୟରେ ନଦୀ ପୁନରୁଦ୍ଧାର କାର୍ଯ୍ୟକ୍ରମ 'ସଞ୍ଜୀବନୀ' ଜାରି ରହିବ।



# ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ୪୪,୩୦୯ କୋଟି




ଓଡ଼ିଶାର ବିକାଶକୁ ଶୀର୍ଷରେ ପହଞ୍ଚାଇବା ତଥା ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକବର୍ଷ ଲାଗି ବଜେଟରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଶୁକ୍ରବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଆସନ୍ତା ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବଜେଟ ଉପସ୍ଥାପନ କରି କହିଛନ୍ତି, ଗ୍ରାମାଞ୍ଚଳର ବିକାଶ ତଥା ବ୍ୟାପକ ନିବେଶ ଲାଗି ୪୪ ହଜାର ୩୦୯ କୋଟି ଟଙ୍କାର ପ୍ରସ୍ତାବ ରହିଛି, ଯାହାକି ବିଗତବର୍ଷ ତୁଳନାରେ ୧୩ ପ୍ରତିଶତ ଅଧିକ। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ରାଜ୍ୟ ସରକାର ଫ୍ଲାଗ୍‌ଶିପ୍ ପ୍ରକଳ୍ପ 'ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା' ଅଧୀନରେ ଅପହଞ୍ଚ ତଥା ସଂଯୋଗବିହୀନ ଜନବସତିଗୁଡ଼ିକୁ ସବୁଦିନିଆ ପକ୍କା ସଡ଼କ ଯୋଗାଇଦେବା ଲାଗି ପ୍ରତିଶ୍ରୁତିବଦ୍ଧ। ଚାଲୁ ରହିଥିବା ପ୍ରକଳ୍ପ ତଥା ନୂତନ ସେତୁ ପ୍ରକଳ୍ପର ଆବଶ୍ୟକତା ପୂରଣ କରିବା ପାଇଁ କେବଳ ଏହି ଯୋଜନାରେ ୩ ହଜାର ୪ ଶହ ୯୧ କୋଟି ଏବଂ ସେତୁ ବନ୍ଧନ ଯୋଜନାରେ ୨୦୫୦ କୋଟି ଟଙ୍କାର ବ୍ୟୟବରାଦ କରାଯିବାକୁ ରହିଛି।

ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଲାଗି ୭୫୦ କୋଟି, ପିଏମ୍ ଜନମନ କାର୍ଯ୍ୟ ଲାଗି ୧୫୦ କୋଟି ଓ ଗ୍ରାମୀଣ ସଡ଼କର ରକ୍ଷଣାବେକ୍ଷଣ ନିମନ୍ତେ ୨୨୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ରାଜ୍ୟର ସମସ୍ତ ରାଜସ୍ୱ ଗ୍ରାମକୁ ବିଦ୍ୟୁତୀକରଣ କରାଯାଇଛି, ହେଲେ କିଛି ପଡ଼ାଗ୍ରାମ ବାକି ରହିଯାଇଛି। ସମସ୍ତଙ୍କୁ ବିଜୁଳି ଯୋଗାଣ ଲାଗି ବିଜୁ ଗ୍ରାମଜ୍ୟୋତି ଯୋଜନାରେ ୩୫୭ କୋଟି ଟଙ୍କା ବ୍ୟୟ କରାଯିବାକୁ ଲକ୍ଷ୍ୟ ରହିଛି। 'ବିକଶିତ ଗାଁ ବିକଶିତ ଓଡ଼ିଶା' ଗ୍ରାମୀଣ ସଡ଼କ ଭିତ୍ତିଭୂମି ବିକାଶ, ନାଗରିକମାନଙ୍କ ଲାଗି ବିଭିନ୍ନ ସମ୍ପତ୍ତି ଏବଂ ସୁବିଧାର ବିକାଶ, କ୍ରୀଡ଼ା ଏବଂ ଶିକ୍ଷା ପାଇଁ ଭିତ୍ତିଭୂମିର ଉନ୍ନତି ଓ କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ଭଳି ସ୍ଥାୟୀ ବିକାଶ ପ୍ରକଳ୍ପଗୁଡ଼ିକ ହାତକୁ ନେଇ ଗ୍ରାମୀଣ ଓଡ଼ିଶାରେ ଥିବା ଅସୁବିଧାଗୁଡ଼ିକ ଦୂର କରିବା ପାଇଁ ୨ ହଜାର କୋଟି ଟଙ୍କାର ପ୍ରସ୍ତାବ ରଖିଛନ୍ତି। ଏହାସହିତ ବିକଶିତ ଭାରତ ରୋଜଗାର ପାଇଁ ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ ଅଧିନିୟମ-୨୦୨୫ ପ୍ରଣୟନ କରାଯାଇଛି। ଏହି ନିୟମ ଅନୁସାରେ ଏଣିକି ଭିବି ଜି ରାମ୍ ଜି ଯୋଜନା କାର୍ଯ୍ୟକାରୀ ହେବ। ଓଡ଼ିଶାରେ ଗ୍ରାମୀଣ ପରିବାରର ଆୟକୁ ସୁଦୃଢ଼ କରିବା ଲାଗି ୧୨୫ ଦିନର ରୋଜଗାର ସୁନିଶ୍ଚିତ କରିବା ନିମନ୍ତେ ଏହି ଯୋଜନା ଅଧୀନରେ ୫ ହଜାର ୫୭୫ କୋଟି ଟଙ୍କାର ବ୍ୟୟବରାଦ କରାଯିବାକୁ ରହିଛି। ଏହାବ୍ୟତୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଲାଗି ୧୫୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସେହିପରି ୯ ଜିଲାର ୩୦ଟି ସ୍ଥାନାନ୍ତରଣପ୍ରବଣ ବ୍ଲକରେ ଦାଦନ ଶ୍ରମିକ ରୋକିବା ଲାଗି ୪୦୦ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଗ୍ରାମାଞ୍ଚଳରେ ପାନୀୟଜଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା, ଜନଜାତିଙ୍କ ଉଦ୍ଦେଶ୍ୟରେ ଆଦି କର୍ମଯୋଗୀ ଅଭିଯାନକୁ ସଫଳ କରିବା ପାଇଁ ବଜେଟରେ ସ୍ୱତନ୍ତ୍ର ପ୍ରସ୍ତାବ ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସୁଭଦ୍ରା ଶକ୍ତି ସମ୍ବାଦ

**ଅନୁଭୂତି ବାଣ୍ଟିବେ ସୁଭଦ୍ରା ହିତାଧିକାରୀ**

ମହିଳା ସଶକ୍ତୀକରଣ ଏବଂ କଲ୍ୟାଣକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ 'ସୁଭଦ୍ରା ଶକ୍ତି ସମ୍ବାଦ' ନାମକ ଏକ ନୂତନ ଯୋଜନା ପ୍ରସ୍ତାବ ଦେଇଛନ୍ତି। ଏହା ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କ ପାଇଁ ଏକ ସଂଗଠିତ ସହଭାଗିତାଭିତ୍ତିକ ମଞ୍ଚ ହେବ, ଯେଉଁଠାରେ ସେମାନେ ନିଜର ଅନୁଭୂତି ବାଣ୍ଟିପାରିବେ, ସମସ୍ୟା ଉତ୍ଥାପନ କରିପାରିବେ ଏବଂ ସରକାରୀ ଅଧିକାରୀ ତଥା ଗୋଷ୍ଠୀଗତ ଅଂଶୀଦାରମାନଙ୍କ ସହ ନିୟମିତ ଆଲୋଚନା ମାଧ୍ୟମରେ ଅଭିଯୋଗ ପ୍ରତିକାର ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିପାରିବେ। ଏହାବ୍ୟତୀତ ଅନ୍ୟ ଏକ ନୂତନ ପଦକ୍ଷେପ ହେଉଛି ସୁଭଦ୍ରା ୱେଲନେସ ସେଣ୍ଟର। ଏହି କେନ୍ଦ୍ରଗୁଡ଼ିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପ୍ରତିଷ୍ଠା କରାଯିବ, ଯାହା ସବୁ ବୟସର ମହିଳାମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ପୁଷ୍ଟିସାଧନ, ମାନସିକ ସୁସ୍ଥତା ଏବଂ ଆର୍ଥିକ ସଚେତନତା ବୃଦ୍ଧି କରିବା ସହିତ ଜୀବନଶୈଳୀ ମାର୍ଗଦର୍ଶନ ଏବଂ ପରାମର୍ଶ ସେବା ଯୋଗାଇଦେବ।

## ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା

**ସ୍ନାତକ ଶିକ୍ଷା ହାସଲ କଲେ ଗରିବ ଝିଅଙ୍କୁ ମିଳିବ ୧ଲକ୍ଷ ୧ଟଙ୍କା**

ମହିଳା ସଶକ୍ତୀକରଣ ଅଧୀନରେ ରାଜ୍ୟ ସରକାରଙ୍କ ଅନ୍ୟତମ ଲକ୍ଷ୍ୟ ହେଉଛି ପ୍ରତ୍ୟେକ କନ୍ୟାସନ୍ତାନ ଯେପରି ସ୍ନାତକ ଶିକ୍ଷା ସମ୍ପୂର୍ଣ୍ଣ କରିବେ। ଏହି ଉଦ୍ଦେଶ୍ୟରେ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଆରମ୍ଭ କରାଯିବ, ଯାହା ଅଧୀନରେ ଆର୍ଥିକ ଅନଗ୍ରସର ପରିବାରରେ ଜନ୍ମଗ୍ରହଣ କରିଥିବା ଜଣେ କନ୍ୟାସନ୍ତାନ ନାମରେ ୨୦,୦୦୦ ଟଙ୍କାର ଏକ ସଞ୍ଚୟ ପାଣ୍ଠି ସୃଷ୍ଟି କରାଯିବ। ସ୍ନାତକ ଶିକ୍ଷା ସମ୍ପୂର୍ଣ୍ଣ କରିବା ପରେ ତାଙ୍କୁ ୧,୦୦,୦୦୧ ଟଙ୍କା ପ୍ରଦାନ କରାଯିବ।

## ମମତା ପାଇଁ ୩୨୦ କୋଟି

ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (ପିଏମ୍‌ଏମ୍‌ଭିୱାଇ) ସହିତ ସମନ୍ୱୟ ରକ୍ଷା କରି ରାଜ୍ୟ ସରକାର ଏବେ କନ୍ୟାସନ୍ତାନ ଜନ୍ମଦେଉଥିବା ପରିବାରଗୁଡ଼ିକ ପାଇଁ ୧୨,୦୦୦ ଟଙ୍କାର ବର୍ଦ୍ଧିତ ମାତୃତ୍ୱ ସହାୟତା ପ୍ରଦାନ କରୁଛନ୍ତି। ଏହି ପ୍ରତିବଦ୍ଧତାକୁ ପୂରଣ କରିବା ପାଇଁ ସରକାର ୨୦୨୬-୨୭ ବଜେଟରେ ମମତା ଯୋଜନା ଲାଗି ୩୨୦ କୋଟି ଟଙ୍କା ଏବଂ ପିଏମ୍‌ଏମ୍‌ଭିୱାଇ ପାଇଁ ୧୮୦ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି।

## ସୁଭଦ୍ରା କିସ୍ତି: ୧୦,୧୪୫ କୋଟି

ସୁଭଦ୍ରା ହେଉଛି ଓଡ଼ିଶାର ପ୍ରମୁଖ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ, ଯାହା ମହିଳାମାନଙ୍କ ପାଇଁ ଆର୍ଥିକ ସୁରକ୍ଷା ଏବଂ ସମ୍ମାନ ନିଶ୍ଚିତ କରେ। ଏହା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ୨ଟି କିସ୍ତିରେ ବାର୍ଷିକ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଏ। ୧ କୋଟିରୁ ଅଧିକ ମହିଳାଙ୍କୁ ଉପକୃତ କରିବା ପାଇଁ ମୁଖ୍ୟମନ୍ତ୍ରୀ ବଜେଟରେ ୧୦,୧୪୫ କୋଟି ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା: ୧୨ କୋଟି

ପାରମ୍ପରିକ ବିବାହର ଅତ୍ୟଧିକ ଖର୍ଚ୍ଚ ପ୍ରାୟତଃ ସୀମିତ ସମ୍ବଳ ଥିବା ପରିବାରଗୁଡ଼ିକ ଉପରେ ଭାର ସଦୃଶ ହୋଇଥାଏ। ଏହି ପରିବାରଗୁଡ଼ିକୁ ସହାୟତା କରିବା ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଆରମ୍ଭ କରିଛନ୍ତି। ସାମୂହିକ ବିବାହକୁ ପ୍ରୋତ୍ସାହନ ଦେଇ ସରକାର ସମସ୍ତ ଖର୍ଚ୍ଚ ବହନ କରିବା ସହ କନ୍ୟାଙ୍କୁ ଉପହାର ପ୍ରଦାନ କରି ଆର୍ଥିକ ଦାୟିତ୍ୱ ଗ୍ରହଣ କରୁଛନ୍ତି। ଏହି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ବଜେଟରେ ୧୨ କୋଟି ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦେଇଛନ୍ତି।

# ପୂର୍ବ-ପଶ୍ଚିମ କରିଡର: ନମୋ ଏକ୍ସପ୍ରେସ ୱେ

ରାଜ୍ୟ ସରକାର ଆଗାମୀ ପିଢ଼ି ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ବଜେଟରେ ଯୋଜନା କରିଛନ୍ତି। ତଦନୁଯାୟୀ ମୁଖ୍ୟମନ୍ତ୍ରୀ ନୂତନ ପ୍ରମୁଖ ସଡ଼କ ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ ପ୍ରସ୍ତାବ ଦେଇଛନ୍ତି। ସେଥିମଧ୍ୟରେ କୋରାପୁଟ ଜିଲାର ଜୟପୁର ସହ ବ୍ରହ୍ମପୁରକୁ ସଂଯୋଗ କରିବା ପାଇଁ ପ୍ରାୟ ୯୦୦୦ କୋଟି ଟଙ୍କା ବ୍ୟୟରେ ୨୮୭ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ବ୍ରହ୍ମପୁର-ଜୟପୁର ରାସ୍ତା ବିକଶିତ ହେବ। ସେହିପରି ପୂର୍ବ-ପଶ୍ଚିମ କରିଡରର ଅଂଶବିଶେଷ ଭାବେ ଗଜପତି ଜିଲାର ପାରଳାଖେମୁଣ୍ଡିକୁ ବରଗଡ଼ ଜିଲାର ଅମ୍ବାଭୋନା ସହିତ ସଂଯୋଗ କରିବା ପାଇଁ 'ନମୋ ଏକ୍ସପ୍ରେସ ୱେ' ନିର୍ମାଣ ହେବ। ଅନ୍ୟପକ୍ଷରେ ଉତ୍ତର-ଦକ୍ଷିଣ କରିଡରର ଅଂଶ ଭାବେ ମାଲକାନଗିରି ଜିଲାର ମୋଟୁକୁ ମୟୂରଭଞ୍ଜ ଜିଲ୍ଲାର ତିରିଂ ସହିତ ସଂଯୋଗ କରିବା ପାଇଁ ୯୬୯ କିଲୋମିଟର ବିଶିଷ୍ଟ ଅଟଳ ଏକ୍ସପ୍ରେସ ୱେ ନିର୍ମାଣ କରାଯିବ।

**ଉତ୍ତର-ଦକ୍ଷିଣ କରିଡର: ଅଟଳ ଏକ୍ସପ୍ରେସ ୱେ**

## ସମ୍ବଲପୁର, ବ୍ରହ୍ମପୁରରେ ହେବ ବିଶ୍ୱ ଦକ୍ଷତା କେନ୍ଦ୍ର

ବିଶ୍ୱ ଦକ୍ଷତା କେନ୍ଦ୍ର: ସମ୍ବଲପୁର ଏବଂ ବ୍ରହ୍ମପୁରରେ ୨୭୮ କୋଟି ଟଙ୍କା ନିବେଶରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଦୁଇଟି ନୂତନ କ୍ୟାମ୍ପସ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବଜେଟ୍‌ରେ ଘୋଷଣା କରିଛନ୍ତି। ରାଜ୍ୟ ସରକାର ୨୦୪୭ ସୁଦ୍ଧା 'ବିଶ୍ୱ ଦକ୍ଷତା କେନ୍ଦ୍ର' ୭ଟି କ୍ୟାମ୍ପସ ଏବଂ ୨୦୩୬ ସୁଦ୍ଧା ଅନ୍ତତଃ ୫ଟି କ୍ୟାମ୍ପସ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ୟାମ୍ପସଗୁଡ଼ିକ ଯୁବବର୍ଗଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଦକ୍ଷତା ସହିତ ପ୍ରସ୍ତୁତ କରିବା ପାଇଁ ଆଧୁନିକ ତଥା ଶିଳ୍ପ-କେନ୍ଦ୍ରିକ ପ୍ରଶିକ୍ଷଣ ପ୍ରଦାନ କରିବ। ପ୍ରତ୍ୟେକ କ୍ୟାମ୍ପସରେ ଆଇଟିଆଇ, ପଲିଟେକନିକ ଏବଂ ଅନ୍ୟାନ୍ୟ ଆଗ୍ରହୀ ଯୁବକଯୁବତୀଙ୍କ ମଧ୍ୟରୁ ବାର୍ଷିକ ପ୍ରାୟ ୨,୦୦୦ ଛାତ୍ରୀଛାତ୍ର ପ୍ରଶିକ୍ଷଣ ପାଇବାର କ୍ଷମତା ରହିବ। ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ - ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ୧୦ କୋଟି ଟଙ୍କା ବଜେଟରେ ଆବଣ୍ଟନ କରିଛନ୍ତି।

## ୨ ଆୟୁର୍ବେଦିକ, ୩ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ହେବ

ଗୁଣାତ୍ମକ ଚିକିତ୍ସା ଶିକ୍ଷାର ସମ୍ପ୍ରସାରଣ ଏବଂ ଆୟୁଷ ପରିସଂସ୍ଥାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗଜପତି, ମାଲକାନଗିରି ଏବଂ ରାୟଗଡ଼ାଠାରେ ୩ଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ଼ ଓ ନୂଆପଡ଼ାଠାରେ ୨ଟି ନୂତନ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଏଥିପାଇଁ ୧୪୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିସହ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ଅଧିକ ବ୍ୟାପକ କରିବା ପାଇଁ ରାଜ୍ୟରେ ୧,୮୦୭ଟି ଅତିରିକ୍ତ ସ୍ୱାସ୍ଥ୍ୟ ଉପ-କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀ ୧୭୬ କୋଟି ଟଙ୍କାର ପ୍ରସ୍ତାବ ଦେଇଛନ୍ତି।

## ଏସ୍‌ସିବି ମେଡିକାଲର ବିକାଶ ପାଇଁ ୧୦୦୦ କୋଟି

ଆର୍ଥିକ ବର୍ଷ ୨୦୨୬-୨୭ର ନୂତନ ଏବଂ ପ୍ରମୁଖ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ରାଜ୍ୟର ତୃତୀୟ ପର୍ଯ୍ୟାୟ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବ୍ୟାପକ ଉନ୍ନତୀକରଣ ଉପରେ ଏକ ଦୃଢ଼ ଏବଂ ରଣନୈତିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜର ପୁନର୍ବିକାଶ ପାଇଁ ୧,୦୦୦ କୋଟି ଟଙ୍କା ଏବଂ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ବୁର୍ଲାର ଭିମ୍‌ସାର ପୁନର୍ବିକାଶ ପାଇଁ ୬୦୦ କୋଟି ଟଙ୍କାର ବ୍ୟବସ୍ଥା ପ୍ରସ୍ତାବ କରୁଛି।

# ପ୍ରତିଷ୍ଠା ହେବ ୪ ନୂଆ ବିଶ୍ୱବିଦ୍ୟାଳୟ

କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲା ମୁଖ୍ୟାଳୟରେ ୪ଟି ନୂତନ ଗ୍ରୀନ୍‌ଫିଲ୍ଡ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଭାଷଣରେ ଘୋଷଣା କରିଛନ୍ତି। ସେହିପରି ରାଜ୍ୟ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୪୭୦ କୋଟି ଟଙ୍କା, ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କା ଏବଂ ଲାବରେଟୋରି ଅନୁଦାନ ପାଇଁ ୨୫ କୋଟି ଟଙ୍କା ବଜେଟରେ ବ୍ୟୟବରାଦ କରାଯାଇଛି।

### ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା

ଇ-ମେଧାବୃତ୍ତି: ସ୍ନାତକ ପାଇଁ ୧୦,୦୦୦ ଏବଂ ସ୍ନାତକୋତ୍ତର ପାଇଁ ୧୫,୦୦୦ ଟଙ୍କା। ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି: ଓଡ଼ିଆ ଅନର୍ସ (+୩) ପାଇଁ ୨୦,୦୦୦ ଏବଂ ଓଡ଼ିଆ ପିଜି ପାଇଁ ୩୦,୦୦୦ ଟଙ୍କା। ଗୋପବନ୍ଧୁ ଶିକ୍ଷା ସହାୟତା: ବାର୍ଷିକ ୨୦,୦୦୦ ଟଙ୍କା। ବିଦେଶ ଶିକ୍ଷାବୃତ୍ତି: ୫୦ ଜଣ ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ବିଦେଶରେ ପଢ଼ିବା ପାଇଁ ସର୍ବାଧିକ ୫୦ ଲକ୍ଷ ଟଙ୍କାର ସହାୟତା। ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ: ୧୫,୦୦୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ପାଇଁ ୩୦,୦୦୦ ଟଙ୍କାର ସହାୟତା।

### ଶକ୍ତିଶ୍ରୀ ଯୋଜନା

ଛାତ୍ରୀମାନଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୪୧ଟି କଲେଜରେ 'ଶକ୍ତିଶ୍ରୀ' ଯୋଜନା କାର୍ଯ୍ୟକାରୀ ହେବ। ଏଥିରେ ସିସିଟିଭି ସ୍ଥାପନ, ଆତ୍ମରକ୍ଷା ପ୍ରଶିକ୍ଷଣ ଏବଂ ସେଫ୍ ଅଭିଯାନ ଅନ୍ତର୍ଭୁକ୍ତ।

### ଶିଶୁବାଟିକା: ୧,୧୩୧ କୋଟି


ନୂତନ ଶିକ୍ଷାନୀତି (ଏନ୍‌ଇପି-୨୦୨୦) ଅନୁଯାୟୀ, ରାଜ୍ୟ ସରକାର ସଫଳତାର ସହ 'ଶିଶୁ ବାଟିକା'କୁ ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ ପ୍ରବର୍ତ୍ତନ କରିଛନ୍ତି। ବିଦ୍ୟାଳୟ ଭିତ୍ତିକ ପ୍ରାକ୍-ଶୈଶବ ଶିକ୍ଷାକୁ ଅଧିକସୁଦୃଢ଼କରିବାପାଇଁମୁଖ୍ୟମନ୍ତ୍ରୀ 'ସମଗ୍ରଶିକ୍ଷା' ଅଧୀନରେ ୧,୧୩୧ କୋଟି ଟଙ୍କାର ବ୍ୟବସ୍ଥା ବଜେଟରେ କରିଛନ୍ତି। ଯେଉଁଥିରୁ ଶିଶୁ ବାଟିକାର ଛାତ୍ରୀଛାତ୍ରଙ୍କୁ ମାଗଣା ପୋଷାକ ଯୋଗାଇବା ପାଇଁ ୩୨ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି।

### ମାଗଣା ପାଠ୍ୟପୁସ୍ତକ, ପୋଷାକ

ମୁଖ୍ୟମନ୍ତ୍ରୀ ନବମ ଏବଂ ଦଶମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଇବା ପାଇଁ ଏକ ନୂତନ ଯୋଜନା ପ୍ରସ୍ତାବ କରିଛନ୍ତି। ଏଥିସହ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ 'ଗଙ୍ଗାଧର ମେହେର ଶିକ୍ଷା ମାଣକବୃଦ୍ଧି ଯୋଜନା' ଏବଂ ନବମ-ଦଶମ ଶ୍ରେଣୀ ପାଇଁ 'ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନା'ରେ ମାଗଣା ପୋଷାକ ବଣ୍ଟନ ପାଇଁ ପାଣ୍ଠି ପ୍ରସ୍ତାବ ଦେଇଛନ୍ତି।

### ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ: ୧୦୧୦ କୋଟି

ଗ୍ରାମ ପଞ୍ଚାୟତସ୍ତରରେ ମଡେଲ ପ୍ରାଥମିକ ବିଦ୍ୟାଳୟ ବିକଶିତ କରିବା ପାଇଁ 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ପଦକ୍ଷେପ ଅଧୀନରେ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ୧,୦୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିଭଳି 'ଐତିହ୍ୟ ବିଦ୍ୟାଳୟ' ଯୋଜନାରେ ୫୧ଟି ପୁରାତନ ସରକାରୀ ଓଡ଼ିଆ ମାଧ୍ୟମ ହାଇସ୍କୁଲର ପୁନରୁଦ୍ଧାର କରାଯାଇ ସେଗୁଡ଼ିକୁ 'ଓଡ଼ିଆ ଅସ୍ମିତା'ର କେନ୍ଦ୍ର ଭାବେ ଗଢ଼ାଯିବ।



### ଛାତ୍ରବୃତ୍ତି ପାଇଁ ୨,୦୯୫ କୋଟି

୨୦୨୬-୨୭ ଆର୍ଥିକ ବର୍ଷରେ ୨୨ ଲକ୍ଷ ଏସ୍‌ଟି, ଏସ୍‌ସି, ଓବିସି ଏବଂ ଇବିସି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ୨,୦୯୫ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟ ସରକାର ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ହାରକୁ ବୃଦ୍ଧି କରି ପୁଅମାନଙ୍କ ପାଇଁ ମାସିକ ୧୬୦୦ ଟଙ୍କା ଏବଂ ଝିଅମାନଙ୍କ ପାଇଁ ୧୭୦୦ ଟଙ୍କା କରିଛନ୍ତି।

### ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା: ୧୫୪ କୋଟି

ଏସ୍‌ଟି ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍କୁଲ ଛାଡ଼ିବା ହାର ହ୍ରାସ କରିବା ପାଇଁ ନବମ ଏବଂ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ୫,୦୦୦ ଟଙ୍କାର ଏକକାଳୀନ ସହାୟତା ପ୍ରଦାନ କରାଯିବ। ଏଥିପାଇଁ ବଜେଟରେ ୧୫୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

### ଆବାସିକ ବିଦ୍ୟାଳୟ ଭିତ୍ତିଭୂମି ପାଇଁ ୧,୦୭୦ କୋଟି

୨୦୨୬-୨୭ ଆର୍ଥିକ ବର୍ଷରେ ଅନ୍ୟୂନ ୧୦୦ଟି ଆବାସିକ ବିଦ୍ୟାଳୟର ଭିତ୍ତିଭୂମି ଉନ୍ନତୀକରଣ କରାଯିବ, ଯେଉଁଥିପାଇଁ ୧,୦୭୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

## ୩ ଅର୍ଥନୈତିକ କ୍ଷେତ୍ର

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର୍) ପାଇଁ ବ୍ୟାପକ ଅର୍ଥନୈତିକ ଯୋଜନା ଶୁଭାରମ୍ଭ କରାଯାଇଛି। ବିସିପିପିଇଆର୍‌କୁ ମଡେଲ ଭାବେ ଗ୍ରହଣ କରାଯାଇ ବଜେଟରେ ପର୍ଯ୍ୟାୟକ୍ରମେ ତିନୋଟି ଅତିରିକ୍ତ ଅର୍ଥନୈତିକ କ୍ଷେତ୍ର ଯଥା ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡ଼ାକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ପରିଣତ କରାଯିବ।

## ପାରାଦୀପ, ବଲାଙ୍ଗୀରରେ ହେବ ସରକାରୀ ଇଞ୍ଜିନିୟରିଂ କଲେଜ

ରାଜ୍ୟ ସରକାର ଭୁବନେଶ୍ୱରସ୍ଥିତ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟ ଏବଂ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିବା ଉପରେ ଧ୍ୟାନକେନ୍ଦ୍ରିତ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ପାରାଦୀପ ଏବଂ ବଲାଙ୍ଗୀରଠାରେ ୨ଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରିବାକୁ ବଜେଟରେ ପ୍ରସ୍ତାବ ଦେଇଛନ୍ତି।

## ୩ ମୌଳିକ ସୁବିଧା ପାଇଁ 'ମିଶନ ପାୱାର'

ଚିନ୍ତାର ବିଷୟ ଯେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ସଡ଼କ, ବିଜୁଳି ଏବଂ ପାଣି ଭଳି ମୌଳିକ ସୁବିଧା ରାଜ୍ୟର ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଏକ ସମୟବଦ୍ଧ କାର୍ଯ୍ୟାନ୍ୱୟନ ଢାଞ୍ଚା ସହିତ 'ମିଶନ ପାୱାର' ପଦକ୍ଷେପ ମାଧ୍ୟମରେ ୩ଟି ମୌଳିକ ସୁବିଧା ଯଥା- ବିଦ୍ୟୁତ୍, ପାନୀୟ ଜଳ ଏବଂ ଶେଷ ମାଇଲ୍ ସଂଯୋଗୀକରଣ ୨୦୨୬-୨୭ ସୁଦ୍ଧା ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ଯୋଗାଇ ଦିଆଯିବ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଶକ୍ତି ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମିଳିତ ଭାବେ ମିଶନ ମୋଡ୍‌ରେ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ ବଜେଟ ଭାଷଣରେ ଘୋଷଣା କରିଛନ୍ତି।



# ଅନୁଗୋଳରେ କାରାଟ୍‌ଲେନ୍‌ର ୩୬୬ତମ ଷ୍ଟୋର

ଅନୁଗୋଳ,୨୦।୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ଶଙ୍କର ସିନେମା ରୋଡ୍‌ରେ ଗହଣା ବ୍ରାଣ୍ଡ କାରାଟ୍‌ଲେନ୍‌ର ପ୍ରଥମ ଷ୍ଟୋର ଶୁକ୍ରବାର ଉଦ୍‌ଘାଟନ ହୋଇଛି। ଏହାକୁ କାରାଟ୍‌ଲେନ୍‌ର ବିଜ୍‌ନେସ୍ ପାର୍ଟନର ପ୍ରଦୀପ ଗୁପ୍ତାଙ୍କ ମା’ ଗୀତାଦେବୀ ଗୁପ୍ତା ଉଦ୍‌ଘାଟନ କରିଥିଲେ। କାରାଟ୍‌ଲେନ୍‌ର ଅନ୍ୟତମ ପାର୍ଟନର ଅବିନାଶ ଛାପୋଲିଆ, ରିଜିଓନାଲ ମ୍ୟାନେଜର ଅର୍ପିତା ଦତ୍ତ, ରିଜିଓନାଲ ମାର୍କେଟିଂ ମ୍ୟାନେଜର ଆୟୁଷ୍ମାନ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସାରା ଦେଶରେ ଏହା କାରାଟ୍‌ଲେନ୍‌ର ୩୬୬ତମ ଷ୍ଟୋର। କାରାଟ୍‌ଲେନ୍ ମ୍ୟାନେଜିଂ ଡାଇରେକ୍ଟର ସୌମେନ ଭୌମିକ କହିଛନ୍ତି, ଅନୁଗୋଳ ଷ୍ଟୋରରେ ଗ୍ରାହକମାନେ ସୁନ୍ଦର ଓ ସୁବିଧାଜନକ ପରିବେଶରେ ଡିଜାଇନ ଗୁଡ଼ିକୁ ଛୁଇଁ ଅନୁଭବ କରିବା ଓ ପିନ୍ଧି ଦେଖିବାର ସୁଯୋଗ ପାଇବେ। ଅନ୍ୟତମ ପାର୍ଟନର ଅବିନାଶ ଛାପୋଲିଆ କହିଛନ୍ତି, ଏହି ନୂତନ ଷ୍ଟୋରରେ ଗ୍ରାହକମାନଙ୍କ ପାଇଁ ଷ୍ଟଡେଡ୍ ଓ ଅନ୍‌ଷ୍ଟଡେଡ୍ ଡିଜାଇନର ସ୍ୱତନ୍ତ୍ର ସଂଗ୍ରହ ରହିଛି। ଏଥିରେ ବ୍ରାଣ୍ଡର ପ୍ରସିଦ୍ଧ କଲେକ୍ସନଗୁଡ଼ିକ ବଟରଫ୍ଲାଇ, ଆରଣ୍ୟା ଓ ଓମ୍ବ୍ରେ ରହିଛି। ଏଫ୍‌ଆର୍‌ଆଇଇଏନ୍‌ଡିଏସ୍ ଡିଜ୍‌ନି, ହ୍ୟାରି ପୋଟର ଓ ପେପା ପିଗ୍ କଲେକ୍ସନ ମଧ୍ୟ ଉପଲବ୍ଧ, ଯାହା ସ୍ମୃତିମୟ ଅନୁଭୂତିକୁ ଜୀବନ୍ତକରେ। ଏହି ଷ୍ଟୋରରେ ଆଧୁନିକ ମଙ୍ଗଳସୂତ୍ର, ନିତ୍ୟ ବ୍ୟବହାର୍ଯ୍ୟ କାନଫୁଲ ଓ କକ୍‌ଟେଲ୍ ରିଙ୍ଗ୍ ସହ ବିଭିନ୍ନ ଗହଣା ମଧ୍ୟ ରହିଛି। ସମସ୍ତ ବୟସର ଲୋକ ଓ ବିଭିନ୍ନ ଅବସର ପାଇଁ ଏଠାରେ ଶିଶୁମାନଙ୍କ ନିମନ୍ତେ ଗହଣା ଏବଂ ଉପହାର ବିକଳ୍ପ ମଧ୍ୟ ରହିଛି। ସମ୍ପ୍ରତି କାରାଟ୍‌ଲେନ୍ ‘ପିପ୍ପଳ’ ନାମକ ଏକ ଅପୂର୍ବ କଲେକ୍ସନ ଲଞ୍ଚ କରିଛି, ଯାହା ପବିତ୍ର ପିପ୍ପଳ ପତ୍ରରୁ ପ୍ରେରିତ। ଏହି କଲେକ୍ସନରେ ହୀରା ଓ ସବୁଜ ଆଲ୍ଲାନାଇଟ୍‌କୁ ସତର୍କତା ସହିତ କଟ୍‌କରି ୧୪ କ୍ୟାରେଟ୍ ଓ ୧୮ କ୍ୟାରେଟ୍ ପାତ ସୁନାରେ ସେଟ୍ କରାଯାଇଛି। ଏହି ଗହଣା ପାରମ୍ପରିକତାକୁ ଏକ ଆଧୁନିକ ଓ ଉଜ୍ଜ୍ୱଳ ରୂପରେ ପୁନଃ କଳ୍ପନା କରିଛି। ୮୦୦୦ରୁ ଅଧିକ ଆକର୍ଷଣୀୟ ଡିଜାଇନ ସହ କାରାଟ୍‌ଲେନ୍ ପ୍ରତ୍ୟେକ ବୟସ ଓ ଅବସର ପାଇଁ ଉତ୍ତମ ଗନ୍ତବ୍ୟ। ପର୍ବପର୍ବାଣି ଅବସରରେ ଗ୍ରାହକମାନେ ପ୍ରାକୃତିକ ହୀରା ଗହଣାରେ ଫ୍ଲାଟ୍ ୩୦% ରିହାତି ସୁଯୋଗ ପାଇପାରିବେ।




ଅନୁଗୋଳରେ କାରାଟ୍‌ଲେନ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍‌କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଆଇସିଏଆଇର ନୂତନ ପ୍ରାର୍ଥୀ ଚୟନ

ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)

ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଶାଖାରେ ଅନୁଷ୍ଠିତ ବୈଠକରେ ୨୦୨୬-୨୭ ବର୍ଷ ପାଇଁ ନୂତନ ପ୍ରାର୍ଥୀ ଚୟନ ହୋଇଛି। ନୂତନ ପ୍ରାର୍ଥୀ ଭାବେ ଅଧ୍ୟକ୍ଷ ସିଏ ଗୌତମ ଲେଙ୍କା, ଉପାଧ୍ୟକ୍ଷ ତଥା ଛାତ୍ର ସଂଗଠନ ଅଧ୍ୟକ୍ଷ ସିଏ ପୃଥ୍ୱୀରଞ୍ଜନ ପାଢ଼ୀ , ସଚିବ ଏବଂ କୋଷାଧ୍ୟକ୍ଷ ସିଏ ସୌମ୍ୟ ସୁନୀଲ ସାହୁ, ପରିଚାଳନା କମିଟି ସଦସ୍ୟ ସିଏ ଗଗନ ବିହାରୀ ଦାସ, ସିଏ ଶାଶ୍ୱତ ତ୍ରିପାଠୀ, ସିଏ ପ୍ରଣବ କିଶୋର ଦାସ ଏବଂ ସିଏ ମହେନ୍ଦ୍ର କୁମାର ସାହୁ ମନୋନୀତ ହୋଇଛନ୍ତି। ସଦସ୍ୟମାନେ ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିର୍ବାହ କରିବାରେ ସର୍ବୋତ୍ତମ ପ୍ରୟାସ ଜାରି ରଖିବାକୁ ସଂକଳ୍ପ ନେଇଥିଲେ। ବୃତ୍ତିଗତ ଉତ୍କର୍ଷର ଅର୍ଥପୂର୍ଣ୍ଣ ଅବଦାନ ରାଷ୍ଟ୍ର ନିର୍ମାଣକୁ ସୁଦୃଢ଼ କରିପାରିବା ଉପରେ କମିଟିର ପଦକ୍ଷେପକୁ ସୁନିଶ୍ଚିତ କରାଯାଇଥିଲା।

# ସାମଲ ଅଟୋ ଇଣ୍ଡିଆର ନୂଆ ଶୋ’ରୁମ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୦।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମଞ୍ଚାବନ୍ଧା ଅଞ୍ଚଳରେ ଶୁକ୍ରବାର ସାମଲ ଅଟୋ ଇଣ୍ଡିଆର ଆଧୁନିକ ସୁବିଧା ସମ୍ପନ୍ନ ଶୋ’ ରୁମ୍ ଓ ସର୍ଭିସ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ମୟୂରଭଞ୍ଜ ଜିଲା ସମେତ ଆଖପାଖ ଅଞ୍ଚଳର ଟାଟା ଟ୍ରକ୍ ଗ୍ରାହକମାନେ ଏହା ଦ୍ୱାରା ବିଶେଷ ଉପକୃତ ହେବେ ବୋଲି ଆଶା କରାଯାଉଛି। ଏଠାରେ ଗାଡ଼ି ବିକ୍ରି, ଅସଲି ଯନ୍ତ୍ରାଂଶ ଉପଲବ୍ଧତା, ନିୟମିତ ମେଣ୍ଟେନାନ୍ସ ଓ ବିକ୍ରି ପରବର୍ତ୍ତୀ ସମ୍ପୂର୍ଣ୍ଣ ସର୍ଭିସ୍ ସୁବିଧା ଗୋଟିଏ ସ୍ଥାନରେ ମିଳିବାର ବ୍ୟବସ୍ଥା ହୋଇଛି।

ପୂର୍ବରୁ ବାରିପଦା ଓ ପାଖାପାଖି ଅଞ୍ଚଳର ଟ୍ରକ୍ ମାଲିକମାନେ ଗାଡ଼ିର ମରାମତି କିମ୍ବା ଯନ୍ତ୍ରାଂଶ ପାଇଁ କେନ୍ଦୁଝର, ବାଲେଶ୍ୱର ଅଥବା ଅନ୍ୟ ଜିଲାକୁ ଯିବାକୁ ବାଧ ହେଉଥିଲେ। ବିଭିନ୍ନ ସମୟରେ ଗାଡ଼ି ଅନେକ ଦିନ ଅଚଳ ରହି ବ୍ୟବସାୟିକ କ୍ଷତି ଘଟୁଥିଲା। ଏହି ସମସ୍ୟାକୁ ନଜରରେ ରଖି ବାରିପଦାରେ ଏପରି ଶୋ’ ରୁମ୍ ମାଧ୍ୟମରେ ଗ୍ରାହକମାନଙ୍କୁ ସହଜ ଓ ଦ୍ରୁତ ସେବା ଦେବାକୁ ଲକ୍ଷ୍ୟ ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ପୂର୍ବରୁ କେନ୍ଦୁଝର, ବଡ଼ବିଲ, ଯୋଡ଼ା, ଭଦ୍ରକ, ବାଲେଶ୍ୱର, ଅନୁଗୋଳ ଓ ତାଳଚେର ଭଳି ଅଞ୍ଚଳରେ ସାମଲ ଅଟୋ ଟାଟା ଟ୍ରକ୍‌ର ଅଧିକୃତ ବିକ୍ରେତା ଭାବେ କାର୍ଯ୍ୟ କରୁଛି। ସାମଲ ଅଟୋ

**ଗୋଟିଏ ସ୍ଥାନରେ ବିକ୍ରି ଓ ସର୍ଭିସ୍ ସୁବିଧା ପାଇବେ ଟାଟା ଟ୍ରକ୍ ଗ୍ରାହକ**

ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ସାମଲ କହିଛନ୍ତି, ଟ୍ରକ୍ ବିକ୍ରି କରି ଦାୟିତ୍ୱ ସମାପ୍ତ ହୁଏ ନାହିଁ ବରଂ ଗ୍ରାହକଙ୍କ ସହ ଦୀର୍ଘମିଆଦୀ ସମ୍ପର୍କ ରକ୍ଷାକରି ବିକ୍ରି ପରବର୍ତ୍ତୀ ଉନ୍ନତମାନର ସେବା ଦେବା ହିଁ ପ୍ରଧାନ ଲକ୍ଷ୍ୟ। ଏଠାରେ ପ୍ରଶିକ୍ଷିତ ଇଞ୍ଜିନିୟର, ଦକ୍ଷ ଟେକ୍ନିସିଆନ ଓ ଅଭିଜ୍ଞ ମାର୍କେଟିଂ ଟିମ୍ ନିଯୁକ୍ତି ହୋଇଥିବା ସାମଲ କହିଛନ୍ତି। ଉଦ୍‌ଘାଟନୀ ଅବସରରେ ଟାଟା ମୋଟର୍ସର ଜୋନାଲ ମ୍ୟାନେଜର (ଇଷ୍ଟ) ରଣବୀର ସିଂ କନୱାର, ଆର୍‌ଏମ୍ (ଓଡ଼ିଶା ଓ ପଶ୍ଚିମବଙ୍ଗ) ପୀୟୂଷ ମିତ୍ର, ଆରଏସ୍‌ଏମ୍ ଅର୍ଣ୍ଣବ ନନ୍ଦନ ଓ ଷ୍ଟେଟ ପ୍ରଡକ୍ଟ ମ୍ୟାନେଜର ଈଶ୍ୱର ଯାଦବ ଉପସ୍ଥିତ ଥିଲେ। ସାମଲ ଅଟୋ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ସାମଲ, ନିର୍ଦ୍ଦେଶକ ଡ. ଅବିନାଶ ସାମଲ, ସିଇଓ ରାଜେଶ ମହାନ୍ତି, ଜିଏମ୍ ମନୋଜ ମିଶ୍ର, ଜିଏମ୍ (ସର୍ଭିସ୍) ରାଜେଶ ଦୁବେ ଓ ଶାଖା ପରିଚାଳକ ସୁଦୀପ୍ତ ମହାନ୍ତି, ଚିଫ୍ ଫାଇନାନସିଆଲ ଅଫିସର ଶରତ ସ୍ୱାଇଁ, ସୁଶାନ୍ତ ରାଉତ, ରାଜେଶ ସିଂ, ରାଜରତନ ସେଠୀ, ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନୟାଗଡ଼- ଜଖପୁରା ସେକ୍ସନ ନିରୀକ୍ଷଣ କଲେ ଫୁଙ୍କୱାଲ

ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପ୍ରମୁଖ ରେଳ ସ୍ଥାପନଗୁଡ଼ିକରେ ସୁରକ୍ଷା ମାନଦଣ୍ଡ, ଭିତ୍ତିଭୂମି ସ୍ଥିତି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସମୀକ୍ଷାକରିବା ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ନୟାଗଡ଼ - ଜଖପୁରା ସେକ୍ସନର ଏକ ବ୍ୟାପକ ସୁରକ୍ଷା ଯାଞ୍ଚ କରିଥିଲେ। ତାଙ୍କ ସହ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ, ମୁଖ୍ୟାଳୟର ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ନିରୀକ୍ଷଣ ନୟାଗଡ଼ ରେଳ ଷ୍ଟେଶନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ମହାପ୍ରବନ୍ଧକ ପ୍ଲାଟ୍‌ଫର୍ମ, ପରିଚାଳନା ବ୍ୟବସ୍ଥା ଏବଂ ଯାତ୍ରୀ ସୁବିଧା ସମେତ ଷ୍ଟେଶନ ଏବଂ ୟାର୍ଡର ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେ ଆହୁରି ମଧ୍ୟ କ୍ରୁ ଲବି, ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ରନିଂ ରୁମ୍, ରେଳପଥ କଲୋନି ଏବଂ ଶିଶୁ ଉଦ୍ୟାନ ଏବଂ ସେକ୍ସନର ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେଶନ ଯଥା କେନ୍ଦୁଝରଗଡ଼, ହରିଚନ୍ଦନପୁର ରେଳ ଷ୍ଟେଶନରେ ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ ବ୍ୟବସ୍ଥାର ମଧ୍ୟ ଯାଞ୍ଚ କରିଥିଲେ। ଫ୍ରଣ୍ଟଲାଇନ କର୍ମଚାରୀ ଏବଂ ଗ୍ୟାଙ୍ଗମ୍ୟାନଙ୍କ ସହ ଆଲୋଚନାରେ ମହାପ୍ରବନ୍ଧକ ସେମାନଙ୍କର କାର୍ଯ୍ୟଜ୍ଞାନ, ସୁରକ୍ଷା ସଚେତନତା ଏବଂ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ଚ୍ୟାଲେଞ୍ଜ ଉପରେ ଖୋଲା ମତାମତ ଦେବାକୁ ଉତ୍ସାହିତ କରିଥିଲେ। ସୁରକ୍ଷା ଯାଞ୍ଚର ଅନ୍ୟ ପ୍ରମୁଖ ଅଂଶଗୁଡ଼ିକ ଥିଲା ଲେଭଲ କ୍ରସିଂ ଗେଟ୍, ଟାୱାର ୱାଗନ ସେଡ୍, ଟ୍ରାକ୍ସନ ସବ୍‌ଷ୍ଟେଶନ, ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପାମାର୍ଗ, କର୍ଭ ଓ ସେତୁମାନଙ୍କୁ ପରିଦର୍ଶନ କରାଯାଇଥିଲା।

---

## OFFICE OF THE C.D.M. & PHO CUM DISTRICT MISSION DIRECTOR, JAJPUR

**TENDER CALL NOTICE**

No. : 1185 — Date : 19.02.2026

**No.10001/72/2526** : Sealed tenders are invited from Agency /Parties to provide Housekeeping Service at Govt. Health Institution of Jajpur.

The detail regarding bidding format, terms and conditions may be downloaded from the district website i.e. www.jajpur.odisha.gov.in The tenders should reach the office of the undersigned by 07.03.2026 (till 5.00 PM) through speed post / registered post / courier only. Technical Proposal (Part A) opening on Dt.09.03.2026 at 11.00AM in the office chamber of Additional District Magistrate (ADM, General), Collectorate, Jajpur. The undersigned will not be responsible for any kind of postal delay and reserves all rights to cancel any or all the tender at any stage of selection/finalization process without assigning any reason thereof. Any typographical error may be exempted.

Sd./- C.D.M. & PHO cum District Mission Director, Jajpur

OIPR-10001/10042/1/25-26/0001

---

Annexure-I

## District Skill Development-cum-Employment Office, Gajapati (Ph.9827946884)

**No.17001/1/2526** : All the job seekers of Gajapati District are requested to attend District Level Job Fair on 21.02.2026 (At Mini Stadium, Champapur Chowk, Rayagada Block) for Employment & Skilling Opportunities. Time 10 A.M. to 3 P.M.

Sd./- (D.S.D.E. Office, Gajapati)

OIPR-17001/17037/1/25-26/0001

---

## BHUBANESWAR MUNICIPAL CORPORATION

Phone : 0674-2431253, Fax : 0674-2432895, E_mail : info@bmc.gov.in

No.8973 / Date 13.02.2026 / XXXVIII (market)-43/25

**CORRIGENDUM**

**No.13001/298/2526** : In partial modification of BMC Office Order No.5766 dated 31.01.2026, it is hereby informed that the area of Space No.02, which was mentioned as 4475 sq.ft. (A.C with official partitions), is hereby corrected and shall be read as 3522 sq.ft. (A.C with official partitions).

All other terms and conditions of the said Office Order No.5766 dated 31.01.2026 shall remain unchanged.

This may be treated as all communicatins.

By Order,
Sd./- Addl. Commissioner-I
Bhubaneswar Municipal Corporation

OIPR-13001/13002/1/25-26/0031

---

## OFFICE OF THE PANCHAYAT SAMITI, CUTTACK SADAR, CUTTACK

IDENTIFICATION NO. BLKCUTTACK SADAR - 05/2025-26

**Short Notice**

**No.19001/39/2526** : Tender Call is invited from the intended class D, C for single cover and class B for double cover Civil Construction projects as mentioned in Bid identification no. as above under Panchyat Samiti, Cuttack Sadar, Cuttack, PIN-753004. For detailed information refer website https://cuttack.odisha.gov.in/ and www.tendersodisha.gov.in

Sd./- Block Development Officer Cuttack Sadar

OIPR-19001/19304/1/25-26/0001

---

## BHUBANESWAR MUNICIPAL CORPORATION

Phone: 0674-2431253; Fax: 0674-2432895,
E-mail: info@bmc.gov.in
No. 9490/Date 17.02.26
XXXVIII (Market)-48/24

**ORDER**

No.13001/319/2526:- Bhubaneswar Municipal Corporation will rent out 3 years license basis the following 59 nos. Shop rooms /Assets in BMC- Panchadeep Market Complex, Unit-4, Bhubaneswar through e-Auction:

**LIST OF 59 NOS. OF ASSETS IS TO BE E-AUCTIONED**

| Sl. No. | Floor | Total No. of shops | Room No. | Carpet area Sq. ft. | Rent per Sq. ft. Per month | Upset Base price per unit & auction against Rent (In Rs.) | EMD (In Rs.) |
|---|---|---|---|---|---|---|---|
| 1 | Ground Floor | 20 | 07 | 139.397 | Rs.55/- | Rs.55 | 10,000/- |
| 2 | Ground Floor | | 20 | 141.442 | Rs.55/- | Rs.55 | 10,000/- |
| 3 | Ground Floor | | 27 | 129.042 | Rs.55/- | Rs.55 | 10,000/- |
| 4 | Ground Floor | | 33 | 134.505 | Rs.55/- | Rs.55 | 10,000/- |
| 5 | Ground Floor | | 34 | 135.414 | Rs.55/- | Rs.55 | 10,000/- |
| 6 | Ground Floor | | 35 | 135.414 | Rs.55/- | Rs.55 | 10,000/- |
| 7 | Ground Floor | | 36 | 136.211 | Rs.55/- | Rs.55 | 10,000/- |
| 8 | Ground Floor | | 55 | 135.549 | Rs.55/- | Rs.55 | 10,000/- |
| 9 | Ground Floor | | 56 | 135.549 | Rs.55/- | Rs.55 | 10,000/- |
| 10 | Ground Floor | | 57 | 131.62 | Rs.55/- | Rs.55 | 10,000/- |
| 11 | Ground Floor | | 58 | 131.432 | Rs.55/- | Rs.55 | 10,000/- |
| 12 | Ground Floor | | 60 | 137.406 | Rs.55/- | Rs.55 | 10,000/- |
| 13 | Ground Floor | | 63 | 135.63 | Rs.55/- | Rs.55 | 10,000/- |
| 14 | Ground Floor | | 67 | 121.744 | Rs.55/- | Rs.55 | 10,000/- |
| 15 | Ground Floor | | 68 | 114.316 | Rs.55/- | Rs.55 | 10,000/- |
| 16 | Ground Floor | | 70 | 147.363 | Rs.55/- | Rs.55 | 10,000/- |
| 17 | Ground Floor | | 77 | 139.397 | Rs.55/- | Rs.55 | 10,000/- |
| 18 | Ground Floor | | 82 | 256.921 | Rs.55/- | Rs.55 | 10,000/- |
| 19 | Ground Floor | | 83 | 153.821 | Rs.55/- | Rs.55 | 10,000/- |
| 20 | Ground Floor | | 84 | 267.061 | Rs.55/- | Rs.55 | 10,000/- |
| **1** | **First Floor** | 20 | **37** | **148.16** | **Rs.50/-** | **Rs.50** | **10,000/-** |
| 2 | First Floor | | 38 | 135.41 | Rs.50/- | Rs.50 | 10,000/- |
| 3 | First Floor | | 39 | 133.42 | Rs.50/- | Rs.50 | 10,000/- |
| 4 | First Floor | | 58 | 135.41 | Rs.50/- | Rs.50 | 10,000/- |
| 5 | First Floor | | 59 | 135.41 | Rs.50/- | Rs.50 | 10,000/- |
| 6 | First Floor | | 60 | 137.41 | Rs.50/- | Rs.50 | 10,000/- |
| 7 | First Floor | | 61 | 131.43 | Rs.50/- | Rs.50 | 10,000/- |
| 8 | First Floor | | 62 | 131.43 | Rs.50/- | Rs.50 | 10,000/- |
| 9 | First Floor | | 63 | 135.41 | Rs.50/- | Rs.50 | 10,000/- |
| 10 | First Floor | | 64 | 133.58 | Rs.50/- | Rs.50 | 10,000/- |
| 11 | First Floor | | 65 | 131.75 | Rs.50/- | Rs.50 | 10,000/- |
| 12 | First Floor | | 66 | 131.75 | Rs.50/- | Rs.50 | 10,000/- |
| 13 | First Floor | | 67 | 96.88 | Rs.50/- | Rs.50 | 10,000/- |
| 14 | First Floor | | 68 | 96.88 | Rs.50/- | Rs.50 | 10,000/- |
| 15 | First Floor | | 69 | 79.44 | Rs.50/- | Rs.50 | 10,000/- |
| 16 | First Floor | | 70 | 118.19 | Rs.50/- | Rs.50 | 10,000/- |
| 17 | First Floor | | 71 | 114.32 | Rs.50/- | Rs.50 | 10,000/- |
| 18 | First Floor | | 72 | 237.24 | Rs.50/- | Rs.50 | 10,000/- |
| 19 | First Floor | | 73 | 177.49 | Rs.50/- | Rs.50 | 10,000/- |
| 20 | First Floor | | 74 | 330.02 | Rs.50/- | Rs.50 | 10,000/- |
| **1** | **Second Floor** | 6 | **15** | 2616.15 (one asset) | Rs.45/- | Rs.45 | 50,000/- |
| 2 | Second Floor | | 16 | | | | |
| 3 | Second Floor | | 17 | | | | |
| 4 | Second Floor | | 18 | 2617.46 (one asset) | Rs.45/- | Rs.45 | 50,000/- |
| 5 | Second Floor | | 19 | | | | |
| 6 | Second Floor | | 20 | 566.74 | Rs.45/- | Rs.45 | 50,000/- |
| **1** | **Third Floor** | 6 | **15** | 2616.15 (one asset) | Rs.45/- | Rs.45 | 50,000/- |
| 2 | Third Floor | | 16 | | | | |
| 3 | Third Floor | | 17 | | | | |
| 4 | Third Floor | | 18 | 2617.46 (one asset) | Rs.45/- | Rs.45 | 50,000/- |
| 5 | Third Floor | | 19 | | | | |
| 6 | Third Floor | | 23 | 567.92 | Rs.45/- | Rs.45 | 50,000/- |
| **1** | **Fourth Floor** | 6 | **15** | 2616.15 (one asset) | Rs.45/- | Rs.45 | 50,000/- |
| 2 | Fourth Floor | | 16 | | | | |
| 3 | Fourth Floor | | 17 | | | | |
| 4 | Fourth Floor | | 18 | 2617.46 (one asset) | Rs.45/- | Rs.45 | 50,000/- |
| 5 | Fourth Floor | | 19 | | | | |
| 6 | Fourth Floor | | 22 | 567.92 | Rs.45/- | Rs.45 | 50,000/- |
| **1** | **Basement (U.G.)** | **1 (For Godown Purpose)** | **B-2** | **407.35** | **Rs.20/-** | **Rs.20/-** | **10,000/-** |

The Assets will be allotted for Shops/ Commercial purpose, on License basis other than Bar, Explosives storages or sell and other business obnoxious to Public Health and order.

An individual who is a Citizen of India or a Company registered under the Companies Act or Partnership firm or Proprietorship firm, PSU/Govt. Agency is eligible to participate in the e-Auction.

The intending bidders with Class-III or Class-II digital Signature to get themselves registered with e-Auction Portal on Payment of Registration Charges of Rs. 1180/- (inclusive of GST) (Online). This registration is valid for a period of One year.

**Non-refundable participation charges of Rs. 1000/-** per Asset is required to be paid to BMC (Online) for taking part in the e-Auction Process.

The bidder has to bid separately for each Units/ Asset for which the bidder is required to deposit Separate EMD amount and participation charges.

A bidder is free to participate in all the Assets and bidders will be allotted with only two Asset for which he has quoted the higher amount than the other Bids and BMC also giving preference to Second/ Third highest bidder, if the first-highest bidder fails to deposit the auction amount on signing of agreement.

**Date of Online application / request for participation and deposit of EMD: Start Date. 24.02.2026 at 11.00 AM to End date. 23.03.2026 till 5.00 PM.**

| | |
|---|---|
| **E-Auction date for Basement, Ground Floor, 1st Floor, 2nd Floor, 3rd Floor & 4th Floor** | **11.00 AM to 5.00 PM on Dt.30.03.2026 (With unlimited auto extension)** |

Visit BMC website: http://bmc.gov.in for e-Auction or www.auctionwizard.in/BMCBBSR for details of the Shop room, Terms and Conditions, e-Auction procedures / Business Rules, etc.

**The Assets can be visited from dtd. 24.02.2026 to dtd.23.03.2026 during Office Hours.**

For site visit Contact: Sri Akshaya Ku. Swain, Sr. Asst., Market Supdt., Mob-9437282816.

E-Auction training: Interested bidder can avail the training (Online) by a request mail / contacting the auction support team (Mail ID: eauctionhelpdesk@etenderwizard.com. Contact: Mr. Satamanyu Routray: +91-9937140591, Mr. Lokesh / Shreyas: +91-9686115304) before the start of Auction period of bidding.

By Order,
Sd./- Addl. Commissioner-I,
Bhubaneswar Municipal Corporation

OIPR-13001/13002/1/25-26/0032

---

## OFFICE OF THE CDM & PHO-CUM-DISTRICT MISSION DIRECTOR, GANJAM

DEPARTMENT OF HEALTH AND FAMILY WELFARE

City Hospital Road, Berhampur, PIN-760001, Email : dpmugan2015@gmail.com

**Request for Proposal (RFP) for Operation & Maintenance (O&M) of the NIRIKHYANA Maternal Healthcare Monitoring Mobile App. & Web Platform.**

No.2247 2026-27/DPMU — Date : 19.02.2026

**No.10001/73/2526** : The CDM & PHO, Ganjam, Odisha invites sealed bids from Company registered under the Companies Act 2013 / LLP registered under the LLP Act 2008 having experience in IT for the operations & maintenance (O&M) of the existing, fully functional Nirikhyana- Maternal Healthcare Monitoring Application and Web Platform. The RFP documents with all information relating to the RFP process such as cost of tender paper, EMD, Eligibility Criteria, Terms & Conditions etc. are available in the district website i.e http://ganjam.odisha.gov.in, which may be downloaded for use. Interested bidders may submit their proposals with super-scribing as **“Tender for O&M of Nirikhyana App & Web Platform** vide Advertisement No. 2247 dt.19.02.2026” to the undersigned through Speed Post/ Registered Post/Courier only, which should reach on or before 12.03.2026, at 05.00 P.M and the same will be opened on 13.03.2026 at 11.00 A.M before the Committee in presence of the Participants, who wish to attend the RFP Opening Meeting. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO-cum-District Mission Director, Ganjam

OIPR-10001/10041/1/25-26/0003

---

## GOVERNMENT OF ODISHA
## OFFICE OF THE PANCHAYAT SAMITI, JODA

**NOTICE INVITING TENDER e-Procurement**

**Online Bid ID No.02-Joda (KJR/2025-2026)**

**No.19001/37/2526** : The Block Development Officer, Joda , Keonjhar on behalf of the Governor of Odisha invities online percentage rate tender through “e” procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | : Civil Construction Works |
| No. of Works | : 4 (Four) Nos. |
| Estimated Cost | : Rs.65.93 Lakhs |
| Tender Paper Cost | : Mentioned in Column No.6 of Tender call notice |
| Period of completion | : 8 (Eight) calendar months |
| Availability of Bid Documents | : From 07.03.2026 to 18.03.2026 during office hours in Website (www.tenderorissa.gov.in) |
| Period of receipt of Bid through online | : From 07.03.2026 to 18.03.2026 through online |
| Date of Opening of Technical Bid Documents | : At 11.00 A.M. on 19.03.2026 in the office chamber of the Panchayat Samiti, Joda, Keonjhar |
| Date of Lottery | At 11.00 A.M. on 24.03.2026 in the office chamber of the Panchayat Samiti, Joda, Keonjhar |
| Digital Signature Certificate of Bidder | : The bidder must posses compatible digital signature certificate (DSC) of Class-II or Class-III |
| Name and Address of the OIT | : The Panchayat Samiti, Joda, Keonjhar At/PO - Banaikala, Dist.-Keonjhar, PIN-758038, E-Mail : ori-joda@nic.in |

**Further details can be seen from the website : www.tendersorissa.gov.in**

Sd./- Block Development Officer Joda Block

OIPR-19001/19122/1/25-26/0001

---

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

**ନୋଟିସ୍**

24001/43/2526

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ

ଏଲ.ଏ. କେସ୍ ନଂ.୬୫/୨୦୧୯

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟରଙ୍କ ଖୋର୍ଦ୍ଧା...... ଆବେଦନକାରୀ

ବନାମ

[illegible]

Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

**ନୋଟିସ୍**

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ

ଏଲ.ଏ. କେସ୍ ନଂ.୨୪୮/୨୦୨୨

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟରଙ୍କ ଖୋର୍ଦ୍ଧା......... ଆବେଦନକାରୀ

ବନାମ

[illegible]

Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24001/24351/3/25-26/0001

---

No.13001/294/2526

## OFFICE OF THE NOTIFIED AREA COUNCIL, DHARAMGARH

(Dt.)-KALAHANDI

E-mail : nacdharmagarh@gmail.com

No.333/DMH — Dated. 13.02.2026

**Quotation Call Notice**

| | | |
|---|---|---|
| Name of the work | : | ବିଜ୍ଞାପିତ ଅଂଚଳ ପରିଷଦ, ଧର୍ମଗଡ଼ ଅଧୀନରେ ଥିବା ଆଶ୍ରୟ ସ୍ଥଳର ପରିଚାଳନା ନିମନ୍ତେ ଆବେଦନ ପତ୍ର |
| No. of works | : | 01 No. |
| Tender notice No. & Date | : | 329/DMH, Dt.13.02.2026 |
| Agency | : | Asper eligibility |
| Period of Tender | : | 2 Months |
| Available of Documents | : | Dt.16.02.2026 to Dt.23.02.2026 (In Office Hours) at NAC Office Dharamgarh |
| Last date of receipt of bid documents | : | Upto 05:00 P.M. of Dt.23.02.2026 |
| Date of opening of Bid | : | 11:00 A.M. of Dt.24.02.2026 |
| Name and address of the Officer inviting the notice | : | Executive Officer, NAC, Dharamgarh, Kalahandi |

Sd./- Executive Officer NAC, Dharamgarh

OIPR-13001/13163/1/25-26/0017

---

## Sambalpur Municipal Corporation Sambalpur

Email id: sambalpurm.hud@od.gov.in

Notice No. : 2154 / SMC / Engg. — Dt.18.02.2026

**Bid Reference No: 36/SMC_SBP/2025-26**

**Tender ID No : 2026_ORULB_125981**

**No.13001/315/2526** : The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil Works : **3 (Three) numbers**
2. Estimated Costs : **6.84 Crores to 12.42 Crores**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 18.02.2026 to 05.00 P.M. of 20.03.2026**
5. Last Date/Time for receipt of bids in the portal : **05.00 P.M. of 20.03.2026**
6. Bids will be opened on : **11.00 A.M. of Dt. 23.03.2026**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

Sd./- Commissioner Sambalpur Municipal Corporation

OIPR-13001/13122/1/25-26/0025

---

## OFFICE OF THE EXECUTIVE ENGINEER RWS&S DIVISION, RAIRANGPUR

Email : eerwss_rai@nic.in, eerwss.rai@gmail.com

**QUOTATION CALL NOTICE NO. 03 OF 2025-26**

**No.25001/200/2526** : The Superintending Engineer, RWS&S Division, Rairangpur on behalf of Government of Odisha invites sealed Quotation for the following works as stated below from authorized dealer / Distributor / Supplier under following terms and conditions.

| | | |
|---|---|---|
| 1 | Nature of work | ISI marked steel tubes used in water wells of type Electric Resistance Welder (ERW) confirming to IS-4270/2001 with subsequent amendments if any having length of 3.05 mtrs cutting tolerance (-0.00mtr. + 0.05 mtr) and both sides beveled. The angle of bevel shall be 15º in one end and 45º in other end. Nominal Bore 5” (125 mm dia) ERW MS Casing Pipe having wall thickness 5.40 mm |
| 2 | No of item | 1 (One) |
| 3 | The Quotation document will be available in O/o The Superintending Engineer, RWS&S, Division, Rairangpur | From 23.02.2026 (10 A.M.) to 05.03.2026 (5.00 P.M.) |
| 4 | Last date and time for submission of Quotation papers in the Quotation box kept in the O/o the Superintending Engineer, RWS&S, Division, Rairangpur | Dt.06.03.2026 up to 5:00 P.M. |
| 5 | Date and time of opening of Quotation | Dt.07.03.2026 at 11.00 A.M. in the Office of Superintending Engineer, RWS&S, Division, Rairangpur |

Subsequent corrigendum if any shall appear in the office notice board of the undersigned.

Sd./- Superintending Engineer RWS&S Division, Rairangpur

OIPR-25001/25010/1/25-26/0017

---

## ODISHA PUBLIC SERVICE COMMISSION CUTTACK

**NOTICE**

No.1123/P.S.C., Dt.19.02.2026
(2PG-12-25/26, DR-I)

**2nd Addendum to Advt. No.05 of 2025-26 for Odisha Civil Services Examination-2025**

No.12001/19/2526: It is for information of all concerned that, the Third Gender/Transgender Candidates can apply for the OCSE-2025, in pursuance to Advt. No. 05 of 2025-26 under their respective applicable ‘Caste category’ Necessary provision has been made in the Gender Option Column of the ‘online Application form’.

2. While applying, the Third Gender/Transgender candidates shall upload their Identity Certificate/Card issued by the competent authority as well as requisite document in support of change of their name on getting the Third Gender/Transgender Status.

3. The link for registration and payment of Examination fee for OCSE-2025 is hereby extended till **27.02.2026** (5.00 P.M.) (Note - **07.03.2026** (5.00 P.M.) is the last date/closing date for submission of registered Online Application.

4. Besides this, all other ‘terms and conditions’ of Advt. No. 05 of 2025-26 shall remain unchanged.

Sd./- Secretary

OIPR-12001/12002/1/25-26/0008

## ତପ୍ତପାଣି ଘାଟିରେ ଓଲଟିଲା ଟ୍ରକ

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟି ରାସ୍ତାର ପାଲୁଖଲା ଗ୍ରାମ ନିକଟ ଘାଟି ରାସ୍ତାରେ ଏକ ମକା ବୋଝେଇ ଟ୍ରକ (ନଂ. ଓଡ଼ି ୦୨ ବିକେ -୫୨୭୭) ଓଲଟି ପଡ଼ିଛି। ଏହାର ଚାଳକ ବୁଗୁଡ଼ା ଥାନା ମୋଟାବାଡ଼ି ଗ୍ରାମର ନବଘନ ନାୟକ(୪୫) ଗୁରୁତର ହୋଇ ଦିଗପହଣ୍ଡି ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଟ୍ରକଟି ଗଜପତି ଜିଲା ଛେଳିଗଡ଼ ଗ୍ରାମରୁ ମକା ବୋଝେଇ କରି ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ ଗୁରୁବାର ରାତି ପ୍ରାୟ ୧୦ଟାରେ ଘାଟି ରାସ୍ତାର ବୁଲାଣିରେ ନିୟନ୍ତ୍ରଣ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଜେଡିର ସାଂଗଠନିକ ବୈଠକ

ଆସିକା, ୨୦।୨ (ସୁରେନ୍ଦ୍ର ନାଥ ସାହୁ) ଆସିକା ବିଧାନସଭା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳର ସାଂଗଠନିକ ବୈଠକ ଶୁକ୍ରବାର କଳିଙ୍ଗାରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ନେତା ଦିଲୀପ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଜିଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ନବ ନିର୍ବାଚିତ ଆସିକା ନଗର ସଭାପତି ତାରିଣୀ ସେନାପତି, ବରିଷ୍ଠ ଆଇନଜୀବୀ ସୁଧାଂଶୁ କୁମାର ପଣ୍ଡା, ସୂର୍ଯ୍ୟପ୍ରକାଶ ରାଓଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ। କାର୍ଯ୍ୟକ୍ରମକୁ ମନୋଜ ଦୋରା ସଂଯୋଜନା କରିଥିଲେ। ଏହି ଅବସରରେ ନବନିର୍ବାଚିତ ଜିଲା ଯୁବ ବିଜେଡି ସଭାପତି ସ୍ୱାଇଁ ଓ ନଗର ବିଜେଡି ସଭାପତି ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ଶତପ୍ରତିଶତ ବିଜୟ ହାସଲ ପୂର୍ବକ ପୂର୍ବ ଗୌରବକୁ ବଜାୟ ରଖିବା ଲାଗି କର୍ମୀମାନେ ଉଦ୍ୟମ ଜାରି ରଖିବା ଲାଗି ନିବେଦନ କରାଯାଇଥିଲା। ଗତ ପୌର ନିର୍ବାଚନରେ ଆସିକା ଏନ୍‌ଏସିର ୧୮ଟି ୱାର୍ଡରୁ ୧୪ଟି ୱାର୍ଡରେ ଦଳୀୟ ପ୍ରାର୍ଥୀ ବିଜୟୀ ହୋଇଥିଲା ବେଳେ ୨ଜଣ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ସମର୍ଥନ ଦେଇଥିଲେ। ଫଳରେ ପୌର ଅଧ୍ୟକ୍ଷ ପଦ ବିଜେଡି ହାସଲ କରିଥିଲା।

# ଜଳିଗଲା ଅବକାରୀ ବିଭାଗର ଜବତ ୩୦ ଗାଡ଼ି

ବ୍ରହ୍ମପୁର, ୨୦।୨(ସୁବାସ ଚନ୍ଦ୍ର ପାଢ଼ୀ)



ଗୋପାଳପୁର ଥାନା ଆମ୍ବପୁଆ ସିଟି କଲେଜ ନିକଟ ଅବକାରୀ ଗୋଇନ୍ଦା ବିଭାଗର ଜବତ ଗାଡ଼ି ଗୋଦାମରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ୩୦ଟି ଗାଡି ଜଳି ପାଉଁଶ ହୋଇଯାଇଛି। ଜଳି ଯାଇଥିବା ସମ୍ପତ୍ତିର ପରିମାଣ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଅଗ୍ନିଶମ ବିଭାଗ ଆକଳନ କରିଛି। ତେବେ ନିଆଁ କିଏ ଲଗାଇଛି ନା ଅନ୍ୟ କୌଣସି କାରଣରୁ ଲାଗିଛି ତାହାର ଖୋଳତାଡ ଚାଲିଛି। ବିଭିନ୍ନ ମାମଲାରେ ଜବତ ଗାଡିଗୁଡିକ ଏହି ଗୋଦାମରେ ରଖାଯାଇଥିଲା। ଅପରାହ୍ନରେ ହଠାତ ନିଆଁ ଲାଗି ଯାଇଥିଲା। ନିଆଁଦେଖି ସେଠାକାର ଲୋକେ ଭୟଭୀତ ହୋଇ ପଡିଥିଲେ। ଅବକାରୀ ବିଭାଗ ପକ୍ଷରୁ ୧୧୨କୁ ଖବର କରାଯାଇଥିଲା। ବ୍ରହ୍ମପୁର ଅଗ୍ନିଶମ ବିଭାଗ ରେଞ୍ଜ ଅଫିସର ବିଚିତ୍ର ପଣ୍ଡାଙ୍କ ନେତୃତ୍ୱରେ ୫ଟି ଦମକଳ ଗାଡ଼ି ଓ ଅଗ୍ନିକ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଖୋଲାରେ ପଡି ରହିଥିବା ଏହି ଜବତ ଗାଡିଗୁଡିକରେ କେହି ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଥିବା ସନ୍ଦେହ କରାଯାଉଛି। ଏ ନେଇକେହି ମୁହଁ ଖୋଲୁନାହାନ୍ତି। ଅବକାରୀ ବିଭାଗ ଗଞ୍ଜେଇ ଚାଲାଣ ଏବଂ ବିଭିନ୍ନ ନିଶା କାରବାରରେ ଲିପ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଜେଲକୁ ପଠାଉଛି। ମାତ୍ର ନିଶାଦ୍ରବ୍ୟ ଚାଲାଣରେ ବ୍ୟବହୃତ ଗାଡି ଜବତ କରି ନିଜ ହେପାଜତରେ ରଖୁଛି। ଏହି ଅଗ୍ନିକାଣ୍ଡ ପରେ ବିଭାଗର ମୁଣ୍ଡ ବ୍ୟଥା ବଢ଼ିଛି। ଜବତ ଗାଡ଼ିଗୁଡ଼ିକ କୋର୍ଟରେ ଦାଖଲ କରିଥିବା କାଗଜପତ୍ରରେ ଜବତ ବୋଲି ଦେଖାଯାଇଛି ନା ଖାଲି ସେମିତି ରଖାଯାଇଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୁକ୍ତମାନେ ଜାମିନରେ ଆସିବା ପରେ ଯଦି ସେମାନେ କୋର୍ଟରେ ଅନୁମତି ନେଇ ସେମାନଙ୍କ ଗାଡ଼ି ରିଲିଜ ପାଇଁ ଅବକାରୀ ବିଭାଗକୁ ଆସିବେ ତେବେ ପୋଲିସ କିପରି ତାହା ଫେରସ୍ତ କରିବ ସେନେଇ ସମସ୍ୟା ଉଠିଛି। ଅନ୍ୟପଟେ ନିୟମ ଅନୁସାରେ ଜବତ ଗାଡ଼ିଗୁଡ଼ିକ ନେଇ ଏକ ପାଚେରି ଭିତରେ ମହଜୁଦ ରଖିବା ପରିବର୍ତ୍ତେ କାହିଁକି ଖୋଲାରେ ପକାଇ ରଖାଯାଇଥିଲା ତାହାର ତଦନ୍ତ କରିବାର ଆବଶ୍ୟକ ରହିଛି। ଅବକାରୀ ବିଭାଗ ପକ୍ଷରୁ ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ସହାୟତାରେ ତଦନ୍ତ ଆରମ୍ଭ କରିଛି।

**୩୦ ଲକ୍ଷ ଟଙ୍କାର ସମ୍ପତ୍ତିପୋଡି ପାଉଁଶ**

## ଯୁବକଙ୍କୁ ହତ୍ୟା

ଛତ୍ରପୁର, ୨୦।୨(ଦିଲୀପ ସାମଲ)

ଛତ୍ରପୁର ଥାନା ଅଧୀନ ଗିଳାପଲ୍ଲୀ ରେଳ ଗେଟ ନିକଟରେ ସଂଘବଦ୍ଧ ଭାବେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେହେଲେ ଚିକଲଖଣ୍ଡି ପଞ୍ଚାୟତ ସାହେବଜନାପଲ୍ଲୀ ଗ୍ରାମର ଆର୍.ରାଜା ରାଓ (୨୮)। ଗୁରୁବାର ବିଳମ୍ବିତ ରାତିରେ ରାଜା ଗିଳାପଲ୍ଲୀ ଗେଟ ନିକଟ ଏକ ଦୋକାନ ପାଖରେ ବସିଥିବା ବେଳେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରି ହତ୍ୟା କରାଯାଇଥିବା ଜଣାପଡିଛି। ଶୁକ୍ରବାର ସକାଳୁ ସକାଳୁ ସ୍ଥାନୀୟ ଲୋକେ ଏହାକୁ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡାଇ ଓ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଘଟଣା ସ୍ଥଳରୁ ଗୋଟିଏ ମୋବାଇଲ ଓ ଜୋତା ଜବତ ହୋଇଛି। ରାଜାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରାଜାଙ୍କ ଭାଇ ଆର୍.ଶ୍ରୀକାନ୍ତଙ୍କ ଅଭିଯୋଗକ୍ରମେ ୭୨/୨୬ରେ ଏକ ମାମଲା ରୁଜୁ ହୋଇଛି। ସହରର ଜଣେ ଯୁବକଙ୍କ ସହିତ ୧୦ ଦିନ ତଳେ ରାଜାଙ୍କ ଝଗଡା ହୋଇଥିଲା। ଏହାକୁ ନେଇ ଗୁରୁବାର ରାଜା ଓ କେତେ ଜଣ ସାଙ୍ଗସାଥୀ ଏକ ଢାବାରେ ଥିବା ବେଳେ ପୁଣି ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଫଳରେ ସମ୍ପୃକ୍ତ ଯୁବକ ତାଙ୍କର ଅନ୍ୟ ୨ ଭାଇ ଏବଂ ତାଙ୍କ ବାପା ସଂଘବଦ୍ଧ ଭାବେ ରାଜାଙ୍କୁ ଆକ୍ରମଣ କରିଥିଲେ। ସମ୍ପୃକ୍ତ ଯୁବକଙ୍କ ବାପାଙ୍କୁ ଥାନାରେ ଅଟକ ରଖାଯାଇଛି।

# ଗଞ୍ଜାମ ଓକିଲ ସଂଘରେ ମହିଳାଙ୍କ ପାଇଁ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ



ସଭାରେ ଉପସ୍ଥିତ ସଂଘର ନେତୃବୃନ୍ଦ।

ବ୍ରହ୍ମପୁର,୨୦।୨(ସୁବାସ ଚନ୍ଦ୍ର ପାଢ଼ୀ) ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଞ୍ଜାମ ଓକିଲ ସଂଘର ଏକ ଜରୁରୀ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଛି। ସଭାରେ ସଂଘର କାର୍ଯ୍ୟକାରିଣୀ ସମିତିରେ ମହିଳା ସଦସ୍ୟଙ୍କ ପାଇଁ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ପାରିତ ହୋଇଛି। ଏହି ନିଷ୍ପତ୍ତି ଆଗାମୀ ୨୮ ମାର୍ଚ୍ଚ ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ସଂଘ ନିର୍ବାଚନରେ ଲାଗୁ ହେବ। ସଭାରେ ଗଞ୍ଜାମ ଓକିଲ ସଂଘର ସଭାପତି ମୋନଜ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଟି. ଭେଙ୍କଟ ରାଓ ଓଡ଼ିଶା ରାଜ୍ୟ ଆଇନ ପରିଷଦଙ୍କ ଚିଠି ପଢ଼ି ଶୁଣାଇଥିଲେ। ଉପସଭାପତି ତିରୁମଲା ରେଡ୍ଡୀ ନିର୍ଦ୍ଦେଶ ଓ ପ୍ରସ୍ତାବର ବ୍ୟାଖ୍ୟା କରିଥିଲେ। ସହ-ସମ୍ପାଦକ ଅସିତ ସାବତ ଧନ୍ୟବାଦ ଦେଇଥିଲେ। ଏହି ନିଷ୍ପତ୍ତି ଦ୍ୱାରା ସଂଘରେ ମହିଳା ଆଇନଜୀବୀଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ଯୁବକଙ୍କୁ ବଞ୍ଚାଇବାକୁ ଯାଇ ମହିଳାଙ୍କ ଜୀବନ ଗଲା

## ରେଳଧାରଣାରୁ ଏମକେସିଜି ଆଟେଣ୍ଡାଣ୍ଟଙ୍କ ମୃତଦେହ ଜବତ ଘଟଣାରେ ୫ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ ହେବ

ବ୍ରହ୍ମପୁର, ୨୦।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର ଜଙ୍କସନ ଓ ଖୋଡ଼ାସିଂ ମଧ୍ୟରେ ଥିବା ରେଳଧାରଣରୁ ଏମକେସିଜିରେ କାର୍ଯ୍ୟରତ ଆଟେଣ୍ଡାଣ୍ଟ ରାଜଲକ୍ଷ୍ମୀ ସାହୁ(୪୮)ଙ୍କ ମୃତଦେହ ଗତ ୧୮ ତାରିଖ ପୋଲିସ ଜବତ କରିଥିଲା। ବାବୁଲା ଜେନା ନାମକ ଆଉ ଜଣେ ଯୁବକଙ୍କୁ ଗୁରୁତର ଭାବେ ଉଦ୍ଧାର କରିଥିଲା। ବାବୁଲାଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସାଂଘାତିକ ହେବାରୁ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଗୋଡ ଓ ହାତ ଭାଙ୍ଗି ଯାଇଛି। ସେ ଆଇସିୟୁରେ ଥିବା ସରକାରୀ ରେଳବାଇ ପୋଲିସ (ଜିଆରପି) ପୋଲିସ କହିଛି। ଅନ୍ୟପଟେ ରାଜଲକ୍ଷ୍ମୀଙ୍କୁ ଡାକି ନେଇ ହତ୍ୟା କରାଯାଇଛି ବୋଲି ତାଙ୍କ ପୁଅ ଅଭିଯୋଗ କରିଥିଲେ। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରି ନଂ. ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ସ୍ପଷ୍ଟ ହୋଇଛି ଯେ, ରାଜଲକ୍ଷ୍ମୀ କିଛି ବର୍ଷ ହେଲା ସମ୍ପର୍କରେ ରହୁଥିଲେ। ଉଭୟଙ୍କ ସହ ସମାନ ଢଙ୍ଗରେ ଅନ୍ୟ ଜଣେ ମହିଳା ଓ ପୁରୁଷ ମଧ୍ୟ ଗଜପତିନଗର ଏକ ଘର ଭଡା ନେଇ ସେଠାରେ ରହୁଥିଲେ। କୌଣସି କାରଣକୁ କେନ୍ଦ୍ର କରି ରାଜଲକ୍ଷ୍ମୀ ଓ ବାବୁଲାଙ୍କ ମଧ୍ୟରେ କଳହ ହୋଇଥିଲା। ଏହାର ସମାଧାନ ପାଇଁ ରାଜଲକ୍ଷ୍ମୀ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କୁ କହିଥିଲେ। ଗତ ୧୭ ତାରିଖ ରାତି ପ୍ରାୟ ୧୧ଟାରେ ଘଟଣାର ସମାଧାନ ପାଇଁ ତାଙ୍କ ବନ୍ଧୁଙ୍କୁ କହିଥିଲେ। ରାଜଲକ୍ଷ୍ମୀ, ବାବୁଲା ମଧ୍ୟସ୍ଥି ଏପରି ୭ଜଣ ଉପରୋକ୍ତ ସ୍ଥାନକୁ ଯାଇଥିଲେ। ସେଠାରେ ସେମାନଙ୍କ ମଧ୍ୟରେ ବିଭିନ୍ନ ବିଷୟକୁ ନେଇ କଥା କଟାକଟି ଚାଲିଥିଲା। ଏହି ସମୟରେ ବାବୁଲା ଟ୍ରେନ ଟ୍ରାକ ଉପରେ ଚାଲୁଥିବା ବେଳେ ଏକ ଟ୍ରେନ ଆସୁଥିବା ଦେଖି ରାଜଲକ୍ଷ୍ମୀ ତାଙ୍କ ହାତ ଧରି ଟାଣିଥିଲେ। ହେଲେ ରାଜଲକ୍ଷ୍ମୀଙ୍କ ଟ୍ରେନ ଧକ୍କାରେ ମୃତ୍ୟୁ ହୋଇଥିଲା। ବାବୁଲା କିନ୍ତୁ ଗୁରୁତର ହୋଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ଘଟଣାର ତଦନ୍ତ ଅଧିକାରୀ ଆରତୀ ପୋଦାର କହିଛନ୍ତି। ଗଜପତି ନଗରରେ ସେମାନେ ଯେଉଁ ଘରେ ଘର ଭଡ଼ା ରହୁଥିଲେ ସେଠାରେ ଅନୈତିକ କାର୍ଯ୍ୟ ଚାଲିଥିଲା ବୋଲି ପୋଲିସ ଜାଣିବାକୁ ପାଇଛି। ବାବୁଲାଙ୍କ ବୟାନ ରେକର୍ଡ ପାଇଁ ପୋଲିସ ବିଶାଖାପାଟଣା ଯିବ। ଘଟଣା ବେଳେ ସେଠାରେ ଉପସ୍ଥିତ ୫ ଜଣଙ୍କୁ ଡାକି ବୟାନ ରେକର୍ଡ କରାଯିବ ବୋଲି ପୋଲିସ କହିଛି। ବ୍ୟବଚ୍ଛେଦ ରିପୋର୍ଟରୁ ଟ୍ରେନ ଧକ୍କାରେ ରାଜଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଥିବା ଏଫ୍‌ଏମ୍‌ଟି ବିଭାଗ ମୁଖ୍ୟ ସୁଦୀପା ଦାସ କହିଛନ୍ତି।

## ବାଲ୍ୟ ବିବାହ ରୋକିଲେ ସିଡିପିଓ

ଧରାକୋଟ, ୨୦।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ୍‌ର ମାଣିକପୁର ସେକ୍ଟରର ବାହାରପୁର ଗ୍ରାମରେ ଚାଲିଥିବା ବାଲ୍ୟ ବିବାହ ସିଡିପିଓ ସୁନୀଲପ୍ରଭା ରଥ ରୋକିଛନ୍ତି। ଶୁକ୍ରବାର ଖବର ପାଇଁ ସିଡିପିଓ, ବଡ଼ଗଡ଼ ଥାନା ଅଧିକାରୀ ବିମଳ କହଁର, ଅଞ୍ଚଳ ପରିଦର୍ଶିକା ଭାଗ୍ୟଲତା ମଣ୍ଡଳ, ରାଜଲକ୍ଷ୍ମୀ ପ୍ରଧାନ ବାହାରପୁର ଗ୍ରାମରେ ପହଞ୍ଚି ଥିଲେ। ଏକ ୧୭ ବର୍ଷ ୧୧ ମାସର କନ୍ୟା ନିକଟସ୍ଥ ମାଣିକପୁର ପଞ୍ଚାୟତର ହରିପ୍ରିୟାପୁର ଗ୍ରାମର ଜଣେ ଯୁବକଙ୍କୁ ବିବାହ ପାଇଁ ସମସ୍ତ ପ୍ରକାର ବିଧି ବ୍ୟବସ୍ଥା ହୋଇ ସାରିଥିଲା। ଅଧିକାରୀମାନେ ସେଠାରେ ବାଲ୍ୟ ବିବାହକୁ ବନ୍ଦ କରି ଏକ ଲିଖିତ ଚୁକ୍ତିନାମା କରି ଫେରିଛନ୍ତି।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ରମ୍ଭା,୨୦।୨(ବନବାସୀ ସେଠୀ)

ଚଳିତ ବର୍ଷ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆର.ବାହାଡାପଲ୍ଲୀରେ ୭୭ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକଙ୍କ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଗଣେଶ ଚନ୍ଦ୍ର ଦଳ ବେହେରା ସଂଯୋଜକ ରହିଥିଲେ। କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥିମାନଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରେଖା କୁମାରୀ ଜାଲି, ମୁଖ୍ୟ ବକ୍ତା ନିରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ସୁଦାମ ନାୟକ, ଗ୍ରାମ୍ୟ କମିଟି ସଭାପତି ବି. ଲକ୍ଷ୍ମଣ ପ୍ରଧାନ, ଅବସରପ୍ରାପ୍ତ ସିଆରସିସି କୃଷ୍ଣ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ୟାସୀ ଲେଙ୍କା, ସିଆରସିସି ଡ଼ଃ ଦ୍ୱାରିକାନାଥ ମହାରଣା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ ପ୍ରତିହାରି, ପ୍ରଫୁଲ୍ଲ ଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ବାଉରୀ ଗଣ୍ଡାପଲ୍ଲୀ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ବେହେରା ମନ୍ତ୍ର ପାଠ କରିଥିବା ବେଳେ ସିଆରସିସି ରବୀନ୍ଦ୍ର କୁମାର ନାହାକ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବିଭାଗର କୃତକାର୍ଯ୍ୟ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଭିନ୍ନ ଦାବିରେ କେନ୍ଦୁପତ୍ର କର୍ମଚାରୀଙ୍କ ଧାରଣା

ଫୁଲବାଣୀ, ୨୦।୨(ରାକେଶ କୁମାର ରାଉତ)

କେନ୍ଦୁପତ୍ର ଶିଳ୍ପରେ ନିୟୋଜିତ ହଜାର ହଜାର ଶ୍ରମିକ ଓ କର୍ମଚାରୀଙ୍କ ଦାବି ପ୍ରତି ସରକାର କ୍ରମାଗତ ଭାବେ ଅବହେଳା ପ୍ରଦର୍ଶନ କରି ଚାଲିଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଙ୍ଘ ଫୁଲବାଣୀ ଶାଖା ପକ୍ଷରୁ ଜିଲାର ସମସ୍ତ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ୧୭ ଦଫା ଦାବି ନେଇ ଶତାଧିକ ତୋଳାଳୀ, ସିଜନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ଫୁଲବାଣୀ ଗୋଚ୍ଛାପଡା(ପୂର୍ବ) ରେଞ୍ଜ କାର୍ଯ୍ୟାଳୟଠାରେ ଧାରଣାରେ ବସିଥିଲେ। ସଂଘ ରାଜ୍ୟ ଉପସଭାପତି ଶାଖା ସମ୍ପାଦକ ସରୋଜ କର୍ଣ୍ଣଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧାରଣାରେ ଲକ୍ଷ୍ମଣ ସାହୁ, ଅକ୍ଷୟ ପ୍ରଧାନ, ରାଜକୁମାର ପାତ୍ର, ବିଷ୍ଣୁ କହଁର, ନିରଞ୍ଜନ କହଁର, ପ୍ରେମାନନ୍ଦ ରଣା, ଜଗନ୍ନାଥ ରଣା, ସଂଯୁକ୍ତା ବେହେରା, ପାର୍ବତୀ ବିନ୍ଧାଣି ପ୍ରମୁଖ ସାମିଲ ଥିଲେ। ସେହିଭଳି ଗୋଚ୍ଛାପଡାଠାରେ ମଧ୍ୟ ସଂଘ ପକ୍ଷରୁ ଗୋଚ୍ଛାପଡା(ପଶ୍ଚିମ) ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ କେନ୍ଦୁପତ୍ର କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ସରକାର ଦାବି ପୂରଣ ନ କଲେ ଆସନ୍ତା ୨୭ରେ ସଂଘ ପକ୍ଷରୁ ରାସ୍ତାରୋକ କରାଯିବ ବୋଲି କୁହାଯାଇଛି।

# +୨ କଳା ପରୀକ୍ଷା ଦେଲେ ୧୧୬୦ ପରୀକ୍ଷାର୍ଥୀ

ବୁଗୁଡ଼ା,୨୦।୨(କାଳିଚରଣ ଦାଶ)

ବୁଗୁଡ଼ା ଅଞ୍ଚଳର ୫ଟି ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର +୨ କଳା ପରୀକ୍ଷା ଆରମ୍ଭ ହୋଇଛି। ଏଥିରେ ୧୧୭୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୬୦ ପରୀକ୍ଷା ଦେଇଛନ୍ତି। ୧୨ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଛନ୍ତି। ବୁଗୁଡ଼ା ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ଆମ୍ ପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ୪୩୬ରୁ ୪୨୮ ଜଣ ଓ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ମନୋଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୨୨୦ରୁ ୨୧୯ ଜଣ, ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ସରୋଜ କାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ୨୯୬ରୁ ୨୯୪ ଜଣ ଓ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ଅନୁପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୬୯ରୁ ୧୬୮ ଜଣ, କରଚୁଲି ଶକୁନ୍ତଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ଗଦାଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ୫୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି।

# ହତ୍ୟା ଘଟଣାରେ ୮ଜଣଙ୍କୁ ଆଜୀବନ

ଛତ୍ରପୁର,୨୦।୨(ଦିଲୀପ ସାମଲ)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଦୟାପଲ୍ଲୀ ଗ୍ରାମର ୨୦୧୨ର ଏକ ହତ୍ୟା ମାମଲାର ଚୂଡାନ୍ତ ରାୟ ଶୁକ୍ରବାର ପ୍ରକାଶ ପାଇଛି। ଛତ୍ରପୁର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଦୀପ ସାମଲ ଏହି ମାମଲାର ବିଚାର କରି ୮ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଅନୁସୂଚିତ ଜାତି ଗୋଷ୍ଠୀର ଦୟାପଲ୍ଲୀ ଗ୍ରାମର କୈଳାସ ଦାସ, ଦାଶରଥୀ ଦାସ, ସଦାନନ୍ଦ ଦାସ, ଅଲେଖ ଦାସ, ଅଭି ଦାସ, ଟିଙ୍କୁ ଦାସ, ଅମିନ ଦାସ ଓ ଫୁଲଟା ଗ୍ରାମର କାଳୁ ଦାସ। ସେମାନଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଏହା ଅନାଦାୟ ସ୍ଥଳେ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୨୦୧୨ ଫେବୃଆରୀ ୨୦ ଶିବରାତ୍ର ଦିନ ରାତି ୯ଟାରେ ଦୟାପଲ୍ଲୀ ଗ୍ରାମରେ ଅନୁସୂଚିତ ଜାତିର ଗୋଷ୍ଠୀ ଏବଂ ବେଲାମା ସମାଜର ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ଉଗ୍ରରୂପ ନେଇଥିଲା। ଦୟାପଲ୍ଲୀ ଗ୍ରାମ ଶିବମନ୍ଦିରରେ ବେଲମା ଗୋଷ୍ଠୀର ଲୋକେ ଆଲୋକୀକରଣ ପାଇଁ ସଜସଜ୍ଜା କରୁଥିବା ବେଳେ ଅନୁସୂଚିତ ଜାତି ଗୋଷ୍ଠୀର କୈଳାସ ଦାସ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏହା ଜାଣିବା ପରେ ସେଠାରେ ବେଲମା ଗୋଷ୍ଠୀର ଅନ୍ୟ ଲୋକେ ପହଞ୍ଚି କୈଳାସଙ୍କୁ ଗାଳିଗୁଲଜ କରିଥିଲେ। ପରେ ସେଠାରେ ଅନୁସୂଚିତ ଜାତି ଗୋଷ୍ଠୀର ଲୋକେ ମଧ୍ୟ ପହଞ୍ଚିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଘଟଣାର ପରଦିନ ୨୧ରେ ବେଲମା ଗୋଷ୍ଠୀର ସାକା ପୀତାମ୍ବର, ଦ୍ରୁବ ପୀତାମ୍ବର ଓ ସାଲା ଦେବରାଜ ଖଳାରୁ କାମ ସାରି ଫେରୁଥିବା ବେଳେ ପୂର୍ବରୁ ଶିବମନ୍ଦିର ନିକଟରେ ଅନୁସୂଚିତ ଜାତି ଗୋଷ୍ଠୀର ଲୁଚି ରହିଥିବା ଲୋକେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସାକା ପୀତାମ୍ବରଙ୍କ ମୃତ୍ୟୁ ହୋଇଥିଲା। ଦ୍ରୁବ ଓ ସାଲା ଗୁରୁତର ହୋଇଥିଲେ। ଦ୍ରୁବଙ୍କ ଅଭିଯୋଗକ୍ରମେ ହିଞ୍ଜିଳି ଥାନାରେ ୩୪/୨୦୧୨ ଏକ ମାମଲା ରୁଜୁ କରି ତତ୍କାଳୀନ ତଦନ୍ତ ଅଧିକାରୀ ଅଜୟ ବାରିକ ୨୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲଣ କରିଥିଲେ। ପରେ ଏସଟି୫୨/୧୩ ମାମଲା କୋର୍ଟରେ ବିଚାରଧୀନ ଥିଲା। ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ ଅନ୍ୟ ୧୫ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପିପି ନିହାର ରଞ୍ଜନ ଜେନା ମକଦ୍ଦମା ପରିଚାଳନା କରିଥିବା ବେଳେ ସରକାରୀ ଓକିଲ ପ୍ରଦୀପ ପାଢୀ ଓ ଗଙ୍ଗାଧର ପଣ୍ଡା ସହଯୋଗ କରୁଥିଲେ।


# Classified Everyday

0674-2580101, 9692975378




REAL ESTATE

SALE

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

Land for sale/make construction on sharing basis by a Government employee on his litigation free land in Bhubaneswar area. Contact directly- 9861336970/ 9861304988. D-3438


2BHKand3BHKavailable at Gangotrinagar, near Samantarapur, 6370641665. D-3436



CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





2 Office space- 1. 2150 sqft. in 1st floor, 2. 780 sqft. in 2nd floor fully furnished office, at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845/ 7504050186. D-3413

HEALTH CARE

All types of physiotherapy and massage contact 9556924059 / 7656969134. D-3416

LOST

ମୁଁ, ଶ୍ରୀମତୀ ସୁଭାଶ୍ରୀ ଦାସ, ପିତା- ଶ୍ରୀ ରବୀନ୍ଦ୍ରନାଥ ଦାସ, ସ୍ୱାମୀ- ଶ୍ରୀ ରାଜେନ୍ଦ୍ର ନାରାୟଣ ବେହେରା, ବସବାସୀ- ପ୍ଲଟ୍ ୩୪୧, ଅମରାଉଳ, ନମାରୋ, ଅସ୍ତରଙ୍ଗ, ପୁରୀ, ଓଡ଼ିଶା- ୭୫୨୧୦୯, ସାଧାରଣ ଲୋକଙ୍କୁ ଏହିମାଧ୍ୟମରେ ସୂଚନା ଦେଉଛି ଯେ ମୂଳ ଲିଙ୍କଡ୍ ସେଲ୍ ଡିଡ୍ ନଂ. ୧୧୧୨୧୦୦୧୭୪୦, ତାରିଖ ୧୬.୦୮.୨୦୧୦, ଯାହା ପ୍ଲଟ୍ ନଂ. ୬୦୯, ଖାତା ନଂ ୧୦୩, ମୌଜା- ଦୁର୍ଗାପୁର, ତହସିଲ- ଜଟଣୀ, ଖୋର୍ଦ୍ଧା, ଓଡ଼ିଶା ସମ୍ବନ୍ଧୀୟ, ସେହି ଦଲିଲ ହଜିଯାଇଛି ଏବଂ ଅନେକ ଖୋଜିଲେ ମଧ୍ୟ ମିଳୁନାହିଁ। ଏହି ଦଲିଲ ସମ୍ବନ୍ଧିତ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ରେକର୍ଡ ରହିଛି ଏବଂ ଏହା ଏକ ମୂଲ୍ୟବାନ ମାଲିକାନା ପତ୍ର। ଏହା ସମ୍ବନ୍ଧରେ ବଡଗଡ ପୋଲିସ୍ ଷ୍ଟେସନ୍, ଭୁବନେଶ୍ୱରରେ ଅଭିଯୋଗ ନଂ. ୦୧୪, ତାରିଖ ୧୧.୦୨.୨୦୨୬ ରେ ଦାଖଲ କରାଯାଇଛି। କେହି ଏହି ମୂଳ ଦଲିଲ ପାଇଥିଲେ କିମ୍ବା ନିଜ ଅଧୀନରେ ରଖିଥିଲେ, ପ୍ରକାଶନ ତାରିଖରୁ ୧୫ ଦିନ ମଧ୍ୟରେ ନିମ୍ନୋକ୍ତ ଠିକଣାରେ ଫେରାଇବାକୁ ଅନୁରୋଧ କରାଯାଉଛି। ଏହି ସମ୍ପତ୍ତି ସମ୍ବନ୍ଧରେ କାହାରି କୌଣସି ଦାବିଥିଲେ, ୧୫ ଦିନ ମଧ୍ୟରେ ଲିଖିତ ଭାବେ ଜଣାଇବେ, ନହେଲେ ପରବର୍ତ୍ତୀ ସମୟରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ଯୋଗାଯୋଗ: ୯୭୬୯୯୯୮୯୬୦।
ଶ୍ରୀମତୀ ସୁଭାଶ୍ରୀ ଦାସ
ଧ-୩୪୩୫

AFFIDAVIT

By virtue of an affidavit dtd.- 20.02.2026 sworn before Executive Magistrate, Bhadrak, I, Somesh Bilas, S/o.- Rabindra Bilas, Vill.- Tarafraipur P.O.- Raipur, P.S.- Bansada, Dist.- Bhadrak, Odisha, PIN- 756129, Odisha declare that I have changed my name from Saumesha Bilas to Somesh Bilas. Henceforth, I shall be known as Somesh Bilas for all purposes. D-3437

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




୰ ଅନ୍ନପୂର୍ଣ୍ଣା ସାହୁ

ଆବିର୍ଭାବ: ୨୬।୦୩।୧୯୫୪
ତିରୋଧାନ: ୧୧।୦୨।୨୦୨୬

ବୋଉ, ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ମନେ ପଡେ ତୁମର ସେହି ହସ ହସ ମୁହଁ, ସ୍ନେହ, ଆଦର୍ଶ ଓ ଅନ୍ୟକୁ ସ୍ନେହ ପ୍ରେମରେ ବାନ୍ଧିରଖିବାର ମଣିଷପଣିଆ। ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୩୪୩୩

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ନୃସିଂହ ଚରଣ ପଟ୍ଟନାୟକ

ଆବିର୍ଭାବ : ୦୬।୦୪।୧୯୫୬
ତିରୋଧାନ : ୧୦।୦୨।୨୦୨୬

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ଧର୍ମପତ୍ନୀ- ପ୍ରତିଭା ପଟ୍ଟନାୟକ, ଝିଅ- ଆଦ୍ୟାଶା ପଟ୍ଟନାୟକ, ପୁତ୍ର- ଅମିତ କୁମାର ପଟ୍ଟନାୟକ, ବନ୍ଧୁ ଓ ପରିବାରବର୍ଗ।
ଧ-୩୪୩୪

ଧରିତ୍ରୀ 52 Years
ଧରିତ୍ରୀ DHARITRI
ସାହିତ୍ୟାୟନ
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୧/୨୦୨୬ Bhubaneswar, Saturday, February 21/ 2026

# ଜୀବନ

## ଗଳ୍ପ

**ଶୁଭେନ୍ଦୁ କୁମାର ମହାପାତ୍ର**

ସେ ଦିନ ଅଫିସ୍ ଛୁଟିଥାଏ। ପ୍ରତାପ ଟିକେ ଡେରିରେ ଶଯ୍ୟାତ୍ୟାଗ କଲେ। ସ୍ତ୍ରୀ ପ୍ରଜ୍ଞା ଚା କପ୍‌ଟି ବଢ଼େଇ ଦେଇ ଭିତରକୁ ଚାଲିଗଲେ। ପ୍ରତାପ ଚା ପିଇସାରି ପ୍ରଜ୍ଞାଙ୍କୁ ଡାକି ପଚାରିଲେ ବଜାରରୁ କିଛି ଆସିବ କି? ହଁ, ତୁମର ଯାହା ଖାଇବାକୁ ଇଚ୍ଛା ଆଣିବ ମୁଁ କରିବାକୁ ପ୍ରସ୍ତୁତ ଅଛି। ହଉ ବ୍ୟାଗ୍‌ଟା ଦିଅ, ପ୍ରଜ୍ଞା ବ୍ୟାଗ୍ ବଢ଼େଇ ଦେଇ କହିଲେ– ବାପା ସକାଳୁ ଫୋନ୍ କରିଥିଲେ। ପ୍ରଶ୍ନିଳ ଦୃଷ୍ଟିରେ ସ୍ତ୍ରୀଙ୍କ ମୁହଁକୁ ଚାହିଁଲେ ପ୍ରତାପ। ଜାଣିବାକୁ ଚାହୁଁଥିଲେ କେଉଁ ବାପା, ଅର୍ଥାତ୍ ପ୍ରଜ୍ଞାଙ୍କ ବାପା କି ପ୍ରତାପଙ୍କ ବାପା। ଅବଶ୍ୟ ପ୍ରଜ୍ଞାଙ୍କ ମୁଖମଣ୍ଡଳରୁ ସ୍ପଷ୍ଟ ଅନୁମାନ କରିହେଉଥିଲା ତାଙ୍କ ବାପା ଫୋନ୍ କରିଥିଲେ।

ହଁ ମୋ' ବାପା ଫୋନ୍ କରିଥିଲେ।

କ'ଣ କହୁଥିଲେ ?

ପୁପୁନର ବାହାଘର କଥା କହୁଥିଲେ। ଆଉ ମାତ୍ର ଦଶଦିନ ରହିଲା, ଏବେଠାରୁ ଯିବାକୁ ବାପା କହୁଛନ୍ତି।

ମୁହଁରେ କୃତ୍ରିମ ହସ ହସି ପ୍ରତାପ କହିଲେ ନିହାତି ଯିବାକଥା, ଗୋଟିଏ ବୋଲି ଭାଇ, ଛଅଟା ନା ନଅଟା, ତୁମେ ବଡ଼ ଭଉଣୀ ; କ'ଣ ଆଜି ଯିବ ? ମୋ' ପାଇଁ ଆଦୌ ବ୍ୟସ୍ତ ହେବାର କିଛି ନାହିଁ, ମୁଁ ଆଡ୍‌ଜଷ୍ଟ କରିନେବି। ତୁମେ କାଲି ବସ୍‌ରେ ଚାଲିଯାଅ, ପୁଅକୁ ବି ସାଙ୍ଗରେ ନେଇଯାଅ, ମୁଁ ବାହାଘର ପୂର୍ବଦିନ ସନ୍ଧ୍ୟାରେ ପହଞ୍ଚିବି। ଆଉ ବେଭାର ଯାହା ଦବାକଥା ଆଜି ଚାରିଟାବେଳେ କିଣି ଆଣିବା, ତୁମେ ତାକୁ ସାଙ୍ଗରେ ନେଇଯିବ।

ପ୍ରଜ୍ଞା ଟିକେ ଗେହ୍ଲେଇ ହୋଇ କହିଲେ, ମୁଁ କ'ଣ କହୁଥିଲି କି ଘରକୁ କେତେ ବନ୍ଧୁବାନ୍ଧବ ଆସିବେ। ସେହି ପୁରୁଣା ଲୁଗାଗୁଡ଼ା ବ୍ୟତୀତ ନୂଆ ଶାଢ଼ି ଖଣ୍ଡେ ନାହିଁ, ଗୋଟେ ଲାଲ୍‌ଖଇରୀ ରଙ୍ଗର ପାଟଶାଢ଼ି କିଣିଥାଆନ୍ତି। ପ୍ରତାପ ଭିତରେ ଭିତରେ ଟିକେ ଚିହିଁକି ଉଠିଲେ, ତଥାପି ନିଜକୁ ପ୍ରକୃତିସ୍ଥ କରିନେଇ କହିଲେ ଠିକ୍‌ଅଛି, ଆଜି ସବୁ କିଣିଆଣିବା। କାରଣ ପ୍ରତାପ ଜାଣିଥିଲେ ବିନା ସୂଚନାରେ ବରଷିଯିବା ଅଭ୍ୟାସଟା ପ୍ରଜ୍ଞାଙ୍କର ଅଛି। ପ୍ରତାପଙ୍କ ଆଖି ଆଗରେ ସୁଦୀର୍ଘ ଛାୟାପଥଟିଏ, କାରଣ ସେ ଜଣେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ।

ମାସକୁ ମାସ ମା'ବାପାଙ୍କ ପାଇଁ ଖର୍ଚ୍ଚ ଦେବାକୁ ହୁଏ। ଏଠି ପୁଅର ପଢ଼ାଖର୍ଚ୍ଚ, ଘରଖର୍ଚ୍ଚ, ପୁଣି ଶଳାର ବାହାଘର, ସେଥିରେ ପତ୍ନୀଙ୍କର ଫର୍ମାଇସ ପାଟଶାଢ଼ି। କେଉଁ ଖର୍ଚ୍ଚ କାଟି କେଉଁଟିକୁ ରଖିବେ। ବିବାହ ବେଳେ ପାଟଶାଢ଼ି ପିନ୍ଧି ଆସିଥିଲେ ଯେ ଆଜିଯାଏ ଆଟାଚି ଭିତରେ ବିବାହର ସ୍ୱାକ୍ଷର ବହନ କରି ସାଇତା ହୋଇଛି। ଅପରାହ୍ଣରେ ପ୍ରତାପ ପ୍ରଜ୍ଞାଙ୍କୁ ବାହାରିବାକୁ କହିବାଇକ୍ ବାହାର କଲେ। ଠିକ୍ ସମୟରେ ପୁଅକୁ ସାଥିରେ ଧରି ବାହାରିଗଲେ।

ବଜାର ଆଡ଼େ ଯିବା ବଦଳରେ ପ୍ରତାପ ମେଡିକାଲ ରାସ୍ତାରେ ଗାଡ଼ି ନେବାରୁ ପ୍ରଜ୍ଞା କହିଲେ ଇଆଡ଼େ କୁଆଡ଼େ ?

ପ୍ରତାପ କହିଲେ, କଥା କ'ଣ କି ମୋର ଜଣେ ସାଙ୍ଗ ଅସୁସ୍ଥତା କାରଣରୁ ଏଠାରେ ଆଡ୍‌ମିଟ ହୋଇଛି, ତାକୁ ଟିକେ ଦେଖାକରି ଯିବା। ଶଲ୍ୟ ଚିକିତ୍ସା ବିଭାଗର ଦ୍ୱିତୀୟ ମହଲାରେ ଥିବା ସାଙ୍ଗ ପାଖରେ ପହଞ୍ଚି ପ୍ରତାପ ପଚାରିଲା– ଆରେ କେମିତି ଅଛୁ ?

ହଁରେ ସାଙ୍ଗ, ଜୀବନ ଆଉ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଜଣେ ରୋଗୀ କେମିତି ଥାଆନ୍ତା ? ଗୋଡ଼ଟା ଥରେ କଟା ସରିବା ପରେ ଉପରକୁ ପୁଣି ପଚିବାକୁ ଲାଗିଛି। କେତେବେଳେ ଯେ ସମ୍ପୂର୍ଣ୍ଣ ଶରୀର ଖଣ୍ଡ ଖଣ୍ଡ ହୋଇ କଟା ହୋଇଯିବ ତାହା ବିଶ୍ୱନିୟନ୍ତା ହିଁ କହିପାରିବେ। ଆଖିକୋଣରେ ଲୁହ ଜକେଇ ଆସିଲା, ପ୍ରତାପ ପକେଟରୁ ରୁମାଲ କାଢ଼ି ସାଙ୍ଗ ଆଖିରୁ ଲୁହ ପୋଛିଦେଲା। ହଁରେ ସାଙ୍ଗ ଯାହା ବିଧିନିର୍ଦ୍ଦିଷ୍ଟ ତାହା ହିଁ ତ ନିଶ୍ଚୟ ହେବ, କିନ୍ତୁ ଆଉ ଟିକେ ଉନ୍ନତମାନର ଚିକିତ୍ସା ପାଇଁ ଆମେ ତତେ ହାଇଦ୍ରାବାଦ ନେବାକୁ ବ୍ୟବସ୍ଥା କରୁଛୁ, ତୁ ସେହି ପରମପିତାଙ୍କ ଉପରେ ଭରସା ରଖ, ସେ ଚାହିଁଲେ ସବୁ ଠିକ୍ ହୋଇଯିବ। ତୁମମାନଙ୍କ ପାଇଁ ଆଜିଯାଏ ବଞ୍ଚିଛି। ସାଙ୍ଗ ମୁଣ୍ଡରେ ହାତବୁଲେଇ ପ୍ରତାପ କହିଲା, ହଉ ସାଙ୍ଗ ମୁଁ ଆଜି ଟିକେ ବ୍ୟସ୍ତ ଅଛି, କାଲି ଆସେ ତୋ' ପାଖରେ ବସିବି, ଢେର୍‌ସାରା ଗପିବା। ବୁଲିପଡ଼ି ପ୍ରଜ୍ଞାଙ୍କୁ କହିଲେ– ଚାଲଯିବା। ପ୍ରତାପ ଠିକ୍ ଦେଖିପାରିଲେ ପ୍ରଜ୍ଞାଙ୍କ ଆଖିରୁ ଦୁଇବୁନ୍ଦା ଲୁହ ନିଗିଡ଼ି ପଡ଼ିଲା। ପୁଅ ପଚାରିଲା, ବାବା ଅଙ୍କଲଙ୍କର କ'ଣ ହୋଇଛି ? ଚାଲ୍ କହୁଛି, ସମସ୍ତେ ଫେରିଲେ।

ସାଙ୍ଗ ସହିତ ପ୍ରଗାଢ଼ ଆତ୍ମୀୟତା ଦେଖି ବିମୁଗ୍ଧ ହୋଇପଡ଼ିଥିଲେ ପ୍ରଜ୍ଞା। ନିଜକୁ ଧିକ୍କାର କଲେ ପ୍ରଜ୍ଞା, ତୁଚ୍ଛାଟାରେ ଦୈନିକ ଅଫିସରୁ ଫେରିବା ଡେରି ପାଇଁ କେତେ ଯେ ଅରୁଚିକର କଟୁ ମନ୍ତବ୍ୟ ଦେଇଛନ୍ତି ତା'ର ହିସାବ ନାହିଁ। ଆଜି ମର୍ମେମର୍ମେ ଅନୁତାପ କରୁଥିଲେ ପ୍ରଜ୍ଞା। ପ୍ରତାପଙ୍କ ଜଞ୍ଜାଳର ଗଭୀରତାକୁ ମାପୁଥିଲେ। ସତରେ ଜଣେ ସାଙ୍ଗକୁ ନିଃସର୍ତ୍ତ ଭଲପାଇବା ଏକ ଦିବ୍ୟ ଚେତନାର ଉତ୍ତରଣ ନୁହେଁ ତ ଆଉ କ'ଣ ?

ଶିଡ଼ିରୁ ଓହ୍ଲାଇବା ବେଳେ ପଚାରିଲେ, ଏମିତି କେମିତି ହେଲା ? ପ୍ରତାପ କହିଲା, ସାଙ୍ଗଟା ମୋର ଦୁଃଖୀଟିଏ, ଦୀର୍ଘଦିନ ହେବ ମଧୁମେହ ରୋଗରେ ପୀଡ଼ିତ। ବାଇକ୍ ଧକ୍କାରେ ଗୋଡ଼ରେ ଗୋଟେ ଛୋଟିଆ କ୍ଷତ ହୋଇଥିଲା, ଯେତେ ଚିକିତ୍ସା କଲେ ମଧ ଶୁଖିଲା ନାହିଁ। ଗୋଡ଼ଟା ପଚିବାକୁ ଲାଗିଲା, ଡାକ୍ତରଙ୍କ ପରାମର୍ଶକ୍ରମେ ଗୋଡ଼ଟି ଆଣ୍ଠୁତଳକୁ ଥରେ କଟା ସରିବା ପରେ ପୁନର୍ବାର ପଚୁଛି। ଆଉ ସବୁଠାରୁ ଦୁଃଖର କଥା, ତା'ର ସେବା ଯତ୍ନ କରିବାକୁ ତା' ପାଖରେ ନିଜର ବୋଲି କେହି ନାହାନ୍ତି। କାରଣ କିଛି ବର୍ଷ ପୂର୍ବରୁ ସ୍ତ୍ରୀ କର୍କଟରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ବୁଢ଼ା ମା'ବାପା ଦୁଇଜଣ ଗାଁରେ ରୁହନ୍ତି। ତାଙ୍କରି ପାଖରେ ରହି ତା'ର ଏକମାତ୍ର ଝିଅ ଗାଁ ବିଦ୍ୟାଳୟରେ ପାଠ ପଢୁଛି। ଭଗବାନ୍ ତାକୁ ଏଭଳି ଦାରୁଣ ଦୁଃଖ ଦେଲେ କାହିଁକି କେଜାଣି ? ଅଫିସ୍‌ରୁ ଅଧା ଦରମା କଟିଯାଉଛି, ଅବଶିଷ୍ଟ ଯାହା ମିଳେ ତା' ଚିକିତ୍ସା ଖର୍ଚ୍ଚକୁ ନିଅଣ୍ଟ। ଆମେ ସାଙ୍ଗମାନେ କିଛିକିଛି ନିଜ ଖର୍ଚ୍ଚ କାଟି ଦେଇଥାଉ। ଆଉ ପ୍ରତିଦିନ ତା' ପାଖରେ କିଛି ସମୟ କଟାଇଥାଉ, ଯାହାଫଳରେ ତା'ର ଟିକେ ଦୁଃଖ ଲାଘବ ହୁଏ।

ଏଥର ପ୍ରଜ୍ଞା ବୁଝିସାରିଥିଲେ ଜୀବନର ଅର୍ଥ କ'ଣ ? ପ୍ରତାପ ବାଇକ୍ ଷ୍ଟାର୍ଟ କରି ବଜାରଆଡ଼େ ଚାଲିଲେ, ପ୍ରଜ୍ଞା କହିଲେ– ନାଇଁ ଘରକୁ ଚାଲ। ମୁଁ ସେହି ପୁରୁଣା ଶାଢ଼ିରେ ଭାଇ ବାହାଘର ଚଳେଇଦେବି। ମୋ' ପାଇଁ ଶାଢ଼ିକିଣା ଟଙ୍କାଟା ତୁମ ସାଙ୍ଗକୁ ଦେଇଦେବ। ଆଉ ତୁମେ ମଧ ତୁମର ସାମର୍ଥ୍ୟ ଅନୁସାରେ ସବୁପ୍ରକାର ସାହାଯ୍ୟ ସାଙ୍ଗକୁ କର, ତା'ପରେ ସାଙ୍ଗକୁ କହି ତାଙ୍କ ଝିଅଟିକୁ ନେଇଆସ ଆମ ପାଖରେ ରହି ପଢ଼ିବ। ହଁ ଶୁଣ, ରାତିରେ ଫେରିବା ତ ଦୂରର କଥା, ଆଦୌ ନ ଆସି ତୁମ ସାଙ୍ଗ ପାଖରେ ମେଡିକାଲରେ ରହିଲେ ମୋର କୌଣସି ଆପତ୍ତି ନାହିଁ। ଭଗବାନଙ୍କୁ ଏତିକି ପ୍ରାର୍ଥନା, ତୁମ ସାଙ୍ଗ ଖୁବ୍‌ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ! ଏଥର ପ୍ରତାପଙ୍କ ମୁଖମଣ୍ଡଳରେ ପ୍ରସନ୍ନଭାବ ଉକୁଟି ଉଠିଲା।

– ସତ୍ୟବିହାର, ପଳାଶୁଣି, ଭୁବନେଶ୍ୱର

ମୋ: ୯୪୩୮୦୬୪୯୦୮



## ପୁସ୍ତକ ପରିଚୟ

### ବିଦାୟ




**କବି:** କନିଷ୍କ
**ପ୍ରକାଶକ:** ପାଇନ୍ ବୁକ୍‌ସ, ତୁଳସୀପୁର, କଟକ
**ପ୍ରଥମ ପ୍ରକାଶ:** ୨୦୨୫,
**ମୂଲ୍ୟ:** ଟ.୧୫୦/–

ଆଲୋଚ୍ୟ କବିତାଗ୍ରନ୍ଥଟି ୫୧ଟି ଏପରି କବିତାର ଏକୀକରଣ, ଯାହା ସମକାଳୀନ ସମୟ ଓ ସମାଜର ବିସଂଗତି ପ୍ରତି କବିଙ୍କର ଉତ୍ପ୍ରୋଧହୀନ ଚପେଟାଘାତ। ବହିରେ ଥିବା କବିତାଗୁଡ଼ିକ ପଢ଼ିଲେ ଯେତିକି ଆମୋଦଦାୟକ ମନେହୁଏ, ପରିବେଷଣ ତରିକାରୁ ସେତିକି ବିନ୍ଧେ ଭ୍ରଷ୍ଟାଚାର, ଅପଶାସନ ଓ ଅପସଂସ୍କୃତିରେ ଲିପ୍ତ ବାଟହୁଡ଼ା ଅମଣିଷମାନଙ୍କୁ। କେତୋଟି ଉଦାହରଣ ନେବା– ୧. ''ଦଳେ ଶୃଗାଳ... ବିଚିତ୍ର ଶୃଗାଳ/ ଖାଇଯା'ନ୍ତି ବିଷ୍ଠା/ ଫସଲ ଓ ପୁରସ୍କାର।''(ସାହିତ୍ୟ, ପୃ:୧୮), ୨. ''କିଏ ଲେଖେ ଆବର୍ଜନା/ କାଢ଼େ କାଗଜ/ ଚଲାଏ ଚ୍ୟାନେଲ୍/ x x କରେ ରକ୍ତପାତ/ ଠୁଂକେ ଲାଲସଲାମ୍ ? x x/ ଇଏ ମହାମ୍ଳେଚ୍ଛ/ ଅର୍ବାନ୍ ନକ୍‌ସଲ'' (ଅର୍ବାନ୍ ନକ୍ସଲ, ପୃ:୨୩), ୩. ''ଏକ ନମ୍ବର ମାଙ୍କଡ଼/ ଶୁଣେ ଆଉ କହେ/ କିଛି ଦେଖେନା/ ଦୁଇ ନମ୍ବର ମାଙ୍କଡ଼/ ଦେଖେ ଆଉ କହେ/ କିଛି ଶୁଣେନା/ ତିନି ନମ୍ବର ମାଙ୍କଡ଼/ ଶୁଣେ ଆଉ ଦେଖେ/ କିଛି କହେନା/ ମୁଁ କୋଉ ନମ୍ବରରେ ଯାଏ ହୋ ?'' (ତିନି ମାଙ୍କଡ଼, ପୃ:୪୪), ୪. ''ନଅଙ୍କ ଦୁର୍ଭିକ୍ଷ/ ମାର୍ ଗୁଲି... ମାର୍ ଗୁଲି/ ଲକ୍ଷେ ଟନ୍ ଚାଉଳ ଗଲା/ ବିଲାତ ଗଲା/ କିଏ ଖାଇଲା/ ମାର୍ ଗୁଲି... ମାର୍ ଗୁଲି/ ମଲେ ଯୋଉ ୩୦ ଲକ୍ଷ/ ମାର୍ ଗୁଲି... ମାର୍ ଗୁଲି'' (ରେଭେନ୍‌ଶା... ହେଭେନ୍‌ଶା, ପୃ:୬୪)। ଏ ସବୁ ଉଦ୍ଧୃତିରୁ ଗ୍ରନ୍ଥସ୍ଥ କବିତାଗୁଡ଼ିକର ତିର୍ଯ୍ୟକ୍ ଉପସ୍ଥାପନା ଓ ବିଷୟ–ସଂଘାତକୁ ଲକ୍ଷ୍ୟ କରାଯାଇପାରେ। ''ପୁସ୍ତକଟି ହେଉଛି ଅବକ୍ଷୟଗ୍ରସ୍ତ ସମାଜ ସଂସ୍କୃତି, ପତନମୁଖୀ ମାନବୀୟ ମୂଲ୍ୟବୋଧର ନିଚ୍ଛକ ନିଟୋଳଚିତ୍ର'' ବୋଲି 'ପ୍ରଚ୍ଛଦ–ଲେଖ'ରେ ଯାହା କୁହାଯାଇଛି, ତାହା ନିରାଧାର ନୁହେଁ।

### ଅସମାପ୍ତ କାବ୍ୟ




**ଅନୁବାଦକ:** ଜୟକୃଷ୍ଣ ସାମଲ
**ପ୍ରକାଶକ:** ବାଣୀ ବିକାଶ, ମର୍କତ ନଗର, କଟକ
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୬୦/–

ଏହି ଅନୁବାଦ ଗ୍ରନ୍ଥରେ କୋଡ଼ିଏଟି ବଙ୍ଗଳା ଗଳ୍ପ ଓଡ଼ିଆକୁ ଭାଷାନ୍ତରିତ ହୋଇ ସ୍ଥାନିତ ହୋଇଛି। ଏଥିରେ ଯେଉଁ ବହୁ ବିଦିତ କଥାକାରମାନଙ୍କୁ ସାମିଲ କରାଯାଇଛି, ସେମାନଙ୍କ ମଧ୍ୟରେ ଅଛନ୍ତି ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ, ବନଫୁଲ, ସୁନୀଲ ଗଙ୍ଗୋପାଧ୍ୟାୟ, ଡ. ଦୀପକଚନ୍ଦ୍ର, ତିଲୋତ୍ତମା ମଜୁମ୍‌ଦାର, ସମରେଶ ମଜୁମ୍‌ଦାର ଓ ପ୍ରମଥନାଥ ବିଶି ପ୍ରମୁଖ। 'ନିଜକଥା'ରେ ଅନୁବାଦକ ଲେଖିଛନ୍ତି: ''ସଂକଳନରେ ସନ୍ନିବେଶିତ ସମସ୍ତ ଗଳ୍ପରେ ଏକ ଗଭୀର ଅନ୍ତଃସ୍ୱର ନିହିତ। ଏହି ଅନ୍ତଃସ୍ୱର ମାନବିକ ନିର୍ଯାସରେ ଋଦ୍ଧିମନ୍ତ। ପ୍ରେମ, ଅସୂୟା, ଦୁର୍ବଳତା, ମିଳନ, ବିଚ୍ଛେଦ, ସମ୍ବେଦନଶୀଳତା, କାରୁଣ୍ୟ ଆଦି ମାନବିକ ଆଚରଣ ଗଳ୍ପଗୁଡ଼ିକରେ ପରିଲକ୍ଷିତ।'' ପୁସ୍ତକର ଶେଷ ଗଳ୍ପଟିକୁ ଶୀର୍ଷକ କରାଯାଇଛି ଓ ଏ ସମ୍ପର୍କରେ କୁହାଯାଇଛି: ''ଗଳ୍ପଟିର ସ୍ରଷ୍ଟା ବଙ୍ଗଳା ସାହିତ୍ୟର ପ୍ରଥିତଯଶା କଥାକାର ପ୍ରମଥନାଥ ବିଶି। ଗଳ୍ପଟି କବି କାଳିଦାସ ଓ ତାଙ୍କ କାବ୍ୟଗ୍ରନ୍ଥ 'କୁମାରସମ୍ଭବମ୍'କୁ ନେଇ। ମହାରାଜା ବିକ୍ରମାଦିତ୍ୟ ଏକ କୁଚକ୍ରୀ ଗୋଷ୍ଠୀର ପ୍ରରୋଚନାରେ ମହାକବି କାଳିଦାସଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ମହାକାଳ ମନ୍ଦିରର ପ୍ରଧାନ ଦେବଦାସୀ ଶିଳାବତୀ ଓ କବିବନ୍ଧୁ ରିଚୁଳଙ୍କଠାରୁ ବିଦାୟ ନେଇ ଉଜ୍ଜୟିନୀ ପରିତ୍ୟାଗ ପୂର୍ବକ ରାମଗିରି ଗମନ କରିଛନ୍ତି। ଗଳ୍ପଟି ଖୁବ୍ ହୃଦୟସ୍ପର୍ଶୀ ଓ ମନୋମୁଗ୍ଧକର।'' ଦୁଇ ଶହରୁ ଊର୍ଦ୍ଧ୍ୱ ପୃଷ୍ଠାର ଏହି ବହିଟି ଅନୁରାଗୀ ପାଠିକାପାଠକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା।

## କବିତା

### ଅସ୍ପର୍ଶୀ

**ଶୁଭସ୍ମିତା ତ୍ରିପାଠୀ**

**ତୋ** ଆଖିପତାରେ
ରାତିଏ ଗାଢ଼ ନିଦ ହେଇ
ମୁଁ ସେମିତି ଲାଖିଥିବି
ଯେମିତି ଘାସ ଉପରୁ ଝରୁ ନଥିବା କାକର,
ଖରା ହେଇ ସେମିତି ବିଞ୍ଚିଯିବି ତୋ ମୁହଁସାରା
ଯେମିତି ଅରଖ ଫୁଲଙ୍କ ଉପରେ
ଗାଢ଼ ରାତିର ଅନ୍ଧାର !

ତୁ ଆଇନାରେ ଦେଖିଲାବେଳେ ମୁହଁ
କାଚକାନ୍ଥର ସେପାଖରେ ମୁଁ
ହେଇଥିବି ତୋଅରି ହିଁ ହଳେ ଆଖି,
ତୁ ଗହିରେଇ ରୋଇଲା ବେଳେ ଧାନକେଣ୍ଡା
ହେଇଥିବି ଗୀତ ଗାଉଥିବା
ତୋ ପ୍ରିୟ ରଙ୍ଗର ପକ୍ଷୀ

କେବେଦିନେ ତୁ
ଫେରି ଆସୁଥିବୁ ଦେଉଳ ବେଢ଼ାରୁ
ମୁଁ, ଧୂପବାସ୍ନା ହେଇ ଥରେ ଥରେ
ମୁଦି ଦେଉଥିବି ତୋ ପତା,
ବେସୁରା ଗାଇଲା ବେଳେ ତୁ
ଭୁଲିଗଲେ କେଉଁ ଧାଡ଼ି,
ସେମିତି ସବୁଥର ହେଉଥିବି
ତୋ ପିଞ୍ଜରାରେ ଅଟକିଥିବା ଦଲକାଏ ନିଃଶ୍ୱାସ,
ତୋ ଛାତି ଭିତରର ଆକାଶେ ଶୂନ୍ୟତା !

ତୁ ଚୁପ୍‌ଚାପ୍ ଫେରି ଆସିଲାବେଳେ ସମୁଦ୍ର କୂଳରୁ
କେଉଁ ମୌସୁମୀର ଓଜନିଆ ଆଖିଝରା
ଧାରେ ଶୁଖିଲା ଲୁହ ହେଇ ଲାଖିଥିବି ତୋ ପାପୁଲିରେ ;
ଦୂର ମେଘର ଅତରରେ
ତୋ ପାଇଁ ସଜ ହେଲାବେଳେ ନଈ,
ମୁଁ ଜିଉଥିବି ତୋ ସ୍ମିତହସର ଘନନୀଳ ରହସ୍ୟରେ

ତୁ ଆକାଶରେ ଲେଖିବୁ 'ଜହ୍ନ'
ଅନେକ କଇଁ ଶିହରି ଯିବେ ପୃଥିବୀର,
ଦୁଇ ପାହାଡ଼ ମଝିରେ ଲେଖିବୁ 'ଇନ୍ଦ୍ରଧନୁ'
ପକ୍ଷୀମାନେ ବାଛିନେବେ ପ୍ରିୟ ରଙ୍ଗ ନିଜ ନିଜର
ଧୂସର ମାଟିରେ ଲେଖିବୁ 'ଲାଲ ଗୋଲାପ'
ପତ୍ରେଇ ଯିବେ ଅନେକ ଶୁଖିଲା ଡାଳ ଓ ଡେଙ୍ଗ

ପବନରେ ଲେଖିଲେ 'ଫାଲ୍‌ଗୁନ'
ଅଯୁତେ ଶିହରଣରେ ଭିଜିବେ ଋତୁ
କେଉଁ ଝରା ଶେଫାଳିର ଅଗଣାରେ
ମୁଁ ଲେଖୁଥିବି କବିତା,
ଦୂର ନୀଳ ନକ୍ଷତ୍ରରୁ ଠିକ୍ ଶୁଣିପାରୁଥିବି ବଂଶୀ,
ମୁଁ ବି ଥିବି ଅପହଞ୍ଚତାରେ ମେଘଙ୍କର,
ଆଉ କେଉଁଠି
କେଉଁ ଅପରିଚିତା ଝିଅର ବାଲ୍‌କୋନିରେ
ଜହ୍ନ ଭାଙ୍ଗୁଥିବ ଅଳସ, ସେତେବେଳେ
ତୁ ଶୁଣେଇଲା ବେଳେ ଜହ୍ନ
ସମୁଦ୍ରରେ ବୁଡୁଥିବାର ଗୀତ, ମୋ କବିତା ଖାତାର
ତୋ ପ୍ରିୟତମା ଓଠରେ ଲାଖି ରହିଥିବ
ବର୍ଷାରେ ଛାଡୁନଥିବା ସେଇ ଝିଲ୍‌ମିଲ୍ ଧାରେ ହସ !

ମୋ: ୮୪୮୦୮୬୭୧୯୦

### ନିଷିଦ୍ଧ ପୃଥିବୀ

**କୃଷ୍ଣା ମିଶ୍ର**

**ଅ**ନ୍ତହୀନ ଅନ୍ତରୀକ୍ଷ,
ସୀମାହୀନ ମହାଶୂନ୍ୟ
ଅଜଣା ଅଚିହ୍ନା ଏକ ନାମହୀନ ଗ୍ରହ
ଜଣାଥିବା ଗ୍ରହଠାରୁ ସୁନ୍ଦର ତା' ବର୍ଣ୍ଣଚ୍ଛଟା
ଦିଶୁଥିଲା ଅତିବେଶୀ କମନୀୟ ଆଉ ଲୋଭନୀୟ

ଜାଣିବାର ଇଚ୍ଛା ନେଇ ପଚାରିଲି
କାହା ମହା ଆକର୍ଷଣେ ବନ୍ଧା ତୁମେ
ନିର୍ଦ୍ଧାରିତ ତୁମ କକ୍ଷପଥ,
କାହା ଆଲୁଅରେ ତମେ ଝଟକୁଛ ହୀରା ଭଳି
କହିବ କି କିଏ ସେ ନକ୍ଷତ୍ର ?

ପୃଥିବୀ ପରି କି ଅଛି ତମର ବି ଛାତି ତଳେ
ଜୀବନ୍ତ ଆଗ୍ନେୟଗିରି
ଟକମକ ଫୁଟୁଥିବା ତରଳ ତା' ଲାଭା
ବସନ୍ତ ହସାଏ କିବା ଫୁଲର ଫସଲ ସେଠି
ବରଷା ନିଖାରିଦିଏ ସବୁଜିମା ଶୋଭା ?

କିଛିକ୍ଷଣ ନୀରବତା, ଧୀରେ ସେ ଉତ୍ତର ଦେଲା
ଜାଣିନାହିଁ ନିଜ ନାଁ, ଆପଣାର ପରିଚୟ,
ଅକ୍ଷ, କକ୍ଷ, ଇତିହାସ, ଭୂଗୋଳ ବା କେମିତି କହିବି ?
ଜାଣିବାର ଇଚ୍ଛା ଯଦି ଏତିକି ହିଁ ମନେରଖ,
ତମ ପାଇଁ ମୁଁ ଏକ ନିଷିଦ୍ଧ ପୃଥିବୀ !

ମୋ: ୯୮୫୩୩୭୫୭୩୪

ଗୀତି–କବିତା

### ଏହା ମୋ' ଅନ୍ତର କଥା

**ବିଷ୍ଣୁମୋହନ**

**କେ** କହିପାରିବ କେବେ ଆସିଯିବ
ତୁଇକୁ ଯିବାର ବେଳ
ପାଇ ଏ ଖବର ନିଶ୍ଚେ ତୁମର
ଆଖି ହେବ ଛଳଛଳ।

ତୁମେ ପ୍ରିୟା ମୋର ସୁଖ, ଦୁଃଖର
ସାଥୀଟିଏ ଚିରଦିନ
ଚାଲିଗଲେ ମୁହିଁ ଆକାଶକୁ ଚାହିଁ
ହୋଇଯିବ ବିଷଣ୍ଣ।

ଅଫେରା ରାଇଜେ ତୁମକୁ ଛାଡ଼ିକି
ଯେବେ ଗଲି ମୁହିଁ ଚାଲି
ରୂପ ବସନ୍ତ ଦେହେ ମଣ୍ଡିତ
ପାରିବିନି କେବେ ଭୁଲି।

ମୋ' ଜୁଇ ଜଳିବା ଥାନଟିକୁ ଯାଇ
ଫୁଲଟିଏ ହାତେ ଦେବ
ଜୋଛନା ପ୍ଲାବିତ ଆଲୋକରେ ମୋର
ଛବିଟିକୁ ଦେଖିନେବ।

ମୋ: ୭୨୦୫୭୫୮୨୫୫

## କାଳକାଳକୁ



**''କବିର ଆଉ ଯାହା ପରିଚୟ ଥାଉ ନା କାହିଁକି, ଆଗ ସେ ଭାଷାକୁ ଭଲପାଉଥିବା ଜଣେ ବ୍ୟକ୍ତି।''**
**– ଡବ୍ଲ୍ୟୁ. ଏଚ୍. ଅଡେନ୍**

**ଡବ୍ଲ୍ୟୁ. ଏଚ୍. ଅଡେନ୍‌ଙ୍କ** ଜନ୍ମ ୨୧ ଫେବୃଆରୀ ୧୯୦୭ରେ ଇଂଲଣ୍ଡର ୟୋର୍କରେ ଓ ପରଲୋକ ୨୯ ସେପ୍ଟେମ୍ବରରେ ଅଷ୍ଟ୍ରିଆର ଭିଏନାରେ। ବିଷୟବସ୍ତୁ ଓ ଅବତାରଣା କୌଶଳରେ ବିବିଧତା ହେଉଛି ଏହି ବ୍ରିଟିଶ୍–ଆମେରିକୀୟ କବିଙ୍କର ପ୍ରଧାନ ବୈଶିଷ୍ଟ୍ୟ। ପ୍ରେମକୁ ନେଇ ରଚିତ 'Funeral Blues', ସମାଜକୁ ନେଇ ରଚିତ 'The Shield of Achilles' ଓ ସଂସ୍କୃତିକୁ ନେଇ ରଚିତ 'The Age of Anxiety' କବିତା ପାଇଁ ସେ ବିଶ୍ୱପ୍ରସିଦ୍ଧ। ବିଶ୍ୱ କବିତାକୁ ବୈଶିଷ୍ଟ୍ୟପୂର୍ଣ୍ଣ ଅବଦାନ ପାଇଁ ୧୯୪୮ରେ 'ପୁଲିଜର ପୁରସ୍କାର' ଦ୍ୱାରା ସେ ସମ୍ମାନିତ। କବି କହନ୍ତି: ''ପ୍ରେମ ବିନା ସହସ୍ରେ ଲୋକ ବଞ୍ଚିପାରନ୍ତି, କିନ୍ତୁ ପାଣି ବିନା ଜଣେ ବି ନୁହେଁ।''

# ଇଚ୍ଛା ଥିଲେ

## ଅନୁବାଦ ଗଳ୍ପ

**ମୂଳ ରଚନା: ସୁଧା ମୂର୍ତ୍ତି**
**ଅନୁସୃଜନ: ଡ. ସୂଚନା ପାଢ଼ୀ**

ଅଳ୍ପଦିନ ପୂର୍ବେ ମୁଁ ଗୋଟିଏ କଲେଜକୁ ଯାଇଥିଲି। ସେଦିନର ଅତିଥି ଭାବେ ମୋତେ ଡାକିଥିଲେ ଅଧ୍ୟକ୍ଷ। ଉଦ୍‌ଘାଟନୀ ଉତ୍ସବ। ଦେଖିଲି, ଅଡିଟୋରିୟମ୍ ବେଶୀ ବଡ଼ ନ ହେଲେ ବି ସାଜସଜ୍ଜା ଖୁବ୍ ସୁନ୍ଦର ଥିଲା। ସୁନ୍ଦର ଡିଜାଇନ୍‌ରେ ତିଆରି ହୋଇଥିଲା। ଲୋକଗହଳିରେ ପରିପୂର୍ଣ୍ଣ ଅଡିଟୋରିୟମ୍‌ଟିରେ କେଉଁଠି ହେଲେ ସୋରିଷ ପକାଇବାକୁ ଜାଗା ନ ଥିଲା। ସେଠାର କାନ୍ଥଗୁଡ଼ିକରେ ଗ୍ରାନାଇଟ୍ ଲଗାଯାଇଥିଲା। ପ୍ରତ୍ୟେକ ଗ୍ରାନାଇଟ୍ ଖଣ୍ଡରେ ଦାନ ଦେଇଥିବା ଦାତାଙ୍କ ନାମ, କେତେ ଟଙ୍କା ଦେଇଛନ୍ତି ଖୋଦିତ ହୋଇଥିଲା। କାନ୍ଥରେ ଧାଡ଼ି ଧାଡ଼ି ହୋଇ ଫଟୋଗୁଡ଼ିକ ଝୁଲୁଥିଲା। ସେଥିପାଇଁ ମୋତେ ଟିକିଏ ଅବାଗିଆ ଲାଗିଲା।

ମୋ' ମନକଥା ବୁଝିପାରି କର୍ତ୍ତୃପକ୍ଷ କହିଲେ– ଆମେ ଡୋନେଶନ୍ ଦେବା ଲୋକଙ୍କୁ ଫଟୋ ଦେବା ପାଇଁ କହିଥିଲୁ, କିନ୍ତୁ ଅଳ୍ପଲୋକ ରାଜି ହୋଇଥିଲେ। ତା'ପରେ ଘୋଷଣା କଲୁ, ଯିଏ ହଜାରେ ଟଙ୍କାରୁ ଅଧିକ ଦେବ, ତା' ନାଁ ମାର୍ବଲ ପଥରରେ ଲେଖାହେବ।

ମୁଁ ପଚାରିଲି– ଯୋଉମାନେ ଦଶ ହଜାର ଟଙ୍କାରୁ ବେଶୀ ଦେବେ, ସେମାନଙ୍କୁ!

ସେ କହିଲେ, ଯୋଉମାନେ ବେଶୀ ଟଙ୍କା ଦେବେ, ତାଙ୍କ ନାଁ ସ୍ୱତନ୍ତ୍ର ମାର୍ବଲ୍‌ରେ ଲେଖାହେବ। ଆମର ଘୋଷଣା ଶୁଣି ଅନେକ ଲୋକ ଦାନ ଦେଇଥିଲେ। ଆମେ ବିଚାର କରି ସେହି ମାର୍ବଲ ପଥରକୁ କଲେଜର ପ୍ରବେଶ ପଥରେ ରଖିଥିଲୁ। ଏହାପରେ ଦେଖିଲୁ, ଯୋଉମାନେ ହଜାରେ ଟଙ୍କା ଦେଇଥିଲେ, ସେମାନେ ଥର ଥର କରି ପାଞ୍ଚ ହଜାର ଟଙ୍କାର ସମ୍ମାନ ପାଇବାକୁ ବ୍ୟାକୁଳ ହୋଇପଡ଼ିଲେ। ସ୍ଲାବ୍ ଉପରେ ନାଁ ଲେଖାହେବ ନା !

ଏ କଥା ସତ ଯେ, ଯେଉଁମାନଙ୍କ ପାଖରେ କଷ୍ଟାର୍ଜିତ ଧନ ଥିବ, ସେମାନେ କଦାପି ଏତେଟଙ୍କା ଦେଇପାରିବେ ନାହିଁ।

ବହୁ ବର୍ଷ ପୂର୍ବର ଗୋଟିଏ ଘଟଣା ମୋ' ମନକୁ ଆସିଲା। ମାରିଆପା ନାମକ ଜଣେ ଖ୍ୟାତନାମା ବ୍ୟବସାୟୀ ୧୯୧୪ ମସିହାରେ ଏମିତି ଏକ ଆୟୋଜନ କରିଥିଲେ। ଅବଶ୍ୟ ସେ ବେଶୀ ପାଠ ପଢ଼ିନଥିଲେ। ଅଥଚ ଗରିବ ପିଲାଙ୍କୁ ପାଠ ପଢ଼ିବା ପାଇଁ ଅକୁଣ୍ଠ ଚିତ୍ତରେ ଦାନ ଦେଇ ଆନନ୍ଦ ପାଉଥିଲେ। ସେହି ପିଲାଙ୍କୁ ଘରେ ରଖି ସେମାନଙ୍କୁ ଖାଇବା, ପିଇବା, ଲୁଗାପଟା ଦେଇ ସବୁପ୍ରକାର ଯତ୍ନ ନେଉଥିଲେ। ସେମାନଙ୍କର କଲେଜ ଫି' ମଧ ଦେଉଥିଲେ।

ସେହି ଭଦ୍ରଲୋକଙ୍କର ୧୯୧୪ ମାର୍ଚ୍ଚରେ ପରଲୋକ ହୋଇଥିଲା। ମୃତ୍ୟୁର ଆଠଦିନ ପୂର୍ବରୁ ସେ ତାଙ୍କ ସମ୍ପତ୍ତିର ଉଇଲ୍ କରିଥିଲେ, ସ୍ତ୍ରୀଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା ମଧ କରିଥିଲେ। ଦମ୍ପତି ନିଃସନ୍ତାନ ଥିଲେ। ସେମାନେ କଲେଜର ପୂଜାପୂଜି ସମୟରେ ଅନେକ ପୂଜା ସାମଗ୍ରୀ ଦେଉଥିଲେ। ଲୋକହିତକର କାମରେ ଟଙ୍କା ଖର୍ଚ୍ଚ କରିବାକୁ ତିଳେମାତ୍ର କୁଣ୍ଠିତ ନ ଥିଲେ। ତାଙ୍କର ଏ ପ୍ରକାର କାର୍ଯ୍ୟକଳାପ ପ୍ରଚାର ନ ହେଉ, ସେ କଥା ତାଙ୍କ ବ୍ୟବହାରରୁ ଜଣାପଡୁଥିଲା। ସେ କହନ୍ତି– ଡାହାଣ ହାତର ଦାନ ବାମହାତ ମଧ ଜାଣିବା ଅନୁଚିତ।

ପ୍ରାୟ ସାତବର୍ଷ ପର୍ଯ୍ୟନ୍ତ ମାରିଆପାଙ୍କ କାର୍ଯ୍ୟକଳାପ ଚାଲୁଥିଲା। ସେ ପ୍ରାୟ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ। ଅବଶ୍ୟ ସେତେବେଳେ ଟଙ୍କାର ମୂଲ୍ୟ ବହୁତ ଥିଲା। ତାଙ୍କ ଦାନର ଅର୍ଦ୍ଧେକ ହଷ୍ଟେଲ କରିବାରେ ବିନିଯୋଗ ହେଉଥିଲା। ମହୀଶୂରରେ ନୂଆ ବ୍ୟାଙ୍କ ଖୋଲିବା ପରେ ସେ ସେଠାରେ ଟଙ୍କା ଜମା କରୁଥିଲେ। ମାରିଆପା ଯେଉଁ ହଷ୍ଟେଲ ତିଆରି କରିଥିଲେ, ସେଇଟା ୧୯୨୧ ମସିହାରେ ଉନ୍ମୋଚନ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଛାତ୍ରମାନେ ଆସି ସେଠାରେ ରହୁଥିଲେ। ସେ ତିଆରି କରିଥିବା ଟ୍ରଷ୍ଟକୁ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ପରିଚାଳନା କରୁଥିଲେ।



ମାରିଆପାଙ୍କ ନିର୍ମିତ ହଷ୍ଟେଲ୍ ଆଜି ତା'ର ଶତବାର୍ଷିକୀ ପାଳନ କରୁଛି, ତେଣୁ ମୋତେ ଅତିଥି ଭାବରେ ଉନ୍ମୋଚନ କରିବାକୁ ଡାକିଥିଲେ। ଗରିବ ପିଲାଙ୍କୁ ମାଗଣା ଶିକ୍ଷା ଦେଇ ସେ ସମାଜର ଯୋଉ ଉପକାର କରିଥିଲେ, ସେଥିପାଇଁ ଅମର ହୋଇ ରହିବେ। ତାଙ୍କ ମୃତ୍ୟୁ ପରେ ସେ ଦାୟିତ୍ୱ ବୁଝିବାକୁ କେହି ଆଗ୍ରହୀ ହୋଇ ନ ଥିବେ ବୋଲି ମୋର ଧାରଣା ହେଲା। ଏତେ କଷ୍ଟ ! କିଏ ସହିବ ? ଏତେ ବଡ଼ ଦାୟିତ୍ୱ କିଏ ନେବ ?

ବ୍ରହ୍ମପୁର,
ମୋ: ୭୦୦୮୨୯୧୦୪୦

ଯୋଗାଯୋଗ: E–mail:dharitrisahityayana@gmail.com

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ